



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-224 BHUBANESWAR THURSDAY 8 FEBRUARY 2024 PAGE-20 ₹ 6.00

ବର୍ଷ-୪୧ ସଂଖ୍ୟା-୨୨୪ ଭୁବନେଶ୍ୱର ଗୁରୁବାର ୮ ଫେବୃଆରୀ ୨୦୨୪ ପୃଷ୍ଠା-୨୦ ଟ.୬.୦୦



MAYFAIR
Worldcup Village
Rourkela

# Welcomes

## HOCKEY TEAMS
to
## FIH HOCKEY PRO LEAGUE 2023-24

3rd - 25th February 2024
Bhubaneswar - Rourkela



- Within the Campus of Birsa Munda International Hockey Stadium
- 225 Well-Appointed Rooms
- Multicuisine Restaurant & Bar
- 2 Banqueting and Conferencing Facility & 2 Lawns
- Opposite Rourkela Airport
- Super Snax Foodcourt
- Swimming Pool, Salon & Library
- Well - Equipped Fitness Centre

ASSOCIATES

DAIKIN · MAMTA MARBLES Since 1992 · Accveil Solutions · ZEN LITZZ · PRAVAT POWER Electrical Division · ACQUAVIVA water civilisation · FSS

### ପଶ୍ଚିମ ଓଡ଼ିଶାରେ କଂଗ୍ରେସର ଭାରତ ଯୋଡ଼ ନ୍ୟାୟ ଯାତ୍ରା

# ବିଜେପି ଦେଶରେ ଘୃଣାର ବାତାବରଣ ସୃଷ୍ଟି କରୁଛି: ରାହୁଲ

**ରାଉରକେଲା/ଝାରସୁଗୁଡ଼ା୭।୨(ସମିସ):** ଆରଏସ୍‌ଏସ୍ ଓ ବିଜେପି ଦେଶରେ ଘୃଣାର ବାତାବରଣ ପ୍ରସାର କରୁଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ କଂଗ୍ରେସ 'ଭାରତ ଯୋଡ଼ ନ୍ୟାୟଯାତ୍ରା' ଆରମ୍ଭ କରିଛି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ। ରାଉରକେଲାର ପାନପୋଷ ଛକରେ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି ଯେ ବିଜେପିର ଶାସନ କାଳରେ ଗରିବ, ଆଦିବାସୀ, ମହିଳା, ଶ୍ରମିକ, କୃଷକଙ୍କ ବିରୋଧରେ ଅନ୍ୟାୟ କରାଯାଉଛି। ବିଜେପି ସରକାର କୋଟିପତିମାନଙ୍କ ସରକାର, ଗରିବଙ୍କ କଥା ବୁଝେନାହିଁ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ଅନ୍ୟ ଜିନିଷ ଗୁଡ଼ିକର ଦରଦାମ ବୃଦ୍ଧି ପାଇବାରେ ଲାଗିଛି। ବେକାରୀ ଓ ବେରୋଜଗାରୀ ଦିନକୁ ଦିନ ବୃଦ୍ଧି ପାଉଛି। କଂଗ୍ରେସ ସରକାର ଆସିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ମଣିପୁରଠାରୁ ଆରମ୍ଭ ହୋଇଥିବା ଭାରତଯୋଡ ନ୍ୟାୟ ଯାତ୍ରା ମହାରାଷ୍ଟ୍ରରେ ଶେଷ ହେବ ଏବଂ ଯେଉଁ ୫ଟି ଆଭିମୁଖ୍ୟ ନେଇ ଏହି ଯାତ୍ରା ଆରମ୍ଭ ହୋଇଛି ତାହା ସଫଳ ହେବ ବୋଲି ଶ୍ରୀ ଗାନ୍ଧୀ କହିଛନ୍ତି। ସେହିପରି ଓଡ଼ିଶାରୁ ବହୁ ଲୋକ ଦାଦନ ଖଟିବାକୁ ବାହାରକୁ ଯାଉଥିବା ଉଲ୍ଲେଖ କରି ରାଜ୍ୟ ସରକାର ତାଙ୍କର ଖୋଜଖବର ରଖୁ ନାହାନ୍ତି ବୋଲି ରାହୁଲ କହିଛନ୍ତି।

ଗତକାଲି ବୀରମିତ୍ରପୁରରେ ଭାରତଯୋଡ ଯାତ୍ରା ପହଞ୍ଚିବା ପରେ ଆଜି ଶ୍ରୀ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ନେତାମାନେ ରାଉରକେଲାରେ ପହଞ୍ଚିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଭାରତ ଯୋଡ ନ୍ୟାୟ ଯାତ୍ରାର ଓଡ଼ିଶା ଅଧ୍ୟକ୍ଷ ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା, ଓଡ଼ିଶା ନିର୍ବାଚନ ପ୍ରଚାର ସମିତି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ସର୍ବଭାରତୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ଅଲକା ଲାମ୍ବା, ପ୍ରଦେଶ କଂଗ୍ରେସ ମିଡିଆ ସେଲ ପ୍ରଭାରୀ ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସାଧାରଣ ସମ୍ପାଦକ ସାହାନବାଜ ଚୌଧୁରୀ, ସୁନୀଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମିରଞ୍ଜନ ପାଢ଼ୀ, ବିରେନ ସେନାପତି, ରବି ରାୟ, ପ୍ରଫୁଲ ସୁନାନୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ସବିର ହୁସେନ, ଦେବବ୍ରତ ବିହାରୀ, ବରିୟାମ ସିଂ, ବନମାଳୀ ବିଶୋଇ, ଇଜାଜ୍ ଅଖତର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ପ୍ରଭାତୀ ମିଶ୍ର, କୀର୍ତ୍ତନ ଦାସ, ସୁଶୀଲ କିଣ୍ଡୋ, ଜ୍ଞାନେନ୍ଦ୍ର ଦାସ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଛାତ୍ର କଂଗ୍ରେସ ସଭାପତି ଶିବୁ ଦୀପ୍, ରାମପ୍ରସାଦ ଜୟସ୍ୱାଲ ପ୍ରମୁଖ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।



ପରେ ଶ୍ରୀ ଗାନ୍ଧୀ ସୁନ୍ଦରଗଡ଼ ଦେଇ ଝାରସୁଗୁଡ଼ାରେ ପହଞ୍ଚିଛନ୍ତି। ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ଓ ଜନସାଧାରଣ ରାହୁଲ ଗାନ୍ଧିଙ୍କୁ ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ଭିଡ଼ ଲଗାଇଥିଲେ। ଅମଲିପାଲିଠାରେ ରାହୁଲଙ୍କ ରହଣି ପାଇଁ ବ୍ୟାପକ ବନ୍ଦୋବସ୍ତ କରିବା ସହିତ ସୁରକ୍ଷା ମଧ୍ୟ କଡ଼ାକଡ଼ି କରାଯାଇଛି। ଆସନ୍ତା ୮ ତାରିଖ କାର୍ଯ୍ୟକ୍ରମ ନେଇ ରାହୁଲ ଗାନ୍ଧିଙ୍କ ସହିତ ଝାରସୁଗୁଡ଼ା ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରାଯାଇଛି। ଆସନ୍ତାକାଲି ଝାରସୁଗୁଡା ସହର, ବ୍ରଜରାଜନଗର, ବେଲପାହାଡ଼, ଲଖନପୁର ଏବଂ କନକତୁରା ହୋଇ ସେ ଛତିଶଗଡ଼ ଯିବେ ବୋଲି ସୂଚନା ମିଳିଛି।

# ଶପଥ ନେଲେ ହାଇକୋର୍ଟର ମୁଖ୍ୟ ବିଚାରପତି

**କଟକ, ୭।୨ (ସମିସ):** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଆଜି ଜଷ୍ଟିସ୍ ଚୌଧୁରୀ ଶରଣ ସିଂହ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ ନୂତନ ମୁଖ୍ୟ ବିଚାରପତିଙ୍କୁ ଶପଥ ପାଠ କରାଇଛନ୍ତି। ହାଇକୋର୍ଟର ପୁରୁଣା କୋଠା ନିକଟସ୍ଥ ଲନ୍‌ରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି ଯୋଗ ଦେଇଥିଲେ। ଉତ୍ସବରେ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପତ୍ର ପାଠ କରିଥିଲେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା। ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଗୃହ ବିଭାଗର ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହ, ଉନ୍ନୟନ କମିଶନର ଅନୁ ଗର୍ଗ, ଆର୍‌ଡିସି ରଂଜନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ, ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ, କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, କଟକ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ, ପୁଲିସ କମିସନର ସଞ୍ଜୀବ କୁମାର ପଣ୍ଡା, କଟକ ଡିସିପି କନୱର ବିଶାଲ ସିଂହ, ଆଡଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ଡେପୁଟି ସଲିସିଟର୍ ଜେନେରାଲ ପି.କେ ପାଢ଼ୀ ଏବଂ ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଧରଣୀଧର ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ପ୍ରକାଶଥାଉକି ଗତ୨୦୨୩, ନଭେମ୍ବର ୨ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ପାଟନା ହାଇକୋର୍ଟର ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କ ନାମକୁ ସୁପାରିସ କରାଯାଇଥିଲା। ଗତ ୨ ତାରିଖ ଦିନ ଜଷ୍ଟିସ ଶରଣ ସିଂହଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୂଚନା ଥାଉକି ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ଅବସର ପରେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଇ ଆସୁଥିଲେ।

### ବିଧାନସଭାରେ ଗର୍ଜିଲା ବିଜେଡି

# କ୍ଷମା ମାଗନ୍ତୁ ଧର୍ମେନ୍ଦ୍ର, ମୋହନ

**ଭୁବନେଶ୍ୱର,୭।୨(ସମିସ):** ପରୀ ଦୁଷ୍କର୍ମ ଓ ହତ୍ୟାକାଣ୍ଡକୁ ନେଇ ନୟାଗଡ଼ ଜିଲ୍ଲା ଶିଶୁ ଅଦାଲତଙ୍କ ରାୟ ଆସିବା ପରେ ରାଜ୍ୟ ବିଜେପିର ଅସଲ ଚେହେରା ପଦାରେ ପଡ଼ିଛି। ଘଟଣାର ରାଜନୀତୀକରଣ କରି ବିଜେପି ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ସହ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରିଥିଲା। ଏକ ସ୍ପର୍ଶକାତର ଘଟଣାକୁ ନେଇ ହୀନ ରାଜନୀତି କରିଥିବା ରାଜ୍ୟ ବିଜେପିର ନେତାମାନେ ଏଥିପାଇଁ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଅଭିଯୁକ୍ତକୁ ବଞ୍ଚାଇବାକୁ ଚେଷ୍ଟା କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଏବଂ ଅନ୍ୟ ବିଧାୟକମାନେ ରାଜ୍ୟବାସୀଙ୍କ ଆଗରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି ବିଜେଡି। ଆଜି ଉଭୟ ଗୃହ ଭିତରେ ଏବଂ ବାହାରେ ଏନେଇ ବିଜେଡିର ବିଧାୟକମାନେ ଦାବି କରିଛନ୍ତି। ଗୃହ ଭିତରେ ବ୍ୟାନର ଦେଖାଇ ଉପରୋକ୍ତ ଦାବି କରିବା ସହ ବିଧାନସଭା ବାହାରେ ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ କରିଛନ୍ତି।

- **ପରୀ ମାମଲାରେ ରାଜ୍ୟ ବିଜେପି ହୀନ ରାଜନୀତି କରିଛି**
- **ହତ୍ୟାକାରୀଙ୍କୁ ବଞ୍ଚାଇବା ପାଇଁ ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶରେ ହୋଇଥିଲା ପଦଯାତ୍ରା**



ପରୀ ହତ୍ୟାକାଣ୍ଡରେ ପକ୍ସୋ କୋର୍ଟଙ୍କ ରାୟ ଆସିବା ପରେ ରାଜ୍ୟ ବିଜେପି ଉପରେ ବିଜେଡି ଆକ୍ରମଣ କରିଛି। ଗତକାଲି ସାମ୍ବାଦିକ ସମ୍ମିଳନୀରେ ବିଜେପିକୁ କଡ଼ା ସମାଲୋଚନା କରିବା ପରେ ଆଜି ବିଧାନସଭାରେ ବି ତାହାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଜେପି ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିବା ବେଳେ ବିଜେଡି ବିଧାୟକମାନେ ପରୀ ଘଟଣାରେ ବିଜେପିର ଷଡ଼ଯନ୍ତ୍ରକୁ କୋର୍ଟ ପର୍ଦ୍ଦାଫାସ କରିଥିବା ନେଇ କହିଥିଲେ। ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବା ପରେ ବିଜେଡି ବିଧାୟକମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତିଙ୍କ ତଳେ ପ୍ରତିବାଦ କରିଥିଲେ। ବ୍ୟାନର, ପୋଷ୍ଟର ପ୍ରଦର୍ଶନ କରି ବିଜେଡି ବିଧାୟକ ଓ ମନ୍ତ୍ରୀମାନେ ନାରାବାଜି କରିଥିବା ବେଳେ ପରୀ ହତ୍ୟାକାରୀକୁ ବଞ୍ଚାଇବା ପାଇଁ ଚକ୍ରାନ୍ତ କରିଥିବା ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ନିର୍ଦ୍ଦେଶରେ ନୟାଗଡ଼ ପଦଯାତ୍ରା କରିଥିବା ଓଡ଼ିଶା ବିଜେପି ନେତା କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ।

ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଜେଡି ବରିଷ୍ଠ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ ପରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ଓଡ଼ିଶା ବିଜେପି ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଚକ୍ରାନ୍ତ କରିଥିଲା। ତଦନ୍ତକୁ ବାଟବଣା କରିବାକୁ ଉଦ୍ୟମ କରିବା ସହ ଦୋଷୀକୁ ଖସାଇବାକୁ ଚେଷ୍ଟା କରିଥିଲେ। ଯାହା ଆଜି ଧରାପଡ଼ି ଯାଇଛି। ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡ ହୋଇଛି। ତେଣୁ ରାଜ୍ୟ ବିଜେପି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏବଂ ବିଜେପି ବିଧାୟକ ମାନେ ଜନସାଧାରଣଙ୍କ ଆଗରେ ନିଃସର୍ତ୍ତ କ୍ଷମା ମାଗନ୍ତୁ। ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ପରୀ ଭଳି ନିଷ୍ପାପ ଶିଶୁ ହତ୍ୟାକୁ ନେଇ ସେମାନେ ଅତୀତରେ ହୀନ ରାଜନୀତି କରିଛନ୍ତି। ତାଙ୍କର ମତ ମନ୍ତବ୍ୟ ସବୁବେଳେ ଓଡ଼ିଶା ବିରୋଧୀ। ଏହା ସାଧାରଣ ଲୋକେ ବେଶ୍ ବୁଝିପାରିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ

# ଲାଭ ଉଠାଇସାରିଥିବା ଲୋକ ଅନ୍ୟମାନଙ୍କୁ ସୁଯୋଗ ଦିଅନ୍ତୁ

**ନୂଆଦିଲ୍ଲୀ, ୭।୨ (ଏଜେନ୍ସି):** ପଛୁଆବର୍ଗ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଜାରି କରିଛନ୍ତି। ପଛୁଆବର୍ଗରେ ସାମିଲ ଥିବା ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାରୁ ଲାଭବାନ ହୋଇସାରିଛନ୍ତି ସେମାନେ ଏହି ଶ୍ରେଣୀରୁ ବାହାରି ଯିବା ସହିତ ଅତ୍ୟଧିକ ପଛୁଆବର୍ଗ ଲୋକଙ୍କୁ ସଂରକ୍ଷଣ ସୁବିଧା ଦିଅନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାଦ୍ୱାରା ଦେଶର ଅଧିକ ପଛୁଆ ରହିଥିବା ଲୋକଙ୍କ ପାଇଁ ମାର୍ଗ ପ୍ରଶସ୍ତ ହୋଇପାରିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ସୁପ୍ରିମକୋର୍ଟର ଏକ ସାତ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ମଙ୍ଗଳବାର ଅନୁସୂଚିତ ଜାତି ବର୍ଗ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କିତ ଏକ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ଏହା କହିବା ସହିତ ସଂରକ୍ଷଣ ଆଇନଗତ ପ୍ରଶ୍ନର ସମୀକ୍ଷା କରିଛନ୍ତି। ଏଥିସହିତ ଶିକ୍ଷାନୁଷ୍ଠାନଗୁଡିକରେ ନାମ ଲେଖା ଏବଂ ସରକାରୀ ଚାକିରିରେ ସଂରକ୍ଷଣର ସୁବିଧା ଦେବାକୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କୁ ଉପବର୍ଗୀକରଣ କରିବାର ଅଧିକାର ରାଜ୍ୟ ସରକାରଙ୍କ ଅଧିକାର ରହିଛି କି ନା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପଛୁଆବର୍ଗ ସଂରକ୍ଷଣ ସୁବିଧା ପାଇଁ ଯେଉଁମାନେ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫଏସ୍ ହୋଇଛନ୍ତି, ସେମାନଙ୍କ ପିଲାମାନେ କ'ଣ ସଂରକ୍ଷଣ ସୁବିଧା ପାଇବା ଉଚିତ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପୀଠରେ ଜଷ୍ଟିସ୍ ବିଆର ଗବାଇ, ବିକ୍ରମ ନାଥ, ବେଲା ଏମ.ତ୍ରିବେଦୀ, ପଙ୍କଜ ମିଥଲ, ମନୋଜ ମିଶ୍ର ଓ ସତୀଶ ଚନ୍ଦ୍ର ଶର୍ମା ଏ ସମ୍ପର୍କିତ ମାମଲାର ୨୩ଟି ଆବେଦନ ଉପରେ ଶୁଣାଣି କରୁଛନ୍ତି। ଯେଉଁଥିରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ୨୦୧୦ ରାୟକୁ ଚାଲେଞ୍ଜ କରାଯାଇଛି।




? ଆଇଏଏସ୍, ଆଇପିଏସ୍‌ଙ୍କ ପିଲା ସୁବିଧା ପାଇବା ଉଚିତ କି

### ଏଏନ୍‌ଆଇକୁ ପ୍ରଥମ ସାକ୍ଷାତକାର

# ମୁଖ୍ୟମନ୍ତ୍ରୀ କେବଳ ନିର୍ବାଚନ ସମୟରେ ରାଜନୀତି କରନ୍ତି: ପାଣ୍ଡିଆନ

**ଭୁବନେଶ୍ୱର, ୭।୨(ସମିସ):** ଜାତୀୟ ଖବର ସରବରାହ ସଂସ୍ଥା ଏଏନ୍‌ଆଇକୁ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପ୍ରଥମଥର ପାଇଁ ସାକ୍ଷାତକାର ଦେଇଛନ୍ତି। ଶ୍ରୀ ପାଣ୍ଡିଆନ୍‌ଙ୍କ ଏହି ସାକ୍ଷାତକାର ଗୁରୁବାର ସନ୍ଧ୍ୟା ୫ଟାରେ ପ୍ରସାରିତ ହେବ। ସଂସ୍ଥା ପକ୍ଷରୁ ବୁଧବାର ଏହି ସାକ୍ଷାତକାରର ଏକ କ୍ଷୁଦ୍ର ଅଂଶ (ପ୍ରମୋ) ବିଭିନ୍ନ ସୋସିଆଲ୍ ମିଡିଆ ସାଇଟ୍‌ରେ ଛଡ଼ାଯାଇଛି। ଶ୍ରୀ ପାଣ୍ଡିଆନ୍ ଭାରତୀୟ ପ୍ରଶାସନିକ ସେବାରୁ ଅବସର ନେବା ଓ ବିଜେଡିରେ ଯୋଗଦେବା ପରେ ସାରା ଦେଶରେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ଅନ୍ୟପଟେ ଗଣମାଧ୍ୟମଠାରୁ ସେ ନିଜକୁ ଦୂରେଇ ରଖୁଥିବା ବେଳେ ପ୍ରଥମଥର ପାଇଁ ସାକ୍ଷାତକାର ଦେଇଥିବାରୁ ଯୋଗୁଁ ଛଡ଼ାଯାଇଥିବା ଏହି ପ୍ରମୋକୁ ବହୁ ଲୋକ ଦେଖୁଛନ୍ତି।

ସଂସ୍ଥା ପକ୍ଷରୁ ଛଡ଼ାଯାଇଥିବା ପ୍ରମୋରେ ଉପସ୍ଥାପିକା ବିଜେଡି ଓ ବିଜେପିର ବନ୍ଧୁତ୍ୱ ଥିବା ନେଇ ଅଭିଯୋଗ ଆସୁଥିବା ନେଇ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ନିର୍ବାଚନ ସମୟରେ ହିଁ ରାଜନୀତି କରିନ୍ତି। ବାକି ସବୁ ସମୟରେ ସେ ରାଜ୍ୟର ବିକାଶ ଉପରେ ଗୁରୁତ୍ୱ ଦେଇଥା'ନ୍ତି। ସେ କେବେ ହେଲେ ବିଜେପି କିମ୍ବା କଂଗ୍ରେସ ସହ ଝଗଡ଼ାରେ ବିଶ୍ୱାସ କରନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦ୍ର ସରକାରଙ୍କ ସହ ଗଠନମୂଳକ ସହଭାଗିତାରେ ବିଶ୍ୱାସ କରନ୍ତି ବୋଲି ସେ ତାଙ୍କ ଉତ୍ତରରେ କହିଛନ୍ତି। ଏହାବ୍ୟତୀତ ବିଜେଡି ସହ ବିଜେପି ମ୍ୟାଚ୍ ଫିକ୍ସ କରିଥିବା ନେଇ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ବିଜେଡି ଯେତେବେଳେ କୌଣସି ପ୍ରସଙ୍ଗରେ ସହମତ ହୋଇନଥାଏ, ସେତେବେଳେ ସେ ବିଜେପିକୁ ସମର୍ଥନ ଦେଇ ନଥାଏ। ଏହା ପୂର୍ବରୁ ଘଟିଥିବା ଦୁଇଟି ଘଟଣା ଯଥା କେନ୍ଦ୍ର ସରକାରଙ୍କ କୃଷି ଆଇନ ଓ ଏନ୍‌ଆର୍‌ସିକୁ ବିଜେଡି ସମର୍ଥନ କରି ନଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନ୍‌ଆରସିକୁ ଦେଶ ପାଇଁ ଭଲ ନୁହେଁ ବୋଲି କହିଛନ୍ତି। ସେହିପରି ବିଜେଡିରେ ତାଙ୍କୁ ସମର୍ଥନ ମିଳୁଛି କି ନାହିଁ କିମ୍ବା ତାଙ୍କୁ କେହି ଈର୍ଷା କରୁଛନ୍ତି ବୋଲି ଉପସ୍ଥାପିକାଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଗୋଟିଏ ଘରେ ଭାଇ ଭଉଣୀଙ୍କ ମଧ୍ୟରେ ବି ଅଳ୍ପ କିଛି ରାଗ, ଅଭିମାନ ଓ ଈର୍ଷା ରହିଥାଏ। ତେଣୁ ଏଥିରେ କିଛି ବିଚଳିତ ହେବାର ନାହିଁ। ୧ ମିନିଟ୍‌ର ୧୮ ସେକେଣ୍ଡର ଏହି ଭିଡିଓକୁ ୟୁ-ଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଏକ୍ସ ଓ ଫେସ୍‌ବୁକ୍‌ରେ ବହୁଳ ଭାବେ ଲୋକେ ଦେଖୁଛନ୍ତି।



ଆଜି ପ୍ରସାରଣ

# ଡଃ ସସ୍ମିତ ପାତ୍ର ଶ୍ରେଷ୍ଠ ସାଂସଦ



**ଭୁବନେଶ୍ୱର, ୭।୨(ସମିସ):** ବିଜୁ ଜନତା ଦଳର ସାଂସଦ ଡଃ ସସ୍ମିତ ପାତ୍ର ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇଛନ୍ତି। ଲୋକମତ ସଂସଦୀୟ ପୁରସ୍କାର ୨୦୨୩ରେ ଶ୍ରୀ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରାଯାଇଛି। ଲୋକମତ ସଂସଦୀୟ ପୁରସ୍କାର ୨୦୨୩ ପାଇଁ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର ଓ କଂଗ୍ରେସର ଲୋକସଭା ସାଂସଦ ଶଶି ଥରୁରଙ୍କୁ ଶ୍ରେଷ୍ଠ ସାଂସଦ ଭାବେ ମନୋନୀତ କରାଯାଇଛି। ଏମାନଙ୍କ ବ୍ୟତୀତ ଦୁଇ ଗୃହର ଅନ୍ୟ ୬ଜଣ ସାଂସଦ ମଧ୍ୟ ସଂସଦରେ ଅବଦାନ ପାଇଁ ବିଭିନ୍ନ ବର୍ଗରେ ପୁରସ୍କାର ପାଇଛନ୍ତି।

ଲୋକସଭା ସାଂସଦ ତଥା ବହୁଜନ ସମାଜ ପାର୍ଟି ନେତା ଦାନିଶ ଅଲ୍ଲୀ ଏବଂ ରାଜ୍ୟସଭାରୁ ସିପିଆଇ(ଏମ୍) ସାଂସଦ ଜନ୍ ବ୍ରିଟାସ୍‌ଙ୍କୁ ବର୍ଷର ଶ୍ରେଷ୍ଠ ନବାଗତ ସାଂସଦ ଭାବେ ମନୋନୀତ କରାଯାଇଛି। ରାଜ୍ୟସଭାରୁ ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି)ର ଲୋକସଭା ସାଂସଦ ମେନକା ସଞ୍ଜୟ ଗାନ୍ଧୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଲୋକସଭାର ଶିରୋମଣି ଅକାଳୀ ଦଳର ସାଂସଦ ହରସିମରତ କୌର ବାଦଲ ଏବଂ ବିଜେପିର ରାଜ୍ୟସଭା ସାଂସଦ ସରୋଜ ପାଣ୍ଡେଙ୍କୁ ସମ୍ପୃକ୍ତ ଗୃହର ଶ୍ରେଷ୍ଠ ମହିଳା ସାଂସଦ ଭାବେ ପୁରସ୍କୃତ କରାଯାଇଛି।

ପ୍ରତିବର୍ଷ ଲୋକସଭାର ୪ଜଣ ଓ ରାଜ୍ୟସଭାର ୪ଜଣ ବିଶିଷ୍ଟ ସାଂସଦଙ୍କୁ ଲୋକମତ ସଂସଦୀୟ ପୁରସ୍କାର ପ୍ରଦାନ କରାଯାଏ। ଲୋକସଭାର ପୂର୍ବତନ ମହାସଚିବ ସୁଭାଷ କଶ୍ୟପଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଜୁରି ଦ୍ୱାରା ପୁରସ୍କାର ବିଜେତା ଚୟନ କରାଯାଇଥିଲା। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଏହି ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ ସାଂସଦମାନଙ୍କୁ ପୁରସ୍କୃତ କରିଥିଲେ।

### ■ 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ନିର୍ବାଚିତ ପ୍ରତିନିଧିଙ୍କୁ କ୍ଷମତା ପ୍ରଦାନ ପ୍ରସଂଗ

# ସରକାରଙ୍କ ଯୋଜନାରେ ହସ୍ତକ୍ଷେପ କରିବୁନି: ହାଇକୋର୍ଟ

**କଟକ, ୭।୨ (ସମିସ):** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରୀ କ୍ଷେତ୍ରରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ତଥା ସରପଞ୍ଚଙ୍କୁ ସାମିଲ କରିବା ପ୍ରସଂଗରେ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଗ୍ରାମ ସ୍ତରରେ ଲୋକଙ୍କ ବିକାଶ ପାଇଁ ସରକାର ଏହି ଯୋଜନା କରିଛନ୍ତି। ତେଣୁ ସରକାରଙ୍କ ଏହି ଯୋଜନାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ନଗେନ୍ଦ୍ର କୁମାର ସିଂହ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ୪୧ଟି ମାମଲାର ଏକତ୍ର ଶୁଣାଣି କରି ବିଚାରପତି ଜଷ୍ଟିସ ବି.ପି.ରାଉତରାୟ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଏହି ଯୋଜନା ସାମ୍ବିଧାନିକ ବିଧି ବ୍ୟବସ୍ଥା ତଥା ଓଜିପି (ଓଡ଼ିଶା ଗ୍ରାମ ପଞ୍ଚାୟତ)ଅଧିନିୟମ ଅନୁସାରେ ହୋଇଛି। ଏଥିରେ ଅଦାଲତ ହସ୍ତକ୍ଷେପ କରିବା ପାଇଁ ଖୁବ୍ କମ୍ ସୁଯୋଗ ରହିଛି। ସମଗ୍ର ଯୋଜନା ଓ ଏହାର ପ୍ରକଳ୍ପ ଚୟନ, ମଞ୍ଜୁରି, ପାଣ୍ଠି ପ୍ରଦାନ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଦିଆଯାଇଥିବା ତଥ୍ୟକୁ ତର୍ଜମା କରିବା ପରେ ଏଥିରେ ହସ୍ତକ୍ଷେପ ପାଇଁ ହାଇକୋର୍ଟ ମନା କରିଛନ୍ତି। ଅନ୍ୟପଟରେ ଆବେଦନକାରୀମାନେ ସ୍ଥାନୀୟ ଲୋକପ୍ରତିନିଧି ହୋଇଥିବା ଓ ଲୋକଙ୍କ ବିକାଶ ପାଇଁ ଏହି ଯୋଜନା ହୋଇଥିବାରୁ ସେମାନଙ୍କୁ ସାମିଲ ପାଇଁ ଦାବିକୁ ସରକାର ବିଚାର କରିପାରନ୍ତି ବୋଲି ହାଇକୋର୍ଟ କହିଛନ୍ତି।

ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା ଯେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଆଇନ ଅନୁସାରେ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ପଞ୍ଚାୟତ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଉନି, ବରଂ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଉଛି। ବିଭିନ୍ନ ଗ୍ରାମ ଓ ପଞ୍ଚାୟତରୁ ଆସିଥିବା ଦାବିପତ୍ରକୁ ବିଚାର କରି ସରକାର ପ୍ରକଳ୍ପ ମଞ୍ଜୁର କରିବା ପରେ ପଞ୍ଚାୟତ ସମିତି ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଗତ ୨୦୨୩ ଡିସେମ୍ବର ୭ ସୁଦ୍ଧା ଏହି ଯୋଜାନରେ ମୋଟ ୯୦୬୫୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି ବୋଲି ସରକାର ସତ୍ୟପାଠ ଦେଇଥିଲେ।

ମାମଲାରୁ ପ୍ରକାଶ ଯେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରୀ କ୍ଷେତ୍ରରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିବା ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟର ଉଲ୍ଲଙ୍ଘନ ହୋଇଥିବା ଦର୍ଶାଇ କେତେକ ଲୋକପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୨ (ସମିସ):** ଉଚ୍ଚ ମାଧ୍ୟମିକ ସ୍ତରରେ ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀଣ ବିକାଶକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଅନ୍ଧାରୁଆଠାରେ ନିର୍ମିତ ଆଇକନିକ୍ ଓଡିଶା ଆଦର୍ଶ ବିଦ୍ୟାଳୟର ନୂତନ କ୍ୟାମ୍ପସକୁ ବୁଧବାର ଶୁଭ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ଏହି ଆଇକନିକ୍ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଂଜିନିଅରିଂ, ଆଇନ ପାଠ୍ୟକ୍ରମ ଏବଂ ସେନା ବାହିନୀରେ ଯୋଗଦେବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜାତୀୟ ସ୍ତରର ପ୍ରତିଯୋଗିତାର କୋଚିଂ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟର ଆବାସିକ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ରହିବା ସହିତ ଅତ୍ୟାଧୁନିକ କ୍ଲାସ ରୁମ, ଆଇସିଟି ଲ୍ୟାବ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ସାଇନ୍ସ ଲ୍ୟାବ୍, ଦକ୍ଷତା ବିକାଶର ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ, ୨୦୨୧ ସେପ୍ଟମ୍ବର ୫ ତାରିଖ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତି ସ୍ଥାପନ କରିଥିଲେ। ଉଦ୍‌ଘାଟିତ ହୋଇଥିବା ୨୫ ଏକର ପରିମିତ ନୂତନ କ୍ୟାମ୍ପସରେ ସିବିଏସସି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ୧୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କ ପଢିବା ପାଇଁ ଆକାଡେମିକ୍ ବ୍ଲକ, ପ୍ରତ୍ୟେକ ୫୪୪ କ୍ଷମତା ବିଶିଷ୍ଟ ୨ଟି ଛାତ୍ରାବାସ ଓ ଛାତ୍ରୀନିବାସ, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ ବ୍ୟବସ୍ଥା, ଷ୍ଟାଫ କ୍ୱାର୍ଟର୍ସ, ଡର୍ମିଟୋରୀ ଏବଂ ପାର୍କିଂ ଓ ବଗିଚା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଏହାର ନିର୍ମାଣ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି।



ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସିବିଏସସି ଢାଞ୍ଚାରେ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ମୁଖ୍ୟମନ୍ତ୍ରୀଙ୍କର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୩୧୫ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍. ଯୋଗ ଦେଇଥିଲେ।

- **ପଚିଶ ଏକର ପରିମିତ କ୍ୟାମ୍ପସ ରେ ପଢ଼ିବେ ୧୦୦୦ ରୁ ଅଧିକ ଉଚ୍ଚମାଧ୍ୟମିକ ଛାତ୍ରଛାତ୍ରୀ**
- **ଖର୍ଚ୍ଚ ହୋଇଛି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା**
- **ବର୍ତ୍ତମାନ ସୁଦ୍ଧା ୩୧୫ଟି ଆଦର୍ଶ ବିଦ୍ୟାଳୟ ସ୍ଥାପିତ**

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-224 ♦BHUBANESWAR ♦THURSDAY ♦8 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୨୪ ♦ଭୁବନେଶ୍ୱର ♦ଗୁରୁବାର ♦୮ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

# ଆଜି ଆଗତ ହେବ କାମଚଳା ବଜେଟ



■ **ଭୁବନେଶ୍ୱର, ୭ ।୨(ସମିସ):** ଆସନ୍ତାକାଲି (ଗୁରୁବାର) ଦ୍ୱିତୀୟାର୍ଦ୍ଧରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ୨୦୨୪-୨୪ ଆର୍ଥିକ ବର୍ଷର ପ୍ରଥମ ୪ ମାସ(ଏପ୍ରିଲ-ଜୁଲାଇ) ପାଇଁ କାମଚଳା ବଜେଟ ଆଗତ କରିବେ। ଅର୍ଥମନ୍ତ୍ରୀ ଏହି ଆର୍ଥିକ ବର୍ଷ ସକାଶେ ୨.୬୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବ ଆଗତ କରିବା ସହ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କାର କାମଚଳା ବଜେଟ୍ ଗୃହରେ ଅନୁମୋଦନ ପାଇଁ ଆଗତ କରିପାରନ୍ତି। ଏହି କାମଚଳା ବଜେଟ ୨୦୨୪-୨୫ ଆର୍ଥିକ ବର୍ଷ ପ୍ରଥମ ୪ ମାସ ପାଇଁ ପ୍ରଚଳିତ ପ୍ରତିଷ୍ଠାନ, ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ପାଇଁ ଆବଶ୍ୟକ ସମ୍ବଳ ବିନିଯୋଗ ହୋଇପାରିବ। ଅପରପକ୍ଷେ ବଜେଟରେ ରାଜ୍ୟ ସରକାର କେନ୍ଦ୍ରୀୟ ସହାୟତା ଉପରେ ନିର୍ଭର ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ଷ ଶେଷରେ ରାଜସ୍ୱ ବଳକା, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ବୃଦ୍ଧିକୁ ଗୁରୁତ୍ୱ ଦେଇପାରନ୍ତି ବୋଲି ଜଣାପଡ଼ିଛି। ତେବେ ନିର୍ବାଚନ ପୂର୍ବରୁ ଏହା ରାଜ୍ୟ ସରକାରଙ୍କ ଶେଷ ବଜେଟ ହୋଇଥିବାରୁ ରାଜ୍ୟ ସରକାର କିଛି ଲୋକାଭିମୁଖୀ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବଜେଟରେ ଭିତ୍ତିଭୂମି, ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ପ୍ରଦାନ ସହ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ସମପରିମାଣରେ ଗୁରୁତ୍ୱ ମିଳିପାରେ ଅର୍ଥନୀତି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।




### ସ୍ୱାର୍ଥାନ୍ୱେଷୀ ବିକାଶବିରୋଧୀଙ୍କୁ ନବୀନଙ୍କ ଚେତାବନୀ

# କ୍ଷମା ଦେବେନାହିଁ ରାଜ୍ୟବାସୀ

■ **ଭୁବନେଶ୍ୱର, ୭ ।୨ (ସମିସ):** ସମ୍ବେଦନଶୀଳ ପ୍ରସଙ୍ଗରେ ସଙ୍କୀର୍ଣ୍ଣ ରାଜନୀତି କରୁଥିବା ବିରୋଧୀଙ୍କୁ ଅତି ଶାଣିତ ଓ କଠୋର ଶବ୍ଦରେ ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଭିନ୍ନ ପ୍ରସଙ୍ଗରେ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟକୁ ନିନ୍ଦିତ କରିବାକୁ ଉଦ୍ୟମ କରୁଥିବା ବିରୋଧୀଙ୍କୁ ବିଧାନସଭାରେ ଦେଇଛନ୍ତି କଡ଼ା ଜବାବ। 'ପରୀ' ଘଟଣାରେ ନୟାଗଡ କୋର୍ଟଙ୍କ ରାୟ ଅବତାରଣା କରି ମୁଖ୍ୟମନ୍ତ୍ରୀ ବିରୋଧୀ, ବିଶେଷକରି ରାଜ୍ୟ ବିଜେପିର ଅତୀତର ଆଭିମୁଖ୍ୟକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଯେଉଁମାନେ ନିଜ ରାଜ୍ୟକୁ ବଦନାମ୍ କରନ୍ତି; ଯେଉଁମାନେ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର କାମ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି; ଯେଉଁମାନେ ରାଜ୍ୟର ବିକାଶରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଲୋକେ କଦାପି କ୍ଷମା କରିବେ ନାହିଁ କହିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ରାଜନୀତିର ପରିଭାଷା ବୁଝାଇଛନ୍ତି। ବିଧାନସଭାରେ ସେ ଦୀର୍ଘ ୨୪ ବର୍ଷ ଧରି ସଦସ୍ୟ ରହି ଆସିଛନ୍ତି, ମାତ୍ର ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଏପରି ହୀନ ରାଜନୀତି କେବେ ଦେଖି ନାହାନ୍ତି। ନିର୍ବାଚନ ସମୟରେ ରାଜନୀତି କରିବାକୁ ମନାନାହିଁ; ମାତ୍ର ସମ୍ବେଦନଶୀଳ ଘଟଣା, ରାଜ୍ୟର ବିକାଶ ପ୍ରକ୍ରିୟା କିମ୍ବା ରାଜ୍ୟ ତଥା ରାଜ୍ୟବାସୀଙ୍କ ଭାବମୂର୍ତ୍ତିକୁ ନେଇ ରାଜନୀତି ଆଦୌ



ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଚେତାଇ ଦେଇଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ରାଜ୍ୟରେ ଚାଲିଥିବା ବିକାଶ ଓ ରୂପାନ୍ତରଣର ଜୟଯାତ୍ରାକୁ ବର୍ଣ୍ଣନା କରିବା ସହ ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ନୂଆନୂଆ ସଫଳତା ଓ ଉପଲବ୍ଧି ହାସଲ କରୁଥିବା ବେଳେ ବିରୋଧୀ ପ୍ରତିଟି ଅପରାଧକୁ ନେଇ ରାଜନୀତି କରୁଛନ୍ତି। ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ଓ ନୀଚ ରାଜନୈତିକ ଆକାଂକ୍ଷା ପାଇଁ ରାଜ୍ୟ ଏବଂ ରାଜ୍ୟବାସୀଙ୍କ ସମ୍ମାନହାନି କରିବାକୁ ଚେଷ୍ଟା କରୁଛନ୍ତି। ଗତକାଲି ନୟାଗଡର କୋର୍ଟ ପରୀ ଘଟଣାରେ ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଅତୀତରେ ବିରୋଧୀ ଦଳର ସଦସ୍ୟମାନେ କିପରି ▶ପୃଷ୍ଠା-୧୪

- ଶ୍ରୀମନ୍ଦିର, ଲିଙ୍ଗରାଜ ପ୍ରକଳ୍ପକୁ ବିରୋଧ ଓ ରାଜ୍ୟକୁ ନିନ୍ଦିତ କରୁଥିବା ବ୍ୟକ୍ତିଙ୍କୁ ଓଡ଼ିଶାବାସୀ କ୍ଷମା କରିବେ ନାହିଁ
- ପରୀ ମାମଲାକୁ ବିଳମ୍ବିତ କରିବାକୁ କେଉଁମାନେ ଉଦ୍ୟମ କରୁଥିଲେ ରାଜ୍ୟବାସୀଙ୍କୁ ତାହା ଆଉ ଅଜଣା ନାହିଁ
- ପରୀ ଘଟଣାରେ ଅଭିଯୁକ୍ତକୁ ଦଣ୍ଡ ମିଳିବା ପରେ ରାଜନୀତି କରୁଥିବା ରାଜ୍ୟ ବିଜେପି ନେତାମାନେ କୁଆଡ଼େ ଗଲେ
- ଓଡ଼ିଶାର '୫-ଟି' ଉପକ୍ରମ ଦେଶର ସବୁଠାରୁ କ୍ରାନ୍ତିକାରୀ ଓ ଅନ୍ୟ ରାଜ୍ୟ ପାଇଁ ଉଦାହରଣୀୟ ବ୍ୟବସ୍ଥା
- ଓଡ଼ିଶାବାସୀଙ୍କ ପାଇଁ ସଞ୍ଜୀବନୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶର ସର୍ବୋତ୍ତମ ଯୋଜନାରୁ ଗୋଟିଏ
- ମହିଳା ସଶକ୍ତିକରଣ ଓ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଦେଶରେ ଅଦ୍ୱିତୀୟ

# ଓଡ଼ିଆ ଭାଷାର ବୈଶ୍ୱିକ ଯାତ୍ରା

## ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ଗବେଷଣା ପାଇଁ ଗଠନ ହେବ କର୍ପସ ପାଣ୍ଠି

■ **ଭୁବନେଶ୍ୱର, ୭ ।୨ (ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହ ବୈଶ୍ୱିକ ଯାତ୍ରା ଆରମ୍ଭ କରିଛି ଓଡ଼ିଆ ଭାଷା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାଷା ସମ୍ମିଳନୀର ନିଷ୍କର୍ଷ ଆଧାରରେ ସ୍ୱତନ୍ତ୍ର ଭାଷା ନୀତି ଓ ଭାଷାକୁ ସମୃଦ୍ଧ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଓଡ଼ିଆ ଭାଷାକୁ ଆହୁରି ସମୃଦ୍ଧ କରିବା ନିମନ୍ତେ ମିଳିଥିବା ପ୍ରସ୍ତାବ ଏବଂ ଭାଷା ବିଶେଷଜ୍ଞ ଓ ପ୍ରବାସୀ ଓଡ଼ିଆଙ୍କ ସହ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କ ଆଲୋଚନାର ନିର୍ଯ୍ୟାସ ଆଧାରରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ଅନେକ ପଦକ୍ଷେପ। ବୁଧବାର ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏ ସଂପର୍କରେ ସୂଚନା ଦେଇଛନ୍ତି। ସମସ୍ତ ନିଷ୍ପତ୍ତିକୁ '୫-ଟି' ଅଧୀନରେ ସ୍ୱଚ୍ଛ ଓ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ ଶ୍ରୀ ପାତ୍ର ଘୋଷଣା କରିଛନ୍ତି।

- ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ
- ଶତାୟୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ
- ପ୍ରାକ୍ ସ୍ୱାଧୀନତା କାଳର ବିଶ୍ୱବିଦ୍ୟାଳୟକୁ ୨ କୋଟି ଟଙ୍କାର ଐତିହ୍ୟ ସହାୟତା
- ଓଡ଼ିଆ ବ୍ୟବହାରକୁ ସରଳ ଓ ସୁଗମ କରିବା ପାଇଁ ପ୍ରସ୍ତୁତ ହେବ ଶବ୍ଦକୋଷ
- ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପାଇଁ ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ କପ୍'
- 'ଜାତୀୟ ମ୍ୟୁଜିୟମ' ଭାବେ ପରିବର୍ଦ୍ଧିତ ହେବ କଟକସ୍ଥିତ ପ୍ରିଣ୍ଟିଂ ମ୍ୟୁଜିୟମ
- ଦେଶବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ଓଡ଼ିଆ ଚେୟାର

ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ଓଡ଼ିଆ ଭାଷାର ଗବେଷଣା ପାଇଁ ୧୦ କୋଟି ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରାଯିବ। ସତ୍ୟବାଦୀରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ବିଶ୍ୱ ବିଦ୍ୟାଳୟ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରାଯିବ। ଓଡ଼ିଆ ଭାଷାକୁ ଡିଜିଟାଲ ପଦ୍ଧତି ସହ ସମନ୍ୱିତ କରିବା ପାଇଁ ପ୍ରତିବର୍ଷ ଏକ ଅନ୍ତର୍ଜାତୀୟ ଡିଜିଟାଲ ଓଡ଼ିଆ ସମ୍ମିଳନୀ ଆୟୋଜିତ ହେବ। ଫଳରେ ବହୁ ବିଶେଷଜ୍ଞ ଓ ଭାଷାବିତ୍ ଏକତ୍ରିତ ହୋଇପାରିବେ। କମ୍ପ୍ୟୁଟର କି-ବୋର୍ଡ ଏବଂ ଫଣ୍ଟରେ ବ୍ୟବହୃତ ଲିପିର ମାନକୀକରଣ (ଷ୍ଟାଣ୍ଡାର୍ଡାଇଜେସନ) ପାଇଁ ବିଶେଷଜ୍ଞ କମିଟି ଗଠନ କରାଯିବ। ଏହି କମିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଦେବେ। ▶ପୃଷ୍ଠା-୧୪

## ଲୋକକଥା



'ପରୀ' ରାୟ ଏବେ ଖୋଲି ପକେଇଲା
'ଫୁଲ'ର ପାଖୁଡ଼ା ପାଖୁଡ଼ା,
ଅଦାଲତ ଦେଲା ଦୋଷୀକୁ କେମିତି
ଶକତ କାନୁନ ଚାପୁଡ଼ା !
ହେଜ ହେଜ ନେତା ବାପୁଡ଼ା,
ସତ ଦିନେ ମୁଖା ଉତାରି ଦେଖାଏ
ଲୁଚି ରହିଥିବା ମୁଖଡ଼ା !!

### ■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ପ୍ରଣବପ୍ରକାଶଙ୍କ ପରାମର୍ଶ

# ପରୀ 'ମହାପାପ'ର ତୁରନ୍ତ ପ୍ରାୟଶ୍ଚିତ କରନ୍ତୁ

■ **ଭୁବନେଶ୍ୱର, ୭ ।୨(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେପରି ନୀଚ ରାଜନୀତି କରନ୍ତି ସେପରି ଉଦାହରଣ ଓଡ଼ିଶା ଇତିହାସରେ ନାହିଁ। ନୀଚ ରାଜନୀତିରେ ଧର୍ମେନ୍ଦ୍ର ସବୁ ସୀମା ଅତିକ୍ରମ କରି ସାରିଛନ୍ତି। ପରୀ ଭଳି ଏକ ଛୋଟ ଝିଅ ସହ ଘଟିଥିବା ଜଘନ୍ୟ ଅପରାଧକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ କୁତ୍ସିତ ରାଜନୀତି ଓଡ଼ିଶାକୁ କଳଙ୍କିତ କରିଛି। ସାମାନ୍ୟ ରାଜନୈତିକ ସ୍ୱାର୍ଥ ପାଇଁ ହୀନ କାର୍ଯ୍ୟ କରିବାକୁ ପଛାଇ ନଥିବା ଏପରି ଜଣେ ବ୍ୟକ୍ତିର ଆତ୍ମା କାନ୍ଦୁନାହିଁ କିପରି ? ସେ ଆଇନା ସାମ୍ନାରେ ଛିଡ଼ା ହୋଇ ନିଜ ଅନ୍ତରାତ୍ମାକୁ ପଚାରନ୍ତୁ, ସେ କିଛି ଭୁଲ୍ କରିଛନ୍ତି ନା ନାହିଁ? କେନ୍ଦ୍ରମନ୍ତ୍ରୀ ମହାପାପ କରିଛନ୍ତି। ସେଥିପାଇଁ ଓଡ଼ିଶାର ମା'ମାନଙ୍କୁ କେନ୍ଦ୍ରମନ୍ତ୍ରୀ କ୍ଷମା ମାଗନ୍ତୁ। ମହାପାପର ପ୍ରାୟଶ୍ଚିତ କରନ୍ତୁ। ପରୀ ହତ୍ୟାକାଣ୍ଡ ରାୟ ପ୍ରକାଶ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏପରି ପରାମର୍ଶ ଦେଇଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ନିଜ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ୱିଟ୍ କରି ପ୍ରଣବପ୍ରକାଶ କହିଛନ୍ତି ଯେ ପରୀ ହତ୍ୟାକାରୀଙ୍କୁ ବଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଭରପୂର ପ୍ରୟାସ କଲେ। ମାମଲାକୁ



**ରାଜ୍ୟର ମା' ମାନଙ୍କ ନିକଟରେ କ୍ଷମା ମାଗନ୍ତୁ**

ବିଳମ୍ବିତ ଓ ଦିଗହରା କରିବା ପାଇଁ ହାଇକୋର୍ଟରୁ ନେଇ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ନାମୀ ଦାମୀ ଓକିଲ ଛିଡ଼ା କଲେ। ତାଙ୍କର ଏହି ହୀନ ରାଜନୀତି ପୂରା ଓଡ଼ିଶାବାସୀ ଦେଖିଲେ। ଗୋଟିଏ ନିରୀହ ଶିଶୁ କନ୍ୟାର ହତ୍ୟାକାରୀର ସୁରକ୍ଷାରୁ ▶ପୃଷ୍ଠା-୧୪

### ▶▶ 'ଡୋମ୍ ଅଫ୍ ଦ ଫ୍ୟୁଚର'ରେ କାର୍ତ୍ତିକ ପାଣ୍ଡିଆନ

# 'ଏକ୍ସ'ରେ ଟ୍ରେଣ୍ଡ କଲା 'ଭିକେପାଣ୍ଡିଆନଇନ୍‌ମେଟାଭର୍ସ'


■ **ଭୁବନେଶ୍ୱର, ୭ ।୨ (ସମିସ):** '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବୁଧବାର ଭାଷା ସମ୍ମିଳନୀର ପ୍ରଦର୍ଶନୀ ବୁଲିବା ଅବସରରେ ମେଟାଭର୍ସରେ ଥିବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଦେଖିଛନ୍ତି। ଏହି ସମୟରେ ଶ୍ରୀ ପାଣ୍ଡିଆନ୍ ଭିଆର୍ ଯୋଗେ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ସମୟର ଏକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ସହ ସୋସିଆଲ୍ ମିଡିଆ ସାଇଟ୍ 'ଏକ୍ସ'ରେ 'ଭିକେପାଣ୍ଡିଆନଇନ୍‌ମେଟାଭର୍ସ' ୧ ନଂ ସ୍ଥାନରେ ଟ୍ରେଣ୍ଡ କରିଛି। ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ଐତିହ୍ୟକୁ ନେଇ କରାଯାଇଥିବା ବିଶାଳ ପ୍ରଦର୍ଶନୀକୁ ଅତ୍ୟାଧୁନିକ ମେଟାଭର୍ସରେ ଉପସ୍ଥାପନ କରାଯାଇଛି। ଦେଶବିଦେଶରେ ଥିବା ଲୋକେ ଭାଷା ସମ୍ମିଳନୀର ୱେବସାଇଟ୍ ମାଧ୍ୟମରେ ପ୍ରଦର୍ଶନୀର କୋଣ ଅନୁକୋଣରେ ପ୍ରଦର୍ଶିତ ବିଭିନ୍ନ ବିଷୟକୁ ଏହି ଅନଲାଇନରେ ଦେଖିପାରୁଛନ୍ତି।

**୫ ଦିନରେ ମେଟାଭର୍ସରେ ୨ ଲକ୍ଷ ଲୋକ ଭାଷା ସମ୍ମିଳନୀରେ ସାମିଲ୍**



ବିଶେଷକରି ଯେଉଁମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପାରିନାହାନ୍ତି ସେମାନେ ମେଟାଭର୍ସରେ ସମ୍ପୂର୍ଣ୍ଣ ପ୍ରଦର୍ଶନୀକୁ ଉପଭୋଗ କରୁଛନ୍ତି। ଓଡ଼ିଶାର ପ୍ରମୁଖ ଐତିହ୍ୟସ୍ଥଳର ଥ୍ରିଡି ଭିଡ଼ିଓ ଏହାସହିତ ଯୋଡା ଯାଇଥିବାରୁ ଲୋକମାନେ ଦୂରରେ ଥାଇ ମଧ୍ୟ ଅନଲାଇନ୍ ମାଧ୍ୟମରେ ଏହି ସମ୍ମିଳନୀ ଏବଂ ଓଡ଼ିଶାର କଳା ଓ ଐତିହ୍ୟ ସହିତ ନିଜକୁ ଯୋଡ଼ି ପାରିଛନ୍ତି।

ବିଭାଗୀୟ ସୂଚନା ଅନୁଯାୟୀ ପ୍ରଥମ ୫ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଲୋକ ମେଟାଭର୍ସ ମାଧ୍ୟମରେ ଏହି ବିଶାଳ କାର୍ଯ୍ୟକ୍ରମରେ ଅନଲାଇନରେ ସାମିଲ ହୋଇପାରିଛନ୍ତି। ବୁଧବାର ନିଜେ କାର୍ତ୍ତିକ ପାଣ୍ଡିଆନ୍ ଏଥିରେ ସାମିଲ୍ ହେବା ସହ ଇଲେକ୍ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ୍ ଦ୍ୱାରା କରାଯାଇଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି। କେବଳ ସେତିକି ନୁହେଁ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ସମ୍ପୂର୍ଣ୍ଣ ▶ପୃଷ୍ଠା-୧୪





# କଟକ ସିଟି

## କେଶରୀନଗର ଉଆସରେ ମହୋତ୍ସବ



**କଟକ,୭।୨(ସମିସ):** କିଶନନଗର ଅନ୍ତର୍ଗତ କେଶରୀନଗ୍ର ଉଆସରେ ଗହଣ ଦଳର ସ୍ରଷ୍ଟା ତଥା ମୁଖ୍ୟ ରାଜା ଶ୍ରୀ ନରସିଂହ ଦେବଙ୍କ ଜନ୍ମଦିବସ ଅବସରରେ ପବିତ୍ର ଷଟ୍‌ତିଳା ଏକାଦଶୀ ଦିବାରାତ୍ର ଘେନି ମହାମନ୍ତ୍ର ମହାନାମର ମହାଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟକ ଭଗବତପ୍ରେମୀ ଯୋଗଦେଇଥିଲେ। ମହୋତ୍ସବ ପୂର୍ବ ଦିନ କଳସ ଶୋଭାଯାତ୍ରାରେ ମହାନଦୀରୁ ଜଳ ଆସି ଅଧିବାସ କାର୍ଯ୍ୟକ୍ରମ ସହିତ ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ବ୍ରହ୍ମଧୂନୀ ସ୍ଥାପନ ପୂର୍ବକ ଅଖଣ୍ଡ ମହାମନ୍ତ୍ର ମହାନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିବା ବେଳେ ପରଦିନ ସୂର୍ଯ୍ୟୋଦୟ ସମୟରେ ପୂର୍ଣ୍ଣାହୂତି ହୋଇଥିଲା। ନାମକୁଞ୍ଜରେ ସନ୍ଧ୍ୟା ଠାରୁ ପ୍ରତି ଘଣ୍ଟାରେ ବନ୍ଦାପନା କାର୍ଯ୍ୟକ୍ରମ ଖୁବ୍ ଆକର୍ଷଣୀୟ ଭଗବତ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା। ଶାସ୍ତ୍ରପୁରାଣ ବର୍ଣ୍ଣିତ କଳିଯୁଗରେ ସାର ତଥା ଜୀବଗତି ମୁକ୍ତିର କାରଣ, ଏହି ମହାମନ୍ତ୍ର ମହାନାମ ସଂକୀର୍ତ୍ତନ ସମସ୍ତଙ୍କୁ ଭଗବତ ପ୍ରେମରେ ପୁଲକିତ ଓ ରୋମାଞ୍ଚିତ କରିଥିଲା ବୋଲି ପ୍ରଫେସର ଡା. ସ୍ନେହଲତା ଦାସ ସୂଚନା ଦେଇଛନ୍ତି।

## ରେଭେନ୍ସା ଛାତ୍ରଛାତ୍ରୀଙ୍କ ଧାରଣା



**କଟକ,୭।୨(ସମିସ):** ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଏକଲବ୍ୟ ବିଦ୍ୟାଳୟରେ ହୋଇଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ ପ୍ରମାଣପତ୍ରକୁ ଗ୍ରହଣ କରାଯାଇନାହିଁ। ଏପରିକି ଏହି ପ୍ରମାଣପତ୍ରକୁ ଜାଲ୍ ଏବଂ ଅବୈଧ ବୋଲି ଦର୍ଶାଯାଇଛି। ଯେଉଁ ଆଶାୟୀ ପ୍ରାର୍ଥୀମାନେ ରେଭେନ୍ସାରୁ ଏହି ପାଠ୍ୟକ୍ରମରେ ପ୍ରମାଣପତ୍ର ହାସଲ କରିଛନ୍ତି ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡୁଛନ୍ତି। ବର୍ତ୍ତମାନ ଏହି ପାଠ୍ୟକ୍ରମରେ ଯେଉଁମାନେ ନାମ ଲେଖାଇଛନ୍ତି ସେମାନେ ମଧ୍ୟ ଏବେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏହି ଘଟଣାକୁ ନେଇ ବୁଧବାର ରେଭେନ୍ସାର ବିଦ୍ୟାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଇଣ୍ଟିଗ୍ରେଟେଡ ବିଏଡ ଅଧ୍ୟୟନରତ ପ୍ରାୟ ୪ ଶହରୁ ଅଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସେମାନେ ଧାରଣା ଦେଇଥିଲେ ମଧ୍ୟ କୁଳପତି କିମ୍ବା ବିଶ୍ୱବିଦ୍ୟାଳୟର ଅନ୍ୟ କୌଣସି ଅଧିକାରୀ ତାଙ୍କୁ ଭେଟିବାକୁ ଆସି ନ ଥିଲେ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀ କକ୍ଷ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଅନ୍ତିମ ବର୍ଷର ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଶିବିରକୁ ନ ଯିବାକୁ ସ୍ଥିର କରିଥିବା ଜଣାପଡିଛି। ଯଦି କୁଳପତି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଟାଙ୍ଗୀ, ୭ ।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ହରିଅନ୍ତା ଠାରେ ବ୍ଲକସ୍ତରୀୟ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର ରାଉତରାୟ ଯୋଗଦେଇ ବିଜେତା ଦାଣ୍ଡ ବନ୍ଦାଳ କ୍ରିକେଟ କ୍ଲବ ଓ ଉପବିଜେତା ପାରାଡାଇଜ କ୍ରିକେଟ କ୍ଲବକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ଜଣାପଡ଼ିଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର ଓ ସମ୍ମାନିତ ଅତିଥିଭାବେ ଯୁବ ସଂଗଠକ ଗୋପାଳ ଲେଙ୍କା ଯୋଗଦେଇ ଉଦଘାଟନ କରିଥିଲେ।



# ଥଇଥାନ ହୋଇଥିବା ଭିକାରି ପୁଣି ଭିକ୍ଷାବୃତ୍ତି କଲେଣି

**କଟକ,୭।୨(ସମିସ)**

କଟକ ସହରକୁ ଭିକାରି ମୁକ୍ତ କରିବା ପାଇଁ ପ୍ରଶାସନିକ ସ୍ତରରେ ହୋଇଥିବା ଯୋଜନାର ସଫଳତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସହରରେ ଯେତିକି ଭିକାରି ରହିଥିଲେ ସେହି ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଥିଲେ ମଧ୍ୟ ଥଇଥାନ କରାଯାଇଥିବା କେତେକ ପୁଣି ଭିକ୍ଷାବୃତ୍ତିକୁ ଆପଣାଇଲେଣି। ହେଲେ ଏହାର ସଠିକ ଯାଞ୍ଚ ତଥା ମନିଟରିଂ କରାଯାଉନଥିବାରୁ ସ୍ଥିତି ଯଥା ପୂର୍ବଂ ତଥା ପରଂ ହେଲାଣି। ଥଇଥାନ ହୋଇ ପୁଣି ସେହି କେନ୍ଦ୍ରରୁ ପଳାଇଆସି ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଯାଞ୍ଚ ମଧ୍ୟ ଆଉ କରାଯାଇପାରୁନାହିଁ। କଟକ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାରେ ଶେଷ ଥର ପାଇଁ ଗତ ୨୦୧୮-୧୯ରେ ଭିକ୍ଷୁକଙ୍କ ସର୍ଭେ କରାଯାଇଥିଲା। ସେବେଠାରୁ ଆଉ ସର୍ଭେ ହୋଇପାରିନାହିଁ । ସେହି ସମୟରେ ଜିଲ୍ଲାରେ ମୋଟ ୧୦୬୦ଜଣ ଭିକ୍ଷୁକଙ୍କୁ ଚିହ୍ନଟ କରାଯାଇପାରିଥିଲା। ଏହି ସଂଖ୍ୟା କମିଥିବା



ନେଇ କୁହାଯାଇଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ରହିଛି । କଟକକୁ ଭିକାରି ମୁକ୍ତ କରିବା ପାଇଁ ଚିହ୍ନଟ ପ୍ରକ୍ରିୟା ନିୟମିତ ଆବଶ୍ୟକ ଥିଲେ ମଧ୍ୟ ଏହା ସମ୍ଭବ ହୋଇପାରୁନି। କଟକର ମଠ, ମନ୍ଦିର, ବିଭିନ୍ନ ଧର୍ମପୀଠ ତଥା ବସଷ୍ଟାଣ୍ଡ ଓ ରେଳଷ୍ଟେସନ ମାନଙ୍କରେ ଏମାନଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଥିବାର କହିଛନ୍ତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ। ତେବେ କଟକରେ ଗତବର୍ଷ ଭିକାରି ଗଣନା କରାଯାଇଥିଲା। ସେମାନଙ୍କୁ କିପରି ଭିକ୍ଷାବୃତ୍ତିରୁ ନିବୃତ୍ତ କରାଯିବ ସେନେଇ ସାମାଜିକ ସୁରକ୍ଷା ବିଭାଗ ମଧ୍ୟ ପଦକ୍ଷେପ ଗ୍ରହଣ କରିଥିଲା। କଟକ ଜିଲ୍ଲାର ଉତ୍ତମାପୁର, ବୟାଳିଶମୌଜା ଓ ଜଗତପୁରରେ ତିନିଗୋଟି ଥଇଥାନ କେନ୍ଦ୍ରରେ ପ୍ରାୟ ୩୦୦ଜଣଙ୍କୁ ଥଇଥାନ କରାଯାଇଛି। ଜଗତପୁର ଠାରେ କେବଳ ମହିଳା ମାନଙ୍କ ପାଇଁ ବ୍ୟବସ୍ଥା ରହିଛି। ଏମାନଙ୍କ ମଧ୍ୟରୁ ୧୦ପ୍ରତିଶତ ନିରାଶ୍ରୟ ତଥା ବାହାର ରାଜ୍ୟର ଅଟନ୍ତି । କିନ୍ତୁ ଭିକାରିମାନଙ୍କୁ ଆତ୍ମନିଯୁକ୍ତି ପ୍ରଦାନ କରିବା ପାଇଁ ଏବେ ସୁଦ୍ଧା ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରିନଥିବାର ଜଣାପଡିଛି। କେବଳ ଉତ୍ତମାପୁର ଠାରେ ସେମାନଙ୍କୁ କତା ସାମଗ୍ରୀ ତିଆରି ପ୍ରଶିକ୍ଷଣ ଦିଆଯାଉଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ କହିଛନ୍ତି ଯେ କଟକକୁ ଭିକାରି ମୁକ୍ତ କରିବା ପାଇଁ ଯୋଜନା ରହିଛି। ଏବେ ତିନୋଟି ଥଇଥାନ କେନ୍ଦ୍ର ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ଜଣକ ପିଛା ବାର୍ଷିକ ୧୭୪୦ଟଙ୍କା ଖର୍ଚ୍ଚ କରାଯାଉଛି। ଭିକ୍ଷାବୃତ୍ତି କରୁଥିବା କେତେଜଣଙ୍କୁ ସେମାନଙ୍କ ପରିବାର ଚିହ୍ନଟ କରି ନେଉଥିଲେ ମଧ୍ୟ ସେମାନେ ପୁଣି ଏହି ବୃତ୍ତି କରିଆସୁଥାଇପାରନ୍ତି।ଏହାର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ। ଭିକାରି ମାନଙ୍କର ଡାଟାବେସ ପ୍ରସ୍ତୁତ ହେବା ସହିତ ସେମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଉଥିବା ଶ୍ରୀ ରଥ କହିଛନ୍ତି। ଅନ୍ୟପଟରେ ସରକାରଙ୍କ ନିଜସ୍ୱ ଥଇଥାନ କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ବିଭିନ୍ନ ସମସ୍ୟା ସମାଧାନ ହୋଇପାରିବ। ମର୍କତନଗର ସେକ୍ଟର୧୦ରେ ଏକ ୪ମହଲା ବିଶିଷ୍ଟ କୋଠା ନିର୍ମାଣାଧିନ ରହିଛି। ଏଠାରେ ଭିକ୍ଷୁକ ଥଇଥାନ ସହ ବୃଦ୍ଧାଶ୍ରମ, ସ୍ୱତନ୍ତ୍ର ବିଦ୍ୟାଳୟ ଆଦି କରାଯିବ। ପ୍ରାୟ ୪୪କୋଟି ୮୬ଲକ୍ଷଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯାଉଛି ।୧୮ ମାସରେ ଶେଷ ହେବ ବୋଲି ଲକ୍ଷ୍ୟ ଥିଲେ ମଧ୍ୟ ବର୍ଷାଧିକ ସମୟ ପରେ ମାତ୍ର ପ୍ଲିନଥ ପତନ ହୋଇଛି ବୋଲି ଜଣାପଡିଛି। ଏହାର ନିର୍ମାଣ ଶେଷ ହେବା ପରେ ସରକାର ନିଜସ୍ୱ ଥଇଥାନ କେନ୍ଦ୍ରରେ ଭିକ୍ଷୁକ ମାନଙ୍କୁ ଥଇଥାନ କରିବେ ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ।

## ରଘୁନାଥଜିଉ ଜୁନିୟର କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ

**କଟକ,୭ ।୨(ସମିସ):** ରଘୁନାଥ ଜୀଉ ଜୁନିୟର କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ, ଆନ୍ତର୍ଜାତୀୟ ଅଶୋଭନୀୟତା ନିରାକରଣ ଉପଦେଷ୍ଟା ଡ. ଅରୁନ୍ଧତୀ ଦେବୀ ଉପସ୍ଥିତ ରହି ପିଲାମାନଙ୍କୁ ନାରୀ ଶକ୍ତିର ମହନୀୟତା ସମ୍ବନ୍ଧରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଏଲିନା ଦାସ, କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଧ୍ୟାପିକା ତନୁଜା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




## ଭାରତ ଯୋଡ଼ ନ୍ୟାୟଯାତ୍ରାରେ ବିଧାୟକ ମୋକିମ୍ ଓ କର୍ମୀ

**କଟକ,୭।୨(ସମିସ)**

ସୁନ୍ଦରଗଡ଼ରେ ଅନୁଷ୍ଠିତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। କଂଗ୍ରେସ କର୍ମୀଙ୍କ ମଧ୍ୟରେ ଶ୍ରୀନାଥ ମିଶ୍ର, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସତ୍ୟାନନ୍ଦ ରାଉତ, କର୍ପୋରେଟର ସନ୍ତୋଷ ଭୋଳ, କେ କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ଶରତ ଚନ୍ଦ୍ର ସେଠୀ, ଅନିଲ ବେଉରା, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ,



ସନ୍ତୋଷ ପାତ୍ର, ଦିଲ୍ଲୀପ ମହାନ୍ତି, ଦୀପକ ପରିଡା, ଡ ସନ୍ତୋଷ ବଳ, ସଞ୍ଜୟ ରାୟ, ସୁରଜିତ ସାହୁ, ହରେକୃଷ ବେହେରା, ସେକ ଆବିଦ, ପ୍ରଦୋଷ ଦାସ, ଦେବେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ

**କଟକ,୭।୨(ସମିସ)**

କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ସିଂହରଣ ବୋଷ୍ (କ୍ଷେତ୍ରୀୟ ଅଧିକାରୀ ଭୁବନେଶ୍ୱର ସଂଭାଗ) ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କେବଳ ପାଠପଢା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପିଲାମାନେ କିପରି ଅଂଶଗ୍ରହଣ କରି ସଫଳ ହେବେ ତାହା ଭାଷଣ ମାଧ୍ୟମରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଦିଲ୍ଲୀପ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବିଦ୍ୟାଳୟର ତ୍ରିଲୋଚନ ମହନ୍ତ, ପ୍ରଜ୍ଞା ପରମିତା, ତୃପ୍ତୀ ମହନ୍ତ, ଶ୍ରଦ୍ଧାଞ୍ଜଳି ଓଝା, ଅନୁପ ପାଣ୍ଡେ, ଗଗନ ଚନ୍ଦ୍ର ବେହେରା, ଗଣେଶ୍ୱର ସାହୁ, ବିଶ୍ୱ ବନ୍ଦିତା ଓଝା ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ।



## ସିଡିଏ କର୍ମଚାରୀ ସଂଘ ପକ୍ଷରୁ ନୂତନ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**କଟକ,୭ ।୨(ସମିସ):** ସିଏମସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଗତ ୫ ତାରିଖ ମଧ୍ୟାହ୍ନରେ ନୂତନ ଉପାଧ୍ୟକ୍ଷ ଅରୁଣୋଦୟ ଭବନ ସ୍ଥିତ ସିଡିଏ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିବା ପରେ ସଂସ୍ଥାର ସର୍ବବୃହତ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା ଅନୁବନ୍ଧିତ କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। କର୍ମଚାରୀ ସଂଘର ସାଧାରଣ ସଂପାଦକ ବିଜୟ ଭୂଷଣ ପତି, ଉପସଭାପତି ଦେବାଶିଷ ଦାସ, କୋଷାଧ୍ୟକ୍ଷ ରୋହିଣୀ ରମଣ ବଳ, ବରିଷ୍ଠ ସଦସ୍ୟ ସ୍ୱଦେଶ ଜେନା, ଦେବେନ୍ଦ୍ର ପ୍ରଧାନ, ବ୍ରଜସୁନ୍ଦର ରାଉତ, ବିଶ୍ୱଜୀବନ ପତି, ହିମାଂଶୁ ଖୁଣ୍ଟିଆ, ଦିନେଶ ଭୋଳ, ଦୀଲ୍ଲିପ ମହାପାତ୍ର, ରମେଶ ନାୟକ, ନାରାୟଣ ସାହୁ, କ୍ଷେତ୍ରବାସୀ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ପୀତବାସ ରାଉତ, ବିବେକାନନ୍ଦ ବେହେରାଙ୍କ ସମେତ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ପ୍ରତାପ ରାଉତରାୟ, ସଚିବଙ୍କ ସହାୟକ ମନୋଜ କୁମାର ଦାସ ପ୍ରମୁଖ ନୂତନ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର




**କଟକ,୭ ।୨(ସମିସ):** ରୋଟାରୀ କ୍ଲବ ଅଫ କଟକ ରେଡ଼ିଏନ୍ସ ପକ୍ଷରୁ କଟକ ଚଣ୍ଡୀ ରୋଡ ଶେଖ୍ ବଜାର ପୂଜା କମିଟି ସହଯୋଗରେ ଶେଖ୍ ବଜାର ସ୍ଥିତ ଲାଲା ମଠ ଜେପିଏମ୍ ରୋଟାରୀ କ୍ଲବ ଅଫ କଟକ ଆଇ ହସ୍ପିଟାଲ ନେତୃତ୍ୱରେ ଏକ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଡିଜିଏନ ରୋଟାରୀଅନ୍ ତଥା ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ ସମ୍ମାନିତ ଅତିଥି ରୋଟାରୀଅନ୍ ସୁବ୍ରତା ସାମଲ, ୱାର୍ଡ ନଂ ୧୪ର କର୍ପୋରେଟର ବସନ୍ତ ବେହେରା, ରୋଟାରୀ କ୍ଲବ ସଭାପତି ରୋଟାରୀଅନ୍ ନୁପୁର ସୁର, ଆଇପିପି ସୁଚିତ୍ରା ପ୍ରସାଦ, ରୋଟାରୀଅନ୍ ବିଦ୍ୟୁତ୍ କୁମାରୀ ଲାଲା, ବବିତା ଝୁନଝୁନୱାଲା ଓ ଶେଖ୍ ବଜାର ପୂଜା କମିଟିର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



**କଟକ,୭।୨(ସମିସ):** କୃତୀ ଶିକ୍ଷକ ପୀତବାସ ଜେନାଙ୍କର ୮୫ ବର୍ଷରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ତାଙ୍କର ଦେହାନ୍ତ ହୋଇଛି। ସେ କଟକ ରାଣୀହାଟ ସ୍କୁଲରେ ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ହେବ ଶିକ୍ଷକତା କରି ୧୯୯୯ରେ ଅବସର ନେଇ ସିଡିଏ ସ୍ଥିତ ବାସଭବନରେ ତାଙ୍କ ପୁଅମାନଙ୍କ ସହ ଅବସ୍ଥାନ କରୁଥିଲେ। ସେ ୧୯୩୯ରେ ଆଠଗଡ଼ ଓସ୍ତିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଶିକ୍ଷକତା ସମୟରେ ଅନେକ ଥର କୃତୀ ଶିକ୍ଷକ ଭାବେ ସେ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିଲେ। ଅବସର ପରେ ବି ସେ ଅନେକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ଶ୍ରୀ ଜେନା ବ୍ୟକ୍ତିଗତ ଜୀବନରେ ଜଣେ ସ୍ନେହୀ, ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ଦରଦୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଶେଷକୃତ୍ୟ ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠପୁତ୍ର ସତ୍ୟ ସ୍ୱରୂପ ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ସିଡିଏ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ହ୍ୟାକରଙ୍କ ଟାର୍ଗେଟରେ ପର୍ଯ୍ୟଟକ

**କଟକ,୭ ।୨(ସମିସ)**

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ପର୍ଯ୍ୟଟନ ସ୍ଥଳ ଗୁଡିକୁ ସହସ୍ରାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ଘଟୁଛି। ଏପରିକି ଏଥିରେ ବହୁ ବାହାର ରାଜ୍ୟ ଓ ଦେଶର ପର୍ଯ୍ୟଟକ ମାନେ ମଧ୍ୟ ରହିଛନ୍ତି। ଏହି ସୁଯୋଗରେ ସାଇବର ହ୍ୟାକର ମାନେ ବେଶ ସକ୍ରିୟ ହୋଇପଡିଥିବା ଜଣାପଡିଛି। ପର୍ଯ୍ୟଟନ ସ୍ଥଳୀକୁ ଯାଉଥିବା ପର୍ଯ୍ୟଟକ ମାନେ ଅନେକ ସମୟରେ ନେଟୱର୍କ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏହି ସମୟରେ ନିକଟବର୍ତ୍ତୀ ମାଗଣା ୱାଇଫାଇ ଜୋନ୍ ବ୍ୟବହାର କରି ଠକାମିର ଶିକାର ହେଉଥିବା ଜଣାପଡିଛି। ଏଭଳି ଅଭିଯୋଗ ମଧ୍ୟ ବହୁ ସଂଖ୍ୟାରେ ଆସୁଛି। ସୋସିଆଲ ମିଡିଆ ଆକାଉଣ୍ଟ ଲଗ ଇନ୍ କରିବା ସମୟରେ ସାବଧାନତା ଅବଲମ୍ବନ ନକରିବା ଦ୍ୱାରା ହ୍ୟାକର ମାନେ ଏହି ଜୋନ୍‌ରେ ସହଜରେ ଆକାଉଣ୍ଟ ହ୍ୟାକ କରିନିଅନ୍ତି ବୋଲି କୁହନ୍ତି ସାଇବର ବିଶେଷଜ୍ଞ। ଏହି ଜୋନ୍‌ରେ ପର୍ଯ୍ୟଟକ ମାନେ ଅନେକ ସମୟରେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ କରିଥାନ୍ତି। ବିଗତ କିଛି ଦିନ ହେବ ସୋସିଆଲ ମିଡିଆକୁ ନେଇ ଅନେକ ଅଭିଯୋଗ ଆସୁଛି। ଏପରିକି ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେଉଛି ତ ପୁଣି କେଉଁଠି ସାଇବର ଠକ ମାନେ ଅନ୍ୟ ବ୍ୟକ୍ତିବିଶେଷଙ୍କ ଆଇଡି ପ୍ରସ୍ତୁତ କରି ଅର୍ଥ ହଡ଼ପ କରୁଛନ୍ତି । ସେହିପରି ସୋସିଆଲ ମିଡିଆରେ ଅନେକ ଆପତ୍ତିଜନକ ଓ ଭୁଲ ତଥ୍ୟ ପୋଷ୍ଟ କରାଯାଉଛି। ଏହାକୁ ନେଇ ଓଡିଶା କ୍ରାଇମବ୍ରାଞ୍ଚ ପକ୍ଷରୁ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ସତର୍କ କରାଯାଉଛି। ସୋସିଆଲ ମିଡିଆ ମଧ୍ୟରେ ଫେସବୁକ, ହ୍ୱାଟସଆପ, ଟେଲିଗ୍ରାମ, ଇନଷ୍ଟାଗ୍ରାମ, ମେସେଞ୍ଜର ଆଦି ବହୁଳ ବ୍ୟବହାର ହେଉଛି। ଏହି ସବୁ ପ୍ଲାଟଫର୍ମରେ ବ୍ୟବହାରକାରୀମାନେ ଅନେକ ଅଭିଯୋଗ ମଧ୍ୟ ଆଣୁଛନ୍ତି। କିଛି ମାସ ହେବ ବ୍ୟବହାରକାରୀଙ୍କ ୟୁଜର ଆଇଡିକୁ ନକଲ କରାଯାଇ ସେମାନଙ୍କ ବନ୍ଧୁମାନଙ୍କୁ ଆର୍ଥିକ ସାହାଯ୍ୟ ମଗାଯାଉଥିବାର ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଠକମାନେ ଏପରି ଅଭିନବ ଉପାୟରେ ଅର୍ଥ ମଧ୍ୟ ନେଇଯିବାରେ ସକ୍ଷମ ହେଉଛନ୍ତି। ସୋସିଆଲ ମିଡିଆରେ ବ୍ୟକ୍ତିଗତ ଆକ୍ଷେପ ସହ ଅଶ୍ଳୀଳ ଓ ଭୂଲ ସୂଚନା ସମ୍ପର୍କିତ ପୋଷ୍ଟ ମାନ କରାଯାଉଛି। ଏଥିପାଇଁ ଅନେକଙ୍କ ମର୍ଯ୍ୟାଦା ହାନି ଘଟୁଛି। ଏହା ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ପୁଲିସ କିମ୍ବା କ୍ରାଇମବ୍ରାଞ୍ଚ ପକ୍ଷରୁ ଅଦ୍ୟାବଧି ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନି । ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିବା ବେଳେ ଏହାର ପ୍ରାଇଭେସି ପଲିସି ପ୍ରତି ଧ୍ୟାନ ଦେବା,ଅଜଣା ବନ୍ଧୁଙ୍କୁ ଚୟନ ନକରିବା, କୌଣସି ଅଜଣା ଲିଙ୍କକୁ କ୍ଲିକ ନକରିବା ପାଇଁ ପରାମର୍ଶ ଦିଆଯାଇଛି। ସାଇବର ଅପରାଧ କ୍ରାଇମବ୍ରାଞ୍ଚ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇ ଉଭା ହୋଇଥିବା ବେଳେ ସୋସିଆଲ ମିଡିଆ ପ୍ଲାଟଫର୍ମ ବି ଏହା ପାଇଁ ଏକ ମାଧ୍ୟମ ପାଲଟିଛି । ସାଇବର ଠକ ମାନେ ଅଭିନବ ଉପାୟ ଅବଲମ୍ବନ କରି ଅନେକ ସମୟରେ ଅପରାଧ ଘଟାଉଥିବା ଦେଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉଥିବା ବିଭାଗୀୟ ଅଧିକାରୀ କହିଛନ୍ତି।

### ମାଗଣା ୱାଇ ଫାଇ ଜୋନ୍‌ରେ ବଢୁଛି ସାଇବର ଅପରାଧ





# କଟକ ସିଟି



## ଜମି ବିକ୍ରି ନାଁରେ ଠକେଇ



କଟକ, ୭।୨(ସମିସ): ଜଣେ ବ୍ୟକ୍ତି ଜମି ବିକ୍ରି ଆଳରେ ଲକ୍ଷାଧିକ ଟଙ୍କା ନେଇ ଧରାଛୁଆଁ ଦେଉନାହାନ୍ତି। ଟଙ୍କା ଫେରସ୍ତ ମାଗିଲେ ଧମକଚମକ ଦେଉଛନ୍ତି। ଏନେଇ ଠକାମିରେ ପଡ଼ିଥିବା ଶ୍ରୀବିହାର କଲୋନୀର ମନୋରଞ୍ଜନ ସାହୁ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୨୦୦୭ ମସିହାରେ ତାଙ୍କର ମାନସିଂହପାଟଣାର ଶରତ କୁମାର ପଣ୍ଡାଙ୍କ ସହିତ ପରିଚିତ ହୋଇଥିଲା। ଶରତ ପଣ୍ଡା ତାଙ୍କର ଶ୍ରୀବିହାର କଲୋନୀରେ ଥିବା ଜମି ବିକ୍ରି କରିବାକୁ ଚାହୁଁଥିବା ଜଣାଇଥିଲେ। ଜମି ଦେଖିବା ପରେ ମନୋରଞ୍ଜନ ମଧ୍ୟ କିଣିବା ପାଇଁ ସହମତି ପ୍ରକାଶ କରିଥିଲେ। ମୂଲଚାଲ ପରେ ୨୦୦୭ ଅକ୍ଟୋବର ମାସରେ ସେ ଅଗ୍ରୀମ ଆକାରରେ ୧ ଲକ୍ଷ ୫୦ ହଜାର ଟଙ୍କା ଶରତଙ୍କୁ ଦେଇଥିଲେ। ୬୦ ଡେସିମିଲ ଜମି କିଣାବିକା ନେଇ ଚୁକ୍ତିନାମା ହୋଇଥିଲା। ପରେ ୨୦୦୮ ଅଗଷ୍ଟ ୨୦ରେ ସେ ଜମି ବାବଦ ପୁଣି ଥରେ ଅଢେଇ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶରତ ଜମି ପଞ୍ଜିକରଣ କରାଇବାରେ ପଛଘୁଞ୍ଚା ଦେଇଥିଲେ। ମନୋରଞ୍ଜନ ଟଙ୍କା ଫେରସ୍ତ ମାଗିବାରୁ ଶରତ ଆଉ ଧରାଛୁଆଁ ଦେଇନଥିଲେ। ଏହିଭଳି ଭାବେ କିଛି ମାସ ଗଲା ପରେ ଶରତ ସୁଧ ସହିତ ମୂଳ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତି ମଧ୍ୟରେ ୧୬ ବର୍ଷ ବିତି ଯାଇଥିଲେ ସୁଦ୍ଧା ଜମି କିମ୍ବା ଟଙ୍କା ଫେରସ୍ତ ମିଳି ନଥିଲା। ବାଧ୍ୟ ହୋଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଯକୃତ ପ୍ରତିରୋପଣ ପ୍ରସ୍ତୁତି ଜୋର୍‌ଦାର୍

## ନୂଆ ଯନ୍ତ୍ରାଂଶ ନିମନ୍ତେ ଡକାଗଲା ଟେଣ୍ଡର

କଟକ, ୭।୨(ସମିସ)

ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ପାଇଁ ପ୍ରକ୍ରିୟା କ୍ରମଶଃ ତ୍ୱରାନ୍ୱିତ ହେଉଛି। କିଛି ଦିନ ପୂର୍ବେ ଯକୃତ ପ୍ରତିରୋପଣ ନିମନ୍ତେ ଅପେକ୍ଷାରତ ରୋଗୀ ଏବଂ ଯକୃତ ଦାତାଙ୍କର ସ୍କ୍ରିନିଂ କରାଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିରୋପଣ ତାଲିକା ପ୍ରସ୍ତୁତ ହେଉଛି। ଅପରପାର୍ଶ୍ୱରେ ପ୍ରତିରୋପଣ ନିମନ୍ତେ ଉଦ୍ଦିଷ୍ଟ ମଡ୍ୟୁଲାର ଓ.ଟିକୁ ଅନେକ ନୂତନ ଯନ୍ତ୍ରାଂଶ ଆଣିବାକୁ ଯୋଜନା କରାଯାଇଛି। ଏଥି ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଟେଣ୍ଡର ଆହ୍ୱାନ ହୋଇଥିବା ଜଣାପଡ଼ିଛି। ୧୦୦ରୁ ଅଧିକ ପ୍ରକାର ଯନ୍ତ୍ରାଂଶ ପ୍ରଦାନ କରିବାକୁ ଟେଣ୍ଡର ତାଲିକାରେ ଉଲ୍ଲେଖ କରାଯାଇଛି। ଟେଣ୍ଡର ଆବେଦନର ଶେଷ ତାରିଖ ହେଉଛି ଆସନ୍ତା ୨୦ ତାରିଖ। ଏଣୁ ସମ୍ଭବତଃ ମାର୍ଚ୍ଚ ମାସରେ ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ଆରମ୍ଭ ହେବ ବୋଲି ମେଡିକାଲର ଜନୈକ ବରିଷ୍ଠ ଡାକ୍ତର କହିଛନ୍ତି।

ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ଆରମ୍ଭ ହେବାକୁ ବହୁ ବର୍ଷ ଧରି ଅପେକ୍ଷା କରାଯାଇଛି। ଏଠାରେ ମଡ୍ୟୁଲାର ଓ.ଟି ପ୍ରସ୍ତୁତ ହୋଇ ରହିଛି। ପ୍ରତିରୋପଣ ନିମନ୍ତେ ବଡ ମେଡିକାଲର ଡାକ୍ତରୀ ଦଳ ପ୍ରଶିକ୍ଷଣ ନେଇ ଫେରି ସାରିଛନ୍ତି। ହାଇଦ୍ରାବାଦ ଏଆଇଜି ହସ୍ପିଟାଲର ଏକ ଟିମ କିଛି ଦିନ ପୂର୍ବେ ବଡ ମେଡିକାଲ ପହଞ୍ଚି ସ୍ଥିତାବସ୍ଥା ଯାଞ୍ଚ କରି ଫେରିଥିଲା। ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୈଠକ ଶେଷ ହେବା ପରେ ଏଆଇଜିର ଟିମ ମଡ୍ୟୁଲାର ଓଟି, ଆଇସିୟୁ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସବୁ ଅନୁଧ୍ୟାନ କରିଥିଲା। ଯକୃତ ପ୍ରତିରୋପଣ ନିମନ୍ତେ ଏସ୍‌ସିବିରେ ହୋଇଥିବା ବ୍ୟବସ୍ଥାରେ ଏଆଇଜି ଟିମ ସନ୍ତୋଷ ବ୍ୟକ୍ତ କରିଥିଲା। ଅନ୍ୟପକ୍ଷରେ ହେପାଟୋଲୋଜି ବିଭାଗକୁ ଯାଇ ଏହି ଟିମ ୭ଜଣ ରୋଗୀଙ୍କର ସ୍କ୍ରିନିଂ କରିଥିଲା। ଯେଉଁମାନଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯିବ ଏବଂ ଯେଉଁମାନେ ଯକୃତ ଦାନ କରିବେ ସେମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ ସମ୍ପ୍ରତି ଆହୁରି ଅନେକ ଆବଶ୍ୟକୀୟ ଯନ୍ତ୍ରାଂଶ ପାଇଁ ଟେଣ୍ଡର ଡାକିଛନ୍ତି ମେଡିକାଲ କର୍ତ୍ତୃପକ୍ଷ।



**ମଡ୍ୟୁଲାରଓଟି ପାଇଁ ଆସିବ ଶତାଧିକ ଯନ୍ତ୍ରାଂଶ**

୧୬ ପ୍ରକାର ଡୋନର ସେଟ୍, ୧୯ ପ୍ରକାର ରେସିପେଣ୍ଟ ସେଟ୍, ୧୩ ପ୍ରକାର ବେଞ୍ଚିଂ ସେଟ୍, ୪ ପ୍ରକାର ମାଇକ୍ରୋ ସେଟ୍, ୧୩ ପ୍ରକାର ଜେନେରାଲ ସେଟ୍, ୩ ପ୍ରକାର ଟ୍ରେ ଏବଂ ଲିନର ସହିତ ୭୦ ପ୍ରକାର ଜେନେରାଲ ଇନଷ୍ଟ୍ରୁମେଣ୍ଟ ଯୋଗାଇ ଦେବାକୁ ଟେଣ୍ଡର ଆହ୍ୱାନ ହୋଇଛି।

ପ୍ରକାଶ ଥାଉକି, ଯକୃତ ପ୍ରତିରୋପଣ ପାଇଁ ଖର୍ଚ୍ଚ ହୁଏ ୨୫ରୁ ୩୦ ଲକ୍ଷ ଟଙ୍କା। ଏହି ଚିକିତ୍ସା ପାଇଁ ଚେନ୍ନାଇ, କୋଲକାତା, ଅହମ୍ମଦାବାଦ, ହାଇଦ୍ରାବାଦ, ବେଙ୍ଗାଲୁରୁ ଓ ନ୍ୟୁଦିଲ୍ଲୀକୁ ଯାଆନ୍ତି ରୋଗୀ। ଏଣୁ ଓଡ଼ିଶାରେ ଏହି ୟୁନିଟ ପ୍ରତିଷ୍ଠା କରିବାକୁ ୨୦୧୩ରେ ଯୋଜନା କରିଥିଲେ ରାଜ୍ୟ ସରକାର। ରାଜ୍ୟର ସର୍ବବୃହତ ଚିକିତ୍ସାଳୟ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ ଆରମ୍ଭ ହେବା ପାଇଁ ପ୍ରଦାନ କରାଯାଇଥିଲା ୨୨କୋଟି ଟଙ୍କା। ୧୨ କୋଟି ଯନ୍ତ୍ରପାତି କିଣିବାରେ ଓ ୧୦ କୋଟି ଟଙ୍କା ଭିତ୍ତିଭୂମିର ବିକାଶରେ ଖର୍ଚ୍ଚ ହୋଇଛି। ହେଲେ ୟୁନିଟ ଆରମ୍ଭ ହୋଇ ପାରିନଥିଲା। ୟୁନିଟ ଆରମ୍ଭ ହେବା ନେଇ ଯେତେବେଳେ ଯୋଜନା ହୋଇଥିଲା, ସେତେବେଳ ଏସିଆ ମହାଦେଶର ଜଣେ ଖ୍ୟାତନାମା ଯକୃତ ରୋଗ ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇଥିଲା। ସାଉଥ ଏସିଆନ ଲିଭର ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଡ. ଟମ୍ ଚିରାନଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ମଧ୍ୟ କଟକ ଆସି ଅନୁଧ୍ୟାନ କରି ଫେରିଥିଲେ। ପରବର୍ତ୍ତୀ ସମୟରେ ଏକାଧିକ କାରଣ ଯୋଗୁଁ ୟୁନିଟ କାର୍ଯ୍ୟକ୍ଷମ ହୋଇ ପାରିନଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ଉକ୍ତ ୟୁନିଟ ଖୋଲିବା ପାଇଁ ଏବେ ଜୋରଦାର ଉଦ୍ୟମ କରାଯାଉଛି। ନିଦାନ ଠାରୁ ଆରମ୍ଭ କରି ପ୍ରତିରୋପଣରେ ସମସ୍ତ ପ୍ରକାର ସହଯୋଗ କରିବା ନିମନ୍ତେ ହାଇଦ୍ରାବାଦ ଏଆଇଜି ହସ୍ପିଟାଲ ସହ ରାଜ୍ୟ ସରକାର ଏକ ଏମଓୟୁ ସ୍ୱାକ୍ଷର କରିଛନ୍ତି।

## ଚାଇଲ୍ଡ ହୋମ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ



କଟକ, ୭।୨(ସମିସ): କଟକ ଖାନ୍‌ନଗର ସ୍ଥିତ ଚାଇଲ୍ଡ ହୋମ ବିଦ୍ୟାଳୟର ୨୫ତମ ବାର୍ଷିକ ଉତ୍ସବ ତଥା ରୌପ୍ୟ ଜୟନ୍ତୀ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ନଳିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଡ. ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ କହିଥିଲେ। ମୁଖ୍ୟବକ୍ତା ଭାବେ ଲେଖିକା ସ୍ତମ୍ଭକାର ମୀରା ବେଉରା, ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀ ପ୍ରଭାତ କୁମାର ସାହୁ ଓ କଟକ ଜାଭିୟର ସ୍କୁଲର ଅଧ୍ୟକ୍ଷା ଅମ୍ବିକା ବିଶ୍ୱାଳ ଯୋଗଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ପ୍ରଭାସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉତ୍ସବକୁ ପରିଚାଳନା କରିଥିଲେ। ଅତିଥିମାନେ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରୟାଗଙ୍କ ଶତକ; ଓଲ୍ଡ ଷ୍ଟିୱାର୍ଟ ସ୍କୁଲ ବିଜୟୀ

କଟକ, ୭।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ ଏବଂ କେମ୍ବ୍ରିଜ ସ୍କୁଲ ବିଜୟ ଲାଭ କରିଥିଲେ। ସନସାଇନ ଗ୍ରାଉଣ୍ଡରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଲ୍ଡ ଷ୍ଟିୱାର୍ଟ ସ୍କୁଲ ନିର୍ଦ୍ଧାରିତ ୪୦ ଓଭରରେ ୯ ୱିକେଟ ବିନିମୟରେ ୨୭୫ରନ ସଂଗ୍ରହ କରିଥିଲା। ପ୍ରୟାଗ କୁମାର ବେହେରା ୧୨୩ବଲରୁ ୨୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୩୫ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାତ୍ର ୭୦ରନରେ ଅଲଆଉଟ ହୋଇଥିଲା। ଶତକୀୟ ଇନିଂସ ଖେଳିଥିବା ପ୍ରୟାଗ ଗୋଟିଏ ୱିକେଟ ଦଖଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ୫ ୱିକେଟରେ ଡି କମ୍ବାଇନ ସ୍କୁଲକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଡି କମ୍ବାଇନ ସ୍କୁଲର ଇନିଂସ ୧୦୬ରନରେ ସୀମିତ ରହିଥିଲା। ୫ ୱିକେଟ ହରାଇ ୨୨.୩ ଓଭରରେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସେହିପରି ବିଡାନାସୀ ଗ୍ରାଉଣ୍ଡରେ କେମ୍ବ୍ରିଜ ସ୍କୁଲ ୧୩୮ରନରେ ପ୍ୟାରୀମୋହନ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେମ୍ବ୍ରିଜ ୭ ୱିକେଟ ବିନିମୟରେ ୨୩୨ରନ କରିଥିଲା। ଜବାବରେ ପିଏମ ଏକାଡେମୀ ୯୪ରନରେ ଅଲଆଉଟ ହୋଇଥିଲା।



## ଜରିମାନା ଦେଇ ମୁକୁଳିଲେ ୧୦୪ ରେଳଯାତ୍ରୀ



କଟକ, ୭।୨(ସମିସ): ବୁଧବାର ଦିନତମାମ ଆରପିଏଫ ଟିମ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ଓ ବିଭିନ୍ନ ଟ୍ରେନରେ ଯାଞ୍ଚ କରିଥିଲା। ଏହି ସମୟରେ ବିନା ଟିକଟରେ ଯାତ୍ରା କରୁଥିବା ଏବଂ ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ସିଟରେ ବସିଥିବା ୧୦୪ ଜଣ ରେଳଯାତ୍ରୀ ଧରାପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ଟ୍ରେନ ଫାଟକ ମୁହଁରେ ବିପଜ୍ଜନକ ଅବସ୍ଥାରେ ଛିଡା ହୋଇ ମଧ୍ୟ ଯାତ୍ରା କରୁଥିଲେ। ଆରପିଏଫ ଏହି ଖିଲାପକାରୀମାନଙ୍କୁ ଗିରଫ କରି ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜରିମାନା ଆଦାୟ କରାଯିବା ପରେ ସମସ୍ତଙ୍କୁ ଛାଡି ଦିଆଯାଇଥିବା ଜଣାପଡ଼ିଛି। ଏହାବାଦ ବିନା କାରଣରେ ଚେନ ପୁଲିଂ ଅର୍ଥାତ ଚେନ ଟାଣି ଟ୍ରେନ ରୋକିବାକୁ ନେଇ ଆରପିଏଫ ପକ୍ଷରୁ ସଚେତନତା କରାଯାଇଛି। ଅଯଥାରେ ଏଭଳି କରିବା ଦ୍ୱାରା ଟ୍ରେନ ଚଳାଚଳ ପ୍ରଭାବିତ ହେବା ସହ ଦୁର୍ଘଟଣା ସମ୍ଭାବନା ବୃଦ୍ଧିପାଏ ବୋଲି ଯାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।


DADLS-95



ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା
ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା

ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324


### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ

## ତିରୁପତି ଓ ଭେଲୋର ଅଭିମୁଖେ ଗଲେ ୨୪୩ ତୀର୍ଥଯାତ୍ରୀ



କଟକ, ୭।୨(ସମିସ): ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି କଟକ ଜିଲ୍ଲାରେ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଛି। ଜିଲ୍ଲାର ୨୪୩ଜଣ ବରିଷ୍ଠ ନାଗରିକ ତିରୁପତି ଓ ଭେଲୋର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଉପନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୬ଟି ବସ୍ ଯୋଗେ ଆଜି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳ ୧୧ଟାରୁ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା। ଦିନ ୩ଟା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ଯାତ୍ରା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସମସ୍ତ ୨୪୩ଜଣ ତୀର୍ଥଯାତ୍ରୀଙ୍କ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା।







**ପାର୍ସଲରେ ଡ୍ରଗ୍ସ ଧମକ ଦେଇ ସାମ୍ବାଦିକାଙ୍କଠୁ ଠକେଇ ମାମଲା**

# ହିମାଚଳପ୍ରଦେଶରୁ ଅଭିଯୁକ୍ତକୁ ବାନ୍ଧିଲା ଇଓଡବ୍ଲ୍ୟୁ

- ସାରା ଦେଶରୁ ଲୁଟିଛନ୍ତି ସାଢ଼େ ୫ କୋଟି ଟଙ୍କା
- ଠକେଇ ସାମ୍ରାଜ୍ୟ ପଛରେ ଦୁବାଇ ଓ ୟୁଏଇ ଲିଙ୍କ୍
- ୧୭ଟି ଆକାଉଣ୍ଟ ଜବତ କରି ଇଓଡବ୍ଲ୍ୟୁର ଖୋଳତାଡ଼

**ଭୁବନେଶ୍ୱର, ୭ ।୨(ସମିସ):** ନିଶା କାରବାର ମାମଲାରେ ଫସାଇ ଦେବାର ଧମକ ଦେଇ ମାତ୍ର ୨ରୁ ୩ ଦିନ ଭିତରେ ଦେଶରୁ ସାଢ଼େ ୫ କୋଟି ଟଙ୍କା ଠକି ନେଇଥିବା ଏକ ରାକେଟ୍‌କୁ ଠାବ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) । ରାକେଟ୍‌ର ଜଣେ ସଦସ୍ୟକୁ ଇଓଡବ୍ଲ୍ୟୁ ହିମାଚଳପ୍ରଦେଶରୁ ଗିରଫ କରିଛି । ସେ ହେଲା, ହରିୟାଣା ଯମୁନାନଗରର ରଜତ୍ କୁମାର । ସେ ପେସାରେ ଜଣେ ଗାଡ଼ି ଚାଳକ, କିନ୍ତୁ ଲୋକଙ୍କୁ ଠକିବାରେ ମାହିର୍ । ସ୍ଥାନୀୟ କୋର୍ଟରେ ତାକୁ ହାଜର କରାଇବା ପରେ ତାକୁ ୪ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି । ଏହି ରାକେଟ୍ ନୂଆପଲ୍ଲୀ ଅଞ୍ଚଳର ଜଣେ ସାମ୍ବାଦିକା ରତ୍ନା ତ୍ରିପାଠୀଙ୍କଠାରୁ ବି ଟଙ୍କା ଠକି ନେଇଥିଲା । ଏହି ମାମଲାର ତଦନ୍ତ କରୁ କରୁ ଇଓଡବ୍ଲ୍ୟୁକୁ ଏତେ ବଡ଼ ସଫଳତା ମିଳିଛି । ଇଓଡବ୍ଲ୍ୟୁ ଏସ୍‌ପି ଦିଲ୍ଲୀପ ତ୍ରିପାଠୀଙ୍କ ସୂଚନାନୁଯାୟୀ, ଏହି ରାକେଟ୍ ୟୁଏଇ ଓ ଦୁବାଇରୁ ଅପରେଟ୍ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଠକମାନେ କାହାକୁ ନାର୍କୋଟିକ୍ସ ବ୍ୟୁରୋ ତ କାହାକୁ ସିବିଆଇ ଅଧିକାରୀର ପରିଚୟ ଦେଉଥିଲେ । ନିଶା କାରବାର ମାମଲାରେ ଫସାଇ ଦେବାର ଭୟ ଦେଖାଇ ସେମାନଙ୍କ ଆକାଉଣ୍ଟ ଖାଲି କରି ଦେଉଥିଲେ । ଏହି ଠକେଇ ମାମଲାରେ ଏବେ ସୁଦ୍ଧା ୧୭ଟି ଆକାଉଣ୍ଟକୁ ଜବତ କରାଯାଇଛି । ଏହି ସାମ୍ରାଜ୍ୟ ପଛରେ ରହିଥିବା ଗ୍ୟାଙ୍ଗର ମୁଖିଆ ଦୁବାଇରେ ଲୁଚିଥିବା କୁହାଯାଇଛି । ତାକୁ ଧରିବା ଲାଗି ଅନ୍ୟ ତଦନ୍ତକାରୀ ସଂସ୍ଥାର ସହଯୋଗ ଲୋଡାଯାଇଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି ।



ସୂଚନାନୁଯାୟୀ, ଗତ ବର୍ଷ ଜୁନ୍ ୧୯ ତାରିଖରେ ନୂଆପଲ୍ଲୀ ଅଞ୍ଚଳର ସାମ୍ବାଦିକା ରତ୍ନା ତ୍ରିପାଠୀଙ୍କୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । ବ୍ୟକ୍ତିଜଣଙ୍କ ନିଜକୁ ହାଇଦ୍ରାବାଦସ୍ଥିତ ଫେଡେକ୍ସ ନାମକ କୋରିୟର ସଂସ୍ଥାର କର୍ମଚାରୀ ପରିଚୟ ଦେଇ ତାଙ୍କର ଏକ ପାର୍ସଲ ଆସିଛି ବୋଲି କହିଥିଲେ । ସେଥିରେ ୬ଟି ପାସ୍‌ପୋର୍ଟ, ଗୋଟିଏ ଲାପଟପ୍, ୫ଟି ଏଟିଏମ୍ ଏବଂ ୧୫୦ଗ୍ରାମ ଡ୍ରଗ୍ସ ରହିଛି । ହେଲେ ପାର୍ସଲକୁ ମୁମ୍ବାଇ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ଧରିଛି । ଆପଣଙ୍କୁ ମୁମ୍ବାଇ ଏନ୍‌ସିବି ଅଧିକାରୀଙ୍କ ସହ କଥା ହେବାକୁ ପଡ଼ିବ ବୋଲି କୁହାଯାଇଥିଲା । ରତ୍ନା ମନା କରିବାରୁ ଠକ ତାଙ୍କୁ ବିଭିନ୍ନ ଭୟ ଦେଖାଇଥିଲେ । ରତ୍ନା ରାଜି ହେବା ପରେ ତାଙ୍କୁ ଅନ୍‌ଲାଇନ୍ ଭିଡିଓ କଲିଂ ଆପ୍ ଜରିଆରେ ମୁମ୍ବାଇ ନାର୍କୋଟିମ୍ ବ୍ୟୁରୋ ସେଲ୍‌ର ମୁଖ୍ୟ ମିଷ୍ଟର ଗିଲ୍ ନାମକ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରାଇଥିଲେ । ବିଶ୍ୱାସ ଜନ୍ମାଇବା ପାଇଁ ଏନ୍‌ସିବିର ଆଇଡି କାର୍ଡ ଦେଖାଇଥିଲେ । କିନ୍ତୁ ରତ୍ନା ରାଜି ନ ହେବାରୁ ଆହୁରି ଭୟଭୀତ କରାଇବା ପାଇଁ ଆଉ ଜଣେ ନିଜକୁ ସାଇବର କ୍ରାଇମ୍ ଡିସିପି ବାଲସିଂ ରାଜପୁତର ପରିଚୟ ଦେଇ କଥା ହୋଇଥିଲେ । ଏମିତିକି ଗ୍ୟାଙ୍ଗଷ୍ଟର ଇସଲାମ୍ ମଲ୍ଲିକ ସହ ସମ୍ପର୍କ ରହିଥିବା କହି ମହିଳାଙ୍କୁ ଭୟଭୀତ କରାଇଥିଲେ ।

ଠକ ଅଧିକାରୀମାନେ କହିଥିଲେ ଯେ ଆପଣଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ ରହିଛି । ସେ ସବୁର ଯାଞ୍ଚ ହେବ । ଏଥିପାଇଁ ଆର୍‌ବିଆଇରୁ ଚିଠି ମଧ ଆସିଛି । ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଆର୍‌ବିଆଇର ଏକ ଜାଲ୍ ଚିଠି ବି ପଠାଇଥିଲେ । ଯଦି ଯାଞ୍ଚ କରିବାକୁ ରାଜି ନହେବେ ଆପଣଙ୍କ ନାଁରେ ମନି-ଲଣ୍ଡରିଂ ମାମଲା, ଗ୍ୟାଙ୍ଗଷ୍ଟର୍ ଲିଙ୍କ୍, ବେଆଇନ ଅର୍ଥ କାରବାର ମାମଲା ରୁଜୁ ହେବ ବୋଲି ଧମକ ଦେଇଥିଲେ । ଶେଷରେ ରତ୍ନା ଭୟରେ ଆକାଉଣ୍ଟ ଯାଞ୍ଚ ପାଇଁ ରାଜି ହୋଇଥିଲେ । ତେବେ ଆକାଉଣ୍ଟ ଯାଞ୍ଚ ପାଇଁ ପ୍ରତି ଆକାଉଣ୍ଟ ପିଛା ୪୯ହଜାର ଟଙ୍କା ଦେବାକୁ ହେବ । ଯଦି କୌଣସି ବେଆଇନ୍ ଟ୍ରାଞ୍ଜାକ୍ସନ ନଥାଏ, ୧୫ମିନିଟ୍ ମଧ୍ୟରେ ଆପଣଙ୍କ ଆକାଉଣ୍ଟକୁ ଟଙ୍କା ଫେରାଇ ଦିଆଯିବ । ସେ ୩ଟି ଆକାଉଣ୍ଟ ପାଇଁ ଟଙ୍କା ପଠାଇବାର କିଛି ସମୟ ପରେ କ୍ଲିନ୍‌ଚିଟ୍ ମେସେଜ୍ ଆସିଲା । ହେଲେ ଟଙ୍କା ଆସିଲା ନାହିଁ । ଟଙ୍କା ଫେରସ୍ତ ପାଇଁ ମହିଳା ଯେତେ କଲ୍ କରିଥିଲେ ବି କେହି ଫୋନ୍ ରିସିଭ୍ କରିନଥିଲେ । ଠକେଇର ଶିକାର ହେବା ପରେ ରତ୍ନା ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ । ନୂଆଧରଣର ଠକେଇ ହୋଇଥିବାରୁ ଏକ ମାମଲା ରୁଜୁ କରି ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରି ଦେଇଥିଲେ ।

ଖାଲି ରତ୍ନା ନୁହେଁ, ଏହି ରାକେଟ୍ ମାତ୍ର ୨-୩ ଦିନରେ ଦେଶର ବିଭିନ୍ନ ସ୍ଥାନର ଲୋକଙ୍କୁ ଏମିତି ଭୟଭୀତ କରାଇ ୫.୫୮ ଟଙ୍କା ଚୂନ ଲଗାଇଛି । ଠକେଇ ଟଙ୍କାକୁ ଦୁବାଇ ଓ ୟୁଏଇର ବିଭିନ୍ନ ବ୍ୟାଙ୍କ ଏଟିଏମ୍‌କୁ ଉଠାଯାଇଛି । ରତ୍ନାଙ୍କଠାରୁ ଠକେଇ ହୋଇଥିବା ଟଙ୍କା ପଞ୍ଜାବରେ ଜଗଦମ୍ବା ଏଣ୍ଟରପ୍ରାଇଜେସ୍ ନାମରେ ଥିବା ଏକ ଆକାଉଣ୍ଟକୁ ଯାଇଥିଲା ।

## ଇଗ୍ନୋ ନାମଲେଖା ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୭ ।୨(ସମିସ):** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ରେ ନାମଲେଖା ଅବଧି ବୃଦ୍ଧି ହୋଇଛି । ଅନ୍‌ଲାଇନ୍ ମାଧ୍ୟମରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ । ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା ଓ ସାର୍ଟିଫିକେଟ୍ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ । ସ୍ନାତକରେ ନାମ ଲେଖାଇବାକୁ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଦେୟମୁକ୍ତ କରାଯାଇଛି । ସେହିପରି କାରାଗାରରେ ଥିବା କଏଦୀଙ୍କ ପାଇଁ ମଧ୍ୟ ଇଗ୍ନୋରେ ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ କରାଯାଇଛି । ଚଳିତ ବର୍ଷ ନୂତନ ଭାବେ ସ୍ନାତକୋତ୍ତର ପାଇଁ ପ୍ରାଣୀ ବିଜ୍ଞାନ, ଜୀବରସାୟନ ବିଜ୍ଞାନ, ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନ, ରସାୟନ ବିଜ୍ଞାନ, ଶିଳ୍ପ ସମ୍ବନ୍ଧୀୟ ସୁରକ୍ଷା ଓ ସ୍ନାତକ ପାଇଁ ବ୍ୟାବହାରିକ ବିଜ୍ଞାନ ଆଦି ବିଷୟ ଉପଲବ୍ଧ ହେଉଛି । ଜାନୁଆରୀ ସେସନ୍ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବା ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀମାନେ ଇଗ୍ନୋ ୱେବ୍‌ସାଇଟ୍ www.ignou.ac.inରେ ନାମ ଲେଖାଇ ପାରିବେ ।

## ଫେବୃଆରୀ ଆରମ୍ଭରୁ ତାଉ ଦେଖାଇଲାଣି ଖରା

**ରାତିରେ ବି ତାପମାତ୍ରା ଉପରମୁହାଁ**

**ଭୁବନେଶ୍ୱର,୭ ।୨(ସମିସ):** ମାଘ ମାସରେ ବୈଶାଖ ତାତି ଅନୁଭୂତ ହେଲାଣି । ଭାରତୀୟ ପାଣିପାଗ ବିଭାଗର ସୂଚୀରେ ଫେବୃଆରୀ ମାସରେ ଶୀତ ଅନୁଭୂତ ହେବା କଥା । ହେଲେ ଶୀତ ନ ସରିବା ପୂର୍ବରୁ ଖରାର ତାଉ ଆରମ୍ଭ ହୋଇଗଲାଣି । ଗତ ଦୁଇ ଦିନରେ ରାଜ୍ୟରେ ତାପମାତ୍ରା ଏକାଥରେ ଉପରମୁହାଁ ହୋଇ ଏକାଧିକ ସ୍ଥାନରେ ୩୫ ଡିଗ୍ରୀ ଉପରେ ରହୁଛି । ଯଦିଓ ବୁଧବାର ରାଜ୍ୟରେ ପୂର୍ବାପେକ୍ଷା ଦିନର ତାପମାତ୍ରା ସାମାନ୍ୟ ତଳକୁ ଖସିଛି, ମାତ୍ର ରାତି ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ହେତୁ ଶୀତ ଉଭାନ ହୋଇଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ ଡିଗ୍ରୀ ଉପରେ ରହିଛି । ବଲାଙ୍ଗିର, ଭୁବନେଶ୍ୱର, ଟିଟଲାଗଡ଼ ଓ ଭବାନୀପାଟଣାରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ୬ ଡିଗ୍ରୀ ଉପରେ ରହିଛି । ସେହିପରି ଦିନରେ ତାପମାତ୍ରା ବୃଦ୍ଧି ଯୋଗୁଁ ହଠାତ ଖରାର ପ୍ରକୋପ ବଢ଼ିଛି । ଉପକୂଳ ଅପେକ୍ଷା ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ଖରା ବଢ଼ୁଛି । ଉପକୂଳରେ ସ୍ୱାଭାବିକ ତାପମାତ୍ରାଠାରୁ ୨ରୁ ୫ଡିଗ୍ରୀ ବୃଦ୍ଧି ପାଇଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକଠାରୁ ୩ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି । ଏଲନିନୋର ପ୍ରଭାବ ଯୋଗୁଁ ରାଜ୍ୟକୁ ବର୍ତ୍ତମାନ ଶୁଷ୍କ ବାୟୁ ପ୍ରବାହିତ ହେଉଛି ।

**ପଞ୍ଜିକା ସମୀକରଣ ବୈଠକ**

## ପଣା ସଂକ୍ରାନ୍ତିକୁ ନେଇ ଦ୍ୱନ୍ଦ୍ୱ

- ଏକାଧିକ ପର୍ବପର୍ବାଣିରେ ଆସୁନି ସମାନତା
- ପୁଣି ୧୨ରେ ବସିବ ସମୀକରଣ ବୈଠକ

**ପୁରୀ, ୭ ।୨ (ସମିସ):** କେବେ ପାଳନ କରାଯିବ ପଣା ସଂକ୍ରାନ୍ତି ? ଏବର୍ଷ କ'ଣ ପଞ୍ଚୁକ ୪ଦିନ ହେବ? ମହାପ୍ରଭୁଙ୍କ ଅଣସର କ'ଣ ଏଥର ୧୩ ଦିନ ପାଳନ କରାଯିବ? ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ଅନୁଷ୍ଠିତ ପଞ୍ଜିକା ସମୀକରଣ ବୈଠକରେ ଏମିତି ଅନେକ ପର୍ବପର୍ବାଣୀର ତିଥି, ବାରକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି । ଅନେକ ପର୍ବପର୍ବାଣିରେ ସମାନତା ଆସୁନି । ଫଳରେ ଆସନ୍ତା ୧୨ ତାରିଖରେ ପୁଣିଥରେ ବସିବ ପଞ୍ଜିକା ସମୀକରଣ ବୈଠକ ।

ଓଡ଼ିଶାରେ ପ୍ରଚଳିତ ପଞ୍ଜିକାଗୁଡ଼ିକରେ ଅନେକ ସମୟରେ ଭିନ୍ନତା ଦେଖିବାକୁ ମିଳୁଛି । ପର୍ବପର୍ବାଣିଗୁଡ଼ିକ ମଧ୍ୟରେ ସମାନତା ରହୁନାହିଁ । ତିଥି ବି ଅଲଗା ରହୁଛି । ଏହାକୁ ନେଇ ଅନେକଥର ପର୍ବପର୍ବାଣି ପାଳନ ନେଇ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି ରାଜ୍ୟବାସୀ । କେଉଁ ପଞ୍ଜିକାକୁ ଠିକ୍ ବୋଲି ଗ୍ରହଣ କରିବେ ତାକୁ ନେଇ ଅଡୁଆରେ ପଡୁଛନ୍ତି । ପଞ୍ଜିକାଗୁଡ଼ିକରେ ସମାନତା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ମେଳକ ବୈଠକ ଡାକୁଥିଲେ ବି ପରବର୍ତ୍ତୀ ସମୟରେ କେଁ ଉପୁଜୁଛି । ତେଣୁ ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଥିଲା । ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ ଓ ବିଭିନ୍ନ ପଞ୍ଜିକାର ଗଣନାକରୀ ଯୋଗ ଦେଇଥିଲେ । ଆସନ୍ତା ପଣା ସଂକ୍ରାନ୍ତିଠାରୁ ୨୦୨୫ ମସିହା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ନୀତିକାନ୍ତି ଏବଂ ପର୍ବପର୍ବାଣି କିଭଳି ସବୁ ପଞ୍ଜିକାରେ ସମାନ ରହିବ, ସେନେଇ ଆଲୋଚନା କରାଯାଇଥିଲା । ହେଲେ ସମାନ ଦ୍ୱନ୍ଦ୍ୱ ରହିଥିବାରୁ କୌଣସି ନିଷ୍କର୍ଷ ବାହାରିପାରିନି । ଏବର୍ଷ ଅଣସର ୧୩ ଦିନ ପଡ଼ିବାକୁ ଯାଉଛି । ସେହିପରି କାର୍ତ୍ତିକ ମାସରେ ପଞ୍ଚୁକ ୪ ଦିନ ପଡୁଥିବାରୁ ଲକ୍ଷ୍ମୀ ନୃସିଂହ ବେଶ ହେବ କି ନାହିଁ ତାହା ଅସ୍ପଷ୍ଟ । ପଣା ସଂକ୍ରାନ୍ତି ତାରିଖକୁ ନେଇ ମଧ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଆସନ୍ତା ଏପ୍ରିଲ ୧୩ ନା ୧୪ ତାରିଖରେ ପଣା ସଂକ୍ରାନ୍ତି ପାଳନ କରାଯିବ, ତାହା ସ୍ପଷ୍ଟ ହୋଇପାରି ନାହିଁ । କେତେକ ପଞ୍ଜିକାରେ ୧୪ ତାରିଖ, ପୁଣି କେତେକରେ ୧୩ ତାରିଖ ପଣା ସଂକ୍ରାନ୍ତି ବୋଲି ଉଲ୍ଲେଖ ରହିଛି । ତେଣୁ ଏହି ଦ୍ୱନ୍ଦ୍ୱ ଦୂର ପାଇଁ ଆସନ୍ତା ୧୨ ତାରିଖରେ ପୁଣି ବୈଠକ ବସିବ । ବୈଠକରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା କେତେକ ନିର୍ଦ୍ଦିଷ୍ଟ ପର୍ବପର୍ବାଣିଗୁଡ଼ିକର ଦିବସ ନିର୍ଦ୍ଧାରଣ କରିବା ସମ୍ପର୍କରେ ଆଲୋଚନା ହେବ ।

ଅନ୍ୟପକ୍ଷରେ ଚଳିତ ବର୍ଷ ସ୍ନାନ ଯାତ୍ରା ପରେ ମହାପ୍ରଭୁଙ୍କ ଅଣସର ନୀତିକୁ ନେଇ ବଡ଼ ପରିବର୍ତ୍ତନ ସୃଷ୍ଟି ହୋଇଛି । ଯଦି ଏବର୍ଷ ଅଣସର ୧୩ ଦିନ ହୁଏ, ତେବେ କିଭଳି ମହାପ୍ରଭୁଙ୍କ ନୀତିକାନ୍ତି ଓ ଗୁପ୍ତନୀତି କରାଯିବ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ୧୯୭୧-୭୨ରେ ଏଭଳି ଭାବେ ତିଥି ପଡ଼ିଥିଲା । ସେହିବର୍ଷ କିପରି ଗୁପ୍ତନୀତି କରାଯାଇଥିଲା, ତାକୁ ତର୍ଜମା କରିବାକୁ ତଢ଼ଉକରଣଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର । ସେହିପରି ପଞ୍ଚୁକ ୪ଦିନ ହେବାକୁ ଯାଉଛି । ଫଳରେ ଠାକୁରଙ୍କର ଲକ୍ଷ୍ମୀନୃସିଂହ ବେଶ ହୋଇପାରିବ ନାହିଁ ବୋଲି କହିଛନ୍ତି ବରିଷ୍ଠ ଦଇତାପତି ସେବକ ।

ଅନ୍ୟପକ୍ଷରେ ଚଳିତବର୍ଷ ଯାନିଯାତ୍ରା, ତିଥି, ପର୍ବପର୍ବାଣି ନିର୍ଭୁଲ ତଥା ତ୍ରୁଟିଶୂନ୍ୟ କରିବା ପାଇଁ ଗଣନାକାରମାନେ ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି ପଞ୍ଜିକାର ପ୍ରକାଶକ କହିଛନ୍ତି । ଏହି ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ, ଜ୍ୟୋର୍ତିବିଦ, ବରିଷ୍ଠ ସେବାୟତ, ତଢ଼ଉକରଣ, ପରିଚାଳନା କମିଟି ସଦସ୍ୟ ଏବଂ ସାମନ୍ତଚନ୍ଦ୍ରଶେଖର, ରାଧାରମଣ ଓ କୋହିନୂର ପଞ୍ଜିକା ଗଣନାକାର ଉପସ୍ଥିତ ଥିଲେ ।

**● ସାହିତ୍ୟ ଏକାଡେମୀ ପୁରସ୍କାର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ**

## ଅନ୍ତରୀଣ ସ୍ଥଗିତାଦେଶ ହଟିଲା

**କଟକ, ୭ ।୨ (ସମିସ):** ଗତ ୨୦୦୦ ମସିହା ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ୨୦୦୨ ମସିହାରେ ଘୋଷିତ ହୋଇଥିଲା । ଅନ୍ୟାନ୍ୟ ବିଭାଗ ସହିତ ଉପନ୍ୟାସ ବିଭାଗରେ 'ଶ୍ରମଣାର ପୃଥିବୀ' ପୁସ୍ତକ ପାଇଁ ଡଃ ଅର୍ଚ୍ଚନା ନାୟକ, ଜୀବନୀ ଓ ଭ୍ରମଣ କାହାଣୀ ବିଭାଗରେ ଡ. ଗୋବିନ୍ଦ ଭୂୟାଁଙ୍କ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ 'ସାର୍ଥକ ସାରଥି' ଏବଂ କବିତା ବିଭାଗରେ ସଦାଶିବ ଦାଶଙ୍କ 'ପ୍ରେମିକା ପ୍ରେମିକା' ପୁସ୍ତକ ଏକାଡେମୀ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିଲା । ଏହି ପୁରସ୍କାରକୁ ଚାଲେଞ୍ଜ କରି ସାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ଦାୟର ହୋଇଥିବା ଦୁଇଟି ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି । ଏହି ମାମଲାରେ ପୁରସ୍କାର ପ୍ରଦାନ କ୍ଷେତ୍ରରେ ରହିଥିବା ଅନ୍ତରୀଣ ସ୍ଥଗିତାଦେଶକୁ ହାଇକୋର୍ଟ ହଟାଇ ଦେଇଛନ୍ତି । ବିଚାରପତି ଜଷ୍ଟିସ ଡ. ବି.ଆର୍ ଷଡ଼ଙ୍ଗୀ ଓ ବିଚାରପତି ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସ୍ଥଗିତାଦେଶ ହଟାଇବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସମ୍ପୃକ୍ତ ପକ୍ଷମାନଙ୍କର ଯୁକ୍ତି ଶୁଣିବା ପରେ ମକଦ୍ଦମାର ରାୟ ଶୁଣାଇ ଡ. ଅର୍ଚ୍ଚନା ନାୟକ, ଡ. ଗୋବିନ୍ଦ ଭୂୟାଁ ଓ ସଦାଶିବ ଦାଶଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଅର୍ଚ୍ଚନା ନାୟକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ସଦାଶିବ ଦାଶଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ଡ. ଗୋବିନ୍ଦ ଭୂୟାଁଙ୍କ ପକ୍ଷରୁ ଆଇନଜୀବୀ ଦେବସ୍ନାନ ଦାସ ଏହି ମକଦ୍ଦମା ପରିଚାଳନା କରୁଥିଲେ ।

**● ବେରୁହାଁବାରୀ ତ୍ରିଲୋଚନ ହତ୍ୟାକାଣ୍ଡର ରାୟ ପ୍ରକାଶ**

## ଆସାମୀକୁ ଆଜୀବନ କାରାଦଣ୍ଡାଦେଶ

**ଓଡ଼ଗାଁ, ୭ ।୨(ସମିସ):** ନୟାଗଡ଼ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ବେରୁହାଁବାରୀ ଗାଆଁର ତ୍ରିଲୋଚନ ନାଏକ ହତ୍ୟା ଘଟଣାର ବିଚାର ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ମାନସ ରଞ୍ଜନ ରଥ ଆସାମୀକୁ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି । ତଦନୁଯାୟୀ ହତ୍ୟା ଘଟଣାର ଅନ୍ୟତମ ହତ୍ୟାକାରୀ ସେହି ଗ୍ରାମର ସୁଶାନ୍ତ ନାୟକଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡାଦେଶ ହୋଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବେରୁହାଁବାରୀ ଗାଁ ହରିଜନ ସାହିର ବାଉରୀ ନାଏକ ଏବଂ ତାଙ୍କ ୨ ପୁଅ ସୁଶାନ୍ତ ନାଏକ ଓ ଧୋବା ନାଏକ ୨୦୨୩ ମସିହା ଡିସେମ୍ବର ୨୨ ତାରିଖ ସକାଳେ ଫାର୍ସାରେ ତ୍ରିଲୋଚନର ମୁଣ୍ଡକୁ ହାଣିଥିବା ସହିତ ବାହାଡାଝୋଲା-ସୁନାମୁହିଁ ରାସ୍ତାରେ ଫୋପାଡି ଦେଇ ଚାଲିଯାଇଥିଲେ । ଘଟଣା ଜଣାପଡ଼ିବା ବେଳକୁ ତ୍ରିଲୋଚନର ମୃତ୍ୟୁ ହୋଇଥିଲା । ବାପା କୁମର ନାଏକ ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ୧୪୭/୧୩ ରେ ଓଡ଼ଗାଁ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୂର୍ବରୁ ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ବାଉରୀ ନାୟକକୁ ନୟାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ଯେଉଁଥିପାଇଁ ନୟାଗଡ଼ ଉପକାରାଗାରରେ ବାଉରୀ ସଜା କାଟୁଛି । ୩ ଜଣଙ୍କ ମଧ୍ୟରୁ ବାଉରୀଙ୍କ ଆଉ ଗୋଟିଏ ପୁଅ ଧୋବା ନାଏକ ହତ୍ୟାକାଣ୍ଡ ଦିନଠାରୁ ଏଯାବତ ଫେରାର ଅଛି ।

## ପରିକ୍ରମା ମାର୍ଗ ବୁଲିଲେ ୧୧ ହଜାର ଶ୍ରଦ୍ଧାଳୁ

**ପୁରୀ, ୭ ।୨ (ସମିସ):** ବୁଧବାର ୭ ଜିଲ୍ଲା (ମୟୂରଭଞ୍ଜ, ଗଞ୍ଜାମ, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼) ରୁ ୧୧, ୪୨୦ ଜଣ ଭକ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି । ଏଥିସହ ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ନେଇ ଫେରିଛନ୍ତି । ସେହିପରି ଗୁରୁବାର ୫ ଜିଲ୍ଲାରୁ ୭, ୩୬୦ ଭକ୍ତ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣର ଅନୁଭୂତି ସାଉଣ୍ଟିବେ ବୋଲି ଜଣାଯାଇଛି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଉପରୋକ୍ତ ୭ଟି ଜିଲ୍ଲାରୁ ଭକ୍ତଙ୍କୁ ଧରି ବୁଧବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିରେ ପହଞ୍ଚିଥିଲା ବସ୍ । ମୟୂରଭଞ୍ଜ ଜିଲ୍ଲାର ୧୦୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୪ଟି ବସ୍‌ରେ ୨, ୦୦୦ ଜଣ, ଗଞ୍ଜାମ ଜିଲ୍ଲାର ୧୧୮ ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୩ଟି ବସ୍‌ରେ ୨, ୩୬୦ ଜଣ, ଭଦ୍ରକ ଜିଲ୍ଲାର ୬୮ ପଞ୍ଚାୟତ ଏବଂ ୱାର୍ଡରୁ ୩୦ ବସ୍‌ରେ ୧, ୩୬୦ ଜଣ, ଢେଙ୍କାନାଳ ଜିଲ୍ଲାର ୫୬ ପଞ୍ଚାୟତ ଏବଂ ୱାର୍ଡରୁ ୨୫ ଟି ବସ୍‌ରେ ୧, ୧୨୦ ଜଣ, ନବରଙ୍ଗପୁର ଜିଲ୍ଲାର ୧୦୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୫ଟି ବସ୍‌ରେ ୨, ୦୪୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୫୩ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୪ଟି ବସ୍‌ରେ ୧, ୦୬୦ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାର ୭୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୩୩ଟି ବସ୍‌ରେ ୧, ୪୮୦ ଜଣ ଏହିପରି ମୋଟ ୧୧, ୪୨୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିରେ ପହଞ୍ଚିଥିଲେ । ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ । ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ । ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ । ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ । ଅନ୍ୟପକ୍ଷରେ ଗୁରୁବାର ୫ ଜିଲ୍ଲାରୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ୭, ୩୬୦ ଶ୍ରଦ୍ଧାଳୁ ।

**● ଜବତ ଗାଡ଼ି ଖଲାସ ପାଇଁ ନୀତି ପ୍ରଣୟନ ପ୍ରସଂଗ**

## ମାର୍ଚ୍ଚ ୫ ସୁଦ୍ଧା ସତ୍ୟପାଠ ଦଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୭ ।୨(ସମିସ):** ବିଭିନ୍ନ ଥାନା, ଜଙ୍ଗଲ ବିଭାଗ, ଅବକାରୀ ବିଭାଗରେ ଜବତ ଗାଡ଼ିଗୁଡିକ ଅତି ଦୟନୀୟ ଅବସ୍ଥାରେ ପଡ଼ି ରହୁଥିବା ପ୍ରସଂଗକୁ ହାଇକୋର୍ଟ ଗରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି । ଏହି ଗାଡ଼ିଗୁଡ଼ିକ କିପରି ସହଜରେ ମୁକୁଳା ଯାଇପାରିବ, ସେନେଇ ନିୟମ କୋହଳ ପୂର୍ବକ ନୀତି ପ୍ରଣୟନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ । କିନ୍ତୁ ରାଜ୍ୟ ପରିବହନ କମିଶନର ଆଜି ଏହି ପ୍ରସଂଗରେ ଜବାବ ଦାଖଲ କରିପାରିନଥିବା ବେଳେ ଏଥିପାଇଁ ଅତିରିକ୍ତ ସମୟ ଲୋଡ଼ିଥିଲେ । ହାଇକୋର୍ଟ ଏହି ଅନୁମତି ଦେବା ସହ ଆସନ୍ତା ମାର୍ଚ୍ଚ ୫ ସୁଦ୍ଧା ସତ୍ୟପାଠ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିତେନ୍ଦ୍ର କୁମାର ଦିଗଲଙ୍କ ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଉପରୋକ୍ତ ପ୍ରସଂଗରେ ସରକାରଙ୍କୁ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ ପାଇଁ ପରିବହନ କମିଶନର ପ୍ରସ୍ତାବ ଦେବେ ବୋଲି ହାଇକୋର୍ଟ କହିଛନ୍ତି ।

## ବିଶ୍ୱନାଥ ଦାଶ ପିସିସି ପ୍ରଚାର କମିଟିର ସାଧାରଣ ସମ୍ପାଦକ ନିଯୁକ୍ତ

**ପୁରୀ, ୭।୨(ସମିସ):** ପୁରୀ ସହର କଂଗ୍ରେସର ଯୁବନେତା ତଥା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସମ୍ପାଦକ ଆଇନଜୀବୀ ବିଶ୍ୱନାଥ ଦାଶଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି ଓଡ଼ିଶା ପିସିସି କମିଟିର ସାଧାରଣ ସମ୍ପାଦକ ରୂପେ ନିଯୁକ୍ତ କରିଛି । ଏହି ନୂତନ ନିଯୁକ୍ତି ପାଇଁ ଶ୍ରୀ ଦାଶ ଏଆଇସିସି, ରାହୁଲ ଗାନ୍ଧୀ, ରାଜ୍ୟ ପିସିସି ସଭାପତି ଶରତ ପଟ୍ଟନାୟକ, ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

**ବିଧାନସଭା ଅଚଳ କଲା ବିଜେପି**

## ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଲେ ବିଜେପି ବିଧାୟକ

**ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ନେଲେନି ଭାଗ**

**ଭୁବନେଶ୍ୱର, ୭ ।୨(ସମିସ):** ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଅତୀତରେ ମୁଖ୍ୟ ବିରୋଧୀ ଦଳ ବିଜେପି ଅନେକବାର ବିଧାନସଭା ଅଚଳ କରିଛି । ଆଶା କରାଯାଉଥିଲା ଚଳିତ ବିଧାନସଭାର ଶେଷ ଅଧିବେଶନରେ ଦଳ ଶୃଙ୍ଖଳିତ ଭାବରେ ଅଂଶଗ୍ରହଣ କରିବ । ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଗୃହରେ ଆଲୋଚନା କରିବେ । ମାତ୍ର ବିଜେପି ବିଧାୟକମାନଙ୍କ ଆଭିମୁଖ୍ୟ ଓ ଚରିତ୍ରରେ କୌଣସି ପରିବର୍ତ୍ତନ ଘଟିନାହିଁ । ବିଜେପି ବିଧାୟକମାନେ ଦିନ ତମାମ୍ ଗୃହରେ ହଟ୍ଟଗୋଳ, ନାରାବାଜି କରି ଗୃହକୁ ଅଚଳ କରିଛନ୍ତି । ବିଜେପି ବିଧାୟକଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଥମାର୍ଦ୍ଧ ଗୃହ ମାତ୍ର ୧ ମିନିଟ ଚାଲିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ମଧ ସମାନ ଅବସ୍ଥା ଲାଗି ରହିଥିଲା । ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ ପରି ଗୁରୁତ୍ୱପୂର୍ଣ୍ଣ ଗୃହକାର୍ଯ୍ୟ ଧୋଇ ଯାଇଥିଲା । ଏପରିକି ଦ୍ୱିତୀୟାର୍ଦ୍ଧରେ ପ୍ରବଳ ହଟ୍ଟଗୋଳ କରି ବିଜେପି ବିଧାୟକ ମୋହନ ଚରଣ ମାଝୀ, ନାଉରୀ ନାୟକ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଚେଷ୍ଟା କରିବା ସହ ବାଚସ୍ପତିଙ୍କ ମାଇକ୍ ଭାଙ୍ଗି ଦେଇଥିଲେ । ବିଜେପିର ଏପରି ଆଚରଣକୁ ଗୃହ ବାହାରେ କଡ଼ା ଭାଷାରେ ସମାଲୋଚନା କରିଛି ଶାସକ ବିଜେଡି ।

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ । ଉଷୁନା ମିଶିଥିବା ଅର୍ପଣ ରଥ ଚାଉଳରେ ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ହେଲା । ବିଜେଡି ତାର ରାଜନୈତିକ ସ୍ୱାର୍ଥ ହାସଲ କରିବାପାଇଁ ମହାପ୍ରଭୁଙ୍କୁ ନେଇ ରାଜନୀତି କରୁଛି ବୋଲି କହି ବିଜେପି ବିଧାନସଭାରେ ହଟ୍ଟଗୋଳ କରିଥିଲେ । ଏପଟେ ବିଜେଡି ପରୀ ପ୍ରସଙ୍ଗରେ ବିଜେପିକୁ ଘେରିଥିଲା । ଗୃହ ମିନିଟିଏ ମଧ ଚାଲି ନ ଥିବା ବେଳେ ବାଚସ୍ପତି ୧୧ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଥିଲେ । ୧୧ଟା ୩୦ରେ ବିଜେପି ବିଧାୟକମାନେ ସମାନ ଆଭିମୁଖ୍ୟ ଜାରି ରଖିବାରୁ ବାଚସ୍ପତି ପୁନଶ୍ଚ ୧୧ଟା ୩୧ରୁ ୧୨ଟା ୩୦ ଏବଂ ପରେ ୧୨ଟା ୩୦ରୁ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁନଶ୍ଚ ବିଜେପି ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ପ୍ରବଳ ନାରାବାଜି କରିଥିଲେ । ଏପରିକି ବିଜେପି ବିଧାୟକ ମୋହନ ଚରଣ ମାଝୀ, ନାଉରୀ ନାୟକ ବାଚସ୍ପତିଙ୍କ ମାଇକ୍‌କୁ ଭାଙ୍ଗି ଦେଇଥିଲେ । ଫଳରେ ବାଚସ୍ପତି ଗୃହକୁ ୪ଟା ୦୬ରୁ ୫ଟା ୦୬ ମିନିଟ, ୫ଟା ୦୬ରୁ ୬ଟା, ୬ଟାରୁ ୬ଟା ୨୫ ଓ ୬ଟା ୨୫ରୁ ୬ଟା ୪୦ ଯାଏଁ ମୁଲତବୀ ଘୋଷଣା କରିଥିଲେ । ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହୋଇଥିଲା । ମାତ୍ର ଏଥିରେ ବିଜେପି ବିଧାୟକମାନେ ଭାଗ ନ ନେଇ ଗୃହତ୍ୟାଗ କରିଥିଲେ ।



## ଏନ୍‌ଏସ୍‌ଏପିରୁ ବଞ୍ଚିତ ହିତାଧିକାରୀ ପାଇବେ ମଧୁବାବୁ ପେନ୍‌ସନ୍

- ବ୍ୟାଙ୍କରୁ ଭତ୍ତା ପାଉନଥିଲେ ମଧୁବାବୁ ପେନସନ୍‌କୁ ସ୍ଥାନାନ୍ତର କରାଯିବ
- ନୂଆ ହିତାଧିକାରୀ ଚିହ୍ନଟ ବେଳେ ଆଦିମ ଜନଜାତିକୁ ଗୁରୁତ୍ୱ ଦିଅ
- ୧୫ ତାରିଖ ସୁଦ୍ଧା ନୂଆ ହିତାଧିକାରୀଙ୍କୁ ମିଳିବ ପ୍ରଥମ ଭତ୍ତା
- ସବୁ ଜିଲ୍ଲାପାଳ ଓ କମିସନରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୭ ।୨(ସମିସ):** ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି)ରୁ ଯେଉଁମାନେ ବାଦ୍ ପଡ଼ିବେ, ସେମାନଙ୍କୁ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯିବ । ଏପରିକି ଏନ୍‌ଏସ୍‌ଏପିରେ ସାମିଲ ଥାଇ ବ୍ୟାଙ୍କ ଆକାଉଣ୍ଟରୁ ଭତ୍ତା ଉଠାଇ ପାରୁନଥିବା ବୃଦ୍ଧ, ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯିବ । ଏହାଦ୍ୱାରା ସେମାନଙ୍କ ଦୁଆରେ ଭତ୍ତା ପହଞ୍ଚିପାରିବ । ଏଥିସହ ଉଭୟ ଏନଏସ୍‌ଏପି ଏବଂ ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହେବା ପାଇଁ ପଡ଼ି ରହିଥିବା ଆବେଦନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଯାଞ୍ଚ କରାଯାଇ ଅନୁମୋଦନ ପ୍ରଦାନ କରାଯିବ । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ନିର୍ଦ୍ଦେଶ ଜାରି କରିବା ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମ କମିସନରମାନଙ୍କୁ ପତ୍ର ଲେଖି କହିଛନ୍ତି । ପ୍ରତ୍ୟେକ ନୂତନ ହିତାଧିକାରୀଙ୍କୁ ଫେବ୍ରୁଆରୀ ୧୫ ତାରିଖ ସୁଦ୍ଧା ସେମାନଙ୍କର ପ୍ରଥମ ପେନସନ୍ ଦେବା ପାଇଁ ପଦେକ୍ଷପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

ଶ୍ରୀ ସେଠୀ ଜଣାଇଛନ୍ତି ଯେ ଚଳିତ ବର୍ଷ ଫେବ୍ରୁଆରୀ ୬ ତାରିଖ ସୁଦ୍ଧା ମଧୁବାବୁ ପେନସନ୍ ଯୋଜନାରେ ସାମିଲ ହେବା ପାଇଁ ୩, ୪୫, ୭୫୩ ଟି ଆବେଦନ ବିଚାର ଅପେକ୍ଷାରେ ରହିଛି । ସେହିପରି ୨୧, ୩୮୬ଟି ଆବେଦନ ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ପାଇଁ ଆସିଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍‌ଏସ୍‌ଓ), ଏମ୍‌ଇଓ, ବିଡିଓ, ତହସିଲଦାର, ଏସଏସ୍‌ଏସ୍‌ଓ, ସବ୍-କଲେକ୍ଟରଙ୍କ ପାଖରେ ଭିନ୍ନଭିନ୍ନ ଆବେଦନ ପଡ଼ି ରହିଛି । ପ୍ରାୟତଃ ସବୁ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ଆବେଦନ ବିଚାର ଅପେକ୍ଷାରେ ରହିଛି । ତେଣୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେଇ ପଡ଼ି ରହିଥିବା ଆବେଦନ ଅନୁମୋଦନ କରିବା ଆବଶ୍ୟକ ବୋଲି ବିଭାଗୀୟ ପ୍ରମୁଖ ସଚିବ କହିଛନ୍ତି । ଗରିବ ହିତାଧିକାରୀଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଭତ୍ତା ଦେଉଥିବା ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ହେଉ ଅବା ଅନ୍ୟ କାରଣ ପାଇଁ, ଯୋଗ୍ୟ ହିତାଧିକାରୀ ଏହି ଜରୁରୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।

ଜିଲ୍ଲାପାଳ ଓ କମିସନରମାନଙ୍କୁ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏନ୍‌ଏସ୍‌ଏପି କୋଟାରେ ଖାଲିଥିବା ହିତାଧିକାରୀଙ୍କ ସ୍ଥାନରେ ନୂଆ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉ । କୋଟା ପୂରଣ ହୋଇଗଲେ ବଳକା ଥିବା ଏନ୍‌ଏସ୍‌ଏପି ଆବେଦନଗୁଡ଼ିକୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଇପାରିବ । ଅପରପକ୍ଷେ ଏନ୍‌ଏସ୍‌ଏପି ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଭତ୍ତା ଦିଆଯାଉଥିବା ବେଳେ ମଧୁବାବୁ ହିତାଧିକାରୀଙ୍କ ଘର ଦୁଆରେ ଭତ୍ତା ପହଞ୍ଚାଯାଉଛି । ତେଣୁ ଯେଉଁ ଏନ୍‌ଏସ୍‌ଏପି ହିତାଧିକାରୀ ବ୍ୟାଙ୍କରୁ ଭତ୍ତା ନେବାକୁ ଅସମର୍ଥ ହେଉଛନ୍ତି, ସେମାନଙ୍କୁ ମଧୁବାବୁ ହିତାଧିକାରୀ ତାଲିକାକୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନିଆଯାଇପାରେ ବୋଲି ଶ୍ରୀ ସେଠୀ ନିଜ ପତ୍ରରେ ଦର୍ଶାଇଛନ୍ତି । ଯୋଗ୍ୟ ଆବେଦନଗୁଡ଼ିକୁ ଅନୁମୋଦନ ମିଳିବା ପରେ ଭୀମଭୋଇ ସାମର୍ଥ୍ୟ ଶିବିରରେ ଚିହ୍ନଟ ଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ଦେବା ପାଇଁ ପଦକ୍ଷେପ ନିଆଯିବ । ଏଥିରେ ଆଦିମ ଜନଜାତିର ଲୋକଙ୍କୁ ପ୍ରାଧାନ୍ୟ ଦିଆଯିବା ଜରୁରୀ ବୋଲି ବିଭାଗୀୟ ପ୍ରମୁଖ ସଚିବ କହିଛନ୍ତି । ଏଥିରେ ଆହୁରି କୁହାଯାଇଛି ଯେ ବୟସ ବଢ଼ିବା ପରେ ହିତାଧିକାରୀଙ୍କୁ ସ୍ୱୟଂକୃତ ଭାବେ ବର୍ଦ୍ଧିତ ଭତ୍ତା ଦିଆଯିବ ।

## ୬୫ କୋଟି ଦୁର୍ନୀତି: ବାସ୍ତୁବିତ୍ ଖୁସ୍‌ଦୀପ ଗିରଫ

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଦୁର୍ନୀତି ମାମଲାରେ ଜଣାଶୁଣା ବାସ୍ତୁବିତ୍ ଖୁସଦୀପ ବଂସଲଙ୍କୁ ଆସାମ ପୁଲିସ ଦିଲ୍ଲୀର ବାରାଖମ୍ବାରୁ ଗିରଫ କରିଛି। ସେ ନିଜ ଭାଇ ହରିଶ ସହ ମିଶି ୬୫ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଛି। ଖୁସଦୀପ ପୁରୁଣା ସଂସଦ ଭବନରେ ଥିବା ପୁସ୍ତକାଳୟର ବାସ୍ତୁ ଠିକ୍ କରିଥିବା ଦାବି କରିଥିଲା। ତାଙ୍କୁ ୫ ତାରିଖରେ ଗିରଫ କରି ଆସାମ ପୁଲିସ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ଗିରଫ ପୂର୍ବରୁ ଆସାମ ପୁଲିସ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରାଙ୍କ ସହ ଯୋଗାଯୋଗ କରିଥିଲା। ଖୁସଦୀପ ବିରୋଧରେ ଅଟୋନମସ କାଉନସିଲ ଦୁର୍ନୀତି ମାମଲାରେ ଜାମିନ ବିହୀନ ଗିରଫ ପରୱାନା ଥିବା କୁହା ଯାଇଥିଲା।

## କୋଠା ଭୁଶୁଡ଼ି ୬ ମୃତ

ଚେନ୍ନଇ, ୭।୨ (ଏଜେନ୍ସି): ତାମିଲନାଡୁ ଉଟିର ଲୋଭଡାଲେ ଗ୍ରାମରେ ବୁଧବାର ଦ୍ୱିପହରେ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ନିର୍ମାଣାଧୀନ କୋଠାର ଏକ ଅଂଶ ଭୁଶୁଡ଼ି ୬ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସକିଲା (୩୦), ସଙ୍ଗୀତା (୩୫), ଭାଗ୍ୟ (୩୬), ଉମା (୩୫), ମୁଥୁଲକ୍ଷ୍ମୀ (୩୬), ରାଧା (୩୮) ସାମିଲ ରହିଛି। ୨ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଣେ ଶ୍ରମିକ ଅବଶେଷ ତଳେ ଫସି ରହିଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ କରାଯାଉଛି।

### ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ

## 'ସମାନ ନାଗରିକ ସଂହିତା' ବିଲ୍ ପାରିତ

ଡେରାଡୁନ, ୭।୨ (ଏଜେନ୍ସି): ଉତ୍ତରାଖଣ୍ଡ ବିଧାନସଭାରେ ବାଚନିକ ଭୋଟରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ପାରିତ ହୋଇଯାଇଛି। ଏହା ସହିତ ଉତ୍ତରାଖଣ୍ଡ ୟୁସିସି ବିଲ୍ ପାରିତ କରାଇଥିବା ଭାରତର ପ୍ରଥମ ରାଜ୍ୟ ହୋଇଛି। ଏବେ ଏହାକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳଙ୍କ ମୋହର ପରେ ବିଲ୍ ଆଇନରେ ପରିଣତ ହେବ ଏବଂ ସମସ୍ତଙ୍କୁ ସମାନ ଅଧିକାର ମିଳିବ। ୨୦୨୨ରେ ଏହି ବିଲ୍ ଆଣିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ୟୁସିସି କେବଳ ରାଜ୍ୟ ନୁହେଁ, ବରଂ ଦେଶ ପାଇଁ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଧାମି କହିଛନ୍ତି। ସମାନ ଅଧିକାରର ଗଙ୍ଗା ସମସ୍ତ ନାଗରିକଙ୍କ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିବ। ଏହି ବିଲ୍ ଆଇନ ହେବା ପରେ ଲିଭ୍-ଇନ-ରିଲେସନ ପାଇଁ ପଞ୍ଜିକରଣ କରିବା ଜରୁରୀ ହେବ। ଏହା ସହିତ ସ୍ୱାମୀ କିମ୍ବା ସ୍ତ୍ରୀ ଜୀବିତ ଥାଇ ଦ୍ୱିତୀୟ ବିବାହ କଲେ ତାହାକୁ ବେଆଇନ କୁହାଯିବ।

### କେଜ୍ରିୱାଲଙ୍କ ସମସ୍ୟା ବଢ଼ିଲା

## ୧୭ରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୨(ଏଜେନ୍ସି): ଅବକାରୀ ଦୁର୍ନୀତି ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାରମ୍ବାର ସମନ କରାଯାଇଥିଲେ ହେଁ ସେ ଏହାକୁ ଏଡାଇ ଦେଇଥିଲେ। କିନ୍ତୁ ଏହାକୁ ନେଇ କେଜ୍ରିୱାଲଙ୍କ ପାଇଁ ଏବେ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚମ ସମନ ପାଇ ମଧ୍ୟ କେଜ୍ରିୱାଲ ହାଜର ନ ହେବାରୁ ଇଡି ଅଦାଲତର ଦ୍ୱାରସ୍ଥ ହୋଇଥିଲା। ବୁଧବାର ଏହି ଆବଦେନର ଶୁଣାଣି କରି ରାଉଜ୍ ଆଭେନ୍ୟୁ କୋର୍ଟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସମନ କରିଛନ୍ତି। ତାଙ୍କୁ ଆସନ୍ତା ୧୭ ତାରିଖରେ ହାଜର ହେବାକୁ କୋର୍ଟ ତଲବ କରିଛନ୍ତି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଦିବ୍ୟା ମଲହୋତ୍ରା ବୁଧବାର ଇଡି ଆବେଦନ ଉପରେ ଶୁଣାଣି କରିଥିଲେ। ଏହାପରେ କେଜ୍ରିୱାଲଙ୍କ ପ୍ରତି ସେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଶରଦ ପାୱାର ଗୋଷ୍ଠୀକୁ ମିଳିଲା ନୂଆ ନାଁ

ନୂଆଦିଲ୍ଲୀ,୭।୨(ଏଜେନ୍ସି): ଅଜିତ ପାୱାର ଗୋଷ୍ଠୀକୁ ନିର୍ବାଚନ କମିସନ ପ୍ରକୃତ ଏନସିପି ବୋଲି କହିବା ପରେ ଶରଦ ପାୱାର ଗୋଷ୍ଠୀ ଦଳର ନାଁ ଏବଂ ନିର୍ବାଚନୀ ଚିହ୍ନ ହରାଇଥିଲେ। ତେବେ ଶରଦ ପାୱାର ଗୋଷ୍ଠୀର ନାମକରଣ ଏବଂ ନିର୍ବାଚନୀ ସଙ୍କେତ ପାଇଁ ନିର୍ବାଚନ କମିସନ ବୁଧବାର ସଂଧ୍ୟା ସୁଦ୍ଧା ତିନି ବିକଳ୍ପ ମାଗିଥିଲେ। ସେହି ଅନୁସାରେ ଶରଦ ଗୋଷ୍ଠୀ ପକ୍ଷରୁ ତିନି ନାଁ ଏବଂ ଚିହ୍ନ ସୁପାରିସ କରାଯାଇଥିଲା ବେଳେ ଏବେ ଏହି ଗୋଷ୍ଠୀର ନାଁ ଏନସିପି-ଶରଦଚନ୍ଦ୍ର ପାୱାର ରହିଛି। ନିର୍ବାଚନ ଆୟୋଗ ଏହି ନାଁକୁ ସ୍ୱୀକୃତି ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏନସିପିର ପ୍ରକୃତ ନେତୃତ୍ୱ କାହା ହାତରେ ରହିବ ତାହାକୁ ନେଇ ବହୁ ଦିନ ଧରି ବିବାଦ ଚାଲିଥିଲା ବେଳେ ଗତକାଲି ନିର୍ବାଚନ ଆୟୋଗ ଅଜିତ୍ ପାୱାରଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ବୋଲି କହିଥିଲେ ।

## ଆମେରିକା ଜାହାଜ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଲୋହିତ ସାଗରରେ ହୁତି ବିଦ୍ରୋହୀ ପୁଣି ଆକ୍ରମଣ ମୁହାଁ ହୋଇଛନ୍ତି। ସେମାନେ ମଙ୍ଗଳବାର ରାତିରେ ଆମେରିକା ଏବଂ ବ୍ରିଟେନ ଜାହାଜ 'ମର୍ଣ୍ଣିଂ ଟାଇଡ' ଉପରେ ଆକ୍ରମଣ କରିଥିଲେ। ଆମେରିକା ଜାହାଜ 'ଷ୍ଟାର ନାସିଆ' ଭାରତ ଅଭିମୁଖେ ଆସୁଥିଲା। ତେବେ ଏହି ଜାହାଜରେ କେତେ ଜଣ କ୍ରୁ ସଦସ୍ୟ ଥିଲେ ତାହା ଜଣାପଡ଼ି ନାହିଁ। ଆକ୍ରମଣରେ କେବଳ ଜାହାଜର କ୍ଷତି ହୋଇଛି। ଏହି ଆକ୍ରମଣକୁ ଆମେରିକା-ବ୍ରିଟିଶ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ଭାବେ ଦେଖାଯାଉଛି।

● ମୁଇଜ୍ଜୁଙ୍କୁ ଆଇଏମଏଫ୍‌ର ଚେତାବନୀ

# ଶ୍ରୀଲଙ୍କା ଭଳି ଚାଇନା ଋଣରେ ବୁଡ଼ିବ ମାଳଦ୍ୱୀପ !

ନୂଆଦିଲ୍ଲୀ,୭।୨(ଏଜେନ୍ସି)




ଭାରତ ସହ ସମ୍ପର୍କ ତୁଟାଇ ଚୀନ୍ ମୋହରେ ପଡ଼ିଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ପାଇଁ ବେଳକୁ ବେଳ ସମସ୍ୟା ବଢିବାରେ ଲାଗିଛି। ମୁଇଜୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟକୁ ନେଇ ଏବେ ମାଳଦ୍ୱୀପର ମୁଖ୍ୟ ଆୟ ଉତ୍ସ ପର୍ଯ୍ୟଟନ କ୍ଷେତ୍ରକୁ ଶକ୍ତ ଧକ୍କା ଲାଗିଛି। ବିଶେଷକରି ମାଳଦ୍ୱୀପକୁ ଯାଉଥିବା ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥିବାରୁ ଏହାର ପ୍ରଭାବ ସେଠାକାର ବ୍ୟାବସାୟିକ କ୍ଷେତ୍ର ଉପରେ ଅନୁଭୂତ ହୋଇଛି। ଅନ୍ୟପଟେ ମାଳଦ୍ୱୀପର ଆନୁଷଙ୍ଗିକ ବିକାଶ ପାଇଁ ଭାରତ ଦେଇ ଆସୁଥିବା ସହାୟତା ରାଶିରେ ମଧ୍ୟ କେନ୍ଦ୍ର ସରକାର ହ୍ରାସ କରିଛନ୍ତି। ଏଭଳି ସ୍ଥିତିରେ ମୁଇଜୁ ମାଳଦ୍ୱୀପର ସବୁ ବିରୋଧୀ ଦଳର ମଧ୍ୟ ନିଶାଣ ହୋଇଛନ୍ତି। ମୁଇଜୁ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ସବୁ ବିରୋଧୀ ଦଳ ଏକାଠି ହୋଇଥିବା ବେଳେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମଏଫ) ମଧ୍ୟ ମାଳଦ୍ୱୀପ ଅର୍ଥନୀତିକୁ ନେଇ ନକାରାତ୍ମକ ଟିପ୍ପଣୀ କରିଛି। ରାଷ୍ଟ୍ରପତି ମୁଇଜୁ ଚୀନ୍ ସରକାରଙ୍କ ଠାରୁ ବିପୁଳ ପରିମାଣରେ ଋଣ ଆଣୁଥିବାରୁ ଆଗକୁ ମାଳଦ୍ୱୀପ ଅର୍ଥନୀତି ପାଇଁ ଘୋର ବିପଦ ସୃଷ୍ଟି ହେବାର ଆଶଙ୍କା ଉପୁଜିଛି ବୋଲି ଆଇଏମଏଫ ସତର୍କ କରିଦେଇଛି। ମାଳଦ୍ୱୀପ ଚୀନ୍‌ରୁ କେତେ ପରିମାଣର ଋଣ ଉଠାଇଛି ତାହା ସ୍ପଷ୍ଟ କରି ନଥିଲେ ମଧ୍ୟ ଋଣ ଭାର 'ହାଇ ରିସ୍କ' ଶ୍ରେଣୀରେ ରହିଛି ବୋଲି କହିଛି। ତେଣୁ ମାଳଦ୍ୱୀପ ସରକାର ତୁରନ୍ତ ତାଙ୍କ ଆଭିମୁଖ୍ୟ ବଦଳାଇବା ସହିତ ଋଣ ଗ୍ରହଣ କ୍ଷେତ୍ରରେ ନୀତି ବଦଳାଇବା ଦରକାର ବୋଲି ଆଇଏମଏଫ କହିଛି। ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ତଳେ ଚାଇନା ଋଣଭାରରେ ବୁଡ଼ି ଶ୍ରୀଲଙ୍କା ଦେବାଳିଆ ସ୍ଥିତିକୁ ଚାଲିଯାଇଥିଲା। ଯାହାକୁ ନେଇ ସେଠାରେ ଗୃହଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ବର୍ତ୍ତମାନ ଚୀନ୍ ମାଳଦ୍ୱୀପକୁ ଋଣ ଲୋଭ ଦେଖାଇ ସେଠାରେ ବିକାଶ ନାମରେ ବହୁ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ପ୍ରସ୍ତୁତ ହେଉଛି। କିନ୍ତୁ ମାଳଦ୍ୱୀପ ସରକାର ଏବେ ଠୁ ସତର୍କ ନ ହେଲେ ଶ୍ରୀଲଙ୍କା ଭଳି ଦଶା ଭୋଗିବାକୁ ପଡ଼ିପାରେ ବୋଲି ଆକଳନ କରାଯାଉଛି।

### ନିର୍ବାଚନର ଦିନକ ପୂର୍ବରୁ ପାକିସ୍ତାନରେ ବିସ୍ଫୋରଣ

## ୨୨ ମୃତ, ୭୦ ଆହତ



ଇସଲାମାବାଦ, ୭।୨ (ଏଜେନ୍ସି): ଆସନ୍ତାକାଲି ପାକିସ୍ତାନରେ ସାଧାରଣ ନିର୍ବାଚନ ହେବ। କିନ୍ତୁ ଏହାର କିଛି ଘଣ୍ଟା ପୂର୍ବରୁ ଘନ ଘନ ବିସ୍ଫୋରଣରେ ପାକିସ୍ତାନ ଥରିଛି। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବୁଧବାର ଦୁଇ ଦୁଇଟି ବିସ୍ଫୋରଣ ରେ ୨୨ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରଥମ ବିସ୍ଫୋରଣ ବେଲୁଚିସ୍ତାନ ପ୍ରଦେଶର ପିସିନ ଜିଲ୍ଲାରେ ଘଟିଛି। ଏଠାରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଫୋରଣ ଯୋଗୁଁ ୧୪ ଜଣଙ୍କ ମୃତ୍ୟୁ ହେବା ସହିତ ୩୦ ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଇଛି। ଆଫଗାନିସ୍ତାନ ସୀମା ଠାରୁ ପ୍ରାୟ ୧୦୦ କିମି ଏବଂ କ୍ୱେଟା ସହର ଠାରୁ ପ୍ରାୟ ୫୦ କିମି ଦୂରରେ ଏହି ବିସ୍ଫୋରଣ ହୋଇଥିବାରୁ ଏଥିରେ ବେଲୁଚ ବିଦ୍ରୋହୀଙ୍କ ହାତ ଥିବା କୁହାଯାଉଛି। କିନ୍ତୁ ଏଥିପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ସେହିପରି ଦ୍ୱିତୀୟ ବିସ୍ଫୋରଣ ବେଲୁଚ ପ୍ରଦେଶର କିଲ୍ଲା ସୈଫଉଲ୍ଲା ଜିଲ୍ଲାରେ ଘଟିଛି। ଏହି ଘଟଣାରେ ୮ ଜଣଙ୍କ ମୃତ୍ୟୁ ହେବା ସହିତ ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ସମୟରେ ପାକିସ୍ତାନରେ ହିଂସା ହେବା ସାଧାରଣ ଘଟଣା। ଚଳିତ ନିର୍ବାଚନରେ ପ୍ରାୟ ୪୪ଟି ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ରାଜନୀତିକ ଶତ୍ରୁତାକୁ ନେଇ ହିଂସା ବଢିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏକ ପ୍ରମୁଖ ଦଳ ଭାବେ ପିଟିଆଇ ଦଳର ମୁଖିଆ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବେ ଜେଲରେ ରହିଥିବା ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ରହିଛି। ସେପଟେ ବିଦେଶରୁ ଫେରି ନିର୍ବାଚନ ଲଢୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କ ଦଳ ସହ ପିଟିଆଇ ମୁହାଁମୁହିଁ ହୋଇପାରେ ବୋଲି କୁହାଯାଉଛି।

### ଶ୍ରୀନଗରରେ ପୁଣି ଟାର୍ଗେଟ ହତ୍ୟା

## ଜଣେ ମୃତ; ଜଣେ ଗୁରୁତର

ଶ୍ରୀନଗର, ୭।୨ (ଏଜେନ୍ସି): ଜମ୍ମୁ-କାଶ୍ମୀରରେ ପୁଣି ଆତଙ୍କବାଦୀ ଟାର୍ଗେଟ ହତ୍ୟା ଆରମ୍ଭ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଶ୍ରୀନଗରର ସାଲ କଦଲ ଅଞ୍ଚଳରେ ଶିଖ୍ ସମ୍ପ୍ରଦାୟର ୨ ଜଣ ପ୍ରବାସୀ ଶ୍ରମିକଙ୍କ ଉପରେ ଗୁଳିମାଡ଼ କରାଯାଇଛି। ଏଥିରେ ଅମୃତସରର ଅମୃତପାଲ ସିଂହ(୩୧)ଙ୍କ ମୃତ୍ୟୁ ହୋଇଥିବାବେଳେ ରୋହିତ (୨୭)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କ ପେଟର ବାମ ପାର୍ଶ୍ୱରେ ଗୁଳି ବାଜିଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ସୁରକ୍ଷାବାହିନୀ ତଲାସୀ ଅଭିଯାନ ଆରମ୍ଭ କରିଛି।

■ ମଧ୍ୟପ୍ରଦେଶ ବାଣ କାରଖାନା ବିସ୍ଫୋରଣ ଘଟଣା

## ଆହତଙ୍କ ସଂଖ୍ୟା ୨୦୦କୁ ବୃଦ୍ଧି ; ୩ ଗିରଫ

ଭୋପାଳ, ୭।୨ (ଏଜେନ୍ସି): ମଧ୍ୟପ୍ରଦେଶର ହାର୍ଦ୍ଦା ଜିଲ୍ଲାରେ ଗତକାଲି ଏକ ବେଆଇନ ବାଣ କାରଖାନାରେ ଘଟିଥିବା ବିସ୍ଫୋରଣ ଘଟଣାରେ ଆହତଙ୍କ ସଂଖ୍ୟା ୨୦୦ ଟପିଛି। ପ୍ରାଥମିକ ସ୍ତରରେ ଏହି ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହେବା ସହିତ ୬୦ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଇଥିଲା। କିନ୍ତୁ ବୁଧବାର ଆହତଙ୍କ ସଂଖ୍ୟା ୨୦୦ରୁ ଅଧିକ ରହିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଘଟଣାର ଯାଞ୍ଚ ଜାରି ରହିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଏହି ବାଣ କାରଖାନାର ମାଲିକଙ୍କ ସମେତ ତିନି ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଯାହାକୁ ଲୋକେ ମନେ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି। ଗତକାଲି ଏହି ବାଣ କାରଖାନାରେ ନିଆଁ ଲାଗି ଯିବା ପରେ ଘନ ଘନ ବିସ୍ଫୋରଣ ହୋଇଥିଲା। କିଛି ମିନିଟ୍ ମଧ୍ୟରେ କାରଖାନାର ଆଖପାଖରେ ରହିଥିବା ବହୁ ଘର ମଧ୍ୟ ଜଳିଯାଇଥିଲା।

## ସବୁ ସରକାରରେ ସ୍ଥିତି ସମାନ: ଗଡ଼କରୀ

### ଭଲ କାମ କରୁଥିବା ଲୋକଙ୍କୁ ସମ୍ମାନ, ଖରାପକୁ ଦଣ୍ଡ ମିଳୁନି

ମୁମ୍ବାଇ, ୭।୨ (ଏଜେନ୍ସି): ଯେକୌଣସି ଦଳର ସରକାର ଗଠନ ହେଲେ ବି ଗୋଟିଏ ସ୍ଥିତିରେ କେବେ ବି ପରିବର୍ତ୍ତନ ହୁଏ ନାହିଁ। ଏହା ସବୁବେଳେ ସମାନ ରହିଛି। ଭଲ କାମ କରୁଥିବା ଲୋକଙ୍କୁ ସମ୍ମାନ ମିଳୁନାହିଁ। ଖରାପ କାମ କରୁଥିବା ଲୋକଙ୍କୁ କେବେ ବି ଦଣ୍ଡ ମିଳେନାହିଁ। ଏହି ଗୁଣ ପାଇଁ ଭାରତୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିଶ୍ୱ ପାଇଁ ଉପଯୁକ୍ତ। ମୁମ୍ବାଇରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ

ନେତା ବାମପନ୍ଥୀ-ଦକ୍ଷିଣପନ୍ଥୀ ନୁହଁନ୍ତି; ବରଂ ସୁବିଧାବାଦୀ


ଏଭଳି ଲୋକ କେବଳ କ୍ଷମତାସୀନ ଦଳ ସହ ମିଶିବାକୁ ଚାହାନ୍ତି

ପୂର୍ବ ମୁଖ୍ୟମନ୍ତ୍ରୀ କର୍ପୂରି ଠାକୁରଙ୍କଠାରୁ ନେତାମାନେ ପ୍ରେରଣା ନେବା ଉଚିତ



ନିତିନ ଗଡ଼କରୀ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ରାଜନୀତିରେ ବିତର୍କ ଏବଂ ଚର୍ଚ୍ଚାରେ ପାର୍ଥକ୍ୟ ରହିବାରେ କୌଣସି ସମସ୍ୟା ନାହିଁ। କିନ୍ତୁ ପରିକଳ୍ପନା କମ୍ ହେବା ଚିନ୍ତାର ବିଷୟ। ନିଜ ବିଚାରଧାରାରେ ଅଟଳ ରହୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ କମ୍ ହେବାରେ ଲାଗିଛି। ବିଚାରଧାରାରୁ ଓହରିଯିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ନେତାଙ୍କୁ ବାମପନ୍ଥୀ ଏବଂ ଦକ୍ଷିଣପନ୍ଥୀ ନୁହେଁ, ବରଂ ସୁବିଧାବାଦୀ ଧରା ଯାଇଥାଏ। ଏଭଳି ଲୋକ କେବଳ କ୍ଷମତାସୀନ ଦଳ ସହ ଜଡ଼ିତ ହୋଇ ରହିବାକୁ ଚାହାନ୍ତି। ଭାରତ ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ଗଣତନ୍ତ୍ରର ଜନନୀ କହନ୍ତି।

ଗଡ଼କରୀଙ୍କ ସୂଚନା ଅନୁଯାୟୀ ନେତା ଆସନ୍ତି ଆଉ ଯାଆନ୍ତି। କିନ୍ତୁ ନିଜ ନିର୍ବାଚନ କ୍ଷେତ୍ରରେ ଲୋକଙ୍କ ପାଇଁ କରିଥିବା କାମ ଯୋଗୁଁ ତାଙ୍କୁ ସମ୍ମାନ ମିଳିଥାଏ। ପ୍ରଚାର ଏବଂ ଜନପ୍ରିୟତା ଜରୁରୀ, କିନ୍ତୁ ନିଜ କ୍ଷେତ୍ରରେ କରିଥିବା କାମ ସଂସଦରେ ଦେଇଥିବା ମନ୍ତବ୍ୟଠାରୁ ଅଧିକ ଜରୁରୀ ହୋଇଥାଏ। ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଭାଷଣ ଦେବାର କଳାକୁ ଗଡ଼କରୀ ପ୍ରଶଂସା କରିଛନ୍ତି। ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ବ୍ୟବହାର, ବ୍ୟକ୍ତିତ୍ୱରୁ ତାଙ୍କୁ ବହୁତ କିଛି ଶିଖିବାକୁ ମିଳିଛି। ଅଟଳ ବିହାରୀ ବାଜପେୟୀଙ୍କ ପରେ ସେ ଫର୍ଣ୍ଣାଣ୍ଡିଜଙ୍କ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରି ଠାକୁରଙ୍କୁ ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି। ଏଭଳି ଲୋକଙ୍କ ପାଇଁ ଗଣତନ୍ତ୍ର ମଜବୁତ ହୋଇଛି। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସେ ଅଟୋ-ରିକ୍ସା ଚଳାଉ ଥିଲେ। ଏଭଳି ଲୋକଙ୍କଠାରୁ ନେତା ପ୍ରେରଣା ନେବା ଉଚିତ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିଲ୍ଲୀ ମେଟ୍ରୋରେ ଯାତ୍ରା କରିଛନ୍ତି। ସେ କେନ୍ଦ୍ରୀୟ ସଚିବାଳୟରେ ମେଟ୍ରୋ ପରିଚାଳନାର ଅନୁଧ୍ୟାନ ମଧ୍ୟ କରିଥିଲେ

## କଂଗ୍ରେସ ନେତା, ଆଇଏଫ୍‌ଏସ ଅଧିକାରୀଙ୍କ ଠିକଣାରେ ଇଡ଼ି ଚଢ଼ଉ

ଡେରାଡୁନ, ୭।୨ (ଏଜେନ୍ସି): ଉତ୍ତରାଖଣ୍ଡ ଜଙ୍ଗଲ ଜମି ଦୁର୍ନୀତି ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସ ନେତା ହରକ ସିଂହ ରାୱତ ଏବଂ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ସୁଶାନ୍ତ ପଟ୍ଟନାୟକଙ୍କ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଚଢ଼ଉ କରିଛି। ରାୱତଙ୍କ ଡେରାଡୁନ ସ୍ଥିତ ଘର ସମେତ ତାଙ୍କ ଘନିଷ୍ଠଙ୍କ ଦିଲ୍ଲୀ, ହରିୟାଣା ଏବଂ ଚଣ୍ଡିଗଡ଼ରେ ଥିବା ୧୨ ଠିକଣାରେ ଚଢ଼ଉ କରାଯାଇଛି। ସେ ମନ୍ତ୍ରୀ ଥିବା ସମୟରେ କାର୍ବେଟ ପାର୍କର ପାଖୋର ରେଞ୍ଜରେ ବାଘ ସଫାରୀ ପ୍ରକଳ୍ପ ପାଇଁ ୧୬୯ ବଦଳରେ ୬ ହଜାର ଗଛ କାଟି ଥିଲେ। ମାମଲାରେ ରାୱତ ଏବଂ ତାଙ୍କ ଘନିଷ୍ଠ ଅଧିକାରୀ ବିରୋଧରେ ମନି ଲଣ୍ଡରିଂ ମାମଲା ରୁଜୁ ହୋଇଛି। ସେ ୨୦୧୯-୨୦ରେ ବିଜେପି ସରକାରରେ ବନ ମନ୍ତ୍ରୀ ଥିଲେ। ତେବେ ଦଳ ତାଙ୍କୁ ବହିଷ୍କାର କରି ଦେଇଥିଲା। ସେହିପରି ପଟ୍ଟନାୟକଙ୍କ ଡେରାଡୁନ କେନାଲ ମାର୍ଗ ସ୍ଥିତ ଘରୁ ବିପୁଳ ଟଙ୍କା ମିଳିଥିବା ସୂଚନା ମିଳିଛି। ଏହା ଗଣିବାକୁ ଗଣତି ମେସିନ ମଗା ଯାଇଛି।

### ଦିଲ୍ଲୀରେ କର୍ଣ୍ଣାଟକ ସରକାରଙ୍କ ବିକ୍ଷୋଭ

## ଟିକସ ବଣ୍ଟନରେ ଭେଦଭାବ କରୁଛି କେନ୍ଦ୍ର



ନୂଆଦିଲ୍ଲୀ, ୭।୨ (ଏଜେନ୍ସି): କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ବୁଧବାର ଦିଲ୍ଲୀର ଜନ୍ତରମନ୍ତରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମେତ ଅନେକ ମନ୍ତ୍ରୀ ଏବଂ ବିଧାୟକ ଏଥିରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାର ଟିକସ ବାବଦ ଭାଗ ଦେଉନାହାନ୍ତି କି ଆର୍ଥିକ ସହାୟତା କରୁନାହାନ୍ତି ବୋଲି କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନର ନାମ 'ଚଲୋ ଦିଲ୍ଲୀ' ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ ଟିକସ ସଂଗ୍ରହରେ ମହାରାଷ୍ଟ୍ର ପରେ କର୍ଣ୍ଣାଟକ ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ବର୍ଷ ରାଜ୍ୟ ଟିକସ ସଂଗ୍ରହରେ ୪.୩୦ ଲକ୍ଷ କୋଟି ଟଙ୍କାର ଯୋଗଦାନ ଦେଇଥିଲା। ଆମେ କେନ୍ଦ୍ରକୁ ୧୦୦ ଟଙ୍କା ପଠାଉଛୁ। ମାତ୍ର କେନ୍ଦ୍ରରୁ ୧୨-୧୩ ଟଙ୍କା ଫେରାଉଛି। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟକୁ ନିଜର ହକ୍ ଦରକାର। ଗୁଜରାଟ ପାଇଁ ଯେଉଁ ନୀତି ବନାଯାଉଛି ତାହା କର୍ଣ୍ଣାଟକ ଲାଗି ମଧ୍ୟ ବନାଯାଉ। କର୍ଣ୍ଣାଟକ ବ୍ୟତୀତ କେରଳ, ତାମିଲନାଡୁ, ତେଲଙ୍ଗାନା ସରକାରଙ୍କ ପକ୍ଷରୁ ମଧ୍ୟ ପାଣ୍ଠି ବଣ୍ଟନରେ କେନ୍ଦ୍ର ଭେଦଭାବ କରୁଥିବା ଅଭିଯୋଗ କରାଯାଇଛି। ସେହିପରି ଏହି ବିକ୍ଷୋଭ ପ୍ରଦର୍ଶନକୁ କେନ୍ଦ୍ରମନ୍ତ୍ରୀ ରାଜବୀନ ଚନ୍ଦ୍ରଶେଖର ଡ୍ରାମା କହିଛନ୍ତି। କଂଗ୍ରେସ ଅନେକ ବର୍ଷ ହେଲା ମିଥ୍ୟା ରାଜନୀତି କରୁଛି। କର୍ଣ୍ଣାଟକ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରୁ ନ ଥିବାରୁ ଧ୍ୟାନ ହଟାଇବା ପାଇଁ କଂଗ୍ରେସ ଏପରି କରୁଛି।

# ନୀତୀଶଙ୍କ ପରେ ଏନ୍‌ଡିଏକୁ ଡେଇଁବେ ଆର୍‌ଏଲ୍‌ଡି, ଟିଡିପି !

### ଅମିତ ଶାହଙ୍କୁ ଭେଟିଲେ ଚନ୍ଦ୍ରବାବୁ ନାଇଡୁ

ନୂଆଦିଲ୍ଲୀ,୭।୨(ଏଜେନ୍ସି):



୨୦୨୪ ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତିକ ସମୀକରଣର ଚିତ୍ର ସେତିକି ବଦଳିବାରେ ଲାଗିଛି। ବିଜେପି ନେତୃତ୍ୱ ଶାସକ ଏନଡିଏ ଦଳକୁ ଗାଦିଚ୍ୟୁତ କରିବାକୁ ପଣ କରିଥିବା ଇଣ୍ଡିଆ ମେଣ୍ଟ ବେଳକୁ ବେଳ ଧରାଶାୟୀ ହେବାକୁ ଲାଗିଥିବା ବେଳେ ବିଜେପି ପାଇଁ ମାର୍ଗ ପ୍ରଶସ୍ତ ହେବାରେ ଲାଗିଛି। ଆସନ୍ତା ନିର୍ବାଚନରେ ଏନଡିଏ ୪୦୦ ଆସନ ପାର୍ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଦୃଢୋକ୍ତି କରିଥିଲା ବେଳେ ଏଥିପାଇଁ ଏକପ୍ରକାର ପଥ ପରିଷ୍କାର ହେବାରେ ଲାଗିଛି। କାରଣ ବିରୋଧୀ ଇଣ୍ଡିଆ ମେଣ୍ଟର ବହୁ ସଦସ୍ୟ ଦଳ ଏବେ ଏନଡିଏ ମୁହାଁ ହେବାରେ ଲାଗିଛନ୍ତି। ପ୍ରାଥମିକ ସ୍ତରରେ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଇଥିବା ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିକଟରେ ଏନଡିଏରେ ସାମିଲ ହୋଇଥିଲେ। ଏହାପରେ ଜୟନ୍ତ ଚୌଧୁରୀଙ୍କ ରାଷ୍ଟ୍ରୀୟ ଲୋକଦଳ(ଆରଏଲଡି) ମଧ୍ୟ ଏବେ ଏନଡିଏ ହାତ ଧରିବାକୁ ଯାଉଛି। ଉତ୍ତରପ୍ରଦେଶ ଭଳି ସର୍ବାଧିକ ୮୦ ଆସନ ବିଶିଷ୍ଟ ରାଜ୍ୟରେ ବିଜେପି ପାଇଁ କଂଗ୍ରେସ,ସମାଜବାଦୀ ପାର୍ଟି ଏବଂ ଆରଏଲଡି ମୁଖ୍ୟ ଆହ୍ୱାନକାରୀ ଦଳ ଥିଲା। ଏହି ତିନି ଦଳ ମିଳିତ ଭାବେ ବିଜେପି ବିରୋଧରେ ଲଢେଇ କରିବାକୁ ବୁଝାମଣା କରିଥିଲେ। କିନ୍ତୁ ଜାଠ ଭୋଟକୁ ନେଇ ବଳିୟାନ ରହିଥିବା ଆରଏଲଡି ଏନଡିଏରେ ସାମିଲ ହେବାର ନିଷ୍ପତ୍ତି ଉଭୟ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ପାଇଁ ଧକ୍କା ସଦୃଶ ହୋଇଛି। ଆରଏଲଡି ଏବଂ ବିଜେପି ମଧ୍ୟ ଆସନ ବୁଝାମଣା ମଧ୍ୟ ଶେଷ ହୋଇଥିବା କୁହାଯାଉଛି। କେବଳ ଉତ୍ତର



ଭାରତ ନୁହେଁ, ଦକ୍ଷିଣ ଭାରତରେ ମଧ୍ୟ ବିଜେପି ସର୍ବାଧିକ ଆସନ ଅକ୍ତିଆର କରିବାକୁ ଉଦ୍ୟମ ଜାରି ରଖିଛି। ଦକ୍ଷିଣ ଭାରତର ମୋଟ ୧୩୧ ଆସନ ମଧ୍ୟରୁ ବିଜେପି ୮୪ ଆସନରେ ବିଜୟୀ ହେବା ଲକ୍ଷ୍ୟରେ ରଣନୀତି ପ୍ରସ୍ତୁତି କରିଥିବା କୁହାଯାଉଛି। ୨୦୧୯ ଲୋକସଭା ନିର୍ବାଚନ ବେଳେ ଏନଡିଏରୁ ଅଲଗା ହୋଇଥିବା ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି(ଟିଡିପି) ମଧ୍ୟ ଏନଡିଏରେ ସାମିଲ ହେବାକୁ ଯାଉଥିବା ସୂଚନା ମିଳିଛି। ଚନ୍ଦ୍ରବାବୁ ବୁଧବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ସହ ଆଲୋଚନା କରିଥିଲା ବେଳେ ଖୁବଶୀଘ୍ର କୌଣସି ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି।

ଓଡ଼ିଶାର ଆମ ଗାଆଁରେ ଗାଆଁରେ ଭାଗବତ ନିତି ହେଉଟି ପାଠ
ତାହାରି ସହିତ ସ୍ପନ୍ଦିତ ସୁରେ ବନ୍ଦିତ ଆଜି ଜଗନ୍ନାଥ
-ରାଧାମୋହନ ଗଡ଼ନାୟକ



ସକାଳ
THE SAKALA

## ଦରଦାମ କମାଇବା ପାଇଁ 'ଭାରତ ଚାଉଳ' ଯୋଜନା

# ଏପଟେ ଖାଉଟି ବଜାର ଲଗାମଛଡ଼ା !

ଦେଶରେ ଏବେ ଦେଖା ଦେଇଥିବା ଖାଦ୍ୟ ମୂଲ୍ୟସ୍ଫୀତିକୁ ଦେଖି କେନ୍ଦ୍ର ସରକାର ତାହାର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ବଜାରରେ 'ଭାରତ ବ୍ରାଣ୍ଡ'ର ଅଟା, ଡାଲି, ଟମାଟୋ, ଚିନି ଓ ଖାଇବା ତେଲ ପରେ ମଙ୍ଗଳବାରଠାରୁ 'ଭାରତ ରାଇସ୍' (ଚାଉଳ) ବିକ୍ରୟ ଆରମ୍ଭ ହୋଇଛି। ଏହି ଚାଉଳ ବିଭିନ୍ନ କେନ୍ଦ୍ରୀୟ ଯୋଗାଣକାରୀ ସଂସ୍ଥା ଏବଂ ସମବାୟ ସହିତ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେବ। ନୂଆକରି ବିକ୍ରି ଆରମ୍ଭ ହୋଇଥିବା 'ଭାରତ ରାଇସ୍'ର କିଲୋପିଛା ମୂଲ୍ୟ ୨୯ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏହା ପାଞ୍ଚ ଓ ଦଶକେଜିଆ ପ୍ୟାକେଟ୍‌ରେ ଖାଉଟିଙ୍କୁ ମିଳିବ। ଏହାକୁ ଖୁଚୁରା ବିକ୍ରି କୁହାଯାଉଥିଲେ ମଧ୍ୟ ଖୋଲାରେ ବା କିଲୋ, ଦୁଇକିଲୋ ଓଜନରେ ଖାଉଟିଙ୍କୁ ମିଳିବ ନାହିଁ।

ମହଙ୍ଗା ବଜାରକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ବଜାରକୁ ଶସ୍ତା ଦାମରେ ଚାଉଳ ଓ ଅଟା ଆଦି ଛାଡ଼ିଲେ ବଜାର ଭାଉ ଉପରେ ତାହାର ପ୍ରଭାବ ପଡ଼େ। ତେବେ ସରକାରଙ୍କ ଏହି ଯୋଜନାରେ ପୂର୍ଣ୍ଣ କାର୍ଯ୍ୟକାରିତା ନିଶ୍ଚୟ ଏକ ସମୟସାପେକ୍ଷ ବିଚାର। ଯେଉଁ ଲୋକମାନେ ସରକାରୀ ଯୋଜନାର ଲାଭାର୍ଥୀ ନୁହନ୍ତି ସେମାନଙ୍କ ସଂଖ୍ୟା ପାଖାପାଖି ୬୦ କୋଟି। ସେଥିମଧ୍ୟରୁ ପ୍ରାୟ ୫୦ କୋଟି ଲୋକ ମଧ୍ୟବିତ୍ତ ବର୍ଗର। ଅବଶିଷ୍ଟ ଧନିକ ଅଥବା ଅତ୍ୟନ୍ତ ସ୍ୱଚ୍ଛଳ। ବଜାର ମୂଲ୍ୟ ବୃଦ୍ଧି ସହିତ ଏହି ୧୦ କୋଟି ଲୋକଙ୍କର କୌଣସି ଦେବାନେବା ବିଶେଷ ନଥାଏ। ତେବେ ଏହି ବର୍ଗଟି ସବୁଠୁ ସଚେତନ ଏବଂ ଅତ୍ୟନ୍ତ ସଂବେଦନଶୀଳ। ସେମାନଙ୍କ ମତାମତ ଓ ପ୍ରଭାବ ନିର୍ବାଚନ ରାଜନୀତିକୁ ପ୍ରଭାବିତ କରିଥାଏ। ତେଣୁ ସ୍ୱାଭାବିକ ଭାବେ ସେମାନଙ୍କୁ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସୁବିଧା ମୂଲ୍ୟରେ ଯୋଗାଇବାକୁ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରିବା ସ୍ୱାଭାବିକ।

ଏହା ପୂର୍ବରୁ କେନ୍ଦ୍ର ସରକାର 'ଭାରତ ବ୍ରାଣ୍ଡ' ବ୍ୟାନରରେ ଅଟା, ଚଣାଡାଲି (ବୁଟଡାଲି), ଟମାଟୋ, ପିଆଜ, ଚିନି, ଖାଇବା ତେଲ ଆଦି ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ବିଭିନ୍ନ ଖାଇବା ତେଲ ଓ ଡାଲିର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ସହିତ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ଆମଦାନୀ ଶୁଳ୍କ ହ୍ରାସ କରାଯିବା ସହିତ ଆବଶ୍ୟକସ୍ଥଳେ ରିହାତି ପ୍ରଦାନ କରାଯାଉଛି। 'ଭାରତବ୍ରାଣ୍ଡ'ର ଅତ୍ୟାବଶ୍ୟକ ସାମଗ୍ରୀ ସରକାର ରିହାତି ଦରରେ ଲୋକଙ୍କୁ ଯୋଗାଉଥିଲେ ମଧ୍ୟ ବାସ୍ତବ ବଜାର ସହିତ ଏହାର କୌଣସି ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ 'ଭାରତ ରାଇସ'ର କିଲୋପିଛା ମୂଲ୍ୟ ୨୯ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏହି ବ୍ରାଣ୍ଡର ଅଟାର ଦାମ ରଖାଯାଇଛି ୨୭ ଟଙ୍କା ୫୦ ପଇସା। ବୁଟଡାଲି କିଲୋପିଛା ୬୦ ଟଙ୍କାରେ ବିକ୍ରି ବ୍ୟବସ୍ଥା କରାଯାଇଛି। ବଜାରରେ ସାଧାରଣ ଚାଉଳ, ଯାହା ଖାଦ୍ୟ ଉପଯୋଗୀ ତାହାର କିଲୋପିଛା ସର୍ବନିମ୍ନ ମୂଲ୍ୟ ୩୫ ଟଙ୍କାରୁ ଆରମ୍ଭ ଏବଂ ସୁପରଫାଇନ୍ ଅଣବାସମତି ଏବଂ ବାସମତି ଚାଉଳ ମୂଲ୍ୟ କିଲୋ ୧୦୦ ଟଙ୍କା ବା ତଦୂର୍ଦ୍ଧ୍ୱ। ପ୍ରାୟ ୪୦/୫୦ ଟଙ୍କା ମୂଲ୍ୟର ଚାଉଳ ନ କିଣିଲେ ତାହା ଖାଇବାଯୋଗ୍ୟ ହେଉନାହିଁ। ଏହାକୁ 'ଷ୍ଟାଣ୍ଡାର୍ଡ' କୁହାଯାଉଛି। ସେହିଭଳି କିଲୋପିଛା ୪୦ ଟଙ୍କାରୁ କମ୍‌ରେ ଅଟା ବଜାରରେ ମିଳୁନାହିଁ। ଭାରତ ବ୍ରାଣ୍ଡର ଅଟା ଓ ଚାଉଳକୁ ମାନଦୃଷ୍ଟିରୁ ଅନେକ ଖାଉଟି ନାକ ଟେକୁଛନ୍ତି।

ଯେଉଁମାନେ (୮୧.୫ କୋଟି) ମାଗଣା ସରକାରୀ ଚାଉଳ ବା ଅଟା ପାଉଛନ୍ତି ସେମାନଙ୍କର ମଧ୍ୟ ତେଲ, ଡାଲି, ପିଆଜ, ଟମାଟୋ ଭଳି ଜିନିଷ ଦୈନିକ ଦରକାର। ସରକାରୀ ରିହାତି ଓ ଶୁଳ୍କ ହ୍ରାସ ସତ୍ତ୍ୱେ ଏସବୁ ସାମଗ୍ରୀର ବଜାର ମୂଲ୍ୟ ସାଧାରଣ ଗ୍ରାହକଙ୍କ କ୍ରୟଶକ୍ତି ବାହାରେ ରହୁଛି। କାହିଁକି କେଜାଣି ଏନ୍‌ଡିଏ ସରକାର ଆସିବା ଦିନରୁ ଭାରତର ସମଗ୍ର ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟବସାୟୀ, ମିଲର୍ସ, ପାଇକାରୀ ଯୋଗାଣକାରୀ ଓ ରପ୍ତାନି-ଆମଦାନୀକାରୀ ଗୋଷ୍ଠୀଙ୍କ ନିୟନ୍ତ୍ରଣରେ ରହିଛି। ଉତ୍ପାଦନ ସମୟରେ ରସୁଣ କିଲୋ ୩୫୦ ଟଙ୍କା ଥିବାବେଳେ ଟମାଟୋ ଓ ପିଆଜ ଯଥାକ୍ରମେ ୪୦ ଓ ୩୫ ଟଙ୍କାରେ ବିକ୍ରି ହେଉଛି। ଡାଲି ଏବଂ ତେଲର ମୂଲ୍ୟ ଏହାର ପ୍ରକାରଭେଦ ନେଇ ଭିନ୍ନ ଭିନ୍ନ। ଅବଶ୍ୟ ଚିନି ମୂଲ୍ୟ ପ୍ରାୟ ସ୍ଥିର ରହିଛି। ଭାରତର ସାଧାରଣ ନିର୍ବାଚନରେ ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପ୍ରାୟତଃ ପ୍ରଭାବ ପକାଇଥାଏ। ଏଥର କ'ଣ ହେବ ତାହା ସମୟ କହିବ। ତଥାପି ଭାରତ ସରକାର ମୂଲ୍ୟ ବୃଦ୍ଧିକୁ ରୋକିବାକୁ ବିଭିନ୍ନ ପ୍ରକାର ପଦକ୍ଷେପ ଦେଉଛନ୍ତି ଓ ତାହା ସବୁ ସେହି ପ୍ରଚଳିତ ଢଙ୍ଗର। ଏଥିରେ ସ୍ୱାତନ୍ତ୍ର୍ୟ କିଛି ନାହିଁ। ବେଳ ହୁଁ ସାବଧାନ ନ ହେବା ଏବଂ ବଜାର ଗୁଇନ୍ଦା ବ୍ୟବସ୍ଥାର ବିଫଳ ତଥ୍ୟାବଳୀକୁ ନେଇ ବିଳମ୍ବିତ ପଦକ୍ଷେପ ନେବା ଦ୍ୱାରା ସ୍ଥିତିରେ ଦ୍ରୁତ ଉନ୍ନତି ଆସିବା ସମ୍ଭାବନା କମ୍।

କେନ୍ଦ୍ର ସରକାର ବିଶ୍ୱର ସର୍ବବୃହତ୍ ଖାଦ୍ୟ ଓ ପୁଷ୍ଟିସାଧନ ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ଦେଶର ପ୍ରାୟ ୪୦ ଭାଗ ଲୋକ ପ୍ରଚଣ୍ଡ ମହଙ୍ଗା ମାଡ଼ରେ ତ୍ରାହି ତ୍ରାହି ଡାକୁଛନ୍ତି। ନା ସେମାନଙ୍କ ପାଇଁ କିଛି ସରକାରୀ କୃପା ନା ଅନୁକମ୍ପା ରହିଛି। ବ୍ୟବସାୟୀଙ୍କ ଅସାଧୁମେଣ୍ଟ ଓ ଅନୈତିକ କାରବାରକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ନିର୍ବାଚନ ପୂର୍ବରୁ ବଜାର ବ୍ୟବସ୍ଥାକୁ ସୁଧାରିବା ପାଇଁ ଅଣ୍ଟା ଭିଡ଼ିବା ବାହାଘର ବେଳେ ବାଇଗଣ ରୋଇବା ସହିତ ସମାନ। ଖାଦ୍ୟ ଓ ଯୋଗାଣ ଏକ ଏଭଳି ସ୍ପର୍ଶକାତର ପ୍ରସଙ୍ଗ, ଯେଉଁଠି କେନ୍ଦ୍ର ସରକାର ତତ୍ପର ନ ହେଲେ ରାଜ୍ୟମାନେ ଏ କ୍ଷେତ୍ରରେ କିଛି କରିପାରିବେ ନାହିଁ ଓ ମୂଲ୍ୟ ବୃଦ୍ଧି ଘଟିବ। ଜିଏସ୍‌ଟି ବ୍ୟବସ୍ଥା ଏହାକୁ ଅଧିକ ଅନମନୀୟ କରିଛି। ତେଣୁ କେନ୍ଦ୍ର ସରକାରଙ୍କ ଏ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ସବୁ ଅତି ବିଳମ୍ବିତ ଓ ସ୍ୱଳ୍ପ। ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ଏକ ଅତି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ। ଏବେ ଏହି ଦାୟିତ୍ୱରେ ଅତିରିକ୍ତ ଭାବେ କେନ୍ଦ୍ରରେ ଯିଏ ମନ୍ତ୍ରୀ ଅଛନ୍ତି ତାଙ୍କ ପାଖରେ ଆଉ ଚାରିଟି ବୃହତ୍ ମନ୍ତ୍ରଣାଳୟ ରହିଛି। ତେଣୁ ଏହି ମନ୍ତ୍ରଣାଳୟ ଓ ଏହାର ବିଭାଗସବୁ କାମଚଳା ବ୍ୟବସ୍ଥାରେ ଚାଲିଥିବା ଭଳି ମନେ ହୁଏ। ପ୍ରଧାନମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ।

# ତୁଷାରପାତ ହ୍ରାସ ଓ ପରିବେଶ ବିପର୍ଯ୍ୟୟ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଗତ ବର୍ଷ ଯେତେବେଳେ ୟୁରୋପର ଅଧିକାଂଶ ଅଞ୍ଚଳରେ ବିନା ତୁଷାରପାତରେ ଶୀତ ଅନୁଭୂତ ହେଉଥିଲା, ସେତେବେଳେ ଲାଗୁଥିଲା ଯେ ଯେଉଁ ବିକଶିତ ଦେଶଗୁଡ଼ିକ ନିରବଚ୍ଛିନ୍ନ କାର୍ବନ ନିର୍ଗମନ ଏବଂ ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ଦ୍ୱାରା ଜଳବାୟୁ ପରିବର୍ତ୍ତନ ସମସ୍ୟା ସୃଷ୍ଟି କରିଛନ୍ତି ସେମାନେ ସେମାନଙ୍କ କାର୍ଯ୍ୟର ପରିଣାମ ଦେଖୁଛନ୍ତି। ବରଫ ନଥିବା ଯୋଗୁଁ ୟୁରୋପର ଅନେକ ପର୍ଯ୍ୟଟନସ୍ଥଳୀ ଜନଶୂନ୍ୟ ହୋଇଯାଇଥିଲା, ଗ୍ଲାସିୟର ତରଳିବାକୁ ଲାଗିଥିଲା ଏବଂ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ଆମେ ଅନୁଭବ କରିନଥିଲୁ ଯେ ବର୍ଷକ ମଧ୍ୟରେ ଆମ ଦେଶରେ ମଧ୍ୟ ଏଭଳି କିଛି ଦେଖିବାକୁ ମିଳିବ। ଡିସେମ୍ବରରୁ ଜାନୁଆରି ଅଧା ପର୍ଯ୍ୟନ୍ତ ସ୍ଥିତି ଏପରି ଥିଲା ଯେ, କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଆଦି ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ତୁଷାରପାତ ଦୃଷ୍ଟିଗୋଚର ହେଲାନି। ଏହିସମୟ ମଧ୍ୟରେ ନା ବର୍ଷା ନା ତୁଷାରପାତ ନା ପଶ୍ଚିମ ମୌସୁମୀ ସକ୍ରିୟ ଥିଲା। ସ୍ଥାନୀୟ ମୌସୁମୀ ଆନ୍ଦୋଳନ ଏତେ ଆଲୋଡ଼ନ ସୃଷ୍ଟି କରିଥିଲା ଯେ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି କୃଷକ ଓ ବ୍ୟବସାୟୀଙ୍କ ମୁହଁରେ ଖୁସି ପ୍ରତିଫଳିତ ହେଲାନି। କୃଷକ, ପାଣିପାଗ ବିଜ୍ଞାନୀ ଓ ଅର୍ଥନୀତିଜ୍ଞମାନେ ଭୟଭୀତ ହୋଇପଡ଼ିଲେ। ପର୍ଯ୍ୟଟକଙ୍କ ଆଶାରେ ବିପଣୀ ଖୋଲିଥିବା ବ୍ୟବସାୟୀଙ୍କ ଯନ୍ତ୍ରଣା ଭିନ୍ନ।

ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଡିସେମ୍ବରରୁ ଜାନୁଆରି ମାସ ମଧ୍ୟରେ କାଶ୍ମୀରର ଗୁଲମାର୍ଗ, ହିମାଚଳର ଶିମଳା-ମନାଲି ଏବଂ ଉତ୍ତରାଖଣ୍ଡର ଯୋଶୀମଠ ଓଲି ଭଳି ଅଞ୍ଚଳରେ ସାଧାରଣତଃ ଦେଢ଼ରୁ ଦୁଇ ଫୁଟ୍ ବରଫ ପଡ଼ିଥାଏ। ତେବେ ପ୍ରବଳ ଶୀତ ସତ୍ତ୍ୱେ ଏଥର କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ପ୍ରାୟ ୮୦ ପ୍ରତିଶତ କମ୍ ବର୍ଷା ହୋଇଛି। କାଶ୍ମୀରର ଗୁଲମାର୍ଗ, ଯେଉଁଠାରେ ପ୍ରତିବର୍ଷ ଅନେକ ଫୁଟ୍ ବରଫ ରହୁଥିଲା, ଡିସେମ୍ବରରେ ଥରେ ୬ ଇଞ୍ଚ ବରଫ ପଡ଼ିଥିବା ଜଣାପଡ଼ିଛି। ଚାଷ ପାଇଁ ମଧ୍ୟ ତୁଷାରପାତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୁଷାରପାତ ସହିତ କଶ୍ମୀର ଓ ହିମାଚଳର ସେଓ ଚାଷୀଙ୍କ ମୁହଁରେ ଖୁସି ବଢ଼ିଥାଏ, କିନ୍ତୁ ଏଥର ବରଫ ଅଭାବରୁ ସେମାନଙ୍କ କପାଳରେ ଚିନ୍ତାର ରେଖା ସ୍ପଷ୍ଟ ଭାବେ ଦେଖାଯାଉଛି। ବରଫ ମରୁଡ଼ିରେ ସେମାନଙ୍କ ପାଇଁ କ'ଣ ସତର୍କ ସୂଚନା ରହିଛି ତାହା ପାହାଡ଼ିଆ ରାଜ୍ୟର ସାଧାରଣ ଲୋକ ଓ କୃଷକମାନେ ଜାଣନ୍ତି। ତୁଷାରପାତ ଅଭାବରୁ ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି ଓ ଜଳବିଦ୍ୟୁତ ଉତ୍ପାଦନ ସମେତ ଅନେକ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶ୍ୱ ତାପମାନ କାରଣରୁ କ୍ଷୟ ହେଉଥିବା ଗ୍ଲାସିୟର ବରଫ ମରୁଡ଼ିରେ ଆହୁରି ଅଧିକ ପ୍ରଭାବିତ ହୋଇଛି। ବାସ୍ତବରେ, ପ୍ରତିବର୍ଷର ତୁଷାରପାତ ଗ୍ଲାସିୟରର କ୍ଷୟକ୍ଷତି ଭରଣା କରିବାର ସୁଯୋଗ ଆଣିଥାଏ। ଏହି ଗ୍ଲାସିୟରଗୁଡ଼ିକ ସେମାନଙ୍କର ସଂରକ୍ଷଣ କାରଣରୁ ବର୍ଷସାରା ନଦୀ ଏବଂ ଝରଣାଗୁଡ଼ିକୁ ଜଳ ଯୋଗାଇଥାଏ। କିନ୍ତୁ ଯଦି ସେମାନେ ବର୍ଷେ ପର୍ଯ୍ୟନ୍ତ ବରଫ ଅଭାବର ସମ୍ମୁଖୀନ ହୁଅନ୍ତି, ତେବେ ସେମାନଙ୍କର ଜଳଭଣ୍ଡାର ଦ୍ରୁତଗତିରେ ହ୍ରାସ ପାଇପାରେ।

ଜମ୍ମୁ-କଶ୍ମୀରରେ ଲଦାଖ, କାର୍ଗିଲ ଭଳି ଅଞ୍ଚଳରେ ତୁଷାରପାତ ନ ହେବା ଅର୍ଥ ଏହି ହିମାଳୟ ଅଞ୍ଚଳ ମରୁଡ଼ି କବଳରେ ରହିଛି। ଫଳରେ ଏଠାରୁ ସୃଷ୍ଟି ହୋଇଥିବା ନଦୀଗୁଡ଼ିକ ଗ୍ରୀଷ୍ମଋତୁରେ ସମତଳ ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣର ଜଳ ପରିବହନ କରିପାରିବେ ନାହିଁ।

ଭୂତତ୍ତ୍ୱ ବିଜ୍ଞାନୀମାନେ ଦର୍ଶାଇଛନ୍ତି ଯେ ନବେଦଶକରେ ହିମାଳୟ ଅଞ୍ଚଳରେ ଡିସେମ୍ବରରୁ ଜାନୁଆରୀ ମଧ୍ୟରେ ତିନି ଫୁଟରୁ ଅଧିକ ତୁଷାରପାତ ଅନେକଥର ହୋଇଥିଲା। ବର୍ତ୍ତମାନ ଦେଖାଯାଉଛି ଯେ ବିଷାକ୍ତ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନରେ ସବୁଠାରୁ କମ୍ ପ୍ରଭାବିତ ହୋଇଥିବା ଏହି ଅଞ୍ଚଳଗୁଡ଼ିକ ମଧ୍ୟ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବରଫପାତ ଓ ବର୍ଷାର ଅଭାବ ଏବଂ ଗ୍ଲୋବାଲ ୱାର୍ମିଂ କାରଣରୁ କାଶ୍ମୀର-ଲଦାଖର ତାପମାତ୍ରା ୪ରୁ ୭ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆକଳନ କରାଯାଉଛି, ଯାହା ଏଠାକାର କୃଷି, ଉଦ୍ୟାନ କୃଷି ଏବଂ ସମଗ୍ର ପରିବେଶକୁ ବ୍ୟାପକ କ୍ଷତି ପହଞ୍ଚାଇପାରେ। ବାରମ୍ବାର ଜଳ ଅଭାବ ସଙ୍କଟକୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ମଧ୍ୟରେ କଶ୍ମୀର ଏବଂ ଲଦାଖର କୃଷକମାନେ ସେମାନଙ୍କ ଧାନ କ୍ଷେତକୁ ଫୁଲ ବଗିଚାରେ ପରିଣତ କରିଛନ୍ତି, ଯାହା ଏଠାକାର ପରିବେଶରେ ପରିବର୍ତ୍ତନର ସଙ୍କେତ ଦେଉଛି।

ପାହାଡ଼ିଆ ରାଜ୍ୟମାନଙ୍କ ପାଇଁ ବରଫର ଗୋଟିଏ ଦିଗ ମଧ୍ୟ ପର୍ଯ୍ୟଟନ ସହ ଜଡ଼ିତ। ତୁଷାରପାତ ଅଭାବରୁ ଉତ୍ତରାଖଣ୍ଡର ମସୁରୀ-ନୈନିତାଲର ରାସ୍ତାରେ ପର୍ଯ୍ୟଟକଙ୍କ ଗହଳି ହେଉନଥିବା ବେଳେ କାଶ୍ମୀରର ଗୁଲମାର୍ଗ-ପହଲଗାମ ଭଳି ଅଞ୍ଚଳରେ ମଧ୍ୟ ଆଶାଠାରୁ ବହୁତ କମ୍ ପର୍ଯ୍ୟଟକ ଆସୁଛନ୍ତି। ଖାଲି ସେତିକି ନୁହେଁ ଦୁଃସାହସିକ ପର୍ଯ୍ୟଟନ ଭାବେ ଲୋକପ୍ରିୟ ସ୍ନୋସ୍କିଇଂ ଭଳି କ୍ରୀଡ଼ା ମଧ୍ୟ ବରଫ ଅଭାବରୁ ପ୍ରଭାବିତ ହୋଇଛି। ପର୍ଯ୍ୟଟକଙ୍କ ଆଗମନ କମିବା ହୋଟେଲ ବ୍ୟବସାୟୀ, ଟ୍ୟାକ୍ସି ଡ୍ରାଇଭର, ଘୋଡ଼ା ଓ ଖଚର ମାଲିକ ଓ ଅନ୍ୟ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ତେବେ ଭାରତରେ ସ୍ଥାନୀୟ ସ୍ତରରେ ଦେଖାଯାଉଥିବା ବରଫ ନଷ୍ଟ ଓ ହ୍ରାସର ଲକ୍ଷଣ ଗତ କିଛିବର୍ଷ ହେବ ବିଶ୍ୱରେ ଅନୁଭୂତ ହେଉଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ପୃଥିବୀର ଉଭୟ ମେରୁରେ ଜମା ହୋଇଥିବା ବରଫ ତରଳିବା ହାର। ଏଭଳି ଏକ ପ୍ରସଙ୍ଗ ହେଉଛି ଆର୍କଟିକ୍ ଅଞ୍ଚଳର ଗ୍ରୀନଲ୍ୟାଣ୍ଡ। ଏହା ବର୍ଷ ସାରା ଜମା ରହିଥାଏ, କିନ୍ତୁ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରୀନଲ୍ୟାଣ୍ଡ ବର୍ତ୍ତମାନ ଗତ ହଜାର ବର୍ଷ ମଧ୍ୟରେ ସବୁଠାରୁ ଉତ୍ତପ୍ତ। ଏହାର ପ୍ରଭାବ ୨୦୧୯ ମସିହାରେ ଅନୁଭୂତ ହୋଇଥିଲା, ଯେତେବେଳେ କୁହାଯାଇଥିଲା ଯେ ଆର୍କଟିକ୍ ବରଫ ତରଳିବା କାରଣରୁ ସମୁଦ୍ର ପତ୍ତନରେ ଯଥେଷ୍ଟ ବୃଦ୍ଧି ଘଟିଛି। ଏଠାରେ ସବୁଠାରୁ ଚିନ୍ତାର ବିଷୟ ହେଉଛି ଗ୍ରୀନଲ୍ୟାଣ୍ଡର ଗୁରୁତ୍ୱପୂର୍ଣ୍ଣ ଗ୍ଲାସିୟର ପିଟରମ୍ୟାନର ସ୍ତର ତାପମାତ୍ରା ବୃଦ୍ଧି ଯୋଗୁଁ ଦ୍ରୁତଗତିରେ ଭାଙ୍ଗିବାରେ ଲାଗିଛି। ଏହାର ପରିଣାମ ହେଉଛି ସମଗ୍ର ବିଶ୍ୱରେ ସମୁଦ୍ରର ଜଳସ୍ତର ବୃଦ୍ଧି। ଏହା ତଳିଆ ଦ୍ୱୀପ ପୁଞ୍ଜ ଓ ଉପକୂଳ ଅଞ୍ଚଳ ପ୍ରତି ବିପଦ ବଢ଼ାଇବ। ଉତ୍ତର ମେରୁ ଭଳି ଦକ୍ଷିଣ ମେରୁ ଅର୍ଥାତ୍ ଆଣ୍ଟାର୍କଟିକାରେ ଆର୍କ୍ଟିକ୍ ତୁଳନାରେ ୬ ଗୁଣ ଅଧିକ ବରଫ ରହିଛି। ତେବେ ୨୦୨୨ ମସିହାରେ ଏହି ତୁଷାରପାତ ସର୍ବନିମ୍ନ ସ୍ତରରେ ରହିଥିଲା। ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେରୁରେ ଗ୍ଲାସିୟର ତରଳିବାର ଆଶଙ୍କା ବଢ଼ିବାରେ ଲାଗିଛି। ଏହି ଅଧ୍ୟୟନରେ ପୂର୍ବାନୁମାନ କରାଯାଇଛି ଯେ ୨୦୫୦ ସୁଦ୍ଧା ବରଫ ତରଳିବା କାରଣରୁ ସମୁଦ୍ର ଜଳସ୍ତର ବୃଦ୍ଧି କରିପାରେ ଓ ସ୍ରୋତର ଧାରାକୁ ବଦଳାଇପାରେ। ଏହି ପ୍ରଭାବ ମାନବ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ବାର୍ଷିକ କାର୍ବନ ନିର୍ଗମନର ପ୍ରାୟ ଏକ-ତୃତୀୟାଂଶ ଶୋଷଣ କରି ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବାର ସମୁଦ୍ରର କ୍ଷମତାକୁ ମଧ୍ୟ ବ୍ୟାହତ କରିପାରେ। ତେଣୁ ପ୍ରକୃତିର ଏହି ଧଳା ବରଦାନକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରିବା ଜରୁରୀ।



# ଦରଦୀ ଗୁରୁ ସାଧୁ ମେହେର



**ସବ୍ୟସାଚୀ ମହାପାତ୍ର**
ଭୁବନେଶ୍ୱର, ମୋ: ୯୪୩୯୫୮୦୫୬୮



ବହୁଭାଷୀ ଚଳଚ୍ଚିତ୍ର ଅଭିନେତା ତଥା ବିଶିଷ୍ଟ ସିନେମା ନିର୍ମାତା ସାଧୁ ମେହେରଙ୍କ ପରଲୋକ କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷ ପାଇଁ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି। ତେବେ ବ୍ୟକ୍ତିଗତ ଭାବେ ମୋ ପାଇଁ ଏହା ଏକ ବିରାଟ କ୍ଷତି। କାରଣ ତାଙ୍କ ସହିତ ମୋର ଯେମିତି ସମ୍ପର୍କ ଥିଲା ତାହା ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ପ୍ରକୃତରେ ଆଜି ମୁଁ ନିର୍ଦ୍ଦେଶକ ଭାବେ ଯେଉଁ ପରିଚୟ ପାଇଛି ବା ଯେଉଁଠି ଛିଡ଼ା ହୋଇଛି, ସେଥିରେ ସାଧୁ ବାବୁଙ୍କ ବହୁତ ଅବଦାନ ରହିଛି। କାରଣ ସାଧୁ ବାବୁଙ୍କ ପ୍ରଥମ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଅଭିମାନ'ର କେତେକ ସହକାରୀ ନିର୍ଦ୍ଦେଶକ ସେତେବେଳେ ବମ୍ବେ ପଳାଇଥିଲେ, ସେହି ସମୟରେ ଏହି ଫିଲ୍ମରେ ନିର୍ଦ୍ଦେଶନା କାମ ଶିଖିବାକୁ ସେ ପ୍ରଥମେ ମୋତେ ସୁଯୋଗ ଦେଇଥିଲେ। ଏଥିରେ ମୁଁ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିଲି। ଯଦିଓ ଏହି ଫିଲ୍ମରେ ମୋ ନାଁ ନ ଥିଲା, କିନ୍ତୁ ଏହିଠାରୁ ହିଁ ଫିଲ୍ମ ନିର୍ଦ୍ଦେଶନା ଦେବାର କୌଶଳ ଶିଖିବାକୁ ପାଇଥିଲି?

ସାଧୁ ବାବୁଙ୍କ ସହିତ ମୋର ପରିଚୟ ହୋଇଥିଲା, ଯେତେବେଳେ ସେ 'ଅଙ୍କୁର' ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ପାଇଲେ। ସେତେବେଳେ ତାଙ୍କୁ ସମ୍ବର୍ଦ୍ଧିତ କରିବାକୁ କିଶୋର ଦାଶ, ମୁଁ ଓ ଅନ୍ୟମାନଙ୍କୁ ନେଇ ଏକ କଳାକାର ଦଳ ସମ୍ବଲପୁରରେ ବିରାଟ ସଭାର ଆୟୋଜନ କରିଥିଲୁ। ସେ ମଧ୍ୟ ଆସିଥିଲେ। ତାଙ୍କ ସହ ସେତେବେଳେ ଆକାଶବାଣୀର କେନ୍ଦ୍ର ନିର୍ଦ୍ଦେଶିକା ଝରଣା ଦାସଙ୍କୁ ମଧ୍ୟ ସମ୍ମାନିତ କରିଥିଲୁ। ସେଠାରେ ସାଧୁ ବାବୁଙ୍କ ସହ ଆତ୍ମୀୟତା ବଢ଼ିଥିଲା। ପରେ ସାଧୁ ବାବୁ ଫିଲ୍ମ 'ଅଭିମାନ' ପାଇଁ ଜଣେ ନାୟିକା ଖୋଜୁଥିଲେ। ସେହି ସମୟରେ ମୁଁ ଅଭିନୟ ସହିତ ନିର୍ଦ୍ଦେଶନା କାମ ବି କରୁଥିଲି। ମୋ ଗ୍ରୁପ୍‌ରେ ଥିବା ଝିଅ ରୀତା ଚାନ୍ଦ ନାଁ ମୁଁ ସାଧୁ ବାବୁଙ୍କୁ ପ୍ରସ୍ତାବ ଦେଇଥିଲି। ସାଧୁ ବାବୁ ସେହି ଝିଅକୁ ଦେଖିବା ପରେ ପସନ୍ଦ କରିଥିଲେ। ଯେହେତୁ ଫିଲ୍ମଟି ବାରିପଦାରେ ସୁଟିଂ ହେବାର ଥିଲା। ତେଣୁ ରୀତା ଚାନ୍ଦଙ୍କୁ କ୍ୟାମେରାରେ ସ୍କ୍ରିନ୍ ଟେଷ୍ଟ ଦେବାକୁ ମୁଁ ବାରିପଦା ନେଇଯାଇଥିଲି। ସେଠାରେ ଉତ୍ତମ ମହାନ୍ତିଙ୍କ ସହ ମୋର ପ୍ରଥମ ପରିଚୟ ହେଲା। ପରେ ରୀତା ଓ ଉତ୍ତମ ମହାନ୍ତିଙ୍କ ଯୋଡ଼ିକୁ ନେଇ ଫିଲ୍ମ ସୁଟିଂ ପାଇଁ ତାରିଖ ଧାର୍ଯ୍ୟ ହେଲା। ଅନ୍ୟପଟେ ଯେହେତୁ ମୋର ଅଭିନୟ ପ୍ରତି ଦୁର୍ବଳତା ଥିଲା, ସେକଥା ସାଧୁ ବାବୁ ଜାଣି ମୋତେ ମଧ୍ୟ ସେହି ଫିଲ୍ମରେ ଛୋଟିଆ ଚରିତ୍ରରେ କାମ କରିବାର ସୁଯୋଗ ଦେଇଥିଲେ। କିନ୍ତୁ ଏଥିରେ ମୋ ସିନ୍ କଟିଯାଇଥିଲେ ହେଁ ଓଡ଼ିଆ ଇଣ୍ଡଷ୍ଟ୍ରୀର ବହୁ ପ୍ରତିଷ୍ଠିତ କଳାକାରଙ୍କ ସହ ପରିଚୟ ଗଢ଼ି ଉଠିଥିଲା।

ସେହିପରି ଭାବେ ଫିଲ୍ମରେ କାର୍ଯ୍ୟ କରିବା ଦିଗରେ ମୁଁ ଅଗ୍ରସର ହେବାକୁ ଲାଗିଲି। ନିର୍ଦ୍ଦେଶନା କାର୍ଯ୍ୟରେ ଆଗକୁ ବଢ଼ିବାକୁ ସାଧୁ ବାବୁ ମୋତେ ଉତ୍ସାହ ଦେଉଥିଲେ। ମୁଁ ମଧ୍ୟ ନିର୍ଦ୍ଦେଶନା ଦେବା କାର୍ଯ୍ୟକୁ ପ୍ରାଧାନ୍ୟ ଦେଲି। ଏହାପରେ ଏହି କ୍ଷେତ୍ରରେ ମୋର ଯାତ୍ରା ଆଗକୁ ବଢ଼ିଥିଲା। ଯେତେବେଳେ ସାଧୁ ବାବୁଙ୍କ ସହ ଦେଖାହୁଏ, ତାଙ୍କୁ ମୁଁ 'ଗୁରୁ' ବୋଲି ସମ୍ବୋଧନ କରେ। ଯେହେତୁ ତାଙ୍କ ଧର୍ମପତ୍ନୀଙ୍କ ନାଁ ଶାନ୍ତି, ସେ ମୋ 'ନାନୀ'ଙ୍କ ସାଙ୍ଗ, ତେଣୁ ତାଙ୍କୁ ମୁଁ 'ନାନୀ' ବୋଲି ଡାକିଲି। ସାଧୁ ବାବୁଙ୍କ ସହ ଭିଣୋଇ-ଶାଳାର ସମ୍ପର୍କ ଯୋଡ଼ି ହୋଇଥିଲା। ଆମର ଆତ୍ମୀୟତା ଆହୁରି ବୃଦ୍ଧି ପାଇଥିଲା।

ପରବର୍ତ୍ତୀ ସମୟରେ ମୁଁ ଫିଲ୍ମ 'ଭୂଖା' ପାଇଁ ଯୋଜନା କଲି, ସାଧୁ ବାବୁଙ୍କ ଘରକୁ ବମ୍ବେ ଗଲି। ସେଠାରେ ସେ ଚରିତ୍ରକୁ ପୂରା ଶୁଣିଲେ। ଏହି ଚରିତ୍ର ତାଙ୍କୁ ଏତେ ଭଲ ଲାଗିଥିଲା ସେ ସୁଟିଂ କରିବାକୁ ରାଜି ହୋଇଥିଲେ। ମୋ ନିର୍ଦ୍ଦେଶନାରେ ସାଧୁ ବାବୁ ଅଭିନୟ କଲେ। ସେଥିରେ ତାଙ୍କର ଅଭିନୟ ଓ ତାଙ୍କ ଭିତରେ ଥିବା ଅନ୍ୟ ଏକ ସାଧୁ ବାବୁଙ୍କୁ ଦେଖି ମୁଁ ଚକିତ ହୋଇଯାଇଥିଲି। ଶୀତଦିନରେ ଧୋତି ଗାମୁଛା ପିନ୍ଧି ସେ ସେମିତି ଦିନ ଦିନ ବିତାଇଥିଲେ, ତଳେ ବସି ଖାଉଥିଲେ। ଏମିତିକି ସେ ଫିଲ୍ମର ଚରିତ୍ରରେ ଏପରି ବୁଡ଼ି ଯାଉଥିଲେ ଯେ ତାହା ନୂଆ କରି ଆସିଥିବା କଳାକାରଙ୍କ ପାଇଁ ଏକ ପ୍ରେରଣା ପାଲଟିଥିଲା। ଏଠାରୁ ଗୋଟେ ବଡ଼ ଟିମ୍ ଗଢ଼ି ଉଠିଲା।

କେବଳ ସେତିକି ନୁହେଁ; 'ଭୂଖା'ର କିଛି ଘଟଣା, ଗୀତ ସୁଟିଂ ଆଜି ବି ଆଖି ଆଗରେ ଝଲସି ଯାଉଛି। ପାଖଆଖ ଗାଁକୁ ସୁଟିଂ ପାଇଁ ଯିବାକୁ ପଡୁଥିଲା। ଦିନେ ଗୀତ ସୁଟିଂ ପାଇଁ ଚୟନ ହୋଇଥିବା ସ୍ଥାନକୁ ଆମେ ଗାଡ଼ି ବଦଳରେ ଚାଲିଚାଲି ଯାଇଥିଲୁ। ଏହି ସମୟରେ କଳାକାରମାନେ ବାଜା ବଜେଇ ନାଚି ନାଚି ଯାଉଥିଲେ। ଏହି ଯିବା ସମୟରେ ଗୀତ ଅଭ୍ୟାସ ହୋଇଯାଇଥିଲା। ଧୀରେ ଧୀରେ ଆମେ ଗୋଟିଏ ପରିବାରର ସଦସ୍ୟ ହୋଇଗଲୁ। ପରିଶେଷରେ ଏହି ଫିଲ୍ମ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହେଲା। 'ଭୂଖା' ପାଇଁ ପ୍ରତ୍ୟେକ ବଡ଼ ଖବରକାଗଜରେ ଭଲ ପ୍ରତିକ୍ରିୟା ମିଳିଲା।

ତାଙ୍କ ଗାଁ ଓ ମୋ ଗାଁ ପାଖାପାଖି। କାହାର କ'ଣ ସମସ୍ୟା ହେଲେ ଆମେ ଧାଇଁଯାଉ। ଏହିସବୁ ସ୍ମୃତି ଆଜି ବି ସତେଜ ହୋଇରହିଛି। ସାଧୁ ବାବୁଙ୍କ ସହ ସମ୍ପର୍କକୁ ମଜଭୂତ କରିବାକୁ ଏମିତି ଅନେକ ସୁଯୋଗ ଆସିଛି। ପରେ ପରେ ଆମ ପାରିବାରିକ ସମ୍ପର୍କ ଏତେ ଘନିଷ୍ଠ ହୋଇଗଲା ଯେ, ନିଜ ନିଜର ସୁଖଦୁଃଖ ବାଣ୍ଟିଲୁ। ପରବର୍ତ୍ତୀ ସମୟରେ 'ଶ୍ରୀ ଜଗନ୍ନାଥ'ରେ ଛୋଟିଆ ଚରିତ୍ରଟିଏ ଜାଣି ବି ସେଥିରେ ସାଧୁ ବାବୁ ଭଲ ଅଭିନୟ କରିଛନ୍ତି। ତେଣୁ ଆଜିର ପିଢ଼ିର କଳାକାର ତାଙ୍କ ପାଖରୁ ବହୁତ କିଛି ଶିଖିବାର କଥା ଅଛି। ପ୍ରଥମତଃ, ସମୟାନୁବର୍ତ୍ତିତା ଏବଂ ଚରିତ୍ର ଭିତରେ ବୁଡ଼ି ରହିବା, ସୁଟିଂ ସରିବା ଯାଏଁ ସେ ଚରିତ୍ରରୁ ନବାହାରିବା ଗୁଣ ମୋତେ ବହୁତ ପ୍ରଭାବିତ କରିଥିଲା।

ପରେ ପରେ ନିଜ ନିଜ କାମରେ ଆମ ବ୍ୟସ୍ତ ରହିଗଲୁ। ମଝିରେ ମଝିରେ ଫୋନ୍ ଯୋଗାଯୋଗରେ ରହୁଥିଲୁ। ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଜାଣିଥିଲି। ଭୁବନେଶ୍ୱର ଆସିଲେ ଫୋନ୍ କରି ଜଣାନ୍ତି। ମୋ ମତରେ ସେ ଯେପରି କାମ କରିଥିଲେ, ସେ ଆହୁରି ସଫଳତା ପାଇଥା'ନ୍ତେ, ଯାହା ସେ ପାଇନାହାନ୍ତି। କିନ୍ତୁ ତାଙ୍କ ମୃତ୍ୟୁରେ ମୁଁ ଜଣେ ବନ୍ଧୁ, ମାର୍ଗଦର୍ଶକଙ୍କୁ ହରାଇଲି। ସେ ଜଣେ ସରଳ ଦରଦୀ ଲୋକ ଥିଲେ, ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ମୁଣ୍ଡ ନେଇଗଲା 'ଅନ୍ଧବିଶ୍ୱାସ'

## ସ୍ତ୍ରୀ, ପିଲା ଆଗରେ ବୀଭତ୍ସ ହତ୍ୟା

**ଏବେ ବି ଯେମିତି ଅସହିଷ୍ଣୁପଣ, ଅସଭ୍ୟତା ଓ ସାମାଜିକ ଅସନ୍ତୁଳନ ଭାବ ଅନେକଙ୍କୁ କବଳିତ କରି ରଖିଆସିଛି, ସେଥିରେ ବେଳେବେଳେ ସରଳ ଜୀବନ ବିପନ୍ନ ହୋଇପଡ଼େ । ମଣିଷ ପରିସ୍ଥିତିର ଦାସ ହୋଇ କିମ୍ବା ଅନ୍ଧବିଶ୍ୱାସର କ୍ରୁର ପରିହାସ ଭିତରେ ଥଳକୁଳ ପାଏନାହିଁ । ଦୋଷତ୍ରୁଟି, ଭଲମନ୍ଦ ଏବଂ ପାପପୁଣ୍ୟ କଥା ଭୁଲି ଅନ୍ଧ ପାଲଟି ଅନ୍ୟର ଜୀବନ ନେବାକୁ ପଛାଇ ନ ଥାଏ । ସେ ଜାଣେ ନାହିଁ ଜୀବନ ଜୀଇଁବାର ପ୍ରକ୍ରିୟା ଓ ଜୀବନର ମୂଲ୍ୟବୋଧ । କାରଣ ସେତିକିବେଳେ ଅନ୍ଧବିଶ୍ୱାସ ମଣିଷର ସମଗ୍ର ସତ୍ତାକୁ ଆଚ୍ଛନ୍ନ କରି ରଖିବାଯୋଗୁଁ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚି ହତ୍ୟା ଭଳି ଜଘନ୍ୟ ପାପକୁ ମଧ୍ୟ ଡରେନାହିଁ । ସେହିଭଳି ଗୋଟିଏ ଲୋମହର୍ଷଣକାରୀ ଘଟଣା ଘଟିଛି ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଝିଙ୍କାପିଟା ଗ୍ରାମରେ ।**

ଭବାନୀପାଟଣାରୁ
ସ୍ୱାଧୀନ ପାତ୍ରଙ୍କ ରିପୋର୍ଟ

୨୦୧୮ ଅଗଷ୍ଟ ମାସ ୩୦ ତାରିଖର କଥା । ସମ୍ବେଦନଶୀଳତାର ଅଭାବ, ସଂକୀର୍ଣ୍ଣ ଚିନ୍ତା, ଈର୍ଷା ଓ ଅସୂୟାଭାବ ଭିତରେ ଅନ୍ଧବିଶ୍ୱାସ ନେଇଯାଇଥିଲା ଗୋଟିଏ ଜୀବନ । ସ୍ତ୍ରୀ ମୁଙ୍ଗେ ମାଝୀ ଓ ୮ ବର୍ଷର ପୁଅ ନନ୍ଦ ମାଝୀଙ୍କ ଆଖିସାମ୍ନାରେ ଯନ୍ତ୍ରଣାରେ ଛଟ୍‌ପଟ ହୋଇ ଚାଲିଯାଇଥିଲା ମଦନ ମାଝୀର ଅମୂଲ୍ୟ ଜୀବନ । କାକୁସ୍ଥ ହୋଇ ଯୋଡ଼ହସ୍ତରେ ନ ମାରିବାକୁ ନେହୁରା ହେଲେ ହେଁ ହତ୍ୟାକାରୀ ବାପା ଓ ଦୁଇ ପୁଅଙ୍କୁ ଫରକ ପଡ଼ି ନ ଥିଲା । ଓଲଟି ସ୍ତ୍ରୀ ଓ ପୁଅକୁ ମଧ୍ୟ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବାପପୁଅ । ଶେଷରେ ୩ ହତ୍ୟାକାରୀ ବାପା ଓ ଦୁଇ ପୁଅଙ୍କୁ ପୁଲିସ ଗିରଫ କରିଥିଲା ଏବଂ କୋର୍ଟରେ ବିଚାର ପରେ ଆଜୀବନ କାରାଦଣ୍ଡ ଆଦେଶ ଦେଇଥିଲେ ବିଚାରପତି ।

ପୁଲିସ ନିକଟରେ ସବୁକଥା କହିବା ସହ ମଦନର ଶବ କେଉଁଠି ପୋତି ଦିଆଯାଇଥିଲା ଓ ହତ୍ୟାକାଣ୍ଡରେ ବ୍ୟବହୃତ ପଥର କେଉଁଠି ଲୁଚାଇ ରଖିଥିଲା ସେ ସ୍ଥାନ ଦେଖାଇବା କ୍ଷଣି ପୁଲିସ ଉକ୍ତ ପଥରକୁ ଫୋରେନ୍‌ସିକକୁ ପଠାଇଥିଲା । କୋର୍ଟରେ ୧୭ ଜଣ ସାକ୍ଷ୍ୟ ପ୍ରମାଣକୁ ନେଇ କେବଳ ୩୦୨ ଓ ୨୦୧ ଧାରାକୁ ନେଇ ବିଚାର ଚାଲିଥିଲା । ଏହି ଜଘନ୍ୟ ହତ୍ୟାକାଣ୍ଡର ବିଚାର କରି ଶୁଣାଣି କରିଥିଲେ ଜିଲ୍ଲାଦୌରା ଜଜ ଦୀପ୍ତି ରଞ୍ଜନ କାନୁନଗୋ । ଅଭିଯୁକ୍ତ ବୁଟୁ, ପୁଅ ଲେବେ ଓ ମକରାଙ୍କୁ ଆଜୀବନ କାରା ଦଣ୍ଡାଦେଶ ଶୁଣାଇଛନ୍ତି ବିଚାରପତି । ତାହା ସହିତ ୩୦୨ ଧାରାରେ ୨୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦୟେ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ଉଲ୍ଲେଖ କରିଛନ୍ତି । ସେହିପରି ଧାରା ୨୦୧ ଅନୁଯାୟୀ ୭ବର୍ଷ ଜେଲ ଦଣ୍ଡ ଓ ଜରିମାନା ୧୦ହଜାର ଟଙ୍କା । ଜରିମାନା ଅନାଦୟେ ଅଧିକା ୩ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ନିଦର୍ଶନୀ ରଥ ପରିଚାଳନା କରୁଥିଲେ । ସ୍ତ୍ରୀ ମୁଙ୍ଗେ ମାଝୀର



ମନରେ ଟିକେ ଆଶ୍ୱସ୍ତି ମିଳିଛି ସତ, ଜୀବନ ଛନ୍ଦରେ ଛନ୍ଦି ହୋଇ ମୁଙ୍ଗେ ମାଝୀ ଓ ପୁଅ ନନ୍ଦ ଯେମିତି ଏବେ ବି ମଦନର ପ୍ରତୀକ୍ଷାରେ ଅଛନ୍ତି । ଯନ୍ତ୍ରଣାର ଜୁଇ ତଳେ ମାଆ ମୁଙ୍ଗେ ଶପଥ ନେଇଛି ଯେ, ପୁଅକୁ ଶିଖାଇବ ଅନ୍ଧବିଶ୍ୱାସ ଠାରୁ ଦୂରେଇ ରଖିବା ଓ ଅନ୍ୟକୁ ଆପଣା କରିବାର ମନ୍ତ୍ର ।

### ଏମିତି ଥିଲା ପୂରା ଘଟଣା

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଝିଙ୍କାପିଟା ଗ୍ରାମରେ ବୁଟୁ ମାଝୀ ପରିବାର ଓ ମଦନ ମାଝୀଙ୍କ ପରିବାର ବସବାସ କରୁଥିଲେ । ମଦନ ଗୁଣିଗାରେଡ଼ି କରି ହଇରାଣ କରୁଥିବା ଦୀର୍ଘଦିନ ଧରି ସନ୍ଦେହ କରି ଆସୁଥିଲେ ବୁଟୁଙ୍କ ପରିବାର ଲୋକେ । ଯେଉଁଥିପାଇଁ ଉଭୟ ପରିବାର ମଧ୍ୟରେ ସମ୍ପର୍କ ଆଦୌ ଭଲ ନ ଥିଲା । ବୁଟୁଙ୍କ ମନକୁ ଅନ୍ଧବିଶ୍ୱାସର ନିଆଁରେ ବେଳକୁ ବେଳ ବିଚଳିତ କରିପକାଉଥିଲା । ୨୦୧୮ ମସିହା ଅଗଷ୍ଟ ୩୦ ତାରିଖରେ ମଦନଙ୍କୁ ହତ୍ୟା କରିବା ପାଇଁ ବୁଟୁ ସହ ପୁଅ ଲେବେ ଓ ମକର ନେଇଥିଲେ ଯୋଜନାବଦ୍ଧ ନିଷ୍ପତ୍ତି । ଯେତେବେଳେ ବଣ ଜଙ୍ଗଲ ଘେରା ଗାଁ ଝିଙ୍କାପିଟାରେ ଅସ୍ତ ସୂର୍ଯ୍ୟର ଲୋହିତ କିରଣ ଧୀରେ ଧୀରେ ଅପସରି ଯାଉଥିଲା, ସେତେବେଳେ ଜଙ୍ଗଲରୁ ଫେରୁଥିଲେ ମଦନ ଆଉ ସ୍ତ୍ରୀ ମୁଙ୍ଗେ ଓ ତାଙ୍କର ୮ ବର୍ଷର ପୁଅ ନନ୍ଦ । ସନ୍ଧ୍ୟା ପ୍ରାୟ ୬ଟା ବିତିଯାଇଥାଏ । ଠିକ ସେତିକିବେଳେ ପୂର୍ବରୁ ଜଗିରହିଥିବା ବୁଟୁ ଓ ତା'ର ଦୁଇ ପୁଅ ମଦନଙ୍କ ପରିବାରକୁ ରାସ୍ତାରେ ଅଟକାଇଥିଲେ । ବୁଟୁ ରାଗ ତମ୍‌ତମ ହୋଇ ମଦନଙ୍କୁ ପଚାରିଲା କାହିଁକି ତୁ ମୋ ସ୍ତ୍ରୀ ଏବଂ ବହୁ ବିଞ୍ଝା ମାଝୀଙ୍କୁ ଗୁଣି କରିଛୁ ? ମଦନ କିଛି ବୁଝାଇବା ପୂର୍ବରୁ ପ୍ରଥମେ ଗାଳିଗୁଲଜ, ପରେ ଗୋଇଠା ମାରିବା ଆରମ୍ଭ ହୋଇଥିଲା ବୁଟୁ । ମଦନ ତଳେ ପଡ଼ିଯିବାରୁ ନିକଟରେ ଥିବା ଏକ ପଥର ଆଣି ବୁଟୁର ପୁଅ ଲେବେ ଓ ମକର ପଥର ଆଣି ମୁହଁକୁ ନିର୍ମମ ଭାବେ ଛେଚିଥିଲେ । ଶେଷରେ ବୁଟୁ ମଧ୍ୟ ପଥର ଧରି ମଦନଙ୍କ ମୁହଁ ଓ ଛାତିକୁ ଛେଚି ଚାଲିଲା । ମଦନର ପୁଅ ନନ୍ଦୁ ବୁଟୁର ଗୋଡ଼ ତଳେ ଲୋଟି ପଡ଼ି 'ମୋ ବାପାକୁ ମାରନି । ଛାଡ଼ିଦିଅ... ଛାଡ଼ିଦିଅ...' ବୋଲି ଚିତ୍କାର କରୁଥିଲେ ମଧ୍ୟ ଅତି ନିର୍ମମଭାବେ ପଥରରେ ପ୍ରହାର କରୁଥିଲେ ଆକ୍ରମଣକାରୀ ବାପ ଓ ଦୁଇପୁଅ । ମଦନଙ୍କ ସ୍ତ୍ରୀ ଆକଟ କରିବାରୁ ବୁଟୁ ଓ ତାଙ୍କ ଦୁଇପୁଅ ମଧ୍ୟ ତାଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଦନ ପଡ଼ିଥାଏ । ମଦନର ସ୍ତ୍ରୀ ମୁଙ୍ଗେ ଓ ଆଠବର୍ଷର କୁନି ପୁଅ ଜୀବନ ବଞ୍ଚାଇବାକୁ ଯାଇ ଟିକେ ଦୂରରେ ବୁଦାମୂଳେ ଲୁଚିଯାଇଥିଲେ, ଆଉ ନିଜ ମଣିଷର ହତ୍ୟାକାଣ୍ଡ ବର୍ବରତା ଦେଖୁଥିଲେ । ସେମାନଙ୍କ ଆଖିରୁ ବୋହି ଆସୁଥିଲା ଧାରଧାର ଲୁହ । ଏତିକିବେଳେ ମଦନଙ୍କ ପ୍ରାଣବାୟୁ ଉଡ଼ି ଯାଇଥିବା ଜାଣି ହତ୍ୟାକାରୀ ବାପ ପୁଅ ୩ ଜଣ ମୃତଦେହକୁ ପାଖ ଝରଣା କୂଳକୁ ନେଇ ମାଟିତଳେ ପୋତି ଦେଇଥିଲେ । ରକ୍ତଭିଜା ପଥରକୁ ମଧ୍ୟ ଗୋଟିଏ ବୁଦା ଭିତରେ ଲୁଚାଇ ସେଠାରୁ ଫେରି ଆସିଥିଲେ । ସେପଟେ ମଦନର ସ୍ତ୍ରୀ ମୁଙ୍ଗେ ସେଦିନ ରାତିର ଅନ୍ଧକାର ଓ ସକାଳର ଆଲୁଅରେ କ'ଣ କରିବ କିଛି ଭାବି ପାରି ନ ଥିଲେ । ଭୟ ଆଉ ମନର ଅନ୍ତର୍ବେଦନାରେ ରହି ଚତୁର୍ଦ୍ଦିଗ ଚାହିଁ ବସି ଦୁଇଦିନ ଘରେ କାହାର ସାହସ ଓ ଭରସା ଅପେକ୍ଷାରେ ରହିଥିଲେ । ଶେଷରେ ମନକୁ ଦୃଢ଼କରି ମୁଙ୍ଗେ ପୁଲିସକୁ ଜଣାଇବାକୁ ବାହାରିଲା ସଦର ଥାନା ଅଭିମୁଖେ । ସେପ୍ଟେମ୍ବର ୧ ତାରିଖରେ ଥାନାରେ ଏତାଲାରେ ସମସ୍ତ ବିଷୟ ଜଣାଇବା ପରେ ସେ ସମୟର ଥାନାବାବୁ ପ୍ରଦୀପ କୁମାର ଧରୁଆ କେସ୍ ନମ୍ବର ୧୯୮/୧/୯/୨୯୧୮ ରେ ମକଦ୍ଦମା ଧାରା-୨୯୪/ ୩୪୧/ ୩୨୩/ ୩୨୫/ ୩୦୨/ ୨୦୧/ ୫୦୬-୩୪ ଆଇପିସି ଓ ସେକ୍ସନ ଡବ୍ଲ୍ୟୁ/ ଏଚ ଆଇନ-୨୦୧୩ ବଳରେ ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ । ସେପ୍ଟେମ୍ବର ୪ ତାରିଖରେ ବାପ ବୁଟୁ ଓ ଦୁଇପୁଅଙ୍କୁ ପୁଲିସ ଗିରଫ କରିଥିଲା । ବୁଟୁ ମାଝୀ



# ଜେଲ୍ ଭିତରେ ଅବୋଧ ଶିଶୁ

**ଜେଲ୍ ଭିତରେ ତିନି ମାସର ଶିଶୁ । କଥାଟି ଅପ୍ରାସଙ୍ଗିକ ଲାଗୁଥିଲେ ମଧ୍ୟ ଅନେକ ସମୟରେ ମାଆ ବାପାଙ୍କ ଭୁଲ୍ ପାଇଁ ନିର୍ଦ୍ଦୋଷ ଶିଶୁଙ୍କୁ କାରାବରଣ କରିବାକୁ ପଡ଼େ । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କୁଟିଙ୍ଗା ଗ୍ରାମରେ । ଏହି ଗ୍ରାମର ହତ୍ୟା ଅଭିଯୁକ୍ତ ମହିଳାଙ୍କ ସହ ତାଙ୍କର ୩ ମାସର ନିରୀହ ଶିଶୁକୁ ମଧ୍ୟ ଜେଲ୍ ଯିବାକୁ ପଡ଼ିଥିଲା ।**

କୋରାପୁଟରୁ ସୁବୋଧ କୁମାର ଚେଟ୍ଟୀଙ୍କ ରିପୋର୍ଟ

କ୍ରୋଧ ମଣିଷକୁ ଅମଣିଷ କରିଦିଏ । ନିୟନ୍ତ୍ରଣ ହରାଇ କ୍ରୋଧରେ ମଣିଷ କ'ଣ କରିଦିଏ ସେ ନିଜେ ବୁଝି ପାରେନି । ବୁଝିବା ବେଳକୁ ଆଉ କିଛି ବାକି ନ ଥାଏ । ଏଭଳି କି କ୍ରୋଧାନ୍ୱିତ ଅବସ୍ଥାରେ ଜଣେ ନିର୍ମମ ହତ୍ୟା ମଧ୍ୟ କରିପାରେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଉପର କୁଟିଙ୍ଗା ଗ୍ରାମରେ । ନିଶାସକ୍ତ ଅବସ୍ଥାରେ ଶ୍ୱଶୁର ବୋହୂକୁ ଅଶାଳୀନ ଭାଷାରେ ଗାଳି ଦେବାରୁ ବୋହୂ ଉତ୍ତ୍ୟକ୍ତ ହୋଇ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ମିଶି ଶ୍ୱଶୁରକୁ ନିର୍ମମ ଭାବେ ପିଟିପିଟି ମାରିଦେଇଥିଲା । ଉପର କୁଟିଙ୍ଗା ଗ୍ରାମରେ ଏକ ଛୋଟ ଘଟଣାକୁ ନେଇ ସ୍ୱାମୀ ଓ ଅନ୍ୟମାନଙ୍କ ସହ ମିଶି ବୋହୂ ନିଜ ଶ୍ୱଶୁରଙ୍କୁ ଗାଁ ଦାଣ୍ଡରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିପିଟି ମାରି ଦେବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା ।

ପୁଲିସ ସୂଚନା ଅନୁଯାୟୀ ୨୦୨୨ ଅଗଷ୍ଟ ୬ ତାରିଖର ଘଟଣା । କୋରାପୁଟ ଜିଲ୍ଲା ଉପର କୁଟିଙ୍ଗା ଗ୍ରାମର କୃଷ ମିଣିୟେକା(୬୫) ମଦପିଇ ପାଟିତୁଣ୍ଡ କରି ଏକ ଠେଙ୍ଗାରେ ପିଟି ଘରର ଆଜବେଷ୍ଟସ ଭାଙ୍ଗି ଦେଇଥିଲେ । ବୋହୂ ସଂଗୀତା ପ୍ରତିବାଦ କରିବାରୁ ବୋହୂକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ । ଘଟଣାରେ ପୁଅ କଂସାରୀ ମିଣିଏକା କ୍ରୋଧାନ୍ୱିତ ହୋଇ ବାପାକୁ ଘର ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଚାଲି ଯାଇଥିଲେ । ପୁଅ ଚାଲିଯିବା ପରେ କୃଷ ପୁଣି



ବୋହୂକୁ ଗାଳି କରିବାରୁ ବୋହୂ ସଂଗୀତା ସମ୍ପର୍କୀୟ ଦିଅର ଓ ଦାଦା ଶ୍ୱଶୁର ସହ ମିଶି ଖୁଣ୍ଟରେ ବନ୍ଧା ହୋଇଥିବା ଶ୍ୱଶୁର କୃଷକୁ ସର୍ବସମୁଖରେ ଠେଙ୍ଗାରେ ପିଟିପିଟି ରକ୍ତାକ୍ତ କରିଦେଇଥିଲେ । କିଛି ସମୟ ପରେ କୃଷର ମୃତ୍ୟୁ ହୋଇ ଯିବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ପୁଲିସକୁ ନ ଜଣାଇ ମୃତଦେହ ପୋଡ଼ି ଦେଇଥିଲେ ।

ତେବେ ସତ କେବେ ଲୁଚି ରହେନା ନ୍ୟାୟରେ ପରଦିନ ସକାଳେ ମୃତକକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିବା ଭିଡିଓ ଭାଇରାଲ୍ ହେବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଥିଲା । ଉକ୍ତ ଭିଡିଓ କୌଣସି ସୂତ୍ରରୁ ପୁଲିସ ହାତରେ ପଡ଼ିବା ପରେ ତତ୍କାଳୀନ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ୍ ପୁଲିସ୍ ଟିମ୍ ସହ ଉପର କୁଟିଙ୍ଗା ଗସ୍ତକରି ଭାଇରାଲ୍ ଭିଡିଓ ଅନୁଧ୍ୟାନ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।

ଭାଇରାଲ ଭିଡିଓ ଏବଂ କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ ପୁଲିସ ଘଟଣାରେ ମୃତକ କୃଷଙ୍କ ପୁଅ କଂସାରୀ(୨୯), ବୋହୂ ସଙ୍ଗୀତା (୨୭), ପୁତୁରା କୋବି (୨୮) ଓ ଭାଇ ଜୁଗୁ (୪୦)କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କ ବିରୁଦ୍ଧରେ ଲକ୍ଷ୍ମୀପୁର ଥାନାରେ ଆଇପିସି ୩୦୨/୨୦୧/୩୪ ରେ ଏକ ମାମଲା (ନମ୍ବର-୯୨/୨୦୨୨) ରୁଜୁ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟ ପକ୍ଷରେ ମୁଖ୍ୟ ଅଭିଯୁକ୍ତ ସଙ୍ଗୀତାର ତିନିମାସର ଏକ ଶିଶୁପୁତ୍ର ମଧ୍ୟ ସେତେବେଳେ ଜେଲ୍ ଯାଇଥିଲା ।





ଛାୟାଗୀତି



ସୂର୍ଯ୍ୟ ଦେଓ


# ଛାୟା ପଛେ ପଛେ 'ପରିଣାମ'ର ଗୀତ

ଓଡ଼ିଆ ରୁପେଲି ପରଦାକୁ ପ୍ରଥମ ଶୀର୍ଷକ ଗୀତ ଯେଉଁ ବର୍ଷ ଆସିଲା ତାହା ପର ବର୍ଷ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଯୋଡ଼ିହେଲା ନାନାବାୟା ଗୀତ । ଯେଉଁ ନରସିଂହ ମହାପାତ୍ର ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଶୀର୍ଷକ ଗୀତ ରଚନା କଲେ, ସେ ରୁପେଲି ପରଦାର ପ୍ରଥମ ନାନାବାୟା ଗୀତ 'ଧୋରେ ବାୟା ଧୋ' 'ପରିଣାମ' ଚଳଚ୍ଚିତ୍ର ପାଇଁ ରଚନା କଲେ । ଓଡ଼ିଆ ଲୋକଭାଷାର କାବ୍ୟିକ ଅବଚେତନ ସହିତ ଓଡ଼ିଆ ଚଳଚ୍ଚିତ୍ର ଗୀତ ପୁନଶ୍ଚ ଯୋଡ଼ି ହୋଇଗଲା । 'ପରିଣାମ' ଚଳଚ୍ଚିତ୍ରରୁ ଜଣେ ନବୀନ ଓଡ଼ିଆ ଚଳଚ୍ଚିତ୍ର ଗୀତ ସହିତ ଯୋଡ଼ି ହେଲେ । ସେ ପାର୍ଥସାରଥି ମହାପାତ୍ର । ଏହି ଚଳଚ୍ଚିତ୍ର ପାଇଁ ପାର୍ଥସାରଥି ମହାପାତ୍ରଙ୍କ ଏକମାତ୍ର ରଚନା ଥିଲା 'ରାଧିକା ମୋହନ ଏବେ ପଦ ତଳେ ନିଅ ଡାକି/ କେତେ ଆଉ କନ୍ଦାଇବ ନୟନ ଗଲାଣି ଶୁଖି' । ବିମ୍ବ, ପ୍ରତୀକ, ଅଳଙ୍କାରର ଛନ୍ଦ ବନ୍ଧ ନ ରଖି କେବଳ ଆବେଗ ଓ ଅଭିମାନରେ ଯେ ଗୀତର ସୌନ୍ଦର୍ଯ୍ୟ ବିସ୍ତାର କରାଯାଇପାରେ, ପାର୍ଥସାରଥି ମହାପାତ୍ର ଏହି ତତ୍ତ୍ୱ ଓଡ଼ିଆ ଚଳଚ୍ଚିତ୍ରକୁ ଦେଇଗଲେ । 'ଯେତିକି ଛଳନା ସବୁ/ ମୋହରି ଲାଗି କି ଖାଲି/ ଲୋକହସା କରି ମୋତେ/ କେଉଁ ଯଶ ଯିବ ରଖି/ ରାଧିକା ମୋହନ ଏବେ/ ପଦ ତଳେ ନିଅ ଡାକି/ ଆଉ କେତେ କନ୍ଦାଇବ/ ନୟନ ଗଲାଣି ଶୁଖି' । ଓଡ଼ିଆ ପ୍ରାଚୀନ ଗୀତଧାରାରେ କାନ୍ଦି କନ୍ଦାଇ, ରସି ରସାଇ, ବାନ୍ଧି ବନ୍ଧାଇ ଅଭିମାନ ଓ ଆକୁତିକୁ ପ୍ରକଟିତ କରିବାର ଯେଉଁ ବିଧି ଥିଲା, ତାହାକୁ ଚଳଚ୍ଚିତ୍ର ଗୀତରେ ସଂପୃକ୍ତ କରିବାର ପ୍ରୟାସ ପାର୍ଥସାରଥି ମହାପାତ୍ର କରିଥିଲେ ଓ ସଫଳ ହୋଇଥିଲେ । ତେବେ ଗତ ପର୍ଯ୍ୟାୟର ଅଧିକାଂଶ ଗୀତିକାରଙ୍କ ପରି ପାର୍ଥସାରଥି ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଗୀତ ସହ ବିଶେଷ ସଂପୃକ୍ତ ହେଲେନାହିଁ । କେବଳ ଦୁଇଟି ଚଳଚ୍ଚିତ୍ରରେ ତାଙ୍କର



ଦୁଇଟି ଗୀତ ସ୍ଥାନିତ ହୋଇଥିଲା । ଗୋଟିଏ 'ପରିଣାମ'ରେ, ଆରଟି 'କିଏ କାହାର'ରେ । 'ପରିଣାମ' ପାଇଁ ଦୁଇଟି ଗୀତ ରଚନା କରିଥିଲେ ଅକ୍ଷୟ ମହାନ୍ତି । 'ସୁନାର ଦୁନିଆ ତୋର ଚୂନା ହେଲା ସିନା' ଓ 'ଛାୟା ପଛେ ପଛେ ଦିନ ରାତି ମୁହିଁ' । ସେପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର ଗୀତ ପ୍ରବାହରେ ଓଡ଼ିଆ ମୌଖିକ ପରମ୍ପରାକୁ ସାଙ୍ଗୀତିକ ପରମ୍ପରା ସହ ସଙ୍ଗତ କରିବାର ଉଦ୍ୟମ ଥିଲା, ହିନ୍ଦୀ ଓ ବଙ୍ଗଳା ପ୍ରଭାବିତ ହୋଇ ମଧ୍ୟ ଏକ ସକ୍ଷମ ଓଡ଼ିଆ ଗୀତିଶୈଳୀ କୌଶଳ ନିର୍ମିତ ହୋଇଥିଲା । ମାତ୍ର ୧୨ଟି ଚଳଚ୍ଚିତ୍ର ଅର୍ଥାତ୍ ୭୨ଟି ଗୀତ ମଧ୍ୟରେ ଏତକ କରିବା କିଛି କମ୍ ଦୁଃସାହସିକ କାର୍ଯ୍ୟ ନ ଥିଲା । ଭକ୍ତି, ପ୍ରେମ, ବିରହ, ବିଦ୍ରୋହ ଓ ବିଷାଦ ଗୀତର ପ୍ରାଣପ୍ରତିଷ୍ଠା ଓଡ଼ିଆ ଚଳଚ୍ଚିତ୍ର ଗୀତରେ ହୋଇସାରିଥିଲା । କିନ୍ତୁ ଅବ୍ୟବହୃତ ହୋଇ ରହିଥିଲା ଜୀବନ ରହସ୍ୟ ଓ ଦର୍ଶନର ମାର୍ଗ । 'ମା' ଚଳଚ୍ଚିତ୍ରର 'ବେଦନା ସାଗର ତୀରେ' ଓ 'ଶ୍ରୀଲୋକନାଥ'ର 'ତୁ କି ପରଦେଶୀ ନିଜ ଦେଶେ' ଗୀତରେ ଜୀବନ ଦର୍ଶନର ଛିଟା ଥିଲା କିନ୍ତୁ ସେଥିରେ ବ୍ୟକ୍ତିଗତ ଅନୁଭବ ଓ ବିଷାଦର ଭାଗଟି ଅଧିକ ଥିଲା । ଅକ୍ଷୟ ମହାନ୍ତି ସ୍ୱାଭାବିକ ଜୀବନାନୁଭୂତି ମଧ୍ୟରେ ରହସ୍ୟମୟ ଛାୟାପଥ ନିର୍ମାଣ କରିବା ସହ ଚମକପ୍ରଦ ଅର୍ଥଦ୍ୟୁତିକୁ ନେଇ ଯେଉଁ ଉଦାହରଣ ଉପସ୍ଥାପନ କଲେ, ତାହାର ମୌଳିକତା ଲକ୍ଷଣୀୟ: "କ୍ଲାନ୍ତ ଚରଣ ଅବଶ ମୋ ଦେହ/ ଏକାକୀ ଏ ମରୁ ପଥେ/ ତୁଚ୍ଛାରେ ଆକୁଳ ମରମ ମୋହର/ ଶୂନ୍ୟ ନଦୀର ତଟେ/ ବଞ୍ଚିବାର ଲାଗି ଯା' ଥିଲି ସାଇତି/ ଆଜି ଆଉ କିଛି ନାହିଁ / ଛାୟା ପଛେ ପଛେ ଦିନ ରାତି ମୁହିଁ/ ଘୂରିବୁଲେ ସିନା ପଥଭୁଲା ହୋଇ/ ପାରେ ନାହିଁ ଥରେ ଛୁଇଁ । ଉଦ୍ଧୃତିରେ ବିମ୍ବ ନିର୍ମାଣର କୌଶଳ ନିଜ ଆଲୋକରେ ଉଜ୍ଜ୍ୱଳ । 'ଏକାକୀ ମରୁ ପଥେ ଓ ଶୂନ୍ୟ ନଦୀର ତଟେ'ରେ ଅନ୍ତର୍ନିହିତ ଧ୍ୱନି ମାଧୁର୍ଯ୍ୟ ରହିଛି ଓ କଳ୍ପନାର ବିମ୍ବାତ୍ମକ ସମନ୍ୱୟ ମଧ୍ୟ ରହିଛି । 'ଛାୟା ପଛେ ପଛେ ଦିନ ରାତି ମୁହିଁ/ ଘୂରିବୁଲେ ସିନା ପଥଭୁଲା ହୋଇ/ ପାରେ ନାହିଁ ଥରେ ଛୁଇଁ' ଏହି ଉଦ୍ଧୃତିର ଛାୟାପଥ ହୁଏତ ମୋକ୍ଷ ଯାତ୍ରା ହୋଇପାରେ, ହୁଏତ ଜୀବନ ମାର୍ଗ ବି ହୋଇପାରେ । ■

# ୧୨ ବର୍ଷ ପରେ ସ୍ୱାମୀଙ୍କଠୁ ଈଶା ଅଲଗା



ଟିସୁ ପେପର୍‌ରେ ନମ୍ବର ଦିଆନିଆରୁ ଆରମ୍ଭ ହୋଇଥିଲା ଦୁହିଁଙ୍କ ପ୍ରେମ । କିନ୍ତୁ ଏବେ ସେମାନଙ୍କ ସମ୍ପର୍କ ବିବାହ ବିଚ୍ଛେଦର ରୂପ ନେଇଛି । ଡ୍ରିମ୍‌ଗାର୍ଲ ହେମାମାଳିନୀ ଓ ବର୍ଷୀୟାନ୍ ଅଭିନେତା ଧର୍ମେନ୍ଦ୍ରଙ୍କ ବଡ଼ ଝିଅ ଈଶା ଦେଓ୍ୱଲ ତାଙ୍କ ସ୍ୱାମୀ ଭରତ ତଖତାନିଙ୍କଠାରୁ ସବୁଦିନ ପାଇଁ ଅଲଗା ହୋଇଯାଇଛନ୍ତି । ଦୀର୍ଘ ୧୨ ବର୍ଷ ଏକାଠି ଘର ସଂସାର କରିବା ପରେ ଭରତଙ୍କୁ ଛାଡ଼ପତ୍ର ଦେଇଛନ୍ତି ଈଶା । ତେବେ ପରକୀୟା ପ୍ରୀତି ଯୋଗୁଁ ବିବାହ ବିଚ୍ଛେଦ ହୋଇଥିବା କୁହାଯାଉଛି । ଅବଶ୍ୟ ଏକଥା ସମସ୍ତେ ଜାଣିବାକୁ ଯାଉଛନ୍ତି, ଦୁହିଁଙ୍କ ମଧ୍ୟରେ ଏଭଳି କ'ଣ ହେଲା ଯେ, ସେମାନଙ୍କ ସମ୍ପର୍କ ଛାଡ଼ପତ୍ରରେ ପହଞ୍ଚିଲା । ସେହିପରି ସହମତିରେ ଦୁହେଁ ଦୁହିଁଙ୍କଠାରୁ ଦୂରେଇ ଯାଇଥିବା ଭରତ ଓ ଈଶା ସ୍ପଷ୍ଟ କରିଛନ୍ତି । ତା'ସହ ସେମାନଙ୍କର ଏହି ସମ୍ପର୍କ ସେମାନଙ୍କ ସନ୍ତାନଙ୍କ ଉପରେ ପଡ଼ିବ ନାହିଁ ବୋଲି କହିଛନ୍ତି । ପରସ୍ପରଠାରୁ ଅଲଗା ହେଲେ ବି ମିଶିକି ସେମାନେ ପିଲାଙ୍କ ଦେଖାଶୁଣା କରିବେ । ୨୦୧୨ରେ ସେ ବ୍ୟବସାୟୀ ଭରତଙ୍କୁ ଈଶା ବିବାହ କରିଥିଲେ । ୨୦୧୭ରେ ପ୍ରଥମ ସନ୍ତାନ ରାଧାର ମା' ହୋଇଥିବା ବେଳେ ୨୦୧୯ ରେ ଦ୍ୱିତୀୟ ସନ୍ତାନ ମିରାୟାର ଜନନୀ ହୋଇଥିଲେ । ଅନ୍ୟପଟେ ମିରାୟାର ଜନ୍ମ ହେବା ପରେ ଈଶା ଓ ଭରତଙ୍କ ବୈବାହିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା । ■

ପରଦା ପଛର କାହାଣୀ

# ବାଁ ହାତକୁ ପରଦାରେ ଲୁଚାଉଥିଲେ ଟ୍ରାଜେଡି କ୍ୱିନ୍



ମୀନା କୁମାରୀ ହିନ୍ଦୀ ସିନେମାର ଏମିତି ଏକ ଚେହେରା, ଯିଏ କରୁଣ ରସର କବିତା ପରି । ଷାଠିଏ ଓ ସତୁରି ଦଶକର ସବୁଠୁ ଲୋକପ୍ରିୟ ଅଭିନେତ୍ରୀ ଥିଲେ ସେ । ବଲିଉଡ୍‌ରେ ମୀନା କୁମାରୀ ଟ୍ରାଜେଡି କ୍ୱିନ୍ ଭାବେ ବେଶ୍ ପରିଚିତା । ମାତ୍ର ୩୮ ବର୍ଷ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ । ଏତେ କମ୍ ଦିନର ଫିଲ୍ମି କ୍ୟାରିୟରରେ ମୀନା କୁମାରୀ ୯୦ଟି ଫିଲ୍ମରେ ଅଭିନୟ କରିବା ସହ ୪ଥର ଫିଲ୍ମଫେୟାର୍ ପୁରସ୍କାର ଜିତିଥିଲେ । ମୀନା ରିଲ୍ ଲାଇଫ୍‌ରେ ଯେତିକି ସଫଳତାରେ ଶୀର୍ଷରେ ଚଢ଼ିଥିଲେ, ରିଅଲ୍ ଲାଇଫ୍‌ରେ କିନ୍ତୁ ସେତିକି କଷ୍ଟ ଓ ଦୁଃଖରେ ବଢ଼ିଥିଲେ । ଜନ୍ମଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ଦୁଃଖ ହିଁ ତାଙ୍କ ଚିର ସହଚର ରହିଥିଲା । ମୀନାଙ୍କ ପ୍ରକୃତ ନାମ ଥିଲା ମହଜବୀନ୍ । ଭାରତୀୟ ସିନେମାର ସବୁଠୁ ସଫଳ ଓ ଚର୍ଚ୍ଚିତ ସିନେମା 'ସାହେବ ବିବି ଔର ଗୁଲାମ୍', 'ପାକିଜା', 'ବୈଜୁ ବାଓ୍ବାରା, 'ଦିଲ୍ ଅପ୍‌ନା ପ୍ରୀତ୍ ପରାୟେ', 'ପରିଣୀତା', 'କୋହିନୂର୍', 'ସାହେବ ବିବି ଔର ଗୁଲାମ' ଇତ୍ୟାଦିରେ ନିଜର ଅଭିନୟ ଦେଖାଇ ବଲିଉଡ୍‌ରେ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିଥିଲେ ମୀନା କୁମାରୀ । ପରଦା ଉପରେ ଅତି ନିଖୁଣ ଅଭିନୟ କରୁଥିବା ମୀନା କୁମାରୀ ଅନେକ ସମୟରେ ତାଙ୍କ ବାମ ହାତକୁ ଲୁଚାଉଥିବାର ଦେଖାଯାଏ । ଅନେକ ସମୟରେ ସେ ଏପରି ଭାବେ କ୍ୟାମେରାକୁ ସାମ୍ନା କରୁଥିଲେ ଯେ, ତାଙ୍କର ଗୋଟିଏ ହାତ କେବଳ ଦେଖାଯାଉଥିଲା । ତେବେ ସେ ଏପରି କରିବାର ଏକ କାରଣ ମଧ୍ୟ ରହିଛି । ଏକଦା ସେ ମହାବଳେଶ୍ୱରରୁ ମୁମ୍ବାଇ ଫେରୁଥିଲେ । ରାସ୍ତାରେ ତାଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିଯୋଗୁଁ ମୀନା କୁମାରୀଙ୍କୁ ବହୁଦିନ ଯାଏଁ ହସ୍‌ପିଟାଲରେ ରହିବାକୁ ପଡ଼ିଥିଲା । ଏଥିରେ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା । ତାଙ୍କ ହାତର କନିଷ୍ଠ ଆଙ୍ଗୁଳି ଭାଙ୍ଗି ଯାଇଥିଲା ଓ ପରେ ଏହା ତେଢ଼ା ହୋଇ ରହିଲା । ମୀନା ଏହାପରେ ତାଙ୍କର ଏହି ଖୁଣକୁ ଲୁଚାଇବାକୁ ଯାଇ ବାଁ ହାତକୁ ପରଦା ଉପରେ ଲୁଚାଇବାକୁ ଲାଗିଲେ । ■

ମାୟାନଗରୀର ପ୍ରେମ କାହାଣୀ

# ବିବାହ ପରେ ବି ପ୍ରେମ: ସନ୍ନି ଦେଓଲ ଓ ଡିମ୍ପଲ



ବଲିଉଡ୍ ଷ୍ଟାର୍ ସନ୍ନି ଦେଓଲ ଓ ଅଭିନେତ୍ରୀ ଡିମ୍ପଲ କପାଡ଼ିଆଙ୍କ ପ୍ରେମ ସବୁବେଳେ ବଲିଉଡ୍‌ରେ ଚର୍ଚ୍ଚା ସାଉଁଟୁଥିଲା । ବିଶେଷକରି ଡିମ୍ପଲଙ୍କ ପାଇଁ ସନ୍ନି ଆୱାରା ଥିଲେ । 'ଅର୍ଜୁନ', 'ଗୁନାହ', 'ମଞ୍ଜିଲ- ମଞ୍ଜିଲ' ତଥା 'ନରସିହ୍ମା' ପରି ହିଟ୍ ସିନେମାରେ ଅଭିନୟ କରିଥିବା ସନ୍ନି ଓ ଡିମ୍ପଲ ସେହି ସମୟରେ ବେଶ୍ ଚର୍ଚ୍ଚିତ ହୋଇ ପଡ଼ିଥିଲେ ପ୍ରେମ ପାଇଁ । ୮୦ ଦଶକରେ ଉଭୟଙ୍କ ପ୍ରେମ ଆରମ୍ଭ ହୋଇଥିଲା । ଚଳଚ୍ଚିତ୍ର 'ମଞ୍ଜିଲ - ମଞ୍ଜିଲ'ରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ । ୧୯୮୫ ମସିହାରେ ସିନେମା 'ଅର୍ଜୁନ'ରେ ସେମାନେ ଅଧିକ ଘନିଷ୍ଠ ହୋଇଯାଇଥିଲେ । ଡିମ୍ପଲ କପାଡ଼ିଆ ହୃଦୟରେ ସବୁବେଳେ 'ଜୱାନ' ହିଁ ଥିଲେ । ସୁପରଷ୍ଟାର୍ ରାଜେଶ ଖାନ୍ନାଙ୍କୁ ବିବାହ ପରେ ହେଉ କି ୧୭ ବର୍ଷ ବୟସରେ ଝିଅ ଟ୍ୱିଙ୍କିଲକୁ ଜନ୍ମ ଦେବା ପରେ ମଧ୍ୟ ସେମାନଙ୍କ ଦାମ୍ପତ୍ୟ ଜୀବନ ସଫଳ ହୋଇନଥିଲା । ଏମିତି ସମୟରେ ସନ୍ନି ଦେଓଲଙ୍କ ସହ ଡିମ୍ପଲଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ସନ୍ନି ଦେଓଲଙ୍କ ପାଇଁ ସେ ରାଜେଶ ଖାନ୍ନାଙ୍କଠୁ ଅଲଗା ମଧ୍ୟ ହୋଇଯାଇଥିଲେ । ସେପଟେ ସନ୍ନି ଦେଓଲ ବିବାହିତ ହୋଇଥିଲେ ମଧ୍ୟ ସେ ଡିମ୍ପଲଙ୍କ ସହ ରୋମାନ୍ସରେ ଲିପ୍ତ ରହୁଥିଲେ । ଘରେ ପତ୍ନୀ ପୂଜା ଥାଇ ମଧ୍ୟ ସନ୍ନି ଡିମ୍ପଲଙ୍କୁ ପତ୍ନୀର ମାନ୍ୟତା ମଧ୍ୟ ଦେଇଥିଲେ । ଯେତେବେଳେ ଡିମ୍ପଲ କପାଡ଼ିଆଙ୍କ ସାନ ଭଉଣୀ ସିମ୍ପଲ କପାଡ଼ିଆଙ୍କ ମୃତ୍ୟୁ ହୋଇଥିଲା ସନ୍ନି ତାଙ୍କୁ ଆଶ୍ୱାସନା ଦେବାକୁ ତାଙ୍କ ଘରକୁ ମଧ୍ୟ ଯାଇଥିଲେ । ସମୟ ଥିଲା, ଟ୍ୱିଙ୍କିଲ ଖାନ୍ନା ଓ ରିଙ୍କି ଖାନ୍ନା ସନ୍ନି ଦେଓଲଙ୍କୁ ସାନ ବାପା ବୋଲି ସମ୍ବୋଧନ କରୁଥିଲେ । ଶେଷଥର ପାଇଁ ୨୦୧୭ ମସିହାରେ ଡିମ୍ପଲ ଓ ସନ୍ନିଙ୍କୁ ମୋନାକୋରେ ଦେଖିବାକୁ ମିଳିଥିଲେ । ସେହି ସମୟରେ ଉଭୟେ ପରସ୍ପରର ହାତ ଧରି ଏମିତି ଚାଲୁଥିଲେ ଯେମିତି ସେମାନେ ଲୁଚିଛପି ପ୍ରେମ କରୁଛନ୍ତି । ଡିମ୍ପଲ ଓ ସନ୍ନିଙ୍କ ଏହି 'ଛୁପା ରୁସ୍ତମ› ପ୍ରେମ କାହାଣୀ ୧୧ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ତେବେ ପତ୍ନୀ ପୂଜା ସିଧାସଳଖ ସନ୍ନିଙ୍କୁ ଧମକ ଦେବା ପରେ ସେମାନଙ୍କ ପ୍ରେମ ସଂପର୍କରେ ଭଟ୍ଟା ପଡ଼ିଯାଇଥିଲା । ■

# ରଶ୍ମିକାଙ୍କ ଫି' ୪ କୋଟି!




ସାଧାରଣତଃ ଫିଲ୍ମର ସଫଳତା ପରେ ତାରକାମାନେ ସେମାନଙ୍କ ପାରିଶ୍ରମିକ ବଢ଼ାଇଥାନ୍ତି । ଏହି ପରିପ୍ରେକ୍ଷୀରେ ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଫି'କୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ବଲିଉଡ୍ ଫିଲ୍ମ 'ଆନିମଲ୍'ରେ ଅଭିନେତା ରଣବୀରଙ୍କ ବିପକ୍ଷରେ ରଶ୍ମିକା ନଜର ଆସିଥିଲେ । ଏହି ଫିଲ୍ମଟି ବକ୍ସଅଫିସ୍‌ରେ ଭଲ ଆୟ ବି କରିଥିଲା । ଏପରିକି ବିଶ୍ୱବ୍ୟାପୀ ଏହା ୯୦ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା । ତେବେ ଫିଲ୍ମର ସଫଳତାକୁ ଦେଖି ଚର୍ଚ୍ଚା ହେଲା ଯେ, ସେ କୁଆଡ଼େ ତାଙ୍କ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି । ସେ ଗୋଟିଏ ଫିଲ୍ମ ପାଇଁ ୪ରୁ ସାଢ଼େ ୪ କୋଟି ଟଙ୍କା ନେଉଥିବା କୁହାଯାଉଛି । ଅବଶ୍ୟ ତାଙ୍କର ପାରିଶ୍ରମିକ ବୃଦ୍ଧିକୁ ନେଇ ସେ ଏବେ ମୁହଁ ଖୋଲିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ଏନେଇ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, 'ଏମିତି କିଏ କହୁଛି ଜାଣିକି ମୁଁ ଆଶ୍ଚର୍ଯ୍ୟ । ଏସବୁ ଦେଖିବା ପରେ ଲାଗୁଛି ମୋତେ ସତରେ ଏଭଳି କରିବା ଦରକାର । ଯଦି ମୋ ପ୍ରଯୋଜକ ପଚାରିବେ ଏପରି କାହିଁକି? ମୁଁ କେବଳ କହିବି, ଏକଥା କେବଳ 'ମିଡିଆ' କହୁଛି ସାର୍ । ମୋତେ ଲାଗୁଛି ସେମାନଙ୍କ କଥାକୁ ମୋର ଶୁଣିବା ଦରକାର । ମୁଁ କ'ଣ କରିବି?" ଏବେ ରଶ୍ମିକା 'ପୁଷ୍ପା-୨' ସିନେମା ସୁଟିଂରେ ବ୍ୟସ୍ତ ଅଛନ୍ତି । ■

ସାକ୍ଷାତକାର



# "ପ୍ରତ୍ୟେକ ଚରିତ୍ର ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ"



**ନୀଳାକ୍ଷୀ ପାତ୍ର, ଅଭିନେତ୍ରୀ**

ଧାରାବାହିକ 'ସିନ୍ଦୂରର ଅଧିକାର'ରୁ ସେ ଅଭିନୟ ଆରମ୍ଭ କରିଥିଲେ। ଏଥିରେ 'ଇତି' ଚରିତ୍ରରେ ସେ ଘରେ ଘରେ ପରିଚିତ। ଏହି ଧାରାବାହିକ ପାଇଁ ସେ ଶ୍ରେଷ୍ଠ ଯୋଡ଼ି ପୁରସ୍କାର ମଧ୍ୟ ପାଇଥିଲେ। ଏହାପରେ ସେ 'ତ୍ରିଲୋଚନ ଗୌରୀ' ଧାରାବାହିକରୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ ହୋଇଛନ୍ତି। ସେହିପରି 'ଛାତିରେ ଲେଖିଛି ତୋରି ନାଁ', 'ତୁ ମୋ ମେହମାନ୍', 'ଭିଜି ଭିଜି ଆ ଆଉ ଥରେ' ଆଦି ୧୫ରୁ ଊର୍ଦ୍ଧ୍ୱ ଓଡ଼ିଆ ମ୍ୟୁଜିକ୍ ଭିଡିଓରେ ସେ ଚମତ୍କାର ଅଭିନୟ କରିଛନ୍ତି। ଓଡ଼ିଆ ଫିଲ୍ମ 'ସରଗପୁରରୁ ଆସିଛି ପରୀ' ପରେ ଏବେ ସେ 'ଦଶମ'ରେ ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି। ଏହି ଚୁଲ୍‌ବୁଲି ଅଭିନେତ୍ରୀ ଜଣକ ହେଉଛନ୍ତି ନୀଳାକ୍ଷୀ ପାତ୍ର। ଜନ୍ମ ତାଙ୍କର ରାୟଗଡ଼ାରେ କିନ୍ତୁ ଭୁବନେଶ୍ୱରରେ ସେ ରୁହନ୍ତି। ତେବେ ଧାରାବାହିକରୁ ଫିଲ୍ମକୁ ଯାତ୍ରା ତାଙ୍କର କିପରି ଆରମ୍ଭ ହେଲା ଜାଣିବା ତାଙ୍କ ମୁହଁରୁ...



**ଅଭିନୟ ପାଇଁ ସ୍ୱପ୍ନ ଦେଖିଥିଲେ କି?**

- ପିଲାଦିନେ ଖେଳକୁଦରେ ରୁଚି ଥିଲା। ଭଲ ନାଚୁଥିଲି। ଅଭିନୟ କରିବାକୁ ଇଚ୍ଛା ଥିଲା, କିନ୍ତୁ କିଛି ପ୍ରସ୍ତୁତ କରିନଥିଲି। କିନ୍ତୁ 'ସିନ୍ଦୂରର ଅଧିକାର' ଧାରାବାହିକ ପାଇଁ ଅଡିସନ୍ ଦେଇଥିଲି। ଇତି ଚରିତ୍ରରେ କାମ କରିଥିଲି। ଏହି ଚରିତ୍ର ମୋତେ ଲୋକପରିଚିତି ଦେଇଥିଲା। ଅନେକ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା।

**ଧାରାବାହିକରୁ ଓଡ଼ିଆ ଫିଲ୍ମକୁ ଯାତ୍ରା କେମିତି ଥିଲା ? 'ଦଶମ'ରେ କେମିତି ଅଫର୍ ପାଇଥିଲେ ?**

- ଯଦିଓ ପୂର୍ବରୁ ଓଡ଼ିଆ ଫିଲ୍ମରେ କାମ କରିଥିଲି। କିନ୍ତୁ 'ଦଶମ' ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ପ୍ରଥମେ ଦୀପକ ସାର୍ ଫୋନ୍ କରି 'ଦଶମ' ବିଷୟରେ କହିଥିଲେ। ପରେ ରାଜା ଭାଇଙ୍କଠାରୁ କାହାଣୀ ଶୁଣିଥିଲି। ଏହା ମନଗଢ଼ା କାହାଣୀ ନ ଥିଲା। ବରଂ ଏହା ସମସ୍ତଙ୍କ ଜୀବନରେ ଘଟିଛି। ଦଶମ ଶ୍ରେଣୀର ବନ୍ଧୁତ୍ୱ, ଭଲପାଇବା, ଖଟାମିଠା ଅନୁଭୂତିକୁ ନେଇ ଏହି ଫିଲ୍ମ ପ୍ରସ୍ତୁତ ହୋଇଛି। କାହାଣୀଟି ମୋ ମନକୁ ଛୁଇଁଥିବାରୁ ଏଥିରେ କାମ କରିଥିଲି। ଦର୍ଶକଙ୍କ ହୃଦୟକୁ ମଧ୍ୟ ଏହି ଫିଲ୍ମଟି ଛୁଇଁଛି।

**ମ୍ୟୁଜିକ୍ ଭିଡିଓ, ଧାରାବାହିକ ନା ଫିଲ୍ମ କେଉଁଟିରେ ଅଧିକ ସହଜ ଅନୁଭବ କରନ୍ତି?**

- ଜଣେ କଳାକାର ଯେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଶତପ୍ରତିଶତ ଦେଇଥାଏ, ସେତେବେଳେ ତାକୁ ଆତ୍ମସନ୍ତୁଷ୍ଟି ମିଳିଥାଏ। ଏହାକୁ ଧ୍ୟାନ ଦେଲେ, ମୁଁ ପ୍ରତ୍ୟେକ କ୍ଷେତ୍ରରେ କାମ କରିବାକୁ ଭଲପାଏ। ସବୁଠି ସହଜ ମନେ କରେ। ତେବେ ମୋ ଅଭିନୀତ ଫିଲ୍ମ 'ଦଶମ'କୁ ଦେଖି ଦର୍ଶକ କାନ୍ଦି କାନ୍ଦି ଫେରୁଛନ୍ତି, ଏହା ହିଁ ମୋ ପାଇଁ ସୌଭାଗ୍ୟର କଥା।

**ଇନ୍‌ଷ୍ଟାଗ୍ରାମ୍ ହେଉ କି ସୋସିଆଲ ମିଡିଆ, କେମିତି ବ୍ୟବହାର କରିବା ଦରକାର?**

- ସାମାଜିକ ଗଣମାଧ୍ୟମରେ ଯେଉଁ କଥା ସମାଜ ବା ଯୁବପିଢ଼ିଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ, ସେଥିରୁ ଦୂରେଇ ରହିବା ଦରକାର।

**ସବୁ ସମୟରେ ନିଳାକ୍ଷୀ ଫିଟ୍ ଥାଆନ୍ତି, ରହସ୍ୟ କ'ଣ?**

- ଯେହେତୁ ରାୟଗଡ଼ାରେ ମୋର ଜନ୍ମ। ତେଣୁ ରୁଟି ବଦଳରେ ଭାତ ଖାଏ। ପଖାଳ ଖାଏ। ଜିମ୍ କି ଡାଏଟ୍ ମେଣ୍ଟେନ କରେନି। ବୋଧହୁଏ ମୋ' ଦେହ ଲାଗେନି, ସେଥିପାଇଁ ଫିଟ୍ ରୁହେ।

**ସେଟ୍‌ର କିଛି ସ୍ମରଣୀୟ ମୁହୂର୍ତ୍ତ ?**

- ବହୁତ କିଛି ସୁନ୍ଦର ମୁହୂର୍ତ୍ତ ରହିଛି। ସେଟ୍‌ରେ ମୋତେ ଭଲ ବନ୍ଧୁ ମିଳିଛନ୍ତି।

**ଆପଣଙ୍କ ଡ୍ରିମ୍ ରୋଲ୍ କ'ଣ?**

- ପ୍ରତ୍ୟେକ ଚରିତ୍ର ମୋ' ପାଇଁ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ଚରିତ୍ର ମିଳିଲେ ଏହାକୁ ଜୀବନ୍ତ କରିବାକୁ ମୁଁ ଚେଷ୍ଟା କରେ।

**ନିଳାକ୍ଷୀଙ୍କ ପ୍ରିୟ ଖାଦ୍ୟ ?**

- ପଖାଳ, ଆଳୁଭଜା, ଟମାଟୋ ଭଜା ଆଦି ଦେଶୀ ଖାଦ୍ୟ ମୋର ଅତି ପ୍ରିୟ। ବିରିୟାନୀ ଖାଇବାକୁ ବି ଭଲପାଏ।

**ପ୍ରଥମେ କ୍ୟାମେରାକୁ କେମିତି ସାମନା କରିଥିଲେ ? ଆଉ ପାରିଶ୍ରମିକକୁ କ'ଣ କରିଥିଲେ ?**

- ମୁଁ ବହୁତ ଭୟ କରିଯାଇଥିଲି। ଏକାଥରେ ସେଟ୍‌ରେ ଏତେ ଲୋକ, ନିର୍ଦ୍ଦେଶକଙ୍କ ତାଗିଦ, ଲାଇଟ୍ – କ୍ୟାମେରା-ଆକ୍ସନକୁ ଦେଖି ଭୟ କରିଯାଇଥିଲି। ଡରିଡରି ଅଭିନୟ କରିଥିଲି। ତେବେ ମୋର ପ୍ରଥମ ପାରିଶ୍ରମିକକୁ ମୁଁ ମୋ ବାବାଙ୍କୁ ଦେଇଥିଲି।

**ଭବିଷ୍ୟତ ଯୋଜନା?**

- ଏକ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ କରୁଛି। ନିଜକୁ ବଳବାନ୍ କରି ଚାଲିବାକୁ ଚାହୁଁଛି।

**ପ୍ରେମ ନା ବନ୍ଧୁତା କେଉଁଟିକୁ ପ୍ରାଧାନ୍ୟ ଦିଅନ୍ତି?**

- ବନ୍ଧୁତ୍ୱ ଭିତରେ ପ୍ରେମକୁ ଗୁରୁତ୍ୱ ଦିଏ।

**ଅଭିନୟ କ୍ଷେତ୍ରକୁ ଆସିବାକୁ ଚାହୁଁଥିବା ପିଲାଙ୍କୁ କ'ଣ କହିବେ?**

- ପ୍ରଥମତଃ ପରିବାର ଲୋକଙ୍କ ସହଯୋଗ ରହିବା ଦରକାର। ଏହାବାଦ୍ ଅଡିସନ୍ ପାଇଁ ନିଜକୁ ପ୍ରଥମେ ପ୍ରସ୍ତୁତ କରିବା ଜରୁରି। ସ୍କ୍ରିପ୍ଟ ପଢ଼ି ଭଲ ଅଭିନୟ କରିବାକୁ ଚେଷ୍ଟା କରିବେ। ଯଦି ଅଡିସନ୍ ଶତପ୍ରତିଶତ ଦେବା ପରେ କୌଣସି କାରଣରୁ ବିଫଳ ହେଉଛନ୍ତି, ତେବେ ଏଥିରେ ଭାଙ୍ଗି ନ ପଡ଼ି ପୁନର୍ବାର ଅଡିସନ ଦେବାକୁ ଚେଷ୍ଟା କରିବା ଆବଶ୍ୟକ।

**କ'ଣ କଲେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଅଧିକ ଉନ୍ନତି ହୋଇପାରିବ?**

- ପ୍ରଥମତଃ ବାସ୍ତବଧର୍ମୀ କାହାଣୀ ନେଇ ଫିଲ୍ମ କରିବାର ଆବଶ୍ୟକତା ରହିଛି। ଫିଲ୍ମ ପ୍ରଦର୍ଶନ ପାଇଁ ହଲ୍ ବି ଦରକାର। ତେଣୁ କାଳ୍ପନିକ କାହାଣୀ ବଦଳରେ ବାସ୍ତବ ଘଟଣା ଉପରେ ଫିଲ୍ମ କରିଲେ ହିଁ ଦର୍ଶକ ଏହାକୁ ବେଶୀ ଗ୍ରହଣ କରିବେ। ■

## ବହୁଭାଷାରେ ନିର୍ମାଣ ହେବ
# ଜୟ ମା' ସମଲେଇ




ପ୍ରଥମଥର ପାଇଁ ତିନିଟି ପ୍ରଡକ୍ସନ୍ ହାଉସ୍ ମିଶି ଆଧାତ୍ମିକ ସିନେମା ନିର୍ମାଣ ଦିଗରେ ଆଗକୁ ଆସିଛନ୍ତି। ସନଲିସା ସିଗ୍ନେଚର, ଶିରିଡ଼ି ସାଇ ବାବା ମୁଭିଜ୍ ଏବଂ ନ୍ୟୁ ଜେନେରେସନ ଫିଲ୍ମସ୍ 'ଜୟ ମା' ସମଲେଇ' ସିନେମା ନିର୍ମାଣ କରିବେ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମହିମା ଉପରେ ସିନେମାର କାହାଣୀ ଆଧାରିତ ହେବ। ଫିଲ୍ମ ମାଧ୍ୟମରେ ମା'ଙ୍କ ମହିମାକୁ ଚାରିଆଡ଼େ ପ୍ରଚାର ପ୍ରସାର କରାଯିବା ଲକ୍ଷ୍ୟ ରଖାଯାଇଛି। ଚଳଚ୍ଚିତ୍ରଟିର ବିଶେଷତ୍ୱ ହେଉଛି, ଏହାକୁ କେବଳ ଓଡ଼ିଆରେ ନୁହେଁ, ବହୁ ଭାଷାରେ ନିର୍ମାଣ କରାଯିବ। ପ୍ରତିଷ୍ଠିତ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା ଦାୟିତ୍ୱରେ ସନ୍ଲିସା ଏବଂ ପ୍ରଣୟ ଜେଠି ଥିବାବେଳେ ସହ-ପ୍ରଯୋଜନାରେ ଅଛନ୍ତି କୁମାର ସି ଦେବ। ନିକଟରେ ଚଳଚ୍ଚିତ୍ରଟିର ପୋଷ୍ଟର ଉନ୍ମୋଚନ କରାଯାଇଛି।

## ଗୁରୁ-ଶିଷ୍ୟର ନିବିଡ଼ ସମ୍ପର୍କ
# 'ଗୁରୁଜୀ ନମସ୍କାର'

ଦ ଅଣ୍ଡରଗ୍ରାଉସ ଓ ଲାମେଲ ୧୮ ବ୍ୟାନର୍‌ରେ ନିର୍ମିତ ନୂଆ ଓଡ଼ିଆ ସିନେମା 'ଗୁରୁଜୀ ନମସ୍କାର'ର କିଛି ଦିନ ତଳେ ପୋଷ୍ଟର ରିଲିଜ୍ ହୋଇଛି। ମୌଳିକ କାହାଣୀ ଉପରେ ପ୍ରସ୍ତୁତ ଏହି ସିନେମାରେ ଜଣେ ଶିକ୍ଷକ କିଭଳି ବ୍ୟକ୍ତିଗତ ବଳିଦାନ




ମାଧ୍ୟମରେ ଶିକ୍ଷାରେ ପରିବର୍ତ୍ତନ ଆଣିଥାଏ, ତାହା ଏଥିରେ ଦେଖିବାକୁ ମିଳିବ। ଗୁରୁ-ଶିଷ୍ୟର ନିବିଡ଼ ସମ୍ପର୍କ ଉପରେ ଏହାର କାହାଣୀ ଗତିଶୀଳ। ଜିତେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ସଙ୍କେତ ତ୍ରିପାଠୀ ଥିବା ବେଳେ ସହ-ପ୍ରଯୋଜନା ଓ ନିର୍ଦ୍ଦେଶନାରେ ଅଛନ୍ତି ଇଲା ମିଶ୍ର ଓ ଟୁକୁନ। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ସଙ୍କେତ ତ୍ରିପାଠୀ। ସିନେମାର ଗୀତଗୁଡ଼ିକୁ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର୍। ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଲୋକପ୍ରିୟ ନାୟକ ସିଦ୍ଧାନ୍ତ ମହାପାତ୍ର।

# 'ପାବାର'ର ନାୟିକା ଏଲିନା



ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବେ ସମସ୍ତଙ୍କ ପସନ୍ଦର ନାୟିକା ସାଜିଛନ୍ତି। ଆଗକୁ ରଜରେ ବି ତାଙ୍କ ଅଭିନୀତ ସିନେମା ଦର୍ଶକେ ଦେଖିବାକୁ ପାଇବେ। ବାବୁଶାନ୍ ଫିଲ୍ମସ୍ ନିବେଦିତ ନୂଆ ଓଡ଼ିଆ ସିନେମା 'ପାବାର'ର ମୁଖ୍ୟ ଚରିତ୍ରରେ ନଜର ଆସିବେ ଏଲିନା। ସେହିପରି ପୁଣି ଥରେ ଏହି ସିନେମା ମାଧ୍ୟମରେ ଏଲିନା ଓ ବାବୁଶାନଙ୍କ ଯୋଡ଼ିକୁ ଦର୍ଶକେ ଦେଖିବାକୁ ପାଇବେ। ପୂର୍ବରୁ ସିନେମାର ମହୁରତ୍ ଶେଷ ହୋଇଥିବା ବେଳେ ଏହାର ଶୀର୍ଷକ କିନ୍ତୁ ସ୍ଥିର ହୋଇ ନ ଥିଲା। ଅବଶ୍ୟ କିଛିଦିନ ତଳେ ଏହାର ଶୀର୍ଷକ ଘୋଷଣା କରାଯାଇଥିଲା। ତୃପ୍ତି ଶତପଥୀ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଶୋକ ପତି ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ଗୌରବ ଆନନ୍ଦ। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ଅମିତ କୁମାର ଦାସ ଏବଂ ପ୍ରଣବ ପ୍ରସନ୍ନ ରଥ। ପାରିବାରିକ କାହାଣୀ ଉପରେ ଆଧାରିତ ଏହି ସିନେମାଟିକୁ ଦର୍ଶକେ ବେଶ୍ ପସନ୍ଦ କରିବେ ବୋଲି ଆଶା ରହିଛି।

# ଶ୍ରଦ୍ଧା-ସନ୍ଦୀପଙ୍କ ନୂଆ ସଂସାର


ଓଡ଼ିଆ ସିନେମା, ମେଗା ଧାରାବାହିକ, ମ୍ୟୁଜିକ ଭିଡିଓ, ନାଟକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିବା ଲୋକପ୍ରିୟ ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ ଏବେ ଏବେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଓଲିଉଡ୍ର ଆଗଧାଡ଼ିର କଣ୍ଠଶିଳ୍ପୀ ସନ୍ଦୀପ ପଣ୍ଡାଙ୍କ ସହିତ ତାଙ୍କର ଘର ସଂସାର ଆରମ୍ଭ କରିଛନ୍ତି। ବୈଦିକ



ରୀତିନୀତି ଅନୁସାରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଛି। ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧା ତାଙ୍କ ନୂଆ ବୈବାହିକ ଜୀବନର ଫଟୋ ତଥା ଭିଡିଓ ସେୟାର୍ କରିଛନ୍ତି। ତେବେ ଶ୍ରଦ୍ଧା ନିଜ ବିବାହ ସମୟର ଗୋଟିଏ ଫଟୋକୁ ସେୟାର୍ କରି ଏହାର ଶୀର୍ଷକରେ ଲେଖିଛନ୍ତି, 'ସମ୍ପୂର୍ଣ୍ଣା ମୁଁ ତମ ପ୍ରେମରେ, ଦେଖୁଛି କାଲିକୁ ଆଜି ତୁମ ଆଖିରେ, ଥିଲି ଖୁସି ଏବେ ହସୁଛି ମୁଁ ସତରେ।' ତାଙ୍କର ଏହି ପୋଷ୍ଟେ ଶ୍ରଦ୍ଧାଙ୍କ ନୂଆ ସାଂସାରିକ ଜୀବନ ପାଇଁ ତାଙ୍କ ପ୍ରଶଂସକମାନେ ଶୁଭକାମନା ଜଣାଇଛନ୍ତି। ପ୍ରଥମେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା ଏବଂ ଏବେ ଦୁହେଁ ଜୀବନସାଥୀ ହୋଇଛନ୍ତି।

# 'ନିର୍ଣ୍ଣୟ'ର ଲିପି

'ଭଲପାଏ ତତେ ଶହେରୁ ଶହେ', 'ଆଖି ଖୋଲିଲେ ତୁ ହି ତୁ', 'ମାଲ୍ୟଗିରି', 'ଶକ୍ତି', 'ମିଷ୍ଟର ମଜନୁ' ଆଦି ଏକାଧିକ ଓଡ଼ିଆ ଲୋକପ୍ରିୟ ସିନେମାରେ ନଜର ଆସିଛନ୍ତି ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର। ତେବେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚରିତ୍ରରେ ତାଙ୍କର ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ସିନେମା 'ସମାପାଜୁର ରଘୁ'ରେ ତାଙ୍କୁ ଗାଉଁଲି ଝିଅ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ 'ମାଲ୍ୟଗିରି' ଫିଲ୍ମରେ ମଧ୍ୟ ତାଙ୍କୁ ଏକ ଭିନ୍ନ ଚରିତ୍ର ଓ ଲୁକ୍‌ରେ ଦେଖିବାକୁ ମିଳିଥିଲା। ତେବେ ଆଗକୁ ସେ ଶ୍ରଦ୍ଧା ସବୁରି ପ୍ରଡକ୍‌ସନ୍ ନିବେଦିତ ନୂଆ ଓଡ଼ିଆ ସିନେମା 'ନିର୍ଣ୍ଣୟ'ରେ ନଜର ଆସିବେ। ଏଥିରେ ତାଙ୍କୁ 'ଲିପି' ଚରିତ୍ରରେ ଦେଖିବାକୁ ମିଳିବ। ଏଥିରେ ସୂର୍ଯ୍ୟମୟୀଙ୍କ ବ୍ୟତୀତ ଭାସ୍ୱତୀ ବସୁ, ଶ୍ରଦ୍ଧା, ନୈନା, ପୃଥ୍ୱୀରାଜଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ସଜ ହେଉଛି।



## ଫ୍ରାଇଡେ ରିଲିଜ୍
୦୯ ଫେବୃଆରୀ

**ଓଡ଼ିଆ**




### କେମିତି ଏ ସମ୍ପର୍କ
ନିର୍ଦ୍ଦେଶକ : ଚଣ୍ଡି ପରିଜା
କାହାଣୀ ଓ ପ୍ରଯୋଜନା : ରୂପେଶ କୁମାର ନାୟକ
କଳାକାର : ଆକାଶ ଦାସ, ଏଲିନା, ଲିପ୍ସା



### ମୋ କାହାଣୀରେ ତୋରି ନାଁ
ନିର୍ଦ୍ଦେଶକ: ଲୁବୁନ୍-ଟୁବୁନ୍
ପ୍ରଯୋଜନା: ତିତିଲି ଓ ଏଲ୍ଲି ପ୍ରଡକସନ
କଳାକାର : ଲୁବୁନ, ଅଙ୍କିତା, ପ୍ରିୟଙ୍କା

**ହିନ୍ଦୀ**




### ମିର୍ଗ
ନିର୍ଦ୍ଦେଶନା : ତରୁଣ ଶର୍ମା
ପ୍ରଯୋଜନା : ଶ୍ୱେତାବ ସିଂହ, ରଷି ଆନନ୍ଦ, ତରୁଣ ଶର୍ମା
କଳାକାର : ସତୀଶ କୌଶିକ, ରାଜ୍ ବବ୍ବର




### ତେରି ବାତୋଁ ମେଁ ଐସା ଉଲଝା ଜିୟା
ନିର୍ଦ୍ଦେଶନା: ଅମିତ୍ ଯୋଶୀ, ଆରାଧନା ଶାହ
ପ୍ରଯୋଜକ: ଦୀନେଶ ଭିଜନ, ଜ୍ୟୋତି ଦେଶପାଣ୍ଡେ, ଲକ୍ଷ୍ମଣ ଉତେକର୍
କଳାକାର: ଶାହିଦ୍ କପୁର, କ୍ରୀତି ସାନନ



# ଏକ ରାଷ୍ଟ୍ର, ଏକ ନିର୍ବାଚନ ଏକ ଚର୍ଚ୍ଚିତ ପ୍ରସଙ୍ଗ



ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚିତ ସରକାର ଗଠନ କରିବା ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ। ଏହିକ୍ରମରେ ବିଶ୍ୱର ସର୍ବବୃହତ୍ ଜନବହୁଳ ରାଷ୍ଟ୍ର ଭାରତ ପାଇଁ ନିର୍ବାଚନ ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । କିନ୍ତୁ ସଂଘୀୟ ବ୍ୟବସ୍ଥା ଏବଂ ବିବିଧତାକୁ ନେଇ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଭଳି ରାଷ୍ଟ୍ରରେ ନିର୍ବାଚନ ଆୟୋଜନ ସମସ୍ୟା ବହୁଳ ମଧ୍ୟ। ନିର୍ବାଚନୀ ବ୍ୟୟବହୁଳତାରୁ କ୍ଷାନ୍ତ ହେବା ସହିତ ଦେଶବାସୀଙ୍କୁ ଗଣତାନ୍ତ୍ରିକ ଅଧିକାର ଦେବା ଲାଗି 'ଏକ ରାଷ୍ଟ୍ର, ଏକ ନିର୍ବାଚନ'ର ପରିକଳ୍ପନା ବହୁ ଆଗରୁ ଚିନ୍ତା କରାଯାଇ ଆସୁଥିଲେ ହେଁ ବର୍ତ୍ତମାନ ଏହାକୁ ଲାଗୁ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଯାହାକୁ ନେଇ ଏହି ପ୍ରସଙ୍ଗ ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ହେବାରେ ଲାଗିଛି । ଏହି ବିଷୟକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇଥିଲେ ହେଁ ବହୁ ରାଜନୈତିକ ଦଳ ଏହାକୁ ସମର୍ଥନ ଦେବାରେ ପଛଘୁଞ୍ଚା ଦେଉଛନ୍ତି । କିନ୍ତୁ କେବଳ ଭାରତ ନୁହେଁ; ଏହାପୂର୍ବରୁ ବିଶ୍ୱର ବହୁ ପ୍ରତିଷ୍ଠିତ ରାଷ୍ଟ୍ରମାନଙ୍କରେ ' ଏକ ରାଷ୍ଟ୍ର ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇସାରିଛି ।

୧୯୪୭ରେ ଦେଶ ସ୍ୱାଧୀନତା ହାସଲ କରିବା ପରେ ୧୯୫୧ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଭାରତରେ ଏକ ସଙ୍ଗରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରାଯାଉଥିଲା। ୧୯୫୨ ନିର୍ବାଚନ ପରେ ୧୯୫୭, ୧୯୬୨ ଏବଂ ୧୯୬୭ ମସିହାରେ ହୋଇଥିବା ନିର୍ବାଚନ ଏହି ବ୍ୟବସ୍ଥାରେ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କିଛି ରାଜ୍ୟର ପୁନର୍ଗଠନ ଏବଂ ଅନ୍ୟ କିଛି ନୂଆ ରାଜ୍ୟ ଗଠନକୁ ନେଇ ଏକା ସାଙ୍ଗେ ନିର୍ବାଚନ କରିବା ସମ୍ଭବ ହୋଇପାରି ନଥିଲା । କିନ୍ତୁ ବର୍ତ୍ତମାନ ଦେଶର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସଂସଦ ଏବଂ ବିଧାନସଭା ପାଇଁ ଏକା ସଙ୍ଗରେ ନିର୍ବାଚନ କରିବାର ଆବଶ୍ୟକତାକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଉଛି । ଗୋଟିଏ ପକ୍ଷରେ ନିର୍ବାଚନୀ ବ୍ୟୟଭାରରେ ହ୍ରାସ ସହିତ ଦେଶର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ଏକ ରାଷ୍ଟ୍ର, ଏକ ନିର୍ବାଚନ ପ୍ରକ୍ରିୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ନିୟମ ଲାଗୁ କରିବାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିବା ବେଳେ ଏହା ଉପରେ ସାର୍ବଜନୀନ ମତାମତ ହାସଲ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଅନୁଧ୍ୟାନ କମିଟି ମଧ୍ୟ ଗଠନ କରାଯାଇଛି । ପୂର୍ବତନ ରାଷ୍ଟ୍ରପତି ତଥା ସମ୍ବିଧାନ ବିଶେଷଜ୍ଞ ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏହି କମିଟି କାର୍ଯ୍ୟ କରୁଛି । କିନ୍ତୁ ଏହି ପ୍ରସଙ୍ଗକୁ ବହୁ ବିରୋଧୀ ଦଳ ସମର୍ଥନ କରୁ ନଥିବା ଦେଖାଯାଇଛି । ତେବେ କେବଳ ଭାରତ ନୁହେଁ, ପୂର୍ବରୁ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଏକ ରାଷ୍ଟ୍ର, ଏକ ନିର୍ବାଚନ ପ୍ରକ୍ରିୟାକୁ ନିଜ ଦେଶରେ ଲାଗୁ କରିବା ସହିତ ଏହି ନିୟମ ଦ୍ୱାରା ପରିଚାଳିତ ହେଉଛନ୍ତି। ବିଶ୍ୱର ସବୁଠାରୁ ପୁରାତନ ଗଣତନ୍ତ୍ର ଏବଂ ପ୍ରତିପତିଶୀଳ ରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ସହିତ କଂଗ୍ରେସ ଏବଂ ସିନେଟ୍ ନିର୍ବାଚନ ପ୍ରତି ୪ ବର୍ଷ ଅନ୍ତରରେ ଏକ ନିର୍ଦ୍ଦିଷ୍ଟ ସମୟରେ କରାଯାଇଆସୁଛି। ଏହାଦ୍ୱାରା ଦେଶର ସର୍ବୋଚ୍ଚ ବ୍ୟବସ୍ଥାପିକା କାର୍ଯ୍ୟାଳୟକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସୁନିଶ୍ଚିତ କରାଯାଇ ଆସୁଥିବା ବେଳେ ଲୋକଙ୍କ ମଧ୍ୟ ଠିକଣା ସମୟରେ ଗଣତାନ୍ତ୍ରିକ ଅଧିକାର ଦିଆଯାଇ ପାରୁଛି । କେବଳ ସେତିକି ନୁହେଁ, ସଂଘୀୟ ବ୍ୟବସ୍ଥାରେ ଏଠାରେ ପ୍ରତି ୪ ବର୍ଷରେ ନିର୍ବାଚନ କରାଯାଉଥିବାରୁ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁରକ୍ଷିତ ରଖାଯିବା ସହିତ ନିର୍ବାଚନୀ ବ୍ୟୟକୁ ମଧ୍ୟ ସୀମିତ ରଖାଯାଇପାରୁଛି । ଆମେରିକା ବ୍ୟତୀତ ଫ୍ରାନ୍ସରେ ମଧ୍ୟ ପ୍ରତି ୫ ବର୍ଷ ଅନ୍ତରରେ ରାଷ୍ଟ୍ରପତି ନିର୍ବାଚନ ସହିତ ବିଧାୟକ ମଣ୍ଡଳୀ ନିର୍ବାଚନ କରାଯାଉଛି । ଜାତୀୟ ଆସେମ୍ବ୍ଲି ନିର୍ବାଚନରେ ସର୍ବାଧିକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଦଳକୁ ରାଷ୍ଟ୍ରପତି ମନୋନୀତ କରିବାକୁ ସୁଯୋଗ ଦିଆଯିବା ସହିତ ନିର୍ବାଚିତ ରାଷ୍ଟ୍ରପତି ବହୁମତ ହାସଲ କରିଥିବା ଦଳକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବା ପାଇଁ ମଧ୍ୟ ସୁଯୋଗ ଦେଇଥାଆନ୍ତି। ଫ୍ରାନ୍ସ ବ୍ୟତୀତ ୟୁରୋପ ସଂଘର ଅନ୍ୟ ବହୁ ରାଷ୍ଟ୍ରରେ ଏକ ରାଷ୍ଟ୍ର, ଏକ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ କାନାଡ଼ାରେ ମଧ୍ୟ ଏହି ପ୍ରକ୍ରିୟାରେ ନିର୍ବାଚନ ଅନୁଷ୍ଠିତ ହେଉଛି । ତେଣୁ ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପ୍ରସଙ୍ଗର ଗୁରୁତ୍ୱ କେତେ ରହିଛି ତାହାକୁ ନେଇ ତର୍ଜମା କରିବାର ଆବଶ୍ୟତା ରହିଛି ତାହା ବିଚାରଯୋଗ୍ୟ ବୋଲି ବୁଦ୍ଧିଜୀବୀ ମହଲ ମତ ପୋଷଣ କରନ୍ତି ।

# ହେଟାବାଘ ସହ ଲଢ଼ି ସ୍ୱାମୀଙ୍କୁ ବଞ୍ଚାଇଲେ ମହିଳା



ଛତିଶଗଡ଼ କୋଣ୍ଡାଗାଁଓ ଜିଲ୍ଲାର ଜଣେ ମହିଳା ହେଟାବାଘଙ୍କ ସହ ଲଢ଼ି ନିଜ ସ୍ୱାମୀଙ୍କ ଜୀବନ ରକ୍ଷା କରିଛନ୍ତି। ଏବେ ସବୁଠି ମହିଳାଙ୍କୁ ନେଇ ଚର୍ଚ୍ଚା ହେଉଛି । ସୂଚନା ଅନୁଯାୟୀ ନନ୍ଦୁ ଯାଦବ ସୋମବାର ସନ୍ଧ୍ୟା ୫ଟାରେ ବିଲକୁ ପାଣି ମଡ଼ାଇବାକୁ ଯାଇଥିଲେ। ଏହି ସମୟରେ ହେଟାବାଘ ଚାରିପଟୁ ଘେରି ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସାହାଯ୍ୟ ପାଇଁ ସେ ଚିତ୍କାର କରିଥିଲେ। ଏହା ଶୁଣାଣି ତାଙ୍କ ସ୍ତ୍ରୀ ସୁଗନି ଧାଇଁ ଆସିଥିଲେ ଏବଂ ହେଟାବାଘଙ୍କୁ ହାତରେ ଠେଲି ଦେଇ ଥିଲେ। ଏହା ସତ୍ତ୍ୱେ ପଶୁ ଆକ୍ରମଣ ଜାରି ରଖିଥିଲେ। ଏହି ସମୟରେ ମହିଳା ଏକ ବଡ଼ ବାଡ଼ି ପାଇଥିଲେ। ଏହା ମାଧ୍ୟମରେ ହେଟାବାଘକୁ ବାଡ଼େଇବାରେ ଲାଗିଥିଲେ। ଏହା ଦେଖି ଅନ୍ୟ ହେଟାବାଘ ପଳାଇ ଥିବାବେଳେ ଗୋଟିଏ ପ୍ରାଣ ହରାଇ ଥିଲା । ଏହି ଆକ୍ରମଣରେ ନନ୍ଦୁଙ୍କ ହାତ, ଗୋଡ଼ ଏବଂ ଅଣ୍ଟାରେ ଆଘାତ ଲାଗିଛି। ଏକ ସ୍ଥାନୀୟ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଛି। ଏବେ ସେ ବିପଦମୁକ୍ତ ବୋଲି ଡାକ୍ତର କହିଛନ୍ତି। ବନ ବିଭାଗ ଅଧିକାରୀ ହେଟାବାଘର ବ୍ୟବଚ୍ଛେଦ କରି ପୋତି ଦେଇଛନ୍ତି। ସାହସିକତା ପାଇଁ ଗ୍ରାମବାସୀ ତାଙ୍କ ପତ୍ନୀଙ୍କୁ ସାବାସି ଦେଉଛନ୍ତି।

# ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କ ଅଡୁଆ ବଢ଼ିବ

## ଇଡି-ସିବିଆଇ ନେଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ







ଲୋକସଭା ନିର୍ବାଚନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ପଶ୍ଚିମବଙ୍ଗରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । ପଶ୍ଚିମବଙ୍ଗ ସରକାରର ୧୪ ନେତାଙ୍କୁ ଗିରଫ କରିପାରନ୍ତି । ଏମାନଙ୍କ ମଧ୍ୟରେ ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ସାମିଲ ଅଛନ୍ତି । ସମସ୍ତେ କେନ୍ଦ୍ରୀୟ ଏଜେନ୍ସିଙ୍କ ରାଡ଼ାରରେ ରହିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଜାନୁଆରୀରେ ଇଡିକୁ କେନ୍ଦ୍ରୀୟ ବାହିନୀର ଆଉ ଏକ କମ୍ପାନୀ ପ୍ରଦାନ କରିଥିଲା । ଏଥିରୁ ଖୁବଶୀଘ୍ର ପଶ୍ଚିମବଙ୍ଗରେ ଜୋରଦାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଟିଏମ୍‌ସି ନେତାଙ୍କ ଘର ଏବଂ କାର୍ଯ୍ୟାଳୟରେ ଚଢ଼ଉ ହୋଇପାରେ । ଏହି ନେତା ଗିରଫ ମଧ୍ୟ ହୋଇପାରନ୍ତି । ଏବେ ବରିଷ୍ଠ ନେତା ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ, ବୀରଭୂମର ଜିଲ୍ଲାଧ୍ୟକ୍ଷ ଅନୁବ୍ରତ ମଣ୍ଡଳ, ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରିୟ ମଲିକ, ବିଧାୟକ ମାଣିକ ଭଟ୍ଟାଚାର୍ଯ୍ୟ ଏବଂ ଯୁବ ଶାଖାର ପୂର୍ବତନ ଅଧ୍ୟକ୍ଷ କୁନ୍ତଲ ଘୋଷ ଜେଲ୍‌ରେ ଅଛନ୍ତି ।

ପଶ୍ଚିମବଙ୍ଗରେ ବାମଦଳର ୩୪ ବର୍ଷର ଶାସନ ଅନ୍ତ ଘଟାଇ ମମତା ୨୦୧୧ରେ ସରକାର ଗଠନ କରିଥିଲେ । ୨୦୨୧ରେ ତୃତୀୟ ଥର ପାଇଁ କ୍ଷମତାକୁ ଫେରିଥିଲେ । ଏହି ରାଜ୍ୟରେ ବିଜେପି ମଧ୍ୟ ଧିରେ ଧିରେ ମଜବୁତ ହେବାରେ ଲାଗିଛି । ଏହି ଦଳ ୧୩ ବର୍ଷର ଶାସନରେ ହୋଇଥିବା ଦୁର୍ନୀତିକୁ ନେଇ ମମତା ସରକାରଙ୍କୁ ଘେରୁଛି । ଏହା ମଧ୍ୟରେ ରାସନ ଦୁର୍ନୀତି, ଫ୍ଲାଟ ଦୁର୍ନୀତି, ପୌରପାଳିକା ନିଯୁକ୍ତି ଦୁର୍ନୀତି, କୋଇଲା ଦୁର୍ନୀତି, ଗୋଚାଲାଣ, ଶିକ୍ଷକ ନିଯୁକ୍ତି ଦୁର୍ନୀତି ଭଳି ଅନେକ ସ୍କାମ ସାମିଲ ରହିଛି । ଏହାକୁ ନେଇ କେନ୍ଦ୍ରୀୟ ଏଜେନ୍ସି ଅନେକ ନେତାଙ୍କୁ ସମନ ଜାରି କରିଛି । ଟିଏମ୍‌ସି ପ୍ରବକ୍ତା କୁନାଲ ଘୋଷ କହିଛନ୍ତି ଯେ ବିରୋଧୀ ଦଳଙ୍କୁ ଧମକାଇବା ପାଇଁ ବିଜେପି ଇଡି, ସିବିଆଇ ଏବଂ ଆୟକର ବିଭାଗକୁ ବ୍ୟବହାର କରୁଛି । ଲୋକସଭା ନିର୍ବାଚନ ପୂର୍ବରୁ ଆହୁରି ଅନେକ ନେତାଙ୍କୁ ଗିରଫ କରାଯିବ ବୋଲି ଆମେ ଜାଣିଛୁ । ସୂଚନା ଅନୁଯାୟୀ ଗିରଫ ଆଶଙ୍କା ଥିବା ନେତାଙ୍କ ମଧ୍ୟରେ ଫିରହାଦ ହକିମ (ପୌରପାଳିକା ନିଯୁକ୍ତି ଦୁର୍ନୀତି), ସୁଜିତ ବୋଷ, ସୁଜୟ ବାନାର୍ଜୀ (ଗୋଚାଲାଣ), ଜଳସେଚନ ମନ୍ତ୍ରୀ ପାର୍ଥ ଭୌମିକ (ଶିକ୍ଷକ ନିଯୁକ୍ତି ଦୁର୍ନୀତି), ସମବାୟ ମନ୍ତ୍ରୀ ଅରୁପ ରାୟ (ସମବାୟ ଦୁର୍ନୀତି), ଶ୍ରମମନ୍ତ୍ରୀ ମଳୟ ଘଟକ (କୋଇଲା ଚାଲାଣ), ରାଷ୍ଟ୍ରମନ୍ତ୍ରୀ ରବୀନ୍ଦ୍ରନାଥ ଘୋଷ (ଶିକ୍ଷକ ନିଯୁକ୍ତି), ଜିଲ୍ଲା ଅଧ୍ୟକ୍ଷ ଅରୁପ ଚକ୍ରବର୍ତ୍ତୀ (ଗୋଚାଲାଣ), ସାଂସଦ ନୁସରତ ଜହାଁ (ଫ୍ଲାଟ ଦୁର୍ନୀତି), ସାଂସଦ ଦେବ ଦୀପକ ଅଧିକାରୀ (ଗୋଚାଲାଣ), ବିଧାୟକ ବିଶ୍ୱଜିତ ଦାସ (ଶିକ୍ଷକ ନିଯୁକ୍ତି), ପୂର୍ବତନ ମନ୍ତ୍ରୀ ଶାନ୍ତିରାମ ମହତୋ (ଶିକ୍ଷକ ନିଯୁକ୍ତି), ବିଧାୟକ ଜଫିକୁଲ ଇସଲାମ (ସରକାରୀ ସ୍କୁଲ୍ ନିଯୁକ୍ତି), ବିଧାୟକ ସୁଶାନ୍ତ ମହତୋ (କୋଇଲା, ଗୋଚାଲାଣ) ଏବଂ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ (କୋଇଲା) ସାମିଲ ଅଛନ୍ତି ।







## ପାଲେଷ୍ଟାଇନକୁ ସ୍ୱୀକୃତି ପ୍ରସଙ୍ଗ

# ଇସ୍ରାଏଲ-ସାଉଦି ସମ୍ପର୍କରେ ଫାଟ

ଇସ୍ରାଏଲ ପ୍ରସଙ୍ଗରେ ଆରବ ରାଷ୍ଟ୍ରସମୂହର ମୁରବୀ ଭାବେ ପରିଚିତ ସାଉଦି ଆରବ ବଡ଼ ବୟାନ ଜାରି କରିଛି। ୧୯୬୭ ସୀମା ଭିତ୍ତିରେ ଇସ୍ରାଏଲ ଯଦି ପାଲେଷ୍ଟାଇନକୁ ସ୍ୱୀକୃତି ନ ଦିଏ ତେବେ ସାଉଦି ଆରବ ଇସ୍ରାଏଲ ସହ କୂଟନୀତିକ ସମ୍ପର୍କ ଛିନ୍ନ କରିବ ବୋଲି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ(ଏମବିଏସ୍) କହିଛନ୍ତି। ନିକଟରେ ଆମେରିକା ବୈଦେଶିକ ସଚିବ ଆଣ୍ଟୋନୀ ବ୍ଲିନକେନ୍ ସାଉଦି ଗସ୍ତରେ ଯାଇଥିବା ବେଳେ ଏମବିଏସଙ୍କ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତାଙ୍କର ଆଲୋଚନା ହୋଇଥିଲା। ତେବେ ଇସ୍ରାଏଲ-ହମାସ ପ୍ରସଙ୍ଗ ମଧ୍ୟପ୍ରାଚ୍ୟ ଭୂ-ରାଜନୀତିକୁ ନେଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା ବେଳେ ଏହି ପ୍ରସଙ୍ଗରେ ମଧ୍ୟ ଉଭୟ ନେତା ଆଲୋଚନା କରିଥିଲେ। ଗୋଟିଏ ପକ୍ଷରେ ଇସ୍ରାଏଲ ସହ ଆମେରିକାର ସମ୍ପର୍କ ଅତ୍ୟନ୍ତ ନିବିଡ଼ ରହିଥିବା ବେଳେ ସାଉଦି ଆରବ ସହ ମଧ୍ୟ ଆମେରିକାର କୂଟନୀତିକ ସମ୍ପର୍କ ଭଲ ରହିଛି । ଯୁଦ୍ଧ ପୂର୍ବରୁ ସାଉଦି ଆରବ ମଧ୍ୟ ଇସ୍ରାଏଲ ସହ ସମ୍ପର୍କ ମଜବୁତ କରିବାକୁ ବିଭିନ୍ନ ସ୍ତରରେ ସାକାରାତ୍ମକ ପଦକ୍ଷେପ ଗ୍ରହଣ କରିଛି । ଇସ୍ରାଏଲ ସହିତ ସମ୍ପର୍କ ବୃଦ୍ଧି କରିବା ବିଷୟକୁ ଇରାନ, ପାକିସ୍ତାନ,ତୁର୍କୀ ସମେତ ବହୁ ଇସଲାମ ରାଷ୍ଟ୍ର ପରୋକ୍ଷରେ ବିରୋଧ କରିଆସୁଥିଲେ ହେଁ ଏଥିପ୍ରତି ସାଉଦି ଆରବ ନଜର ଅନ୍ଦାଜ କରିଆସୁଥିଲା। କିନ୍ତୁ ହମାସ ବିରୋଧରେ ଇସ୍ରାଏଲର ଯୁଦ୍ଧକୁ ୪ ମାସ ପରୁଥିବା ଏବଂ ପାଲେଷ୍ଟାଇନର ଅଧିକାଂଶ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇସାରିଥିବାରୁ ଏହି ସ୍ଥିତିକୁ ନେଇ ଏମବିଏସ୍ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରିଥିବା କୁହାଯାଉଛି। ପ୍ରାଥମିକ ସ୍ତରରେ ସାଉଦି ନିରପେକ୍ଷତା ଅବଲମ୍ବନ କରିଆସିଥିଲେ ହେଁ ଏବେ ଇସ୍ରାଏଲ ବିରୋଧରେ ମୁହଁ ଖୋଲିଥିବାରୁ ଅନ୍ୟ ବହୁ ଇସଲାମିକ୍ ରାଷ୍ଟ୍ର ଇସ୍ରାଏଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ଆରମ୍ଭ କରିଛନ୍ତି। କିନ୍ତୁ ଏହାକୁ ନେଇ ଆମେରିକା ଏବଂ ସାଉଦି ଆରବ ଭିତରେ କୂଟନୀତିକ ସମ୍ପର୍କ କିଭଳି ରହିବ ତାହାକୁ ନେଇ ପ୍ରଶ୍ନ ଉଠିଛି ।





## ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିଶାଣରେ ବିରୋଧୀ ନେତା

# ରାଡାର୍‌ରେ ୧୭ ମୁଖ୍ୟମନ୍ତ୍ରୀ-ପୂର୍ବତନ ମୁଖ୍ୟମନ୍ତ୍ରୀ

**ଯାଞ୍ଚ ପରିସରରେ ଅନେକ ପୂର୍ବତନ କେନ୍ଦ୍ର-ରାଜ୍ୟ ମନ୍ତ୍ରୀ**

ଲୋକସଭା ନିର୍ବାଚନ ପାଖେଇ ଆସୁଛି । ଏହା ପୂର୍ବରୁ ବିଭିନ୍ନ ରାଜ୍ୟର ୧୭ ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଡ଼ାରରେ ଅଛନ୍ତି । ଏମାନଙ୍କ ମଧ୍ୟରୁ କିଛି ମୁଖ୍ୟମନ୍ତ୍ରୀଙ୍କୁ ଜେରା କରାଯାଇଛି । ଆଉ କିଛିଙ୍କ ପାଳି ପଡ଼ିବା ବାକି ରହିଛି । ଇଡିର ଯାଞ୍ଚ ପରିସର କେବଳ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସୀମିତ ନାହିଁ । ଅନେକ ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ୪ ଉପ-ମୁଖ୍ୟମନ୍ତ୍ରୀ, ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ରାଜନେତା ଓ ତାଙ୍କ ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି । ପ୍ରାୟ ୯୫ ପ୍ରତିଶତ ବିରୋଧୀ ନେତା ଇଡି ନିଶାଣରେ ଅଛନ୍ତି । ଏମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମଲ୍ଲିକାର୍ଜୁନ ଖଡଗେ, ଆରେଜେଡିର ଲାଲୁ ପ୍ରସାଦ ଯାଦବ, ଏନ୍‌ସିପିର ଶରଦ ପାୱାରଙ୍କ ଭଳି ନେତା ରହିଛନ୍ତି । ଗତ ବର୍ଷ କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାରକୁ ନେଇ ବିରୋଧୀ ଦଳଗୁଡିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଥିଲେ । ଏହି ଦଳ ମଧ୍ୟରେ ଟିଏମ୍‌ସି, ଆପ୍, ଆରଜେଡି, ନ୍ୟାସନାଲ କନଫରେନ୍ସ, ବିଆରଏସ, ଏସ୍‌ପି, ଶିବସେନା (ୟୁବିଟି) ଆଦି ସାମିଲ ଥିଲେ । ଏହି ସବୁ ଦଳର ନେତା ଯାଞ୍ଚ ଏଜେନ୍ସିର ରାଡାରେ ଅଛନ୍ତି ।

ଲାଲୁ ପରିବାର ଉପରେ ଚାକିରି ବଦଳରେ ଜମି ଦୁର୍ନୀତି, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲଙ୍କ ବିରୋଧରେ ମହାଦେବ ବେଟିଂ ଆପ୍, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂହ ହୁଡ୍ଡାଙ୍କ ନାମରେ ମାନେସର ଜମି ଦୁର୍ନୀତି, ପଞ୍ଚକୁଲା ଏଜିଏଲ ମାମଲା, ମାୟାବତୀଙ୍କ ସରକାର ସମୟରେ ନିଆଯାଇଥିବା ନିଷ୍ପତ୍ତି ଏବଂ ବିକାଶ ପ୍ରକଳ୍ପ ମାମଲା, ଅଖିଳେଶ ଯାଦବଙ୍କ ବିରୋଧରେ ଗୋମତୀ ରିଭର ଫ୍ରଣ୍ଟ ଏବଂ ଖଣି ଦୁର୍ନୀତି ମାମଲା ରହିଛି । ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନିଙ୍କ ଉପରେ ବେଆଇନ ବାଲି ଖନନ, ଫାରୁକ ଅବଦୁଲା, ଓମାର ଅବଦୁଲା ଏବଂ ମେହବୁବା ମୁଫ୍ତିଙ୍କ ବିରୋଧରେ ଜମ୍ମୁ-କାଶ୍ମୀର କ୍ରିକେଟ ଆସୋସିଏସନ ଏବଂ ବ୍ୟାଙ୍କ ଦୁର୍ନୀତି ମାମଲା, ଅରୁଣାଚଳର ପୂର୍ବତନ ମୁଖ୍ୟମନ୍ତ୍ରୀ ନେବାମ ଟୁକିଙ୍କ ଉପରେ ମନି ଲଣ୍ଡରିଂ ମାମଲା, ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶଙ୍କର ସିଂହ ବଘେଲଙ୍କ ଉପରେ ମୁମ୍ବାଇରେ ଜମି ଦୁର୍ନୀତି ମାମଲା, ଶରଦ ପାୱାରଙ୍କ ବିରୋଧରେ ଯାଞ୍ଚ ଚାଲିଛି ।

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ଇଡି ଯାଞ୍ଚ ପରିସରରେ ରହିଛନ୍ତି । ସେ ୨୦୧୫ରେ ଏମଏଲ୍‌ସି ନିର୍ବାଚନରେ ୫୦ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିଲେ ବୋଲି ଅଭିଯୋଗ ରହିଛି । ଦୁର୍ନୀତି ମାମଲାରେ କିଛି ଦିନ ତଳେ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଛନ୍ତି । ଅରବିନ୍ଦ କେଜ୍ରିୱାଲଙ୍କୁ ୫ ଥର ସମନ ଜାରି କରାଗଲାଣି । ସୁନା ଚୋରାଚାଲାଣ ମାମଲାରେ କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଯାଞ୍ଚ ଏଜେନ୍ସିର ନିଶାଣରେ ଅଛନ୍ତି । କିଛି ଦିନ ତଳେ ତାଙ୍କ ଝିଅ ବୀଣା ବିଜୟନଙ୍କ କମ୍ପାନୀ ବିରୋଧରେ କେନ୍ଦ୍ର ସରକାର ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନମୋହନ ରେଡ୍ଡୀ ମଧ୍ୟ ଆର୍ଥିକ ଅନିୟମିତତା ମାମଲାରେ ଇଡି ତଦନ୍ତର ସମ୍ମୁଖୀନ ହୋଇଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଚିଦମ୍ବରମ, ପବନ ବଂଶଲ, ମଲ୍ଲିକାର୍ଜୁନ ଖଡଗେଙ୍କୁ ମଧ୍ୟ ଯାଞ୍ଚ କରାଯାଇଛି । ସେହିପରି ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ, କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ବିହାରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଇଡି ଜେରା କରିଛି । ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିରୋଧରେ ମଧ୍ୟ ଇଡି ମାମଲା ରହିଛି । ସେହିପରି କୋଇଲା ଦୁର୍ନୀତି, ଶିକ୍ଷକ ନିଯୁକ୍ତି ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠକୁ ଇଡି ଜେରା କରି ଗିରଫ କରିଛି । ଏହା ବ୍ୟତୀତ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଝିଅ କେ. କବିତା, ଶରଦ ପାୱାରଙ୍କ ନାତି ରୋହିତ, ପଶ୍ଚିମବଙ୍ଗର ପାର୍ଥ ଚାଟାର୍ଜୀ, ଶିବସେନା ସାଂସଦ ସଞ୍ଜୟ ରାଉତ, ଟିଏମସି ସାଂସଦ ଅଭିଷେକ, ଆରଜେଡ଼ି ଏମଏଲସି ସୁନିଲ ସିଂହ, ସାଂସଦ ଅଶଫାକ କରିମ, ଫୈୟାଜ ଅହମ୍ମଦ ଏବଂ ପୂର୍ବତନ ଏମଏଲସି ସୁବୋଧ ରାୟ ମଧ୍ୟ ଇଡି ନଜରରେ ଅଛନ୍ତି ।

ଏଡିଆର ରିପୋର୍ଟ ଅନୁଯାୟୀ ଗତ ୮ ବର୍ଷରେ ପ୍ରାୟ ୨୨୫ ଆଶାୟୀ ପ୍ରାର୍ଥୀ କଂଗ୍ରେସ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ବିଜେପିରେ ସାମିଲ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ପଟେଲ, ଅଶ୍ୱିନୀ କୁମାର, ଆରପିଏନ ସିଂହ, ଗୁଲାମ ନବି ଆଜାଦ, ଜୟବୀର ସେରଗିଲ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ସୁନୀଲ ଜାଖର, ଜିତିନ ପ୍ରସାଦ, ସୁଷ୍ମିତା ଦେବ, କିର୍ତ୍ତି ଆଜାଦ, ଅଦିତି ସିଂହ, କ୍ୟାପ୍ଟେନ ଅମରିନ୍ଦର ସିଂହ, ଉର୍ମିଳା ମାତୋଣ୍ଡକର, ହିମନ୍ତ ବିଶ୍ୱ ଶର୍ମା, ହରକ ସିଂହ ରାୱତ, ଜୟନ୍ତୀ ନଟରାଜନ, ଏନ ବିରେନ ସିଂହ ଆଦି ସାମିଲ ଅଛନ୍ତି । କଂଗ୍ରେସ ନେତା ଅଜୟ ମାକନ କହିଛନ୍ତି ଯେ ଇଡି ଜେରା କରିଥିବା ରାଜନେତାଙ୍କ ମଧ୍ୟରେ ୯୫ ପ୍ରତିଶତ ବିରୋଧୀ ନେତା ସାମିଲ ଅଛନ୍ତି । ୨୦୨୪ ନିର୍ବାଚନ ପୂର୍ବରୁ ଆହୁରି ଅନେକି ବିରୋଧୀ ନେତା କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିର ଜାଲରେ ଫସିପାରନ୍ତି । ଏବେ ଇଡି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦ୍ୟୁରପ୍ପା, ନାରାୟଣ ରାଣେ, ରମଣ ସିଂହ, ମୁକୁଲ ରାୟ ଏବଂ ଶୁଭେନ୍ଦୁ ଅଧିକାରୀ ଆଦି ନେତାଙ୍କ ପଛରେ ଯାଉନାହିଁ ।

**ସୋନପୁରକୁ ଫେରିପାରିଲେନି ଗୋପାଳଜୀ**

# ୪୧ ବର୍ଷ ପରେ ବି ମନ୍ଦିର ଖାଁ ଖାଁ

**ସୋନପୁର,୭ ।୨(ସମିସ):** ଦୀର୍ଘ ୫୦୦ ବର୍ଷ ପରେ ଜନ୍ମମାଟି ଅଯୋଧ୍ୟାକୁ ଫେରିଲେ ପ୍ରଭୁ ଶ୍ରୀରାମ। ଶତାଧିକ ବର୍ଷ ଧରି ଶୂନ୍ୟତା ଲାଗି ରହିଥିବା ସ୍ଥାନ ପରିପୂର୍ଣ୍ଣ ହୋଇଗଲା। କିନ୍ତୁ ସୋନପୁର ଗୋପାଳଜୀ ମନ୍ଦିର ଆଜି ବି ଖାଁ ଖାଁ ଲାଗୁଛି। ମୂର୍ତ୍ତି ଚୋରି ହେବାର ୪୧ବର୍ଷ ବିତି ଯାଇଥିଲେ ମଧ୍ୟ ଗୋପାଳଜୀ ମନ୍ଦିରକୁ ସେହି ୧୨ଟି ମୂର୍ତ୍ତି ଫେରି ପାରିନାହିଁ। ମୂର୍ତ୍ତି ଫେରାଇ ଆଣିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉ ନଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସିବିଆଇ ମାଲଖାନାରେ ଜବତ ମୂର୍ତ୍ତି ପଡ଼ି ରହିଥିବାରୁ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି।

ସୂଚନାଯୋଗ୍ୟ, ସୋନପୁରର ଅଷ୍ଟବିଷ୍ଣୁଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ଗୋପାଳଜୀ ଠାକୁର। ୧୯୮୩ ମସିହାରେ ଏହି ମନ୍ଦିରରୁ ୧୨ଟି ମୂର୍ତ୍ତି ଚୋରି ହୋଇଥିଲା। ୧୯୯୩ ଅକ୍ଟୋବର ୧୦ ରେ ଦିଲ୍ଲୀ ଚାନ୍ଦିନି ଚୌକର ଫତେପୁରୀ ନିକଟରୁ ସିବିଆଇ ଦ୍ୱାରା ଜବତ ହୋଇଥିଲା ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ସମସ୍ତ ୧୨ଟି ମୂର୍ତ୍ତି। ୨୦୦୯ ଅଗଷ୍ଟ ୭ରେ ଗୋପାଳଜୀ ମନ୍ଦିରକୁ ମୂର୍ତ୍ତି ଫେରାଇ, ପୂର୍ବସ୍ଥାନରେ ପୁନଃସ୍ଥାପନ କରି ପୂଜାବିଧି କରିବା ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ। ମୂର୍ତ୍ତି ଜବତ ହେବା ଘଟଣାକୁ ୩୧ ବର୍ଷ ବିତି ଗଲାଣି। କିନ୍ତୁ ପୂର୍ବ ସ୍ଥାନକୁ ସେହି ୧୨ମୂର୍ତ୍ତି ନ ଫେରି ସିବିଆଇର ମାଲଖାନାରେ ଗଡ଼ୁଛନ୍ତି। ସୁବର୍ଣ୍ଣପୁରର ପ୍ରଥମ ଚୌହାଣ ରାଜା ମଦନଗୋପାଳ ଭାଇ ଭାଗ ସ୍ୱରୂପ ସମ୍ବଲପୁରରୁ ରାଧାକୃଷ୍ଣଙ୍କ ସ୍ୱର୍ଣ୍ଣ ପ୍ରତିମା ଆଣି ରାଜବାଟୀ ପରିସରରେ ଗୋପାଳଜୀ ମନ୍ଦିର ପ୍ରତିଷ୍ଠା କରିଥିଲେ। ବଂଶୀ ଗୋପାଳ ବୃନ୍ଦାବନ ଧାମରୁ ରାଧାକୃଷ୍ଣ ମୂର୍ତ୍ତି ଆଣି ସ୍ଥାପନ କରିଥିଲେ। ପରେ ଶୋଭା ସିଂହଦେଓ ରାଜବାଟୀ ସମ୍ମୁଖରେ ଗୋପାଳଜୀ ମନ୍ଦିର ପ୍ରତିଷ୍ଠା କରି କଳା ମୁଗୁନି ପଥରର ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ମହାରାଜ ବୀରମିତ୍ର ସିଂହଦେଓ ସୁନାରେ ତିଆରି ରାଧାକୃଷ୍ଣଙ୍କ ମୂର୍ତ୍ତି ଗୋପାଳଜୀ ମନ୍ଦିରରେ ପ୍ରତିଷ୍ଠା କରିଥିଲେ। ଏହାସହ ଅଷ୍ଟଧାତୁର ବିଭିନ୍ନ ପାର୍ଶ୍ୱ ଦେବା ଦେବୀଙ୍କ ମୂର୍ତ୍ତି ମଧ୍ୟ ସେ ପ୍ରତିଷ୍ଠା କରିଥିଲେ। ଏଭଳି ଏକ ପୁରାତନ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତିକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହେଉ ନ ଥିବାରୁ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମନ୍ଦିର ପରିଚାଳନା ତଥା ବିଧି ବ୍ୟବସ୍ଥା ସ୍ଥାନୀୟ ପ୍ରଶାସନ ହାତକୁ ନେବା କଥା। ଏହା ନ ହୋଇ ରାଜାଙ୍କ ଠାକୁର କହି ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଉଦ୍ୟମ କରି ଆସୁଥିବା ଅଭିଯୋଗ ହୋଇଛି।



ସିବିଆଇ ମାଲଖାନାରେ ଗଡ଼ୁଛି ଉଦ୍ଧାର ୧୨ ମୂର୍ତ୍ତି

**ବାରବାଟୀ-କଟକ ନିର୍ବାଚନ ମାମଲା**

## ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ

**କଟକ, ୭ ।୨ (ସମିସ):** ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ହାଇକୋର୍ଟରେ ଚାଲି ଆସିଥିବା ୨୦୧୯ ମସିହା ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ଆଜି ଶୁଣାଣି ଶେଷ ହୋଇଛି। ଏହି ମାମଲାରେ ଗତ ଜାନୁଆରୀ ୩୧ରେ ଯୁକ୍ତି ଉପସ୍ଥାପନ ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ଆଜି ଉଭୟ ଆବେଦନକାରୀ ଓ ପ୍ରତିପକ୍ଷ ଅଦାଲତରେ ସେମାନଙ୍କ ଲିଖିତ ଯୁକ୍ତି ଓ ବିଭିନ୍ନ ମାମଲାର ଦୃଷ୍ଟାନ୍ତକୁ ଦାଖଲ କରିଥିଲେ। ଅଦାଲତ ମାମଲାରେ ଶୁଣାଣି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲିଖିତ ଯୁକ୍ତିକୁ ଉଭୟ ପକ୍ଷ ମଧ୍ୟ ପରସ୍ପର ମଧ୍ୟରେ ହସ୍ତାନ୍ତର କରିଥିଲେ। ଖୁବ୍‌ଶୀଘ୍ର ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଆବେଦନକାରୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ଗୋପାଳ ଅଗ୍ରୱାଲ ଓ ପ୍ରତିପକ୍ଷ ବିଧାୟକ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ପ୍ରଧାନ ମାମଲା ପରିଚାଳନା କରୁଛନ୍ତି। ମାମଲାରୁ ପ୍ରକାଶ ଯେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ପ୍ରାର୍ଥିପତ୍ର ଦାଖଲ ବେଳେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ବହୁ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଥିଲା। ସେ ନିର୍ବାଚନରେ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କୁ ପରାଜିତ କରିଥିଲେ। ନାମାଙ୍କନ ଦାଖଲ ବେଳେ ଭୁଲ ତଥ୍ୟ ଦେଇଥିବାରୁ ତାଙ୍କ ସଭ୍ୟ ପଦ ରଦ୍ଦ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପରାଜିତ ପ୍ରାର୍ଥୀ ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟ।

## ଅଜଣା ଯୁବକଯୁବତୀଙ୍କ ଶବ ଠାବ

**ପଡ଼ିଆ,୭।୨(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ସଦର କମାରଗୁଡ଼ା ଗ୍ରାମ ବଜାଗୁଡ଼ା ନିକଟ ସାବେରୀ ନଦୀ ମଝିରେ ଅଜଣା ଯୁବକଯୁବତୀଙ୍କ ଶବ ଠାବ ହୋଇଛି। କିଏ ସେମାନେ ବୋଲି ଏପର୍ଯ୍ୟନ୍ତ ପରିଚୟ ମିଳି ପାରିନାହିଁ। ପୁଲିସର ତଦନ୍ତ ପରେ ଜଣାପଡ଼ିବ ବୋଲି ଅନୁମାନ କରାଯାଇଛି। ସୂଚନାନୁଯାୟୀ, ସେହି ଅଞ୍ଚଳର କିଛି ଧୀବରମାନେ ସନ୍ଧ୍ୟା ସମୟରେ ମାଛ ଧରିବାକୁ ନଦୀ ମଧ୍ୟକୁ ଯାଇଥିବାବେଳେ ମଝିରେ ବୁଦାଳିଆ ସ୍ଥାନରେ ଉଭୟ ଯୁବକଯୁବତୀ ଶୋଇ ରହିଥିବା ଦେଖିବାକୁ ପାଇଥିଲେ। ନିକଟକୁ ଲାଗିଥିବା ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଦୁଇ ଜଣ ହୋଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ଏମାନେ ଦୁହେଁ ପରସ୍ପରକୁ ଭଲପାଉଥିଲେ। କୌଣସି କାରଣରୁ ଦୁହେଁ ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୁଲିସର ତଦନ୍ତ ପରେ ପ୍ରକୃତ କାରଣ କଣ ଜଣାପଡ଼ିବ। ଏମାନେ କେଉଁଠିକାର ଓ କିଏ, କାହିଁକି ଏଠାକୁ ଆସିଥିଲେ। ପୁଲିସ ଘଟଣାସ୍ଥଳେ ପହଞ୍ଚି ପାରିନଥିବା ଜଣାଯାଇଛି।




OFFICE OF THE DEAN & PRINCIPAL, E-811
FAKIR MOHAN MEDICAL COLLEGE & HOSPITAL, BALASORE
Remuna, Balasore, Odisha - 756019
E-mail: dean.fmmchb@gmail.com, Tel 06782 – 224901, Web: blsmch.nic.in

WALK-IN-INTERVIEW FOR ENGAGEMENT IN THE POST OF JUNIOR RESIDENTS, SENIOR RESIDENTS, TUTORS, ASSISTANT PROFESSORS, ASSOCIATE PROFESSORS & PROFESSORS IN FM MCH, BALASORE

Eligible candidates are invited for Walk-In Interview for the Posts of Junior Resident, Senior Resident, Tutors, Assistant Professors, Associate Professors & Professors on contractual/deputation basis under H & F.W Dept. against vacant posts for FMMCH, Balasore. The Walk-In Interview is scheduled to be held on 12.02.2024 at 10.30 AM onwards in the Office of the Dean & Principal, FMMCH, Balasore. The details eligibility criteria, selection procedure, application form along with other terms & conditions are available in District Website i.e www.baleswar.nic.in as well as our official website i.e www.blsmch.nic.in.

Sd/-
Dean & Principal,
Fakir Mohan Medical College & Principal, Balasore

OIPR-10134/11/0019/2324



OFFICE OF THE SUPERINTENDING ENGINEER A-1457
BIDYADHARPUR CANAL DIVISION, BIDYADHARPUR
DIST- KEONJHAR, PIN-758078
QUOTATION CALL NOTICE NO- 02/(1-4) of 2023-24

Sealed quotations are invited in the prescribed format from Travel Agencies / tour operators / individual vehicle owners having valid up to date PAN / GST Registration Number for providing **4 nos.** of vehicle for engagement in the office of the Superintending Engineer, Bidyadharpur Canal Division, Bidyadharpur, Assistant Executive Engineer, Salandi Dam Sub-Division, Hadagarh, Assistant Executive Engineer, Salandi Right Canal Sub Division, Bidyadharpur & Assistant Executive Engineer, Salandi Left Canal Sub-Division, Khaira on monthly rent basis. The details of terms & conditions for the above service along with the application form of quotation containing General Bid Information and other documents will be available in the office of the Superintending Engineer, Bidyadharpur Canal Division, Bidyadharpur or can be downloaded from the State Government website www.odisha.gov.in from **12.02.2024** to **22.02.2024** up to 1.00 PM. The authority reserves the right to cancel the quotation without assigning any reason thereof.

Superintending Engineer
Bidyadharpur Canal Division
Bidyadharpur

OIPR-32240/11/0006/2324



A-1440 (e mail = ee.dd.bam@gmail.com)
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, DRAINAGE DIVISION, BERHAMPUR
INVITATION FOR BIDS (IFB)
e –procurement Notice No. 02 /2022-23 Dt : 05.02.2024

| | | | |
|---|---|---|---|
| 1. | Type of work | : | Improvement works |
| 2. | Total number of works | : | 04 no. works |
| 3. | Estimated Cost of Individual Packages | : | Varies from Rs 24.93 to Rs. 64.56 Lakhs |
| 4. | Bid Identification No. | : | EE-DD-BER-NO. 03 /2023-24 TO EE-DD-BER-NO. 06 /2023-24. |
| 5. | Period of completion | : | 3 (Three) Calendar months |
| 6. | Availability of Tender On - Line | : | 09.02.2024, 10.00 Hours to 22.02.2024, 17.00 Hours. |
| 7. | Date of Opening | : | 23.02.2024 at 11.30 hours in the O/o the Executive Engineer, Drainage Division, Berhampur, Ganjam, Odisha. |
| 8. | Date of Lottery | : | 29.02.2024 at 12.00 Hours in the Office Chamber of the Executive Engineer, Drainage Division, Berhampur |
| 9. | Procurement Officer | : | Executive Engineer, Drainage Division, Berhampur, Ganjam, Odisha. |

Further details can be seen from the Govt. web site www.tendersorissa.gov.in

Executive Engineer
Drainage Division
Berhampur

OIPR-32092/11/0007/2324



GOVERNMENT OF ODISHA A-1450
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
*NOTICE INVITING TENDER e-Procurement*
*Bid ID No. 08 SEMID (KJR/ 2023-2024) Dt. 05.02.2024*

The Superintending Engineer, Minor Irrigation Division, Keonjhar on behalf of the Govemer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 10 (Ten) Nos. |
| Estimated Cost | Rs. 65.49 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 03 (Three) calendar months |
| Availability of Bid Documents | From 13.02.2024 to 22.02.2024 during office hours in Website (www.tenderorissa.gov.in) |
| Period of receipt of Bid through online | From 13.02.2024 to 22.02.2024 through online. |
| Date of Opening of Bid Documents | At 11.00 A.M. on 23.02.2024 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 28.02.2024 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001, E-Mail ID-eemikjr@yahoo.co.in |

**Further Details can be seen from the web site : www.tendersorissa.gov.in**

Sd/-
(Er. Sudhansu Sekhar Sahoo)
Superintending Engineer
M.I. Division, Keonjhar

OIPR-32123/11/0009/2324



Tel. 06766-258301(O) O-2463
email: se_nerwkjr@rediffmail.com

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
eProcurement Notice for Road Works under MMSY-TRIP & CMRL
Identification No. Road Online NCB No. 421
No. 571 / Date 06.02.2024

1. Name of the work :- **Construction and Maintenance of roads under MMSY-TRIP & CMRL in the District of Keonjhar.**
2. No. of work :- **04** (Four) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 421 | Dt.13.02.24 at 11.00 A.M. | Dt.27.02.24 up to 5.00 P.M. | Dt.26.02.24 up to 5.00 P.M. | Dt.28.02.24 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

Chief Construction Engineer,
R.W. Circle, Keonjhar.

OIPR-25177/11/0065/2324



GOVT OF ODISHA A-1466
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, JEYPORE.
AT/PO : JEYPORE, DIST : KORAPUT.
PHONE NO : 06854-291412, e-mail- mijeypore@yahoo.co.in
e-Procurement Notice
BID IDENTIFICATION NO. MIDJEY 09/2023-24
No. 171 / Date 02.02.2024

The **Superintending Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE** Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to Check Dams and Imp. to Tank & MIPs.
2. No of works : 07 Nos.
3. Estimated cost : Approximately Rs. 6.64 to 29.91 Lakhs .
4. Period of completion : 1 (One) & 4 (Four) calendar months.
5. Date and time of availability of bid documents in the portal : from 10.00 Hours of 15.02.2024 to 17.00 Hours of 27.02.2024.
6. Last date/ time for receipt of bids in the portal : 17.00 Hours of 27.02.2024.
7. Date of opening of Bid : 11.00 Hours on 28.02.2024.
8. The bidders have to participate in ONLINE bidding only.
9. Name of the Officer inviting Bid : Superintending Engineer , Minor Irrigation Division, Jeypore

Further details can be seen from the e-procurement portal **https://tendersodisha.gov.in**

Superintending Engineer
MI Division, Jeypore

OIPR-32374/11/0012/2324



OFFICE OF THE COLLECTOR AND DISTRICT MAGISTRATE: BHADRAK
(SOCIAL WELFARE SECTION)
g-162
Tender Notice No. 310 /SW, Date: 07.02.2024

Sealed tenders are invited from the intending Registered printing press/ Registered Firms/Supplying Agencies within the state of Odisha for supply of followings materials to all ICDS projects of Bhadrak district for use of pre-school children/ Anganwadi workers at AWC level during the year 2023-24.

1. Multi coloured Arunima Work book Part-I with 60 pages including cover page.
2. Multi coloured Arunima Work book Part-II with 64 pages including cover page.
3. Child Assessment (CA) card.
4. Picture/numeracy books (6 to 8 nos., Colorful pictorial books demonstrating stories/working with numbers).
5. Kuni Calendar for children (0 - 3 years).

The tender paper containing detailed terms and conditions, EMD, other statutory requirement and sample copy of Nua Arunima Workbook (I & II)/ CA card/ Picture/numeracy books (6 to 8 nos., Colorful pictorial books demonstrating stories/ working with numbers)/ Kuni Calendar for children (0 - 3 years) can be obtained from the office of the DSWO, Bhadrak on payment of Rs. **1,000**/- in shape of BD towards cost of tender paper on any working day from date of publication i.e. 07.02.2024 of this notice till dtd. 20.02.2024 up to 5.30 PM or the documents and can be downloaded from the district website www.bhadrak.nic.in. Tender paper completed in all respect in accordance with the terms & conditions annexed along with all required documents and the cost of tender paper Rs.1,000/- and EMD in of Rs.1,33,925/-in shape of BD in favour of DSWO,Bhadrak drawn in any Nationalized Bank payable at Bhadrak, should reach in sealed cover through Registered Post/ Speed Post/ Courier to the office of the District Social Welfare Officer, Bhadrak on or before dtd. 20.02.2024 up to 05.30 PM. Both the Technical & Financial bids for the tenders received within the scheduled date & time shall be opened on dtd. 21.02.2024 at 02:30 PM by the District Level Committee in presence of the tenderers or their authorized representatives in Salandi Sabhagruha, Collectorate, Bhadrak. The tender(s) received beyond the scheduled date and time shall not be taken into consideration.

The Chairman, District Level Committee reserves the right to reject any or all the tenders without assigning any reason thereof and shall bear no liability what so ever consequent upon such decision.

Collector & District Magistrate,
Bhadrak

OIPR-24017/11/0012/2324



XXIV-54
Government of Odisha
Collectorate, Jajpur
CORRIGENDUM
File No. COL/JAJ/Vill-26/2022/ 795/LA(Civil) dated- 19.01.2024

Where as. Govt, in R&DM Department has issued Notification U/s-4(l) of the RFCTLAR&R Act, 2013 intending to acquire Ac.3.46776dec of land in village Unit-5 Krushna Prasad Nagar for "Improvement to Maa Biraja Temple Surroundings at Jajpur Town" and allowed SIA study vide No. /dtd.18.12.2020.

Whereas, Govt, in R&DM Department has issued declaration U/s-8(2) of the RFCTLAR & R Act, 2013 vide No.36968 dtd.17.10.2023 for acquisition of Ac.3.46776dec after examining the report of the Collector, Jajpur and the report of the Export Group.

Whereas, consequent upon receipt of the report of Superintending Engineer, Panikoili (R&B) Division, Panikoili vide letter No.7729(WE)/dtd.26.10.2023 regarding acquisition of Ac.0.12424dec out of the above Ac.3.592dec through Direct purchase, Notification U/s-ll(l) of the RFCTLAR &R Act, 2013 was issued by the Collector, Jajpur as the appropriate Govt, vide No.12911/dtd.09.11.2023 for acquisition of Ac.3.46776dec

As such, the Notification issued U/s-ll(l) may be read as per the following schedule instead of the schedule given in the above Notification.

**Land Schedule**

Name of the Project: **Improvement to Maa Biraja Temple Surrounding at Jajpur Town,**
Mouza: **Unit-5, Krushna Prasad Nagar,** Thana No.**201, Tahasil: Jajpur,** Dist: **Jajpur**

| Sl. No | Khata No. | Plot No. | Kisam | Total Area | Acquired Area | Recorded Tenant |
|---|---|---|---|---|---|---|
| 1 | 54 | 553 | Sarad Jala-I | 0.197 | 0.01934 | Khatija Bibi D/o-Khor Ban, Sk Kale S/o-Sk Dilbar, Sk Banto S/o- Sk Rehman, Lacchaman Bibi W/o- Sk Rehman Caste-Musalman Vill- Nijagaon |
| | | 560 | Sarad Jala-I | 0.032 | 0.03167 | |
| 2 | 168 | 598 | Sarad Jala-I | 0.04 | 0.008 | Biseswara Prasad Bose S/o-Krushna Prasad Bose,Girija Prasad Bose, Biraja Prasad Bose S/o- Kamalakanta Bose, Lilima Datta, Ananta Prasad bose, Sanant Kumar Bose, Rajat kumar Bose, Sujit Kumar Bose, S/o-Narendranatli Bose Caste- Kaesta, Vill- Nijagaon |
| | | 562 | | 0.065 | 0.015 | |
| | | 600 | | 0.19 | 0.005 | |
| | | 597 | | 0.212 | 0.125 | |
| | | 622 | | 0.742 | 0.17 | |
| | | 599 | | 0.03 | 0.005 | |
| | | 621 | | 0.894 | 0.18 | |
| | | 559 | | 0.118 | 0.005 | |
| | | 561 | | 0.47 | 0.25 | |
| 3 | 250/2 10 | 552 | Sarad Jala-I | 0.085 | 0.006 | Sk Abdul Gaffar, Sk Abdul Gani, Sk Abdul Sanjar S/o- Sk Abdul Jabar, Sk Sarfaraz, Ahmed Reshma Begam S/o-Sk Abdul Latif, Snehnaz Begum W/o- Sk Abdul LAtif Caste- Musalman Vill- Nijagaon |
| 4 | 238 | 635 | Sarad Jala-I | 0.145 | 0.035 | Subash Chandra Sarkel, Subodh Chandra Sarkel S/o-Kartika Chandra Sarkel Caste- Kaesia Vill-Kuansarapur |
| 5 | 250/2 6 | 620/1302 | Sarad Jala-I | 0.4 | 0.285 | Anand Chandra Ojha, Dibakar Ojha, Chakradhar Ojha, Jaladhara Ojha S/o-Ramachandra Ojha Caste-Kamar Vill-Khandeswar |
| 15 | 154 | 628 | Sarad Jala-I | 0.18 | 0.063 | Baidhar Behera S/o- Shankar behera, Ananda Behera, Binod Behera S/o- Baidhar Behera., Caste- Chamar Vill-Bepari Barahmapur |
| 16 | 250/2 7 | 620/1303 | Sarad Jala-I | 0.2 | 0.01 | Trilochan Maharana S/ o-Hadibandhu Maharana Caste-Kamar Vill-Belarpur |
| 17 | 238 | 631 | Sarad Jala-I | 0.07 | 0.05 | Subash Chandra Sarkel, Subodh Chandra Sarkel S/o-Kartika Chandra Sarkel Caste- Kaesta Vill-Kuansarapur |
| IS | | 633 | Sarad Jala-I | 0.105 | 0.01 | |
| 19 | | 634 | Sarad Jala-I | 0.1 | 0.07 | |
| 20 | | 636 | Sarad Jala-I | 0.18 | 0.12 | |
| 21 | 181 | 641 | Sarad Jala-I | 0.5 | 0.11 | Manimala Bose S/o-Gyanendra Prasad Bose, Caste- Kaesta Vill- Saheb Jada Bazaar Cuttack |
| | | 642/1279 | Sarad Jala-I | 0.05 | 0.015 | |
| 22 | 195 | 855 | Sarad Jala-II | 0.082 | 0.064 | Musi Sahoo W/o-Balaram Sahoo Caste-Teli,Vill-Unit 14 Samil Naharapada |
| 23 | 195 | 853 | Sarad Jala-Ii | 0.1 | 0.045 | Musi Sahoo W/o-Balaram Sahoo Caste-leli, Vill-Unitl4Samil Naharapada |
| 24 | | 958 | Sarad Jala-II | 0.08 | 0.075 | |
| 25 | | 850 | Sarad Jala-II | 0.05 | 0.01 | Krushna Chandra Mishra, Prabhat Kumar Mishr, Pradeep Kumar Mishra S/o-Janardana Mishra, Abhay Mishra, Akhaya Mishra,Ajaya Mishra, Jagaruiath Mishra, Ajit Mishra. Hanuman Prasad Mishra. Archana Mishra S/o-Prafulla Mishra, Sebati Mishra W/o- Prafulla Mishra, Caste Brahmin, Vill-Debidwara |
| 26 | 48 | 856 | Sarad Jala-H | 0.135 | 0.03 | Krushnachandra Bedi S/o-Laxmidhar Bedi Caste-Brahmin, Vill-Nijagaon |
| 27 | 177 | 970 | Sarad Jala-II | 0.064 | 0.045 | Bhagabata Rana S/o-Gopal Rana, Seeta Rana W/o- Gopal Rana,Caste-Mali, Vill-Debidwara |
| 28 | 318 | 972 | Sarad Jala-II | 0.05 | 0.05 | Sri Govindajew Thakura Bije Bhoga Madhaba Marfat Trustee Board |
| | | 974 | Sarad Jala-II | 0.062 | 0.015 | |
| | | 975 | Sarad Jala-II | 0.085 | 0.05 | |
| | | 990 | Sarad Jala-II | 0.055 | 0.055 | |
| | | 991 | Sarad Jala-II | 0.075 | 0.065 | |
| 29 | 250/ 1 73 | 943 | SaradJala-II | 0.15 | 0.015 | Laxmikanta Mohanty S/o-Prafulla Chandra Mohanty Caste- Karana Vill- Belarpur |
| 30 | 3 | 1118 | Saradjala-II | 0.084 | 0.045 | Ajaya Kumar Dash, Snehalata Dash, Shantilata "Dash S/o-Rama Ballabha Dash, Ammtanka Dash S/o-Amiya Kumar Dash, Usharani Dash W/o-Amiya Kumar Dash, Pramoda Dash. W/o- Rama Ballabha Dash Caste- Karana Vill-Unit 15 Navigaya |
| 31 | 98 | 1121 | SaradJala-II | 0.082 | 0.067 | Janardana Mishram Diiarani Mishra, Purnachandra Mishra S/o-Bhikar i Mislira Caste-Brahman, Vill-Nijagaon |
| 32 | 250/1 59 | 1122 | SaradJala-II | 0.096 | 0.035 | Janardan Mishra, Purnachandra Mishra S/o-Bhikari Mishra, Caste-Brahman Vill- Nijagaon, Salma Khatun W/o-Sk Dayan Baksh kismet Ta atha ana caste- Musalman Vill-Raghunathpur, Sushanta Kumar Mishra, Siba Prasad Mishra, Janakilata Mishra, Manjulata Mishra, S/o-Nrusinha Mishra kismat ta athaana caste- Brahman viil-Nijagaon |
| 33 | 250/2 3 | 1127 | SaradJala-II | 0.282 | 0.2 | Bhabani Shankar Besi, Kamapala Bedi, S/o- Krushna Chandra Bedi caste-Brahman viil- Debidwara |
| 34 | 70 | 1193 | Sarad Jala-II | 0.068 | 0.00375 | Gopi Barika,Srinath Barika S/o-Mani Barika, Caste-Bhandari, Vill-Niiagaon |
| 35 | 4 | 1192 | Rasta | 0.212 | 0.13 | Ajaya Kumar Dash, Snehalata Dash, Shantilara Dash, S/o-Rama Ballabha Dash, Amrutanka Dash S/ o-Amiya Kumar Dash, Usharani Dash W/o- Amiva Kumar Dash, Pramoda Dash W/o-Rama Ballabha Dash Caste- Karana Vill-Unit 15 Navigaya |
| 36 | 4 | 1194 | Sarad Jala-II | 0.672 | 0.3 | |
| | | 1197 | Sarad Jala-II | 0.039 | 0.01 | |
| | | 1200 | Sarad Jala-II | 0.183 | 0.005 | |
| | | 1190 | Sarad Jala-II | 0.137 | 0.01 | |
| | | 1195 | Sarad Jala-II | 0.538 | 0.35 | |
| 37 | 181 | 642/1278 | Sarad Jala-1 | 0.36 | 0.08 | Manimala Bose, S/o-Gyanendra Prasad Bose Caste-Kaesta,Vill- Sahebjada Bazaar Cuttack |
| 38 | 153 | 627 | Sarad Jala-l | 0.07 | 0.02 | Bayani Prusti W/o-Rama Chandra Prusti Caste-Tanti,Vill-Debidwara |
| 39 | 109 | 658 | Sarad Jala-1 | 0.09 | 0.05 | Sri Thakurani Bije Nifagaon Marfat Trustee Board |
| | | 661 | Sarad Jala-I | 0.165 | 0.055 | |
| | | | | G.Total | Ac.3.46776 | |

By the order of Governor
Collector, Jajpur

OIPR-24163/14/0057/2324

# ଅବଶିଷ୍ଟାଂଶ...

## କ୍ଷମା ଦେବେନାହିଁ...

ଗୃହକାର୍ଯ୍ୟରେ ବାଧା ଉପୁଜ୍ନ କରିଥିଲେ ଏବଂ ଏହି ସମ୍ବେଦନଶୀଳ ଘଟଣାର କିପରି ରାଜନୀତିକରଣ କରିଥିଲେ ତାହାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସ୍ମରଣ କରାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତର ଜାମିନ ନିମନ୍ତେ କେଉଁମାନେ ସାହାଯ୍ୟ କରୁଥିଲେ ଓ ବିଚାର ପ୍ରକ୍ରିୟାକୁ ବିଳମ୍ବ କରିବାକୁ କେଉଁମାନେ ଉଦ୍ୟମ କରୁଥିଲେ ତାହା ରାଜ୍ୟବାସୀ ଭଲ ଭାବେ ଜାଣନ୍ତି । ଯେଉଁମାନେ ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥହାସଲ ପାଇଁ ନିଜ ରାଜ୍ୟକୁ ବଦନାମ୍ କରିବାକୁ ପଛାନ୍ତି ନାହିଁ; ଯେଉଁମାନେ ଶ୍ରୀମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିର କାମ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି, ଯେଉଁମାନେ ରାଜ୍ୟର ବିକାଶରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଲୋକେ କଦାପି କ୍ଷମା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଚେତାଇ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକାଳ ମଧ୍ୟରେ ଆମେ ସାମ୍ନା କରିଥିବା ଆହ୍ୱାନଗୁଡ଼ିକ ମଧ୍ୟରୁ ବୈଶ୍ୱିକ ମହାମାରୀ କରୋନା ମହାମାରୀ ଅନ୍ୟତମ ପ୍ରମୁଖ ଆହ୍ୱାନ ଥିଲା । ରାଜ୍ୟ ସରକାର ଏକ ଟିମ୍ ଭାବେ କାର୍ଯ୍ୟ କରିବା ସହ ଏହି ମହାମାରୀର ସଫଳ ମୁକାବିଲା କରିପାରିଥିଲେ । ଯାହାଫଳରେ ଓଡ଼ିଶାର ମୃତ୍ୟୁ ହାର ଦେଶରେ ସର୍ବନିମ୍ନ ଥିଲା । ଟେଷ୍ଟିଂ ଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ରାଜ୍ୟବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ରାଜ୍ୟ ସରକାର ଉପଲବ୍ଧ କରାଇଥିଲେ । ବୋଧହୁଏ ଏପରି ମାଗଣା ସହାୟତା ପ୍ରଦାନ କରିବାରେ ଓଡ଼ିଶା ଦେଶର କିଛି ରାଜ୍ୟଙ୍କ ମଧ୍ୟରେ ସାମିଲ ଥିଲା । କରୋନା ସମୟରେ ଅମ୍ଳଜାନ ଉତ୍ପାଦନ କରିବା ସହ ଓଡ଼ିଶା ଦେଶର ୧୭ ରାଜ୍ୟକୁ ଅମ୍ଳଜାନ ଯୋଗାଇ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଇ ପାରିଥିଲା । ଏହି କାର୍ଯ୍ୟକାଳ ମଧ୍ୟରେ ଆମେ ଉଭୟ ଭୁବନେଶ୍ୱର ଏବଂ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜନ କରିଥିଲୁ । ସୁନ୍ଦରଗଡର ହକିପ୍ରେମୀ ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରତିଦାନ ଥିଲା । ରେକର୍ଡ ସମୟ ମଧ୍ୟରେ ସେଠାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ନିର୍ମାଣ ହୋଇପାରିଥିବା ବେଳେ ସମଗ୍ର ବିଶ୍ୱ ଏହି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନରେ ଓଡ଼ିଶାର ସାମର୍ଥ୍ୟକୁ ଅନୁଭବ କରିପାରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକାଳ ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି । ବିଗତ ପାଞ୍ଚଶହ ବର୍ଷ ମଧ୍ୟରେ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପାଇଁ ନିଆଯାଇଥିବା ଏକ ପ୍ରମୁଖ ପଦକ୍ଷେପ ବୋଲି ଗଜପତି ମହାରାଜ କହିଛନ୍ତି । ଏହି ପ୍ରକଳ୍ପରେ ସହାୟତା କରିଥିବା ସମସ୍ତଙ୍କୁ ମୁଁ କୃତଜ୍ଞତା ଜଣାଉଛି । ଶ୍ରୀମନ୍ଦିର ସହ ନିକଟରେ ମା ସମଲେଇ ପ୍ରକଳ୍ପକୁ ମଧ୍ୟ ଲୋକାର୍ପଣ କରାଯାଇଛି । ଏହାସହ ରାଜ୍ୟର ପ୍ରାୟ ସମସ୍ତ ପ୍ରମୁଖ ମନ୍ଦିର, ଚର୍ଚ୍ଚ, ମସଜିଦ୍‌ର ରୂପାନ୍ତରଣ କରାଯାଉଛି । ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧିନରେ ପ୍ରତି ପଞ୍ଚାୟତର ୨-୩ଟି ମନ୍ଦିରର ରୂପାନ୍ତରଣ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ମୋ ମନ୍ତ୍ରିମଣ୍ଡଳର ଶପଥ ନେବାର ପ୍ରଥମ ଦିନ ହିଁ ରାଜ୍ୟ ପ୍ରଶାସନରେ '୫-ଟି' ଉପକ୍ରମ ଲାଗୁ ହେବା ନେଇ ଘୋଷଣା କରିଥିଲି । ଏହି ୫-ଟି ଉପକ୍ରମ କେବଳ ରାଜ୍ୟ ପ୍ରଶାସନ ପାଇଁ ବଡ଼ ଗେମଚେଞ୍ଜରର ଭୂମିକା ଗ୍ରହଣ କରିନାହିଁ ବରଂ ସମଗ୍ର ଦେଶ ପାଇଁ ଅନୁକରଣୀୟ ପାଲଟିଛି । ୫-ଟି ଉପକ୍ରମ ଅଧିନରେ ରାଜ୍ୟର ପ୍ରାୟ ସମସ୍ତ ହାଇସ୍କୁଲ ସ୍ମାର୍ଟ ସ୍କୁଲକୁ ରୂପାନ୍ତରିତ ହୋଇପାରିଛି । ଏହାସହ ୫-ଟି ଅଧିନରେ ପ୍ରାୟ ସମସ୍ତ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି । ପିଲାମାନଙ୍କୁ ଏକ ଉତ୍କୃଷ୍ଟ ଶୈକ୍ଷିକ ବାତାବରଣ ପ୍ରଦାନ କରାଯାଇପାରିଛି । ଏହି ପାଳିରେ ରାଜ୍ୟ ସରକାରଙ୍କର ଏହା ଅନ୍ୟତମ ଶ୍ରେଷ୍ଠ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଦୀର୍ଘବର୍ଷ ଧରି ନିର୍ମାଣ ଅବସ୍ଥାରେ ଥିବା ଲୋୟର ସୁକତେଲ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ, କାନପୁର ଜଳସେଚନ ପ୍ରକଳ୍ପ ସହ ବହୁ ଜଳସେଚନ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି । ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ରେକର୍ଡ ସମୟ ମଧ୍ୟରେ ଶେଷ ହୋଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏକ ପରିବର୍ତ୍ତନକାରୀ ପ୍ରସଙ୍ଗ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନା ଅଧିନରେ ମାସିକ ପ୍ରାୟ ୧.୫ ଲକ୍ଷ ଲୋକ ଉପକୃତ ହେଉଥିବା ବେଳେ ରାଜ୍ୟ ସରକାର ୨୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ରାଜ୍ୟ ସରକାର ବିରାଟ ପଦକ୍ଷେପ ଅଟେ । ଏକ ରାଜ୍ୟର ଜନସଂଖ୍ୟାକୁ ସ୍ୱାସ୍ଥ୍ୟସେବା ବୀମା ପ୍ରଦାନ କରିବାରେ ଏହା ଦେଶର ଅନ୍ୟତମ ଶ୍ରେଷ୍ଠ ଯୋଜନା ବୋଲି ମୁଁ ଗର୍ବର ସହ କହିବାକୁ ଚାହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି । ସେମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାର ଲାଭ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହା ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧିନରେ ଜନଜାତିଙ୍କର ଭାଷା, ସାହିତ୍ୟ, କଳାର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି । ସେହିପରି ମହିଳାଙ୍କୁ ସଶକ୍ତ କରିବା ପାଇଁ ମିଶନ ଶକ୍ତି ଅଧିନରେ ପ୍ରାୟ ୧୫ ହଜାର କୋଟି ଟଙ୍କା ସୁଧ ବିହୀନ ଋଣ ପ୍ରଦାନ କରିବାକୁ ପଦକ୍ଷେପ ଦେଉଛନ୍ତି । ମହିଳା ବିରୋଧୀ ହିଂସା ୨୦ ପ୍ରତିଶତ ତଳକୁ ହ୍ରାସ ପାଇଥିବା ବେଳେ ଦଣ୍ଡହାର ଦୁଇଗୁଣା ହୋଇଛି । ନିକଟରେ ଓଡ଼ିଶା କିପରି ଦେଶର ଏକ ନମ୍ବର ରାଜସ୍ୱ ବଳକା ରାଜ୍ୟର ମାନ୍ୟତା ପାଇଛି, ତାହା ଆମେ ସମସ୍ତେ ଦେଖିଛନ୍ତି । ଆମେ ଉତ୍ପାଦକ କ୍ଷେତ୍ରରେ ଦେଶର ଦ୍ୱିତୀୟ ସର୍ବାଧିକ ନିବେଶ ପାଇବାରେ ସଫଳ ହୋଇପାରିଥିବା ବେଳେ ଆଇଟି କ୍ଷେତ୍ରରେ ପ୍ରମୁଖ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ନିଜ ଶାଖା ଖୋଲିଛନ୍ତି । ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଦେଶର ପ୍ରାୟ ଏକ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଉଠିଛନ୍ତି । ୨୦୦୦ ମସିହାରେ ଆମେ ଯେତେବେଳେ ଶାସନକୁ ଆସିଥିଲୁ ସେତେବେଳେ ରାଜ୍ୟରେ ପ୍ରାୟ ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ମାତ୍ର ବର୍ତ୍ତମାନ ରାଜ୍ୟର ମାତ୍ର ୧୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏହା ରାଜ୍ୟ ସରକାରଙ୍କ ପାଇଁ ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହି କାରଣରୁ ନିକଟରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ରାଜ୍ୟବାସୀ ଆଶୀର୍ବାଦ ଅଜାଡ଼ି ଦେଇଥିବା ବେଳେ ବିଜେଡି ସମସ୍ତ ୩୦ଟି ଜିଲ୍ଲା ପରିଷଦ ଜିତିବାରେ ସଫଳ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଓଡ଼ିଆ ଭାଷାର...

ଏହାସହ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୫ଶହ ବିଦ୍ୟାଳୟ ଓ ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଏଥିରେ ସାମିଲ କରାଯିବ । ଶହେ ବର୍ଷରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ୧ କୋଟି ଟଙ୍କା ଓ ସ୍ୱାଧୀନତା ପୂର୍ବର ବିଶ୍ୱବିଦ୍ୟାଳୟକୁ ୨କୋଟି ଟଙ୍କାର ଐତିହ୍ୟ ଅନୁଦାନ ଯୋଗାଇ ଦିଆଯିବ । ଓଡ଼ିଆ ମାଧ୍ୟମ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଓ ଅଭିବୃଦ୍ଧିରେ ସହାୟକ ହେବ । ଅନୁବାଦ ନୀତି ପ୍ରଣୟନ କରି ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାରେ ଓଡ଼ିଆ ପୁସ୍ତକର ଅନୁବାଦ ପାଇଁ ଅନୁଦାନର ବ୍ୟବସ୍ଥା କରାଯିବ । ବିଭିନ୍ନ ବିଷୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସରଳ ଓ ସୁଗମ କରିବା ପାଇଁ ଏକ ସଂଶୋଧିତ ଶବ୍ଦାବଳୀ ଓ ଶବ୍ଦକୋଷ ପ୍ରସ୍ତୁତ କରାଯିବ । ଏଥିପାଇଁ ଏକ ଓଡ଼ିଆ ଶବ୍ଦକୋଷ କମିଟି ଗଠନ କରାଯିବ । ଓଡ଼ିଆ ଭାଷାରେ ବିଜ୍ଞାନ, ବୈଷୟିକ ଶିକ୍ଷା ଓ ଡାକ୍ତରୀ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକ ମଧ୍ୟବର୍ତ୍ତିକାଳୀନ ନୀତି ପ୍ରଣୟନ କରାଯିବ । ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷାରେ ପ୍ରୟୋଜନ ଥିବା ପ୍ରାସଙ୍ଗିକ ପୁସ୍ତକ ପ୍ରକାଶ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇଦେବେ । ଭବିଷ୍ୟତ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ଲୋକପ୍ରିୟ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏଥିରେ ପ୍ରତିବର୍ଷ ଓଡ଼ିଆ ଭାଷାର ଶହେ ଜଣ ଉଦୀୟମାନ ପ୍ରତିଭାଙ୍କୁ ଚୟନ କରାଯିବ । ସମସ୍ତ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବେ । ଭାଷା ବୃତ୍ତି ପୁରସ୍କାର ରାଶିର ପରିମାଣ ଓ ସଂଖ୍ୟାରେ ମଧ୍ୟ ବୃଦ୍ଧି କରାଯିବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ପାଇଁ "ମୁଖ୍ୟମନ୍ତ୍ରୀ କପ୍' ଆରମ୍ଭ କରାଯିବ । ସେହିପରି ଯୁବଗୋଷ୍ଠୀଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ ସର୍ବସାଧାରଣ ପାଠାଗାର ଅଭିଯାନ କରାଯିବ । ଦେଶ ଓ ବିଦେଶରେ ଓଡ଼ିଆ ସଂଗଠନଗୁଡିକୁ ଏହି ପାଠାଗାର ସ୍ଥାପନ ପାଇଁ ସହଯୋଗ ପ୍ରଦାନ କରାଯିବ ।

ବିଶ୍ୱର ସମସ୍ତ ସ୍ଥାନରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଆଙ୍କ ଭିତରେ ସ୍ୱେଚ୍ଛାକୃତ ମନୋଭାବର ବିକାଶ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇବେ । କଟକସ୍ଥିତ ପ୍ରିଣ୍ଟିଂ ମ୍ୟୁଜିୟମକୁ "ଜାତୀୟ ମ୍ୟୁଜିୟମ' ଭାବେ ପରିବର୍ଦ୍ଧିତ କରାଯିବ । ତନ୍ମଧ୍ୟରେ ସାରା ବିଶ୍ୱର ମୁଦ୍ରଣ ପରମ୍ପରା ପ୍ରଦର୍ଶିତ କରାଯିବ । ଓଡ଼ିଶା ନୌବାଣିଜ୍ୟ ଏବଂ ଦକ୍ଷିଣ-ପୂର୍ବ ଏସୀୟ ପ୍ରତିଷ୍ଠାନ(ଓଆଇଏମ୍ଏସ୍ଇଏଏସ୍)କୁ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ । ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କାର ଅନୁଦାନ ଦିଆଯିବ । ଓଡ଼ିଆ ଭାଷାରେ ଶିଶୁସାହିତ୍ୟର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା କରାଯିବ । ପ୍ରାରମ୍ଭରେ ୫ଟି ବିଶ୍ୱବିଦ୍ୟାଳୟରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଓଡ଼ିଆ ଅଧ୍ୟୟନ ବିଷୟ ନାମରେ ଏକ ବାର୍ଷିକ ଆନ୍ତର୍ଜାତିକ ଗବେଷଣା ପତ୍ରିକା ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହେବ । ରାଜ୍ୟ ବାହାରେ ବସବାସ କରୁଥିବା ଓଡ଼ିଆଙ୍କ ପାଇଁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ (ଓଏଲ୍ଏମ୍ଏସ୍) ପ୍ରସ୍ତୁତ କରାଯିବ । ଫଳରେ ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଛାତ୍ରଛାତ୍ରୀମାନେ ଅନଲାଇନରେ ଓଡ଼ିଆ ଭାଷା ଶିଖି ପାରିବେ । ଏହାସହ ଏକ ସାର୍ଟିଫିକେଟ ମଧ୍ୟ ହାସଲ କରିପାରିବେ । ଏହି ସମସ୍ତ ସୁବିଧା ଓଡ଼ିଆ ଭର୍ଚୁଆଲ ଏକାଡେମୀ ଓ୍ୱେବସାଇଟରେ ଉପଲବ୍ଧ ହେବ । ମୂଲ୍ୟବାନ୍ ନଥିପତ୍ରଗୁଡ଼ିର ଉପଯୁକ୍ତ ପଞ୍ଜୀକରଣ, ସଂରକ୍ଷଣ ଓ ପ୍ରସାରଣ ପାଇଁ ସଂଗ୍ରହାଳୟ ଏବଂ ଅଭିଲେଖାଗାରକୁ ଯଥେଷ୍ଟ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

## ପରୀ 'ମହାପାପ'ର...

ନିଜ ରାଜନୈତିକ ଫାଇଦା ପାଇବା ଲୋଭରେ ଧର୍ମେନ୍ଦ୍ର ପ୍ରଧାନ ବହୁ ତଳକୁ ଖସି ଗଲେ । ଓଡ଼ିଶାରେ ଏପରି ନୀଚ ରାଜନୀତି କେବେ ହୋଇନଥିଲା । ରାଜ୍ୟରେ ବହୁ ଖରାପ ପରମ୍ପରା ସୃଷ୍ଟି ହେଲା । ଏବେ ମୁଖା ଖୋଲିଯିବା ପରେ କେନ୍ଦ୍ରମନ୍ତ୍ରୀ ଶାନ୍ତିରେ କିପରି ବସି ପାରୁଛନ୍ତି ତାହା ସମସ୍ତଙ୍କୁ ଚକିତ କରୁଛି । କାରଣ ଏପରି ହୀନ କାର୍ଯ୍ୟ ପାଇଁ ଅନ୍ତରାତ୍ମା ନିଶ୍ଚିତ ଭାବେ ଧିକ୍କାର କରିବା କଥା । ଅନ୍ତତଃ ଥରୁଟିଏ ସେ ନିଜ ଆତ୍ମାକୁ ପଚାରନ୍ତୁ ପରୀ ମାମଲାରେ ଯାହା କଲେ ତାହା ଠିକ୍ ନା ଭୁଲ୍? କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ଦାସ କହିଛନ୍ତି, ସମସ୍ତେ ଜାଣିଲେ ଆଉ ଆପଣ ମଧ୍ୟ ଜାଣି ରଖନ୍ତୁ, ଆପଣ ମହାପାପ କରିଛନ୍ତି । ନିରୀହ, ନିଷ୍ପାପ, କୋମଳମତି ପରୀର ହତ୍ୟାକାରୀକୁ ବଞ୍ଚାଇବାକୁ ଯାଇ ଯେଉଁ ମହାପାପ କଲେ ତାହାର ପ୍ରାୟଶ୍ଚିତ କରନ୍ତୁ । ଓଡ଼ିଶାବାସୀ ବିଶେଷକରି ମା' ମାନଙ୍କୁ କ୍ଷମା ମାଗି ପାପର ପ୍ରାୟଶ୍ଚିତ କରିନିଅନ୍ତୁ ବୋଲି ବିଜେଡି ସଂଗଠନ ସମ୍ପାଦକ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ ଦେଇଛନ୍ତି ।

## 'ଏକ୍ସ'ରେ ଟ୍ରେଣ୍ଡ...

"ଡୋମ୍ ଅଫ୍ ଦ ଫ୍ୟୁଚର' କକ୍ଷ ବୁଲିଥିଲେ । ସେଠାରେ ପ୍ରଦର୍ଶିତ ଅତ୍ୟାଧୁନିକ କଥାକୁହା ରୋବୋଟ୍, ଆଧୁନିକ ଓଡ଼ିଆ କି-ବୋର୍ଡ ଓ ଫଣ୍ଟ, ଓଡ଼ିଆ ୱିକିପିଡିଆ, ମୁଁ ଓଡ଼ିଆ ଇ-ଲର୍ଣ୍ଣିଂ ଆପ୍ ଆଦି ଦେଖିଥିଲେ । ସେହିପରି ଏଆର୍ ଏବଂ ଭିଆର୍ ବ୍ୟବହାର କରି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଥ୍ରି-ଡି ୱାକ୍ ଥ୍ରୁ ଏବଂ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳର ଭିଡିଓ ଦେଖିଥିଲେ । ଏହି ସମୟରେ ସେ ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ । ଏଭଳି ପ୍ରଦର୍ଶନୀ କିପରି ସେମାନଙ୍କ ମନକୁ ଛୁଉଁଛି ସେ ବିଷୟରେ ପଚାରିଥିଲେ । ପ୍ରଦର୍ଶନୀ ପରିସରରେ ଥିବା ଭ୍ରାମ୍ୟମାଣ ପାଠାଗାରକୁ ଦେଖି ଏହା ଛାତ୍ରଛାତ୍ରୀ ଓ ଯୁବପିଢ଼ିକୁ ପ୍ରେରଣା ଦେବ ବୋଲି କହିଥିଲେ । ଭାଷାର କ୍ରମବିକାଶ, ପ୍ରାକ୍ ଐତିହାସିକ ବାର୍ତ୍ତା, ଐତିହାସିକ ମୁଦ୍ରା, ଓଡିଶାର ତାଳପତ୍ରପୋଥି, ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ, ନୌବାଣିଜ୍ ଇତିହାସ, ଜନଜାତିଙ୍କ ଭାଷା ଓ ସଂସ୍କୃତି, ମୁଦ୍ରଣ ବିଭାଗ, ଓଡିଶାର ସମୃଦ୍ଧ ଚଳଚ୍ଚିତ୍ର ଆଦି ସମ୍ପର୍କରେ ଭୁବନେଶ୍ୱରବାସୀ ଏଠାରେ ଦେଖିବାକୁ ପାଉଛନ୍ତି । ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଜ୍ଞାନ ଓ ବୈଷୟିକ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଆ ଭାଷାରେ ପ୍ରବନ୍ଧ ଲିଖନ, ବକ୍ତୃତା, ଜଗନ୍ନାଥ ସଂଗୀତ ଏବଂ ବିଜ୍ଞାନକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହାସହ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଓଡ଼ିଆରେ ପ୍ରସ୍ତୁତ ସ୍ୱତନ୍ତ୍ର "ବିଜ୍ଞାନ ଶବ୍ଦକୋଷ'ଶ୍ରୀ ପାଣ୍ଡିଆନ ଲୋକାର୍ପଣ କରିଥିଲେ ।

# କଣ୍ଟାବାଞ୍ଜିରେ ୱାଗନ୍ ମରାମତି କାରଖାନାକୁ ସବୁଜ ସଙ୍କେତ

## ■ ପ୍ରକଳ୍ପ ପାଇଁ ୨୪୪.୭୭ କୋଟି ଅନୁମୋଦନ

**ଭୁବନେଶ୍ୱର, ୭ ।୨(ସମିସ):** ରେଳବାଇ ବୋର୍ଡ ଦ୍ୱାରା ୨୪୪.୭୭ କୋଟି ଅନୁମୋଦନ ପାଇବା ପରେ ରେଳ ମନ୍ତ୍ରଣାଳୟ କଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକ୍ ମରାମତି (ପିଓଏଚ୍) କାରଖାନା ସୁବିଧା ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦେଇଛି । ଗତବର୍ଷ ସେପ୍ଟେମ୍ବରରେ ଦାଖଲ ହୋଇଥିବା ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ର ପୁଙ୍ଖାନୁପୁଙ୍ଖ ବିଚାର ପରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଅଛି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ୨୦୦ ୱାଗନ୍ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ୱାଗନ୍ ପିଓଏଚ୍ କାରଖାନା, କଣ୍ଟାବାଞ୍ଜିରେ ରେଳବାଇ ସହ ନିକଟରେ ଉପଲବ୍ଧ ଥିବା ଖାଲି ଜମିରେ ନିର୍ମାଣ କରାଯିବ । ଏହି ନିଷ୍ପତ୍ତି ପାଇଁ ଜନସାଧାରଣଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଥିଲେ । ସେମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିବା ପରେ ବିଭିନ୍ନ ଦିଗରୁ ତର୍ଜମା କରାଯାଇ କାରଖାନା ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦିଆଯାଇଛି । ରେଳବୋର୍ଡର ଏହି ପ୍ରକଳ୍ପକୁ ଅନୁମୋଦନ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ରେଳବାଇର ଦକ୍ଷତା ବୃଦ୍ଧି କରିବ । ୱାଗନ୍ ପିଓଏଚ୍ କାରଖାନା ପ୍ରତିଷ୍ଠାର ଆଭିମୁଖ୍ୟ ହେଲା, ଏହି ଅଞ୍ଚଳରେ ପଣ୍ୟ ପରିବହନ ଯାତାୟାତ ବୃଦ୍ଧି କରିବା ସହ ସୁରକ୍ଷିତ ଟ୍ରେନ୍ ଚଳାଚଳ ପାଇଁ ୱାଗନ୍‌ଗୁଡ଼ିକର ନିୟମିତ ମରାମତି କାର୍ଯ୍ୟ ଠିକ୍ ଭାବେ ହେବ । ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରିବ । ଏକସଙ୍ଗରେ ୨୦୦ ୱାଗନ୍ ମରାମତି ହୋଇପାରିବ । ଉପଯୁକ୍ତ ରକ୍ଷଣାବେକ୍ଷଣ ହେଲେ ୱାଗନ୍‌ଗୁଡ଼ିକ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର ହେବ ଏବଂ ରେଳବାଇର ରାଜସ୍ୱ ସଞ୍ଚୟ ହେବ । ୱାଗନ ମରାମତି କାରଖାନା ପୃଥକ ଭାବରେ, ୱାଗନ୍ ରକ୍ଷଣାବେକ୍ଷଣ ଦକ୍ଷତା ଏବଂ ନିର୍ଭରଯୋଗ୍ୟକୁ ଉନ୍ନତ କରିବ ।

# ମହାପ୍ରଭୁଙ୍କୁ କ୍ଷମା ମାଗିଲେ ଦୈତାରୀ ପଣ୍ଡା

**ପୁରୀ, ୭ ।୨(ସମିସ):** ମହାପ୍ରଭୁଙ୍କୁ କ୍ଷମା ମାଗିଲେ ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦୈତାରୀ ପଣ୍ଡା । ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକଙ୍କୁ ଜଗନ୍ନାଥଙ୍କ ସହ ତୁଳନା କରି ବିବାଦରେ ଥିଲେ ଦୈତାରୀ । ପ୍ରଥମେ ସିଂହଦ୍ୱାର ଥାନାକୁ ଯାଇଥିଲେ । ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ କ୍ଷମା ପ୍ରାର୍ଥନା କରିଥିଲେ । ଭାବପ୍ରବଣ ହୋଇ ସେ ଏଭଳି ମନ୍ତବ୍ୟ ଦେଇଥିବା କହିଛନ୍ତି ।

# ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ୩ ଓଡ଼ିଆ

**ଭୁବନେଶ୍ୱର, ୭ ।୨(ସମିସ):** ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ସ୍ଥାନ ପାଇଛନ୍ତି ବିଜେଡିର ୩ ଜଣ ସାଂସଦ । ବିଜେଡି ରାଜ୍ୟସଭା ସଦସ୍ୟ ଡଃ ଅମର ପଟ୍ଟନାୟକ, ସୁଲତା ଦେଓ ଏବଂ ମମତା ମହନ୍ତ ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ସ୍ଥାନ ପାଇଛନ୍ତି । ଉପାଧ୍ୟକ୍ଷ ପ୍ୟାନେଲରେ ଏବେ ୮ ଜଣ ସାଂସଦ ଅଛନ୍ତି ଏବଂ ସେଥିରେ ଓଡ଼ିଶାରୁ କେବଳ ଉପରୋକ୍ତ ତିନି ସାଂସଦ ସ୍ଥାନ ପାଇଛନ୍ତି ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୭ ।୨(ସମିସ):** ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ ଆରମ୍ଭ ହୋଇଛି । ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ । ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ୍ www.worldskillcenter.orgରେ ପ୍ରଥମେ ପଞ୍ଜୀକରଣ କରିବା ପରେ ଆବେଦନ କରିପାରିବେ । ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗରେ ମେକାଟ୍ରୋନିକ୍ସ, ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ୍, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ଏବଂ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ (ଲିଫ୍ଟ ଟେକ୍ନୋଲୋଜି) ପରି ମୋଟ ୫ଟି ବିଷୟରେ ତାଲିମ ଦିଆଯାଉଛି । ଏଥିପାଇଁ ୨ ବର୍ଷିଆ ଆଇଟିଆଇ ବା ୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ । ସେହିପରି ସ୍କୁଲ ଅଫ୍ ସର୍ଭିସେସ୍ ବିଭାଗ ଅଧୀନରେ ହେୟାର ଫ୍ୟାସନ ଆଣ୍ଡ ଡିଜାଇନ ଏବଂ ବ୍ୟୁଟି ଓ୍ୱେଲେନେସ୍ ଆଣ୍ଡ ସ୍ପା ଆଦି ବିଷୟ ରହିଛି । ଏଥିପାଇଁ +୨ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ ।

**AFFIDAVIT**

I, Monamohan Behera, S/o- Late Tarini Charan Behera, Resident of Aparti Vihar, Remuan, Ward No-12. PO /PS-Talcher Dist-Angul, Odisha-759100 declare by this affidavit no.13AA 280851 ARN 484 dtd 03.02.2024 that now onwards I shall be known as **Manamohan Behera** for all future purposes.

**ପୂର୍ବ ତଟ ରେଳପଥ**

ପେ ଆଣ୍ଡ୍ ୟୁଜ୍ ଶୌଚାଳୟଗୁଡ଼ିକର ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** 1) ଭଦ୍ରକ – ପି ଆଣ୍ଡ୍ ୟୁ (ପ୍ଲାଟଫର୍ମ – 1 ଏବଂ 2, ମଧ୍ୟ), 2) ଭୁବନେଶ୍ୱର (ପ୍ଲାଟଫର୍ମ-1 ପାର୍ଶ୍ୱ ପରିଚଳନ କ୍ଷେତ୍ରରେ), 3) ଖଲ୍ଲିକୋଟ (ପରିଚଳନ କ୍ଷେତ୍ରରେ) ।

**ନିଲାମ ଆରମ୍ଭ ତାରିଖ ଓ ସମୟ :** (କ୍ରମ ସଂ.1 ରୁ 3 ପର୍ଯ୍ୟନ୍ତ) : ତା.15.02.2024ରିଖ 1100 ଘଟିକା ।

**ନିଲାମ ଅନ୍ତିମ ତାରିଖ :** ତା.15.02.2024ରିଖ (କ୍ରମ ସଂ.1 ରୁ 3 ପର୍ଯ୍ୟନ୍ତ), ଏବଂ ସମୟ : 1130 ଘଟିକା (କ୍ରମ ସଂ. 01 ପାଇଁ), 1140 ଘଟିକା (କ୍ରମ ସଂ. 02 ପାଇଁ), 1150 Hrs. (କ୍ରମ ସଂ. 03 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

PR-1059/O/23-24

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-799
No. 2472/ Dt. 06.02.2024, Email: scbsuperintendent@gmail.com

**TENDER CALL NOTICE**

Sealed Tenders are invited from the interested reputed Firms/ Suppliers having past experience for supply and installation of signage work in SCB Medical College & Hospital, Cuttack. The tender paper and details terms and conditions will be available at the website "www.scbmch.in" and also from the Central Store, SCB MCH, Cuttack in all working days on deposit Rs. 500/- (Rupees Five hundred) only in the Accounts Section by cash/DD in favour of the 'Superintendent, SCB Medical College & Hospital, Cuttack' (Non refundable) from 09.02.2024 The tender paper should be reached in the office of the undersigned through Speed Post/Regd. Post only on or before 01.03.2024 by 5 P.M. The authority is not responsible for any delay/ omission on part of the bidder. The authority reserves the right to cancel or reject any or all the tenders without assigning any reason thereof.

Medical Superintendent
SCB Medical College Hospital
Cuttack

OIPR-10186/11/0021/2324

**AFFIDAVIT**

I, Anuradha Kumari Kyal, W/o-Rishi Agarwal, resident of At- Plot No. 202, Suryalok Apartment, Forest Park, Ps-Airport, Bhubaneswar, Dist-Khurda, Pin-751009, Odisha declare by this affidavit Notary No.241, dated 06/02/2024 that now onwards I shall be known as **ANURADHA AGARWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar. I, PATTANAIK TUSAR KANTI, S/o-Rajkishore Pattanaik, Flat No 209, Madhab Nilayam Apartment, Lewis road, Bhubaneswar and my actual name being TUSHAR KANTI PATTANAIK, S/o Rajkishore Pattanaik, Flat No-209, Madhab Nilayam Apartment, Lewis road, Bhubaneswar is one and the same person.

Tushar Kanti Pattanaik

**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.: BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
CIN: U40101OR1995SGC003963
CAD-4038

**TENDER CALL NOTICE NO: UKHEP:39/2023-24 Dated:06.02.2024**

Sealed Tenders are invited in sealed envelopes from the Eligible registered Contractor/ Agencies/ Firms fulfilling the eligibility criteria as per tender specification for the work "Cleaning of Sewage tank & Septic Tank beds including repairing of 02 (Two) Nos. of 5.5 KW submersible sewage pump motor sets at Turbine Floor of Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non-refundable) in Rs. | EMD in the shape of DD/Banker's Cheque only (refundable) in Rs. |
|---|---|---|---|
| 1 | Cleaning of Sewage tank & Septic Tank beds including repairing of 02 (Two) Nos. of 5.5 KW submersible sewage pump motor sets at Turbine Floor of Upper Kolab Hydro Electric Project, Bariniput. | 708/- (Rs 600/- + GST@ 18%) | 2000/- |

sale of Tender Paper will be from :- 13.02.2024 to 11:30 Hrs of Dtd.29.02.2024
last date & time of receipt of tender :- 12:00 Hrs of Dtd.29.02.2024
date and time of opening of tender :- 12:30 Hrs of Dtd.29.02.2024

For details of the tender documents, terms and conditions please visit our website www.ohpcltd.com

C & P Head, UKHEP, Bariniput.

OIPR-04002/11/0074/2324

**ODISHA HYDRO POWER CORPORATION LTD**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H. E. PROJECT,
AT/P.O. : BARINIPUT; DIST. : KORAPUT(ODISHA) -764006
Telephone: 06854 – 242 001 Fax: 06854 – 242 092
Email ID: sgmel.ukhep@gmail.com
CIN : U40101OR1995SGC003963
CAD-4022

**TENDER CALL NOTICE NO:UKHEP: 37/2023-24 Dated: 03.02.2024**

Sealed tenders in single bid are invited from electrical contractors having MV license for the following work. The tender documents, Terms & conditions, Eligibility criteria and downloading, please refer our website www.ohpcltd.com. The bidders may submit bid for the work as per the following table :

| Sl. No. | Description of Work | Cost of Tender Paper (Rs.) (Non-refundable) | EMD in Rs. (Refundable) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|
| 1 | Replacement of Bare (ACSR) conductors by AB cable at Bariniput Colony & PH Colony at UKHEP, Bariniput. | 7080/- (Rs.6000+18% GST) | 20,200/- | From 10:00 Hrs of 10.02.2024 to 11:30 Hrs of 01.03.2024 | Up to 12.00 Hrs of 01.03.2024 | At: 12.30 Hours of 01.03.2024 |

C&P Head
Upper Kolab HEP, OHPC Limited, Bariniput

OIPR-04002/11/0073/2324

**OFFICE OF THE PANCHAYAT SAMITI, BASUDEVPUR**
i-610
At/po- Basudevpur, Dist.- Bhadrak, Email: ori-basudevpur@nic.in
Order No. 448 / Date 05.02.2024

**CORRIGENDUM NOTICE**

In continuation of the Tender Call Notification No. 07/2023-24 Vide Order No- 432, dated-03.02.2024 and Memo No- 433, dated-03.02.2024 notified earlier is in Serial No-2 of Annexure-1 in Coloumn 3 to be read as **Rs-24,98,267 (Rupees Twenty Four Lakh Ninty Eight Thousand Two Hundred Sixty Seven) Only** instead of **29,98,267** towards the project "Construction of GPLF Building at Sudarsanpur GP".

Block Development Officer
Basudevpur

OIPR-19306/11/0015/2324

**DISTRICT PROJECT OFFICE**
**SAMAGRA SIKSHYA, BHADRAK**
At: Upper Bagurai, Post- Madhab Nagar, Bhadrak, Pin-756181
Phone No. 06784-240504, Email: dpcbhadrakssa.opepa@nic.in
Notice No. 283 / Dated 06.02.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of Holistic Progress Card for the students of Class I to VIII 2023-24 in two bid systems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt fo Bid | Date & time of Opening of Technical BiD |
|---|---|---|---|---|
| Printing & Supply of Holisitc Progress Card for the students of Class-I to VIII, 2023-24 | Rs. 1000/- | Rs. 20000/- | Dt.20.02.2024 by 5pm | Dt. 21.02.2024 by 11.00 am |

The detailed BID document is available in the website www.bhadrak.nic.in, www.osepa.odisha.gov.in Interested and eligible agency / firm amy download BID DOCUMENT from the above website and apply accordingly Corrigendum / addendum, if required, will be uploaded in the above website Hence potential bidders are requested to be in continuous touch with the above website.

The Tender inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

District Project Co-ordinator
Samagra Shiksha, Bhadrak

**COURT OF THE ADDL. COMMISSIONER SETTLEMENT & CONSOLIDATION, BOUDH**
PUBLICATION OF NOTICE UNDER ORDER-V RULE 20(1) of CPC
RP CASE NO-39/2022 (Petition u/s 15(b) of OS & S Act 1958)

Makardwaja Padhi & others ........Petitioners
VRS
Pabitra Mohan Satapathy & others ..........Defendants

Notice To,
1.Prakash Padhi S/o: Pratap Padhi, At: Basanti Colony, Raurkela-12 (Udit Nagar), Dist: Sundargarh
2. Prabhabati Pujari W/o: Bisambar Pujari D/o: Ramprasad Padhi At: Radhakrushna Temple, Laxminarayan Lane, Sambalpur
3.Champamani Padhi W/o: Late Manoranjan Padhi
4.Haranarayan Padhi S/o: Late Manoranjan Padhi
5.Satyanarayan Padhi S/o: Late Manoranjan Padhi
6.Nandini Padhi D/o: Late Manoranjan Padhi
7.Tarini Padhi D/o: Late Manoranjan Padhi
8.Nalini Padhi D/o: Late Manoranjan Padhi, Address of Sl. No - 3 to 8, At: Quarter No-2281, Old Town, in front of DAV School, Bhubaneswar

Whereas it has been proved to the satisfaction of the court that notice to the defendants above named cannot be served in ordinary way of service. Hence this proclamation under Order-V Rule-20 (I) of CPC is hereby issued against them and should appear personally or through their Counsel on did. 23/02/2024 at 10.30 AM.

The defendants should take notice that, in default of his/their appearance on the day above mentioned, the above said case will be heard and determined in his/their absence.

**Given under my hand and the seal of the Court this 05.02.2024**

Addl. Commissioner
S & C, Boudh

Repco Home Finance
**ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**
ଭୁବନେଶ୍ୱର ଶାଖା: ଏନ୍.ବି. ଟାୱାର, ପ୍ଲଟ୍ ନଂ.: ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ ନିକଟ, ଭୁବନେଶ୍ୱର-୭୫୧୦୧୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ଯେହେତୁ ନିମ୍ନ ସାକ୍ଷରକାରୀ **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା: ଶ୍ରୀ ଦେବାଶିଷ ଦାସ,** ପିତା: ଅରୁଣ କୁମାର ଦାସ, ସାଃ ମଣ୍ଡାପଡା, ଦୌଲତ ବାଦ, ଚୌଦ୍ୱାର, କଟକ, ଓଡ଼ିଶା-୭୫୪୦୨୬, **ଅନ୍ୟ ଠିକଣା: ମେସର୍ସ ଭବାନୀ ପାଥୋ ଲାବୋରେଟୋରୀ,** ଗୁଡ ଲକ୍ ହସ୍ପିଟାଲ ନିକଟ, ମଙ୍ଗଳାବାଗ, ମଲ୍ଲାସାହି, କଟକ-୭୫୩୦୦୧, **ଅନ୍ୟ ଠିକଣା:** ପ୍ଲଟ୍ ନଂ.: ୧୫୦୪, ଖାତା ନଂ.: ୬୦୯/୨୩୪, ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ଜେନିପୁର, ନରସିଂହପୁର, କଟକ-୭୫୪୦୨୨, **ସହ-ଋଣଗ୍ରହୀତା: ଶ୍ରୀମତୀ ଲିପାରାଣୀ ବେହେରା,** ସ୍ୱାମୀ: ଦେବାଶିଷ ଦାସ, ସାଃ ମଣ୍ଡାପଡା, ଦୌଲତ ବାଦ, ଚୌଦ୍ୱାର, କଟକ, ଓଡ଼ିଶା-୭୫୪୦୨୬, **ଅନ୍ୟ ଠିକଣା: ମେସର୍ସ କ୍ରିଷ୍ଣା ଷ୍ଟୋର,** ଭିରୁଡା, ଗୋଡିଝରିଆ, ଭିରୁଡା, ଆଠଗଡ, କଟକ, ଓଡ଼ିଶା-୭୫୪୦୩୦, **ଅନ୍ୟ ଠିକଣା:** ପ୍ଲଟ୍ ନଂ.: ୧୫୦୪, ଖାତା ନଂ.: ୬୦୯/୨୩୪, ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ଜେନିପୁର, ନରସିଂହପୁର, କଟକ-୭୫୪୦୨୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ସୁବ୍ରତ ପରିଡା,** ସାଃ ପୁରୁଣା ରାଉସାପାଟଣା, ବକ୍ସି ବଜାର, କଟକ-୭୫୩୦୦୧, **ଅନ୍ୟ ଠିକଣା: ମେସର୍ସ ପରିଡା ଭେରାଇଟି ଷ୍ଟୋର,** ବକ୍ସି ବଜାର, କଟକ-୭୫୩୦୦୧ଙ୍କୁ **ତା.୧୭.୧୦.୨୦୨୩ରିଖରେ ଡିମାଣ୍ଡ ନୋଟିସ୍** ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା **ଋଣ ଆକାଉଣ୍ଟ ନଂ.: ୧୬୮୧୮୬୦୦୦୦୬୧୨ର** ରାଶି **ଟ. ୧୦,୬୦,୦୯୯/-** ସହିତ **ତା.୧୭.୧୦.୨୦୨୩ରିଖ** ଠାରୁ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ **ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନେ** ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ତା.୦୬.୦୨.୨୦୨୪ରିଖରେ** ଦଖଲକୁ ନେଇଛନ୍ତି ।

ଏତଦ୍‌ଦ୍ୱାରା ବିଶେଷ କରି **ଋଣଗ୍ରହୀତା, ସହ-ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣ**ଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଋଣ ଆକାଉଣ୍ଟ ନଂ.: ୧୬୮୧୮୬୦୦୦୦୬୧୨ର** ରାଶି **ଟ. ୧୧,୦୪,୯୨୧/-** ସହିତ **ତା.୦୬.୦୨.୨୦୨୪ରିଖ** ଠାରୁ ସେବାବଦ ସୁଧ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଏନ୍.ବି. ଟାୱାର, ପ୍ଲଟ୍ ନଂ.: ୪୨୬/୨୨୬୦, ନୟାପଲ୍ଲୀ, ରାଜଧାନୀ ଗ୍ୟାସ ନିକଟ, ଭୁବନେଶ୍ୱର-୭୫୧୦୧୩**ଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

ଏତଦ୍‌ଦ୍ୱାରା ଆପଣଙ୍କମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସ୍ଥାନାନ୍ତରିତ ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟକୁ ପଇଠ କରି ବନ୍ଧକମୁକ୍ତ କରାନ୍ତୁ ।

**ସମ୍ପତ୍ତିର ବିବରଣୀ:** ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ଜେନିପୁର, ନରସିଂହପୁର, ଅଧିକୃତ ରେକର୍ଡ ନଂ.: ୬୦୯/୨୩୪, ପ୍ଲଟ୍ ନଂ.: ୧୫୦୪, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ପ୍ଲଟ୍ ନଂ.: ୧୫୦୩/୨୫୯୯, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ସମୁଦାୟ କ୍ରୟ କ୍ଷେତ୍ର ଏକର ୦.୦୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବିତା ମହାନ୍ତି, ଦକ୍ଷିଣ: ଅତୁଲ କୁମାର ଦାଶ, ପୂର୍ବ: ରାସ୍ତା, ପଶ୍ଚିମ: ସୁଶିଳ କୁମାର ବେହେରା ।

ତାରିଖ: ୦୬.୦୨.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ
ରେପ୍‌କୋ ହୋମ୍ ଫାଇନାନ୍ସ ଲିଃ

**GOVT. OF ODISHA**
**OFFICE OF THE SUPERINTENDING ENGINEER,**
**BALASORE IRRIGATION DIVISION, BALASORE.**
A-1447
Email-eebid1234@gmail.com

**Tender Call Notice No.07 of 2023-24**

The Superintending Engineer, Balasore Irrigation Division, Balasore on behalf of Governor of Odisha invites percentage rate Off-line Tender for Restoration/ Repair/ Survey and Investigation/ Mechanical works/ Shifting of Electric Poles works, detailed in the table from eligible Class of Contractors registered with the State Government and Contractors of equivalent grade/Class registered with the Central Government / Registered as HT under Electrical License Board of Odisha /registered firms / MSME/UDYAM for execution of Civil and Mechanical works on production of definite proof from the appropriate authority by drawing agreement in P1 Contract forms of Govt. of Odisha.

| | | | |
|---|---|---|---|
| 1. | Name of work | : | Details can be seen in the DTCN of the respective works. |
| 2. | Total No. of Works | : | 49 (Forty nine) no. of works. |
| 3. | Estimated Cost put to Tender (Rs. in Lakhs) | : | Details can be seen in the DTCN of the respective works. |
| 4. | Cost of Bid Documents | : | Details can be seen in DTCN |
| | Bid Security of the estimated cost put to tender | : | Details can be seen in DTCN |
| 5. | Period of Completion | : | Details can be seen in DTCN |
| 6. | Other details as follows | : | |
| (i) | Tender Inviting Authority | : | Superintending Engineer, Balasore Irrigation Division, Balasore. |
| (ii) | Availability of Tender Document for bidding | : | 07.02.2024 from 10.00 A.M to 16.02.2024 up to 5.00 P.M. |
| (iii) | Date of opening of Bid Document | : | On 17.02.2024 at 11.00 AM in the Office of the Superintending Engineer, Balasore Irrigation Division, Balasore. |

SUPERINTENDING ENGINEER
BALASORE IRRIGATION DIVISION,
BALASORE

OIPR-32110/11/0014/2324

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୫ ● ପାଉଣ୍ଡ ୧୦୪.୪୬
- ୟୁରୋ ୮୯.୯୪ ● ୟେନ୍ ୦.୫୬

### ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୦୦୦ (ନୂଆଦିଲ୍ଲୀ)
- ରୁପା : ୭୪,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୧୫୨.୦୦
- ନିଫ୍ଟି ୨୧,୯୩୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଜୋର୍ ଧରୁଛି କେନ୍ଦ୍ର - ରାଜ୍ୟ ଟିକସ ଆବଣ୍ଟନ ବିବାଦ

# ମେଳି କରୁଛନ୍ତି ଦାକ୍ଷିଣାତ୍ୟ ରାଜ୍ୟ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):**

କର୍ଣ୍ଣାଟକର ସାଂସଦ ଡିକେ ସୁରେଶ ନିକଟରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ 'ଟିକସ ଆବଣ୍ଟନ' ପ୍ରସଙ୍ଗରେ ଦେଇଥିବା ବିବାଦୀୟ ବୟାନ୍ ଏବେ ଏକ ଭିନ୍ନ ମୋଡ ନେଉଛି। ଶ୍ରୀ ସୁରେଶ କହିଥିଲେ ଯେ, କର୍ଣ୍ଣାଟକକୁ ଟିକସ ଆବଣ୍ଟନରେ କେନ୍ଦ୍ର ସରକାର ଭେଦଭାବ ନୀତି ଆପଣାଉଛନ୍ତି। କର୍ଣ୍ଣାଟକ ସାଂସଦଙ୍କ ବିବୃତ୍ତିରୁ ଆରମ୍ଭ ହୋଇଥିବା ଏହି ବିବାଦ ବର୍ତ୍ତମାନ ଦିଲ୍ଲୀର ଜନ୍ତରମନ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କୁ ଭେଦଭାବ ନୀତି ଆପଣାଉଥିବା ଅଭିଯୋଗ କରି କର୍ଣ୍ଣାଟକ ରାଜ୍ୟ ସରକାର ବୁଧବାର ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୁରୁବାର ମଧ୍ୟ କେରଳ ସରକାରଙ୍କ ପକ୍ଷରୁ ଏଭଳି ଏକ ବିରୋଧ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି।

ରାଜ୍ୟ ଅଂଶ ବାବଦ ଟିକସ ଅର୍ଥ ଆବଣ୍ଟନରେ କେନ୍ଦ୍ର ସରକାର ଯଦି ପରି ଭାବେ ଭେଦଭାବ ଜାରି ରଖନ୍ତି, ତେବେ 'ଦକ୍ଷିଣ ଭାରତକୁ ଏକ ପୃଥକ ଦେଶ କରାଯିବାକୁ ଦାବି

- ଜନ୍ତରମନ୍ତରରେ କର୍ଣ୍ଣାଟକ ନେତାଙ୍କ ବିକ୍ଷୋଭ
- ଆଜି କେରଳ ସରକାର କରିବେ ବିରୋଧ ପ୍ରଦର୍ଶନ
- ୧ ଟଙ୍କା ଟିକସରୁ କର୍ଣ୍ଣାଟକକୁ ୧୩ ପଇସା, ଉତ୍ତରପ୍ରଦେଶକୁ ୩୩୩ ପଇସା



କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ବୋଲି ଶ୍ରୀ ସୁରେଶ କହିଥିଲେ। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠିଛି ଯେ ଟିକସ ଆବଣ୍ଟନରେ ଉତ୍ତର ଓ ଦକ୍ଷିଣ ଭାରତର ରାଜ୍ୟଙ୍କ ମଧ୍ୟରେ କି ବ୍ୟବଧାନ ରହିଛି। ଏହି ବିବାଦର ମୁଖ୍ୟ କାରଣ କୁହାଯାଉଥିବା କର୍ଣ୍ଣାଟକ ସରକାରଙ୍କ କହିବା ହେଉଛି ଯେ, କେନ୍ଦ୍ର ଟିକସ ଅଂଶରୁ ରାଜ୍ୟକୁ ମିଳୁଥିବା ପାଣ୍ଠିରେ ବଡ଼ ଧରଣର ହ୍ରାସ ହୋଇଛି। ଏହି କାରଣରୁ ରାଜ୍ୟ କ୍ଷତି ସହୁଛି, ଯେତେବେଳେ କି କର୍ଣ୍ଣାଟକ ହେଉଛି ଦେଶର ଦ୍ୱିତୀୟ ସର୍ବାଧିକ ଟିକସ ସଂଗ୍ରହକାରୀ ରାଜ୍ୟ। ତେଣୁ ରାଜ୍ୟ ଅନ୍ତତଃ ପକ୍ଷେ ତାର ନ୍ୟାର୍ଯ୍ୟ ଅଧିକାର ପାଇବା ଉଚିତ୍। ଏକ ସାକ୍ଷାତକାରରେ କର୍ଣ୍ଣାଟକର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ କହିଛନ୍ତି ଯେ ଯେତେବେଳେ ୧୪ ତମ ଅର୍ଥ ଆୟୋଗ ଟିକସ ଆବଣ୍ଟନ କରିଥିଲେ, ସେତେବେଳେ କର୍ଣ୍ଣାଟକର ଟିକସ ଅଂଶ ୪.୭୧ ପ୍ରତିଶତ ରହିଥିଲା। ହେଲେ ୧୫ ତମ ଅର୍ଥ ଆୟୋଗରେ ଏହା ୩.୬୪ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି କାରଣରୁ କର୍ଣ୍ଣାଟକର ୧.୮୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ସେ କହିଛନ୍ତି ଯେ କର୍ଣ୍ଣାଟକ ସରକାରଙ୍କ ଅନେକ ଯୋଜନା ପାଇଁ କେନ୍ଦ୍ର ସରକାର ଅର୍ଥ ମଧ୍ୟ ଦେଇନାହାଁନ୍ତି। ଦେଶ ପାଇଁ ଜମା ହୋଇଥିବା ପ୍ରତ୍ୟେକ ୧୦୦ ଟଙ୍କା ଟିକସ ପାଇଁ କର୍ଣ୍ଣାଟକକୁ ମାତ୍ର ୧୩ ଟଙ୍କା ରିଟର୍ଣ୍ଣ ମିଳୁଥିବାବେଳେ ଉତ୍ତରପ୍ରଦେଶକୁ ୩୩୩ ଟଙ୍କା ରିଟର୍ଣ୍ଣ ମିଳିଥାଏ। ତେଣୁ ୬୧ ତମ ଅର୍ଥ ଆୟୋଗରେ ଏଥିପାଇଁ କିଛି ଫର୍ମୁଲା ପ୍ରସ୍ତୁତ କରାଯାଉ। କେନ୍ଦ୍ରୀୟ ରାଜସ୍ୱକୁ ଅଧିକ ଯୋଗଦାନ ଦେବା ସତ୍ତ୍ୱେ କର୍ଣ୍ଣାଟକକୁ ଟିକସ ଆବଣ୍ଟନରୁ ମାତ୍ର ୪୪.୪୮୫ କୋଟି ଟଙ୍କା ମଳୁଥିବାବେଳେ ଉତ୍ତରପ୍ରଦେଶକୁ ୨.୧୮ ଲକ୍ଷ କୋଟି ଟଙ୍କା ଏବଂ ମଧ୍ୟପ୍ରଦେଶକୁ ୯୫,୦୦୦ କୋଟି ଟଙ୍କା ମିଳୁଛି।

### ସମ୍ବିଧାନରେ କ'ଣ ବ୍ୟବସ୍ଥା ରହିଛି

ଭାରତର ସମ୍ବିଧାନରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଧାରା ୨୬୮ ରୁ ୨୯୩ ରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି। କେନ୍ଦ୍ର ସରକାର ଏହିପରି ଅନେକ ଟିକସ ସଂଗ୍ରହ କରନ୍ତି ଯାହା ରାଜ୍ୟ ସରକାର ସଂଗ୍ରହ କରିପାରିବେନାହିଁ। ଏଥିରେ ଆୟକର, ଉପାଦ ଶୁଳ୍କ ଏବଂ ଆମଦାନୀ-ରପ୍ତାନି ଟିକସ ଇତ୍ୟାଦି ଅନ୍ତର୍ଭୁକ୍ତ। ଏହାପୂର୍ବରୁ ରାଜ୍ୟ ସରକାରମାନେ ନିଜ ସ୍ତରରେ ଅନେକ ପରୋକ୍ଷ ଟିକସ ସଂଗ୍ରହ କରୁଥିଲେ, କିନ୍ତୁ ଜିଏସ୍‌ଟି ଲାଗୁ ହେବା ପରେ ପରୋକ୍ଷ ଟିକସ ସଂଗ୍ରହରେ କେନ୍ଦ୍ରର ଅଂଶ ମଧ୍ୟ ବୃଦ୍ଧି ପାଇଛି। ତଥାପି, ଏହାର ସମାଧାନ ପୂର୍ବକ ରାଜସ୍ୱ ହ୍ରାସ ପାଇଁ ରାଜ୍ୟଗୁଡିକୁ କ୍ଷତିପୂରଣ ଆକାରରେ ଅର୍ଥ ପ୍ରଦାନ କରାଯାଇଥାଏ। ପେଟ୍ରୋଲ-ଡିଜେଲ ଇତ୍ୟାଦି ଉପରେ ଭ୍ୟାଟ୍ ରାଜ୍ୟ ସରକାରଙ୍କ ହାତରେ ଅଛି। ରାଜ୍ୟ ସରକାର ମାନଙ୍କର ଆୟ କେନ୍ଦ୍ର ତୁଳନାରେ କମ୍ ଏବଂ ସେମାନେ ସେମାନଙ୍କର ଟିକସ ଅଂଶ ଦାବି କରିବାକୁ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି।

### ଟିକସ କିପରି ଆବଣ୍ଟିତ ହୁଏ

ଦେଶର ସମ୍ବିଧାନର ଧାରା ୨୮୦ ରେ ଅର୍ଥ ଆୟୋଗ ଗଠନ କରିବାର ବ୍ୟବସ୍ଥା ରହିଛି। ଏହାର କେବଳ ଦୁଇଟି ମୁଖ୍ୟ କାର୍ଯ୍ୟ ଅଛି, ସେଥିମଧ୍ୟରୁ ଗୋଟିଏ ହେଉଛି କେନ୍ଦ୍ରୀୟ ଟିକସରେର ରାଜ୍ୟଗୁଡିକର ଅଂଶକୁ ସୁପାରିଶ କରିବା। ଯେତେବେଳେ ଦେଶରେ ଦଶମ ଅର୍ଥ ଆୟୋଗ ଗଠନ ହେଲା, ସେତେବେଳେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସ ଆବଣ୍ଟନ ପାଇଁ ଏକ ନିୟମ କରାଯାଇଥିଲା। ସମ୍ପ୍ରତି, ଦେଶରେ ୧୫ ତମ ଅର୍ଥ ଆୟୋଗର ସୁପାରିଶ କାର୍ଯ୍ୟ କରୁଛି, ଯାହା ୨୦୨୬ ପର୍ଯ୍ୟନ୍ତ ବୈଧ ରହିବ। ଏଠାରେ ସୂଚନାଯୋଗ୍ୟ ଯେ, ୧୪ତମ ଅର୍ଥ ଆୟୋଗ ରାଜ୍ୟଗୁଡିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ମୋଟ ଟିକସ ସଂଗ୍ରହର ୪୨ ପ୍ରତିଶତ ଆବଣ୍ଟନ କରିବାକୁ ପରାମର୍ଶ ଦେଇଥିଲେ, ଯାହାକୁ ୧୫ ତମ ଅର୍ଥ ଆୟୋଗରେ ୪୧ ପ୍ରତିଶତକୁ ହ୍ରାସ କରାଯାଇଛି। ଜାମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହେତୁ ସେମାନଙ୍କ ଲାଗି ଏକ ପ୍ରତିଶତ ଅର୍ଥ ଅଲଗା ରଖାଯାଇଛି। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସ ବଣ୍ଟନ କ୍ଷେତ୍ର ରାଜ୍ୟଗୁଡିକୁ ଅନେକ ମାନଦଣ୍ଡ ପୂରଣ କରିବାକୁ ପଡିବ ଯେପରିକି ଜନସଂଖ୍ୟା ପ୍ରଦର୍ଶନ, ଆୟ, ଜନସଂଖ୍ୟା, ଜଙ୍ଗଲ ଏବଂ ପରିବେଶ ଏବଂ ଟିକସ ବୃଦ୍ଧି ତଥା ନିଅଣ୍ଟ ହ୍ରାସ ପାଇଁ ପ୍ରୟାସକୁ ବିଚାରକୁ ନିଆଯାଇଥାଏ।

### ଏନ୍‌ପିଏସ୍ ଅର୍ଥ ଉଠାଣ ନିୟମ ବଦଳିଲା

## ଖାତା ଖୋଲିବାର ୩ ବର୍ଷ ପରେ ଆଂଶିକ ଅର୍ଥ ଉଠାଇପାରିବେ

**ନୂଆଦିଲ୍ଲୀ,୭।୨:** ନ୍ୟାସନାଲ ପେମେଣ୍ଟ ସିଷ୍ଟମ (ଏନ୍‌ପିଏସ୍) ଖାତାଧାରୀଙ୍କ ପାଇଁ ବଡ଼ ଖବର। ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ କର୍ତ୍ତୃପକ୍ଷ (ପିଏଫଆରଡିଏ) ତରଫରୁ ନୂଆ ନିୟମ ଲାଗୁ କରାଯାଇଛି। ଏଣିକି ଆପଣମାନେ ଖାତା ଖୋଲିବାର ୩ ବର୍ଷ ପରେ ମଧ୍ୟ ସେଥିରୁ ଆଂଶିକ ଅର୍ଥ ଉଠାଇପାରିବେ। ଆପଣଙ୍କ ପକ୍ଷରୁ ପେନସନ ଖାତାରେ ରହିଥିବା ଯୋଗଦାନର ୨୫ ପ୍ରତିଶତରୁ ଅଧିକ ଉଠାଇ ପାରିବେନାହିଁ।

ଏହି ପରିବର୍ତ୍ତିତ ନିୟମ ଗତ ମାସ ୧୨ ତାରିଖରେ ଜାରି କରାଯାଇଥିବାବେଳେ ଫେବୃଆରୀ ମାସ ପହିଲାରୁ ତାହାକୁ ଲାଗୁ କରାଯାଇଛି। ଉଦାହରଣ ସ୍ୱରୂପ ଯଦି ଏନ୍‌ପିଏସ୍ ଖାତା ଖୋଲିବାର ୩ ବର୍ଷ ମଧ୍ୟରେ ଆପଣ ୮ ଲକ୍ଷ ଟଙ୍କା ଯୋଗଦାନ ଦେଇଥିବେ ଓ ତାହା ବୃଦ୍ଧି ପାଇ ୧୫ ଲକ୍ଷରେ ପହଞ୍ଚିଥିବ ତେବେ ଏଭଳି ସ୍ଥିତିରେ ଆପଣ ୮ ଲକ୍ଷର ୨୫ ପ୍ରତିଶତ ଅର୍ଥାତ କେବଳ ୨ ଲକ୍ଷ ଟଙ୍କା ହିଁ ଉଠାଇପାରିବେ। ଏନପିଏସ ଖୋଲିବା ପରେ ଆପଣ ସର୍ବାଧିକ ୩ ଥର ନିଜର ପେନସନ ଖାତାରୁ ଅର୍ଥ ଉଠାଇପାରିବେ। ଦୁଇ ଥର ଅର୍ଥ ଉଠାଣ ମଧ୍ୟରେ ଅତିକମରେ ୫ ବର୍ଷର ସମୟ ବ୍ୟବଧାନ ରହିବା ଆବଶ୍ୟକ। ତେବେ ଆପଣଙ୍କ ପରିବାରର କୌଣସି ସଦସ୍ୟଙ୍କର କୌଣସି ଗମ୍ଭୀର ବିମାରୀ କ୍ଷେତ୍ରରେ ଏହି ନିୟମ ଲାଗୁ ହୁଏନାହିଁ। ଶିଶୁଙ୍କୁ ଉଚ୍ଚ ଶିକ୍ଷା, ପିଲାଙ୍କ ବିବାହ, ପ୍ରଥମ ଘର କ୍ରୟ, କୌଣସି ବିଶେଷ ବିମାରୀ, ମେଡିକାଲ ଖର୍ଚ୍ଚ, କୌଣସି ନୂଆ ବ୍ୟବସାୟ ଓ ଷ୍ଟାଟଅପ୍ ଆରମ୍ଭ କରିବା ପାଇଁ ଆପଣ ଏନପିଏସରୁ ଅର୍ଥ ଉଠାଇ ପାରିବେ। ଏଥିପାଇଁ ଆପଣଙ୍କୁ ଏକ ସ୍ୱ-ଘୋଷଣାପତ୍ର ଫର୍ମ ଭରିବାକୁ ପଡ଼ିବ।

### ଥମୁନି ପେଟିଏମ୍ ସମସ୍ୟା

## ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ପେଟିଏମ୍ ସିଇଓ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର କାର୍ଯ୍ୟାନୁଷ୍ଠାନ ପରଠୁ ପେଟିଏମ୍‌ର ମୁସ୍କିଲ୍ ଥମିବାର ନାମ ନେଉ ନାହିଁ। କମ୍ପାନୀର ସିଇଓ ବିଜୟ ଶେଖର ଶର୍ମା ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଶର୍ମା ଅର୍ଥମନ୍ତ୍ରୀଙ୍କୁ ସହାୟତା ଲୋଡ଼ିଛନ୍ତି। ହେଲେ ଅର୍ଥମନ୍ତ୍ରୀ ଆରବିଆଇର କାର୍ଯ୍ୟାନୁଷ୍ଠାନକୁ ନିୟାମକ ମାମଲା ଦର୍ଶାଇ ପେଟିଏମ୍ ସିଇଓଙ୍କୁ ସିଧାସଳଖ ଆରବିଆଇ ସହ ଆଲୋଚନା କରିବାକୁ କହିଛନ୍ତି।

ଏହାର ଗୋଟିଏ ଦିନ ପୂର୍ବରୁ ବିଜୟ ଶେଖର ଶର୍ମା ଆରବିଆଇର ଅଧିକାରୀଙ୍କୁ ଭେଟିଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳାଙ୍କୁ ଭେଟିଥିବା ଜଣାଯାଇଛି। ତେବେ ଅର୍ଥମନ୍ତ୍ରୀ ଏହା ଆମ ବ୍ୟାପାର ନୁହେଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ସେ କେନ୍ଦ୍ରୀୟ ବ୍ୟାଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଶ୍ରୀ ଶର୍ମାଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଅର୍ଥମନ୍ତ୍ରୀଙ୍କୁ ପେଟିଏମ୍ ସିଇଓ ଭେଟିବା ଖବର ଆସିବା ପରେ ଆଜି ପେଟିଏମ୍‌ର ସେୟାର ମୂଲ୍ୟରେ ୧୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। କମ୍ପାନୀର ସେୟାର ମୂଲ୍ୟ ୪୫.୧୦ ଟଙ୍କା ବଢି ୪୯୬.୧୦ ଟଙ୍କା ସ୍ତରରେ ବନ୍ଦ ହୋଇ।

### ୧୦% ବଢିଲା କମ୍ପାନୀର ସେୟାର

ବିଗତ ତିନି ଦିନ ଧରି କ୍ରମାଗତ ଅହେତୁକ ହ୍ରାସ ପରେ ଆଜି କମ୍ପାନୀର ସେୟାରରେ ସକରାତ୍ମକ ବୃଦ୍ଧି ଦେଖିବାକୁ ମିଳିଛି।

ଏଠାରେ ସୂଚନଯୋଗ୍ୟ ଯେ, ଆର୍‌ବିଆଇ ୨୦୨୪ ଜାନୁଆରୀ ୩୧ରେ ପେଟିଏମ ପେମେଣ୍ଟ ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଆରବିଆଇ ଫେବୃଆରୀ ୨୯ ପରଠୁ ଆଉ କୌଣସି ନୂତନ ଗ୍ରାହକ ଯୋଡ଼ିବା, ନୂତନ ଜମା ଗ୍ରହଣ କରିବା ଓ ଟପ୍ ଅପ୍ କିମ୍ବା କ୍ରେଡିଟ୍ କାରବାର ବନ୍ଦ କରିବାକୁ ଆଦେଶ ଦେଇଥିଲେ। କମ୍ପାନୀ ଉପରେ ନିୟାମକ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। କେଓ୍ୱାଇସି ଓ ଅନ୍ୟ ଜରୁରୀ ନିୟମ ଉଲ୍ଲଂଘନ ଅଭିଯୋଗରେ ଆରବିଆଇ ପୂର୍ବରୁ ମଧ୍ୟ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେଇସାରିଛି।

## ବିଓବିର ନେଟ୍ ଲାଭ ୧୨ ହଜାର କୋଟି ଟପିଲା

**ଭୁବନେଶ୍ୱର,୭।୨(ସମିସ):** ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ଏହାର ଡିସେମ୍ବର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୩ ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ନେଟ୍ ଲାଭ ୧୨ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ବ୍ୟାଙ୍କର ବିଶ୍ୱ ବ୍ୟବସାୟ ୧୦.୭% ବୃଦ୍ଧି ହୋଇ ୨୨,୯୪,୬୨୭ କୋଟି ଟଙ୍କା ହୋଇଛି। ବିଓବିର କ୍ୟୁ୩ଏଫୱାଇ୨୪ ରେ ଷ୍ଟାଣ୍ଡାଲୋନ୍ ନେଟ୍ ଲାଭ ୪,୫୭୯ କୋଟି ଟଙ୍କା ରହିଛି, ଯାହାକି କ୍ୟୁ୩ଏଫୱାଇ୨୩ ରେ ୩,୮୫୩ କୋଟି ଟଙ୍କା ରହିଥିଲା। ୯ଏମଏଫୱାଇ୨୪ ରେ ନେଟଲାଭ ଟ. ୧୨,୯୦୨ କୋଟି (ପୂର୍ବ ବର୍ଷ ତୁଳନାରେ +୩୮.୨%) ରହିଛି ଯାହାକି ୯ଏମଏଫୱାଇ୨୩ ରେ ଟ. ୯,୩୩୪ କୋଟି ରହିଥିଲା। ନେଟ୍ ସୁଧ ଆୟ (ଏନଆଇଆଇ) ପୂର୍ବ ବର୍ଷ ତୁଳନାରେ ୨.୬% ବୃଦ୍ଧି ହୋଇ କ୍ୟୁ୩ଏଫୱାଇ୨୪ ରେ ୧୧,୧୦୧ କୋଟି ଟଙ୍କା ହୋଇଛି। ୯ଏମଏଫୱାଇ୨୪ ପାଇଁ ଏନଆଇଆଇ ୧୦.୪% ବୃଦ୍ଧି ହୋଇ ୩୨,୯୨୯ କୋଟି ହୋଇଛି।

## ଜ୍ୟୋତି ଅଲ୍ଟିଗ୍ରୀନ୍ ପକ୍ଷରୁ ୧୫୦ ଇଲେକ୍ଟ୍ରିକ୍ ତିନି ଚକିଆ କାର୍ଗୋର ଡେଲିଭରି

**ଭୁବନେଶ୍ୱର,୭।୨(ସମିସ):** ତିନିଚକିଆ କାର୍ଗୋ ବର୍ଗରେ ଇଲେକ୍ଟ୍ରିକ୍ ଗମନାଗମନ ସମାଧାନ ଯୋଗାରକାରୀ ଅଲ୍ଟିଗ୍ରୀନ୍ ପକ୍ଷରୁ ମେଗା ଡେଲିଭରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ଅନୁକୂଳ ବିକଳ୍ପ ସହ କାର୍ଗୋ ପରିବହନରେ ବିପ୍ଳବ ଆଣିବା ପାଇଁ ଆଲ୍ଟିଗ୍ରୀନର ପ୍ରତିବଦ୍ଧତାକୁ ଦର୍ଶାଇ ଭୁବନେଶ୍ୱରସ୍ଥିତ ଜ୍ୟୋତି ଅଟୋମୋଟିଭର ଜ୍ୟୋତି-ଅଲ୍ଟିଗ୍ରୀନ୍ ଶୋ' ରୁମ୍‌ଠାରେ ଜିଭୋ ଇଣ୍ଡିଆକୁ ୧୫୦ ଏନଇଭି ଏଚ୍ ଡିଏକ୍ସ ଡେଲିଭରୀ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜ୍ୟୋତି ଗ୍ରୁପର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଜ୍ୟୋତି-ଅଲ୍ଟିଗ୍ରୀନ୍ ସୋ' ରୁମ୍‌ଠାରେ ଜିଭୋ ଇଣ୍ଡିଆର ସିଇଓ ଆଦିତ୍ୟ ସିଂହ ରତ୍ନୁଙ୍କୁ ୨୫ଟି ଏନଇଭି ଏଚ୍‌ଡିଏକ୍ସର ଚାବି ହସ୍ତାନ୍ତର କରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ,



ବିଶ୍ୱସନୀୟତା ଏବଂ ପରିବେଶ ସଚେତନ ଡିଜାଇନ୍ ପାଇଁ ଅଲ୍ଟିଗ୍ରୀନର ଇଲେକ୍ଟ୍ରିକ୍ ତିନି ଚକିଆ ଯାନ ଗୁଡ଼ିକ ବ୍ୟାପକ ପ୍ରଶଂସିତ ହୋଇଛି। ପାରମ୍ପରିକ ଡିଜେଲ ଚାଳିତ ଯାନ ତୁଳନାରେ ଶୂନ୍ୟ ନିର୍ଗମନ ଏବଂ କମ୍ ପରିଚାଳନା ଖର୍ଚ୍ଚ ସହିତ ଅଲ୍ଟିଗ୍ରୀନର ବୈଦ୍ୟୁତିକ ତିନିଚକିଆ ଯାନ କାର୍ଗୋ ସହରାଞ୍ଚଳରେ ଦୂରଦୂରାନ୍ତ ପରିବହନ ଆବଶ୍ୟକତା ପାଇଁ ଏକ ସ୍ଥାୟୀ ସମାଧାନ ପାଲଟିଛି। ଏହି ଅବସରରେ ଶ୍ରୀ ପଟ୍ଟନାୟକ ଓଡ଼ିଶା ଅଲ୍ଟିଗ୍ରୀନ୍ ପାଇଁ ସବୁଠାରୁ ଆଶାଜନକ ବଜାର ଏବଂ ଜ୍ୟୋତି ଅଟୋମୋଟିଭ୍ ଦ୍ରୁତ ଅଭିବୃଦ୍ଧି ପଥରେ ବଜାରର ନେତୃତ୍ୱ ନେଉଥିବା କହିଥିଲେ।

## ଟାଟା ଷ୍ଟିଲ ଏଫ୍‌ଏଏମ୍‌ଡିକୁ ୱାଟର ଡାଇଜେଷ୍ଟ ୱାର୍ଲ୍ଡ ୱାଟର ଆୱାର୍ଡ

**ଭୁବନେଶ୍ୱର,୭।୨(ସମିସ):** ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି) ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ୱାଟର ଡାଇଜେଷ୍ଟ ୱାର୍ଲଡ୍ ୱାଟର ଆୱାର୍ଡ ୨୦୨୩-୨୪ରେ 'ଏକ୍ସଲେନ୍ସ ଇନ୍ ଡିଜିଟାଲାଇଜେସନ୍' ବର୍ଗରେ ବିଜେତା ହୋଇଛି। ଏହି ଅବସରରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ମାନ୍ୟବର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଟା ଷ୍ଟିଲକୁ ପୁରସ୍କାର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀ ତରଫରୁ ଟାଟା ଷ୍ଟିଲର ରେସିଡେଣ୍ଟ ଏକଜିକ୍ୟୁଟିଭ୍ (ଦିଲ୍ଲୀ) ସୁଗନ୍ଧା ଜୟସ୍ୱାଲ ଏହି ପୁରସ୍କାର ଗ୍ରହଣ କରିଥିଲେ। ଜଳ ଯୋଦ୍ଧାମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଏଫ୍‌ଏଏମଡିକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଟାଟା ଷ୍ଟିଲର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍‌ଏଏମ୍‌ଡି) ପଙ୍କଜ ସତିଜା ଏହି ସମ୍ମାନ ପାଇଁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି। ଏହି ପୁରସ୍କାର ପାଇ ଆମେ ଗର୍ବ ଅନୁଭବ କରୁଛୁ ଯାହା ଆମକୁ ଜଳ ପରିଚାଳନା ଦିଗରେ ଆମର ଯାତ୍ରା ଜାରି ରଖିବାକୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

## ଜନକଲ୍ୟାଣ ଓ ପ୍ରାକୃତିକ ଚିକିତ୍ସା ପାଇଁ ସୀତାରାମ ଜିନ୍ଦଲଙ୍କୁ ପଦ୍ମଭୂଷଣ

**ଭୁବନେଶ୍ୱର,୭।୨(ସମିସ):** ଦାତବ୍ୟ କାର୍ଯ୍ୟ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ଡକ୍ଟର ସୀତାରାମ ଜିନ୍ଦଲଙ୍କୁ ସମ୍ମାନଜନକ ପଦ୍ମଭୂଷଣ ପ୍ରଦାନ କରାଯାଇଛି। ଏହାକୁ ନେଇ ସାରା ଦେଶରେ ଉତ୍ସାହ ଦେଖିବାକୁ ମିଳିଛି। ଜନକଲ୍ୟାଣ କାର୍ଯ୍ୟ ଓ ପ୍ରାକୃତିକ ଚିକିତ୍ସା (ନେଚରକିଓର) ପ୍ରତି ଉଲ୍ଲେଖନୀୟ



ଅବଦାନ ପାଇଁ ତାଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି। ଔଷଧବିହୀନ ଚିକିତ୍ସା ପଦ୍ଧତି ଏବଂ ଜିନ୍ଦଲ ନେଚରକିଓର ଇନଷ୍ଟିଚ୍ୟୁଟ୍ (ଜେଏନ୍‌ଆଇ) ପ୍ରତିଷ୍ଠା ପ୍ରତି ଅବଦାନ ପାଇଁ ଡକ୍ଟର ଜିନ୍ଦଲଙ୍କୁ ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି। ହରିୟାଣାର ଦୁର୍ଗମ ଗ୍ରାମ ନଲୱାରେ ୧୯୩୨ରେ ଜନ୍ମଗ୍ରହଣ କରିଥିବା ଡକ୍ଟର ଜିନ୍ଦଲଙ୍କ ପ୍ରାକୃତିକ ଚିକିତ୍ସା ପ୍ରତି ଯାତ୍ରା ସେ ବିଶ୍ୱବିଦ୍ୟାଳୟରେ ଥିବା ସମୟରେ ଆରମ୍ଭ ହୋଇଥିଲା ଯେତେବେଳେ ସେ ପେଟରେ ଯକ୍ଷ୍ମା ରୋଗକୁ ନେଇ ଲଢ଼େଇ କରୁଥିଲେ। ଏହି ମହତ କାର୍ଯ୍ୟ ଲାଗି ଡକ୍ଟର ଜିନ୍ଦଲଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଚନ୍ଦ୍ରଶେଖର, ଆଇ କେ ଗୁଜରାଲ, ଏଚଡି ଦେବେଗୌଡ଼ା, ଉପପ୍ରଧାନମନ୍ତ୍ରୀ ଦେବୀ ଲାଲ ଓ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ରାମକୃଷ୍ଣ ହେଗେଡେ ପ୍ରଶଂସା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୫ମ ଓଡିଶା ଟ୍ରାଭେଲ ବଜାର ଉଦ୍‌ଘାଟିତ

# 'ପର୍ଯ୍ୟଟକ ପାଇବେ ଭ୍ରମଣଭିତ୍ତିକ ସ୍ୱତନ୍ତ୍ର ଅଭିଜ୍ଞତା'

**ଭୁବନେଶ୍ୱର,୭।୨(ସିମସ):**

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ମାଧ୍ୟମରେ ଇକୋ ରିଟ୍ରିଟ୍ କୋଣାର୍କଠାରେ ଓଡିଶା ଟ୍ରାଭେଲ ବଜାରର ୫ମ ସଂସ୍କରଣର ଉଦଘାଟନ କରିଛନ୍ତି। ନିକଟ ଅତୀତରେ ଓଡିଶା ଅନେକ ଉତ୍କୃଷ୍ଟ ପର୍ଯ୍ୟଟନ ଅନୁଭୂତି ସୃଷ୍ଟି କରିବା ପାଇଁ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆନ୍ତର୍ଜାତୀୟ ମାନକ ସମକକ୍ଷ ପ୍ରମୁଖ ପର୍ଯ୍ୟଟନ ଉତ୍ପାଦଗୁଡିକ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡିଶା କେବଳ ଭ୍ରମଣ ଓ ଆତିଥେୟତା ବ୍ୟବସାୟର ଉତ୍କୃଷ୍ଟତମ ବ୍ରାଣ୍ଡଗୁଡିକୁ ଆକର୍ଷିତ କରିବାକୁ ସକ୍ଷମ ହେବନାହିଁ ବରଂ ଭ୍ରମଣ ଭିତ୍ତିକ ସ୍ୱତନ୍ତ୍ର ଅଭିଜ୍ଞତା ପର୍ଯ୍ୟଟକମାନଙ୍କୁ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଟୁର ପେରେଟରମାନଙ୍କ ସକ୍ରିୟ ଯୋଗଦାନକୁ ପ୍ରଶଂସା କରିଥିଲେ। ଟ୍ରାଭେଲ ବଜାରରେ ୧୮ଟି ରାଜ୍ୟରୁ ୭୦ରୁ ଅଧିକ ଘରୋଇ ଟୁର ଅପରେଟର ଅଂଶଗ୍ରହଣ କରିବା ସହିତ ନିଜ ନିଜର ପର୍ଯ୍ୟଟନ ଉତ୍ପାଦ ଗୁଡିକୁ ପ୍ରଦର୍ଶିତ କରିଥିଲେ।

### ୧୮ ରାଜ୍ୟରୁ ଯୋଗଦେଲେ ୭୦ରୁ ଅଧିକ ଘରୋଇ ଟୁର୍ ଅପରେଟର

ଏହି ଅବସରରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ପ୍ରଚାର ପ୍ରସାର ପାଇଁ ଓଡିଶା ଟୁରିଜିମ୍‌ର ପଦକ୍ଷେପଗୁଡିକ ଉପରେ ଏକ ଉପସ୍ଥାପନା କରିଥିଲେ। ସେ କହିଛନ୍ତି, ରାଜ୍ୟକୁ ନୂତନ ପିଢିର ଭ୍ରମଣକାରୀମାନଙ୍କୁ ଆକର୍ଷିତ କରିବା ପାଇଁ ଓଡିଶା ଇକୋ ରିଟ୍ରିଟ୍, ବୋଟ୍ କ୍ଲବ୍, ଯାଟ୍,



କାରାଭାନ, କ୍ୟାମ୍ପିଙ୍ଗ ଭଳି ନୂତନ ଓ ଅଭିନବ ଉତ୍ପାଦଗୁଡିକ ଉପରେ ଧ୍ୟାନ ଦେଉଛି। ଏଥିରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଧ୍ୟକ୍ଷ ଡଃ ଲେନିନ୍ ମହାନ୍ତି ସମଗ୍ର ବିଶ୍ୱରେ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପର ହିତାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଏହା ଏକ ପ୍ଲାଟଫର୍ମ ପ୍ରଦାନ କରିବା ଏବଂ ସେମାନଙ୍କୁ ରାଜ୍ୟର ଟୁରିଜିମ ପ୍ରଡକ୍ଟଗୁଡିକର ଅନୁଭୂତି ପାଇବାରେ ସାହାଯ୍ୟ କରିବା କ୍ଷେତ୍ରରେ ଓଡିଶା ଟ୍ରାଭେଲ ବାଜାରର ମହତ୍ୱ ସମ୍ପର୍କରେ କହିଥିଲେ। ସ୍ୱସ୍ତି ଗ୍ରୁପ ସିଏମଡି ଡଃ ଜେକେ ମହାନ୍ତି ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟ ସମୁଦାୟର ମହତ୍ୱ ସମ୍ପର୍କରେ କହିଥିଲେ। ଫିକିର ବରିଷ୍ଠ ଉପଦେଷ୍ଟା ମାନବ ମଜୁମଦାର "ଓଡ଼ିଶା ଟ୍ରାଭେଲ ବଜାରର ଏହି ୫ମ ସଂସ୍କରଣ କେବଳ ସାରା ବିଶ୍ୱର ଭ୍ରମଣ ଏବଂ ପର୍ଯ୍ୟଟନ ଶିଳ୍ପର ଅଂଶୀଦାରମାନଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ନୁହେଁ ବରଂ ସେମାନଙ୍କୁ ଆମର ଉତ୍ପାଦକୁ ଅନୁଭବ କରାଇବା ପାଇଁ ଏକ ପ୍ଲାଟଫର୍ମ, ଯାହାଦ୍ୱାରା ସେମାନେ ଆମ ରାଜ୍ୟକୁ ଦକ୍ଷତାର ସହ ଉଦ୍ଦିଷ୍ଟ ଦର୍ଶକଙ୍କ ନିକଟରେ ମାର୍କେଟିଂ କରିପାରିବେ।

ଏଥିରେ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ନେତୃତ୍ୱରେ 'ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାର ଉନ୍ମୋଚନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଏମଆଇସିଇ, ବିଳାସପୂର୍ଣ୍ଣ କ୍ରୁଜ୍ ଏବଂ ହାଉସବୋଟ, ହେରିଟେଜ୍ ପ୍ୟାଲେସ ଏବଂ ଡିଏମସି ଭଳି କ୍ଷେତ୍ରର ପ୍ୟାନେଲିଷ୍ଟମାନେ ଯୋଗଦେଇଥିଲେ। ସ୍ୱସ୍ତି ଗ୍ରୁପ ସିଏମଡି ଡା. ଜେ.କେ ମହାନ୍ତି, ଆଟମୋସଫିୟର ହୋଟେଲ ଆଣ୍ଡ ରିସୋର୍ଟସର ସୌଭାଗ୍ୟ ମହାପାତ୍ର, କାମତ ହୋଟେଲର ନିର୍ଦ୍ଦେଶକ ବିଶାଲ କାମତ, ମେଫେୟାର ହୋଟେଲ ଆଣ୍ଡ ରିସୋର୍ଟର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ମନୋଜ କୁମାର ଗୌଡ଼, ଏଟି ସିଜନ୍ସ ଆଣ୍ଡ ଭେକେସନ ଟ୍ରାଭେଲ ପ୍ରାଇଭେଟ ଲିମିଟେଡର ଏମଡି ଅମରେଶ ତିୱାରୀ, ଆଇଏଟିଓ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଗଗନ ଷଡ଼ଙ୍ଗୀ ଓ ବେଲଗଡ଼ିଆ ପ୍ୟାଲେସର ନିର୍ଦ୍ଦେଶିକା ମୃଣାଳିକା ଭଞ୍ଜ ଦେଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।।

ସକାଳ THE SAKALA



## ଚୌଦ୍ୱାରରେ ନୂତନ ଶିଳ୍ପ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଜୋରଦାର୍

# ଭିତ୍ତିଭୂମି ଅନୁଧ୍ୟାନ କଲେ ବିଧାୟକ ଓ ଅଧିକାରୀ

ଚୌଦ୍ୱାର,୭।୨(ସମିସ)



ବନ୍ଦ ଓଟିଏମ୍ କାରଖାନା ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହେବା ପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଲକ୍ଷ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବୁଧବାର ଦିନ ଚୌଦ୍ୱାର ଆସି ଭିତ୍ତିଭୂମି ଅନୁଧ୍ୟାନ କରି ଯାଇଛନ୍ତି। ସରକାର ଓଟିଏମର ୫୨୨ ଏକର ଜମିକୁ ଇଡ୍‌କୋ ଜରିଆରେ ନିଜ ଅଧୀନକୁ ନେବା ପରେ ପ୍ରଥମ ପର୍ଯ୍ୟାୟରେ ୪୭୮ ଏକର ଜମିକୁ ସୁପ୍ରତିଷ୍ଠିତ ଶିଳ୍ପସଂସ୍ଥା ୱେଲ ସ୍ପନ କମ୍ପାନୀ ଓ ଅନ୍ୟ କିଛି କମ୍ପାନୀକୁ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ୱେଲ ସ୍ପନ୍ କମ୍ପାନୀର ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିବା ଜଣାପଡ଼ିଛି। ଇଡ୍‌କୋ ସିଜିଏମ୍, ଇଫକୋ ସିଜିଏମ୍, କଟକ ସବ୍ କଲେକ୍ଟର, ସ୍ଥାନୀୟ ତହସିଲଦାର, ଆର ଆଣ୍ଡ ବି ଓ ବିଦ୍ୟୁତ୍ ବିଭାଗ ଅଧିକାରୀବୃନ୍ଦ ବୁଧବାର ଦିନ ଚୌଦ୍ୱାର ଆସି ବଧୀ ପଡ଼ିଆ ନିକଟରେ ଶିଳାନ୍ୟାସ ପାଇଁ ସ୍ଥାନ ନିରୂପଣ କରିଯାଇଛନ୍ତି। ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମସ୍ତ କାଉନସିଲର, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ବହୁ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ



**ବାଙ୍କୀ,୭।୨(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଯୋଗୁ ବ୍ରହ୍ମପୁରା ଗ୍ରାମପଞ୍ଚାୟତ ଓ କିଆପଲ୍ଲା ଗ୍ରାମପଞ୍ଚାୟତର ଶହ ଶହ ରୋଗୀ ଚିକିତ୍ସା ଆଭାବରୁ ହତାସ ହୋଇ ଫେରୁଛନ୍ତି। ସେଠାରେ ଯେଉଁ ଡାକ୍ତର ନିଯୁକ୍ତି ପାଇଛନ୍ତି ସେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଥିବାରୁ ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ନ ହେବା ଯୋଗୁଁ ରୋଗୀମାନଙ୍କର ଚିକିତ୍ସା ହୋଇପାରୁ ନାହାଁନ୍ତି। ଏ ସମ୍ପର୍କରେ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ବ୍ରହ୍ମପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦେବାପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ପ୍ରଧାନ, ଲକ୍ଷ୍ମୀନାରାୟଣ ଦେବତା, ବିଦ୍ୟାଧର ନାୟକ, ଲକ୍ଷ୍ମୀଧର ଜେଠୀଙ୍କ ସମେତ ବହୁ ବ୍ୟକ୍ତି କଟକ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଓ ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଆଇପିଏଫ୍ ତରଫରୁ ବିଭିନ୍ନ ଅନୁଷ୍ଠାନକୁ ସହାୟତା



**ଚୌଦ୍ୱାର,୭।୨(ସମିସ):** ଇମ୍ପା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ ତରଫରୁ ଚୌଦ୍ୱାର ଅଞ୍ଚଳର ତିନିଟି ଅନୁଷ୍ଠାନକୁ ସହାୟତା ସ୍ୱରୂପ ବିଭିନ୍ନ ଆସବାବପତ୍ର ପ୍ରଦାନ କରାଯାଇଛି। ଚାରବାଟିଆ ହାଉସିଂ ବୋର୍ଡ ସ୍ଥିତ ବରିଷ୍ଠ ନାଗରିକ ସଂଘ, ବିରାଟ ଯୁବକ ସଂଘ ଓ ଚୌଦ୍ୱାର ୪୪ ମଣ୍ଡଳ ରାଜଦୋଳ କମିଟିକୁ ମୋଟ ୧୦୦ଟି ଚେୟାର ଓ ୪ଟି ଟେବୁଲ ପ୍ରଦାନ କରାଯାଇଥିଲା। ଇମ୍ପାର ସାଧରଣ ପ୍ରଶାସକ ଜି. ଶାରଦା ପ୍ରସାଦ ରାଓ, ଲୋକ ସମ୍ପର୍କ ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତ, ମାନସ ରଞ୍ଜନ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ପ୍ରମୁଖ ଏଥିରେ ଉପସ୍ଥିତ ରହି ବିଭିନ୍ନ ଅନୁଷ୍ଠାନକୁ ସାମଗ୍ରୀ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଶିଶିର ଶତପଥୀ, ପ୍ରତାପ ସାମଲ, ଅଜୟ ସ୍ୱାଇଁ, ମହେଶ୍ୱର ପଣ୍ଡା, ଯୁବକ ସଂଘର ସଭାପତି ରାଜୀବ ମହାନ୍ତି, ରାଜଦୋଳ କମିଟି ସଭାପତି ଦୀପକ ମଙ୍ଗରାଜ, ବାବୁଲି ସାହୁ, ହରିହର ପଣ୍ଡା ଓ ସମସ୍ତ ସଦସ୍ୟ, ମହେନ୍ଦ୍ର ନାୟକ, ବିଜୟ ମହାନ୍ତିଙ୍କ ସମେତ ଅନୁଷ୍ଠାନ ଗୁଡ଼ିକର ସଦସ୍ୟବୃନ୍ଦ ଏଥିରେ ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



**ନିଶ୍ଚିନ୍ତକୋଇଲି,୭।୨(ସମିସ):** ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ନାୟକଙ୍କ ଏକାଦଶାହ ଦିବସରେ ତାଙ୍କର ବାସଭବନ ସାଙ୍କିଲୋଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଏହି ସ୍ମୃତିସଭାରେ ଖଣ୍ଡସାହିସ୍ଥିତ ଜଗନ୍ନାଥ ବିଦ୍ୟାପୀଠର ୧୯୭୮ ମାଟ୍ରିକ ବ୍ୟାଚ୍‌ର ସହପାଠୀମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ନିର୍ଦ୍ଦେଶିକା ଯଶୋଦା ମିଶ୍ରଙ୍କ ପୌରହିତ୍ୟରେ ଏଥିରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପାଞ୍ଜଳି ମିଶ୍ର, ସମବାୟବିତ୍ ରମେଶ ମହାନ୍ତି, ଏଲଆଇସି ପ୍ରବନ୍ଧକ ରବିନାରାୟଣ ବେହେରା, ହାଲ୍ ଯନ୍ତ୍ରୀ ଇଂ. ପ୍ରଶାନ୍ତ ମିଶ୍ର, ରାମେଶ୍ୱର ଦ୍ୱିବେଦୀ, ଭାଗ୍ୟଧର ସାହୁ, ନାରାୟଣ ଦାସ, ସୁରେନ୍ଦ୍ର ବାରିକ, ଅନୱର ଅଲ୍ଲୀ ଅହମ୍ମଦ, ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇ କ୍ରୀଡା ଶିକ୍ଷକଙ୍କ ଗୁଣଗାନ କରିଥିଲେ।

## ଓଳାଶୁଣି ମେଳାରେ ବିଜେଡିର ସମ୍ବର୍ଦ୍ଧନା ଉତ୍ସବ



**ମାହାଙ୍ଗା,୭।୨(ସମିସ):** ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତ ବିଜେଡି ପକ୍ଷରୁ ପ୍ରସିଦ୍ଧ ଓଳାଶୁଣୀ ପୀଠରେ ମହାପୁରୁଷ ଶ୍ରୀ ଶ୍ରୀ ଅରକ୍ଷିତ ଦାସଙ୍କ ୧୮୭ ତମ ମହାସମାଧି ଦିବସ ଓ ଓଳାଶୁଣୀ ମେଳା ଅବସରରେ ବିଜେଡି ସହାୟତା କାର୍ଯ୍ୟାଳୟ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଏହି କାର୍ଯ୍ୟାଳୟକୁ ଲୋକାର୍ପଣ କରିବା ସହ ଏହି ମେଳା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାହାଙ୍ଗାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମାଜସେବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକମାନଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ବଳରାମ ବେହେରା, ଯୁବ ସଂଗଠକ ହରପ୍ରତାପ ନାୟକ, କୈଳାସ ଲେଙ୍କା, ନିରଞ୍ଜନ ପ୍ରଧାନ, ପ୍ରଦୀପ୍ତ ବିଶ୍ୱାଳ, ତପନ ସିଂହ, ରତ୍ନାକର ବିଶ୍ୱାଳ, ସୁଜାତା ପୃଷ୍ଟି, ଚିନ୍ମୟ ସାମନ୍ତରାୟ, ମହେନ୍ଦ୍ର ପୃଷ୍ଟି, ବିକ୍ରମ ସ୍ୱାଇଁ, ଅଶୋକ ବେହେରା, ଅମୂଲ୍ୟ ଦାସ, ଅଶୋକ ମଲ୍ଲିକ, ବନଲତା ସ୍ୱାଇଁ, ସୌଦାମିନୀ ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ଟାଙ୍ଗୀ,୭।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧୀନସ୍ଥ ଟାଙ୍ଗୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ନୂଆ ଓ କାର୍ଯ୍ୟକ୍ରମର ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଇକବାଲ ହୁସେନଙ୍କ ପୌରହିତ୍ୟରେ ଅନୁଷ୍ଠିତ ମୁଖ୍ୟବକ୍ତା ଭାବେ ଚିକିତ୍ସିକା ଡ. ଅର୍ପିତା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟାପକ କିଶୋର ମିଶ୍ର ଓ ପର୍ଶୁରାମ ମହାନ୍ତି ପ୍ରମୁଖ ଯୋଗଦାନ କରି ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଖନ, ଚିତ୍ରାଙ୍କନ, ବକ୍ତୃତା ଓ କବିତା ଆବୃତ୍ତିମାନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଓଡିଆ ଭାଷା ସାହିତ୍ୟ ନୋଡାଲ ଅଧିକାରୀ ଡ. ବିଷ୍ଣୁପ୍ରିୟା ଦାଶ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପିକା ସୁଚିତ୍ରା ସ୍ୱାଇଁ ମଞ୍ଚ ପରିଚାଳନା କରୁଥିଲେ। ଇଂରାଜୀ ବିଭାଗ ଅଧ୍ୟାପିକା ଡ. ବିଲକେସ ପରିବିନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଏସ୍‌ୟୁସିଆଇ(ସି) ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ




**ବାରଙ୍ଗ,୭।୨(ସମିସ):** ଦରଦାମ ବୃଦ୍ଧି ବନ୍ଦ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ସାମଗ୍ରିକ ରାଷ୍ଟ୍ରାୟତ୍ତ ବାଣିଜ୍ୟ ବ୍ୟବସ୍ଥା ପ୍ରଚଳନ କରିବା, ଜନବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ ସାଂପ୍ରଦାୟୀକରଣ ବନ୍ଦ କରିବା, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ କରିବା, ସରକାରଙ୍କ ପକ୍ଷରୁ ସମସ୍ତଙ୍କୁ ବିନା ଦେୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ସ୍ୱାସ୍ଥ୍ୟସେବାର ଘରୋଇକରଣ ବନ୍ଦ କରିବା, ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ରକ୍ଷାକାରୀ ଜନବିରୋଧୀ ବିଦ୍ୟୁତ୍ ବିଲ୍ -୨୦୨୨କୁ ତୁରନ୍ତ ରଦ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ପ୍ରଭୃତି ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ରରେ ଦେଶବ୍ୟାପୀ ଚାଲିଥିବା ଦସ୍ତଖତ ସଂଗ୍ରହ ଅଭିଯାନ ଉପଲକ୍ଷେ ଆଜି ବାରଙ୍ଗ କାଳି ପଡିଆ ଠାରେ ପଥପ୍ରାନ୍ତ ସଭା ଦସ୍ତଖତ ସଂଗ୍ରହ କରାଯାଇଥିଲା। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ବାରଙ୍ଗ ଆଞ୍ଚଳିକ କମିଟି ସଂପାଦିକା ତଥା ବାଙ୍କୀ ବିଧାନସଭା ପ୍ରାର୍ଥିନୀ ମାଳବିକା ସାମଲ, ସିଦ୍ଧାର୍ଥ ରଥ, ଅନ୍ତର୍ଯ୍ୟାମୀ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଅମୁଣିଆସାହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା

**ତିଗିରିଆ,୭।୨(ସମିସ):** ତିଗିରିଆ ତହସିଲ ଅନ୍ତର୍ଗତ ପୁରୁଣା ତିଗିରିଆ ରାଜସ୍ୱ ଗ୍ରାମର ପଡାଗ୍ରାମ ରୂପେ ପରିଚିତ ଅମୁଣିଆସାହି ଗ୍ରାମକୁ ରାଜସ୍ୱ ପରିଷଦ ଦ୍ୱାରା ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ରାଜସ୍ୱ ପରିଷଦଙ୍କ ଅନୁମୋଦନ ସମ୍ବନ୍ଧୀୟ ପତ୍ରକୁ କଟକର ଅତିରିକ୍ତ ଜିଲ୍ଲାପାଳ ଏଥିନେଇ ସର୍ବସାଧାରଣ ନୋଟିସ ତଥା ଆବଶ୍ୟକୀୟ ପଦକ୍ଷେପ ନେଇ ତିଗିରିଆ ତହସିଲଦାରଙ୍କୁ ଚିଠି ଯୋଗେ ଅବଗତ କରାଇଥିବାର ସୂଚନା ମିଳିଛି। ପ୍ରକାଶ ଯେ, ତିଗିରିଆ ତହସିଲ ଅନ୍ତର୍ଗତ ପୁରୁଣା ତିଗିରିଆ ରାଜସ୍ୱ ମୌଜା ଅନ୍ତର୍ଗତ ଅମୁଣିଆସାହି ପଡା ଗ୍ରାମକୁ ରାଜସ୍ୱ ମୌଜାରେ ପରିବର୍ତ୍ତନ କରିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲା। ଜନସାଧାରଙ୍କ ଦାବିକୁ ସମର୍ଥନ କରି ରାଜସ୍ୱ ବିଭାଗ ପକ୍ଷରୁ ଅମୁଣିଆସାହି ଗ୍ରାମକୁ ଏକ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦେବା ସହ ଏଥିନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ତିଗିରିଆ ତହସିଲଦାରଙ୍କୁ ଅବଗତ କରାଯାଇଛି। ତେବେ ଅମୁଣିଆସାହି ପଡାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବା ପରେ ଅମୁଣିଆସାହି ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜସ୍ୱ ମନ୍ତ୍ରୀ, '୫-ଟି' ଉପାଧ୍ୟକ୍ଷ, ରାଜସ୍ୱ ସଚିବ, ରାଜସ୍ୱ ପରିଷଦ, କଟକ ଜିଲ୍ଲାପାଳ, ଆଠଗଡ ଉପଜିଲ୍ଲାପାଳ ତଥା ତିଗିରିଆ ତହସିଲଦାରଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ବାଆଁରା ପଞ୍ଚାୟତରେ କମ୍ବଳ ବଣ୍ଟନ



**ବାଙ୍କୀ,୭।୨(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥିତ ଶ୍ରୀ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଆଁରା ଗ୍ରାମପଞ୍ଚାୟତର ବାଆଁରା, ରାମଚଣ୍ଡୀ, କୂଅମଡ଼ା ଓ ନୂଆସାହି ଗ୍ରାମର ଅସହାୟ ଗରିବ ବୃଦ୍ଧ ଓ ବିଧବା ମହିଳାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶ୍ରୀ ଜଗଦ୍‌ଗୁରୁ କୃପାଳୁ ଟ୍ରଷ୍ଟର ମୁଖ୍ୟ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ଶ୍ରୀ ଲକ୍ଷ୍ମଣେଶ୍ୱର ଦେବଙ୍କ ନୂତନ ବିଗ୍ରହ ସ୍ଥାପନ



**ବାଙ୍କୀ,୭।୨(ସମିସ):** ଡମପଡା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଦେବୀଦ୍ୱାରଠାରେ ଶ୍ରୀ ଲକ୍ଷ୍ମଣେଶ୍ୱର ଦେବଙ୍କ ନୂତନ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ରାଜା ସାହେବ ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ଓ ରାଣୀ ସାହେବା ମନୋଜମଞ୍ଜରୀ ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ଣ୍ଣାହୂତି ପ୍ରଦାନ କରିଥିଲେ। ମୁଖ୍ୟ ପୁରୋଧା ଭାବେ ପଦ୍ମନାଭ ମିଶ୍ରଙ୍କ ତତ୍ତ୍ୱବଧାନରେ ସମସ୍ତ କାର୍ଯ୍ୟ ସଂପାଦନ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ସରପଞ୍ଚ ସୁଶାନ୍ତ ସୂତାର ଓ ଗ୍ରାମ୍ୟକମିଟିର ସଭାପତି ନିଶାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘ ୩ ଶହ ବର୍ଷ ତଳେ ଉକ୍ତ ମନ୍ଦିର ନିର୍ମାଣ ହୋଇଥିଲେ ମଧ୍ୟ ସେଥିରେ ବିଗ୍ରହ ସ୍ଥାପନା ହୋଇ ନ ଥିଲା।

## ଶିକ୍ଷାଭାରତୀ ଟ୍ରଷ୍ଟ ପକ୍ଷରୁ ପ୍ରଶିକ୍ଷଣ




**ବାଙ୍କୀ,୭।୨(ସମିସ):** ବାଙ୍କୀ କଲେଜ ରୋଡସ୍ଥିତ ଶିକ୍ଷା ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ କ୍ଷୁଦ୍ର ଓ ଅଣୁ ମନ୍ତ୍ରଳାୟର କଟକ ଶାଖା ତରଫରୁ ଏକ ଆର୍ଥିକ ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରୋଜାଲିନ୍ ସେଠ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ କ୍ଷୁଦ୍ର ଓ ଅଣୁ ମନ୍ତ୍ରଳାୟ କଟକ ଶାଖାର ନିର୍ଦ୍ଦେଶକ ଦୁର୍ଗାଚରଣ ମିଶ୍ର ଓ ବାଙ୍କୀ କଲେଜର ପୂର୍ବତନ ବାଣିଜ୍ୟ ବିଭାଗ ଅଧ୍ୟାପକ ଅକ୍ଷୟ ଛାଟୋଇ ଯୋଗଦାନ କରି ଆର୍ଥିକ ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ପ୍ରଶିକ୍ଷକ ଭାବେ ସରୋଜ ଚୋ÷ଧୁରୀ ଯୋଗଦାନ କରି ଆର୍ଥିକ ପରିଚାଳନା ଓ ଏହାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

● ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଖଣ୍ଡପଡ଼ା ଫୁଟବଲ୍ ଟିମ୍ ବିଜୟୀ



**ବାଙ୍କୀ,୭।୨(ସମିସ):** ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଷ ସାହୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ଖେଳ ଖଣ୍ଡପଡା ଫୁଟବଲ୍ ଟିମ୍ ସହିତ ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡା ଫୁଟବଲ୍ ଟିମ୍ ୭-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ଅତିଥି ଭାବେ ବାଙ୍କୀ ଏନ୍‌ଏସିର ପୂର୍ବତନ କାଉନସିଲର ସୋ÷ମେନ୍ଦ୍ର ମିଶ୍ର, କାଉନସିଲର ତଥା ଆରସିଏମ୍‌ଏସ୍‌ର ସଭାପତି ସଞ୍ଜୟ ପୃଷ୍ଟି ଓ ପୂର୍ବତନ ଉପନଗରପାଳ ଭାଗିରଥି ବିଶ୍ୱାଳ ଯୋଗଦାନ କରି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସେକ୍ ଖାୟାତ, ତପନ ନାୟକ ଓ ବିନ୍ମୟ ପ୍ରଧାନ ପରିଚାଳନା କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ୍‌ରେ ଇଣ୍ଡିପେଣ୍ଡେଣ୍ଟସ୍ ଫୁଟବଲ୍ ଟିମ୍ କଟକ ସହିତ ପପୁଲାର୍ କପ୍ ଢେଙ୍କାନାଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସାଧାରଣ ସଂପାଦକ ସନ୍ତୋଷ ରଣା ପ୍ରକାଶ କରିଛନ୍ତି।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ

ମଙ୍ଗୁଳି,୭।୨(ସମିସ)



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଦିନ ବ୍ୟାପୀ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବର ଶୁଭ ଉଦ୍‌ଘାଟନୀ ଉତ୍ସବ ୩ରୁ ଆରମ୍ଭ ହୋଇଥିବା ବେଳେ ଆଜି ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରର ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଆୟୋଜିତ ଏହି ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମର ଧାରାବାହିକ ପ୍ରବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜଜୀ ଯୋଗ ଦେଇଥିବା ବେଳେ ମହାପ୍ରଭୁଙ୍କ ଚବିଶ ବେଶ ମଧ୍ୟ ପ୍ରଦର୍ଶନୀ କରାଯାଇଛି। ଏଥିରେ ଚଡ଼ପଉରୀ, ବଡ଼ସିଂହାର, ଚନ୍ଦନଲାଗି, ଗଜାନନ, ସୁନାବେଶ, କାଳୀୟଦଳନ, ପ୍ରଳମ୍ବାସୁର ବଧ, ବାମନ, କୃଷ୍ଣବଳରାମ, ରାଧାଦାମୋଦର, ନାଗାର୍ଜୁନ, ହରିହର, ଲକ୍ଷ୍ମୀନାରାୟଣ, ବାଙ୍କଚୂଡ଼, ପ୍ରତିଦିନ, ଲକ୍ଷ୍ମୀନୃସିଂହ (ଡାଳିକିଆ), ଶ୍ରାଦ୍ଧ, ଘୋଡ଼ଲାଗି, ପଦ୍ମ, ନବାଙ୍କ, ମକରଚୌରାଶୀ, ଗଜଉଦ୍ଧାରଣ, ଚାଚେରୀ ବେଶ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯାଇଥିଲା। ପ୍ରତ୍ୟହ ଭଗବାନ ବେଦବ୍ୟାସ କୃତ ସ୍କନ୍ଦପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପ୍ରବଚନ ଅନୁଷ୍ଠିତ ହେବା ସହ ଏହି ପ୍ରବଚନ କାର୍ଯ୍ୟକ୍ରମର ଧାରାବାହିକ ପ୍ରବକ୍ତା ଭାବେ ଅନ୍ତଃରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ତଥା ଗୁରୁକୃପା ଆଶ୍ରମ, ତିହୁଡ଼ା, ନାଉଗାଁର ଅଧ୍ୟକ୍ଷ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦାନ କରିବା ସହିତ ବହୁ ବିଶିଷ୍ଟ ସାଧୁସନ୍ଥ ଓ ମହାପ୍ରଭୁଙ୍କ ସେବକବୃନ୍ଦ ମଧ୍ୟ ଯୋଗଦାନ କରିଛନ୍ତି। ଏହା ସହ ହଜାର ହଜାର ଭକ୍ତଙ୍କ ପାଇଁ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଥିବା ବେଳେ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନୀ ସହ ନାମ ସଂକୀର୍ତ୍ତନରେ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନୀରେ ସାରା ଅଞ୍ଚଳ ଏବେ ଜଗନ୍ନାଥମୟ ହୋଇଉଠିଛି। ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱର୍ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଜଗନ୍ନାଥ ଭକ୍ତ ସମାଜର ଶରତ ଖୁଣ୍ଟିଆ, ସନ୍ତୋଷ ଧର, ଆଗ୍ରାହାଟ ଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ କମିଟିର ପ୍ରମୋଦ ପଣ୍ଡା, ଧରଣୀଧର ରାଉତ, ଶିବରାମ ପ୍ରଧାନ, ସହଦେବ ବରାଳ, ରମେଶ ବେହେରା, ନିରଞ୍ଜନ ପରିଡ଼ା, ରଞ୍ଜନ ସାହୁ, ପ୍ରିୟବ୍ରତ ସ୍ୱାଇଁ, ହୃଷିକେଶ ରାଉତ, ଜୟନ୍ତ ବରାଳ, ଲୋକନାଥ ମାଝୀ, ଅଧିକାରୀ ନାୟକ, ବିଶ୍ୱଜିତ୍ ବିଶ୍ୱାଳ, ଅମୂଲ୍ୟ ରଞ୍ଜନ ଦାସ, ପ୍ରଦୀପ୍ତ ବେହେରା, ଉମେଶ ମହାରଣା, ରମାନାଥ ଆଚାର୍ଯ୍ୟ, ଗୋଲଖ ବେହେରା, ମୀନକେତନ ପଣ୍ଡା, ନିରଞ୍ଜନ ମାଝୀ, ଗନ୍ଧର୍ବ ଜେନା, ପ୍ରଦୀପ ମୁଦୁଲି, ଶ୍ରୀନିବାସ ମୂର୍ତ୍ତି, ସନ୍ତୋଷ ଜୀ, ଅଜୟ ମହାପାତ୍ର, ସଞ୍ଜୀବ ପଣ୍ଡା, ପ୍ରକାଶ ଜେନା, ମିଥୁନ ବେହେରା, ବୁଲୁ ବେହେରା, ବାଞ୍ଛାନିଧି ପରିଡ଼ା, ଅଶୋକ ଜୀ, ଜନ୍ମେଜୟ ନାୟକ, ସମୀର ବରାଳ, ବୀରବର ତରାଇ, ଅକ୍ଷୟ ବାରିକ, ଅନ୍ତର୍ଯ୍ୟାମୀ ନାଥ, ମହେନ୍ଦ୍ର ବେହେରା, ଦେବ ଓଝା, ରାମଚନ୍ଦ୍ର ବେହେରା, ନିରଦ ନାୟକ, ହରିହର ସାହୁ, ନୃସିଂହ ପଣ୍ଡା, ପ୍ରକାଶ ବେହେରା, ହେମନ୍ତ ଜେନା, ସିଲୁ ନାୟକ, ଶରତ ବାରିକ, ରୀତା ରାଉତ, ବିଳାସିନୀ ରାଉତ, ନିର୍ମଳା ପରିଡ଼ା, ପ୍ରମୋଦିନୀ ଜୀ, କବି ମାଝୀ, ଧରିତ୍ରୀ ସାହୁ, ଜୟଶ୍ରୀ ପରିଡ଼ାଙ୍କ ସମେତ ଆଗ୍ରାହାଟ ପଞ୍ଚାୟତର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

**ନିଶ୍ଚିନ୍ତକୋଇଲି, ୭।୨(ସମିସ):** ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ୨୦୨୪ ଅବସରରେ ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ, ପ୍ରକାଶକ, ଅଧ୍ୟାପକ ଡ. ବିଜୟ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ସୁରକ୍ଷା ଓ ପ୍ରଚାର ପ୍ରସାର ନିମନ୍ତେ ବିଭିନ୍ନ ଲେଖକ ଓ କବିମାନଙ୍କର ବହୁ ଉପାଦେୟ ପୁସ୍ତକ ପ୍ରକାଶ କରିବା ସହିତ ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ ହେବାକୁ ମନୋନୀତ ହୋଇଥିଲେ। ବିଡିଓ ଅମୀୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଶ୍ରୀ ରାଉତଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ଶ୍ରୀରାଉତଙ୍କ ବାସଭବନ ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତରେ ହୋଇଥିବା ବେଳେ ଅଧୁନା ସେ କଟକରେ ବସବାସ କରୁଛନ୍ତି। ତାଙ୍କର ଏହି ସମ୍ବର୍ଦ୍ଧନା ପାଇଁ ଏ ଅଞ୍ଚଳର ସାହିତ୍ୟିକ, ସଂସ୍କୃତିପ୍ରେମୀ, ବୁଦ୍ଧିଜୀବୀ ଓ ଅଧ୍ୟାପକ ମହଲରେ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଆଖୁ ଚାଷ ସମ୍ବନ୍ଧୀୟ ତାଲିମ ଶିବିର



**ବଡ଼ମ୍ବା, ୭।୨(ସମିସ):** ସ୍ୱେଚ୍ଛାସେବୀ ସଂଗଠନ (ଆମ୍ବା)ର ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବଡମ୍ବା ବ୍ଲକ ଗମେଇଁ ଠାରେ ଆଖୁ ଚାଷ ସମ୍ବନ୍ଧୀୟ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଜିଲ୍ଲା ଅଧିକାରୀ ଆଠଗଡ଼ ପର୍ଶୁରାମ ବେହେରା ମୁଖ୍ୟଅତିଥି, ବଡ଼ମ୍ବା ଗୋଷ୍ଠୀ କୃଷି ଅଧିକାରୀ ଶିବାଶିଷ ମିଶ୍ର, ସହକାରୀ କୃଷିଅଧିକାରୀ ବିଳାସିନୀ ମହାପାତ୍ର, ଗ୍ରାମ୍ୟ କୃଷି ଅଧିକାରୀ ଶିବବ୍ରତ ଉତରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଖୁ ଏକ ଭଲ ଅର୍ଥକାରୀ ଫସଲ, ଏହାର ବଜାର ଚାହିଦା, ଏହାର ଚାଷ ପ୍ରଣାଳୀ, ଜୈବିକ ଖତ ସାର ପ୍ରୟୋଗ, ଜଳସେଚନ ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସରୋଜ ନାୟକ, ଲକ୍ଷ୍ମୀଧର ବାରିକ, କୃଷିମିତ୍ର ବିଚିତ୍ର ବାରିକି, ମାନସ ଦଳେଇ ସମେତ ଶହେରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଏହି ତାଲିମ୍ ଶିବିରରେ ଭାଗ ନେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସାମଲ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

### ଅପହଞ୍ଚ ସ୍ଥାନରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ

# କାର୍ଯ୍ୟ ବନ୍ଦ ଦାବିରେ ଗ୍ରାମବାସୀଙ୍କ ଅନଶନ

ନିଶ୍ଚିନ୍ତକୋଇଲି, ୭।୨(ସମିସ)

କଟରପଡ଼ା ପଞ୍ଚାୟତ ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ନରୁ ଆମରଣ ଅନଶନ କରିଛନ୍ତି। ୪୦ ବର୍ଷ ଧରି ଏହି ପଞ୍ଚାୟତର ସାଙ୍କିଲୋଠାରେ ଥିବା ସରକାରୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ରୂପାନ୍ତିକରଣ କାର୍ଯ୍ୟ ପାଇଁ ୨୮ ଲକ୍ଷ ଟଙ୍କା ଅନୁଦାନ ଆସିଛି। ତେବେ ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତିକରଣ କରା ନ ଯାଇ ଏହାଠାରୁ ୩ କିମି ଦୂରରେ ରାସ୍ତା ନ ଥିବା ଏକ ଜମିରେ ନୂତନ ଭାବେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ନ ଥିବାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ବନ୍ଦ୍ କରିବା ପାଇଁ ପୂର୍ବରୁ ଶ୍ରୀମତୀ ନାୟକ ବିଡିଓଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହି ଗ୍ରାମର ସୁଧାଂଶୁ ଶେଖର ଦାସ, ପତିତପାବନ ମଣ୍ଡଳ, ସ୍ନେହଲତା ଜେନା, ଗୀତାଞ୍ଜଳି ନାୟକ, ସୁଶାନ୍ତ ନାୟକଙ୍କ ସମେତ ବହୁ ମହିଳା ଓ ପୁରୁଷମାନେ ଧାରଣାରେ ବସିଛନ୍ତି। ସସ୍ମିତା ସେଠୀ ନାମକ ଠିକାଦାର ଏହି କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ରକୁ ଯିବା ପାଇଁ ସମସ୍ୟା ଉପୁଜିବା ନେଇ ଅଭିଯୋଗ କରାଯାଇଛି।

ଏଠାରେ ପ୍ରଥମେ ରାସ୍ତା ପାଇଁ ଜାଗା ଦେଖାଇବା ପରେ କେନ୍ଦ୍ର ନିର୍ମାଣ କରାଯିବାକୁ ଅନଶନକାରୀମାନେ ଦାବି କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ କେନ୍ଦ୍ର ନିର୍ମାଣ ହେଉଥିବା ସ୍ଥାନକୁ ଯିବା ପାଇଁ ରାସ୍ତା ରହିଛି ହେଲେ ଅନଶନକାରୀ ଏ ସଂକ୍ରାନ୍ତରେ କିଛି ନ ବୁଝି ଏଭଳି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି।



## ବାଙ୍କୀ ବିଜେପିର ମିଶ୍ରଣ ପର୍ବ

**ବାଙ୍କୀ, ୭।୨(ସମିସ):** ବାଙ୍କୀ ନିର୍ବାଚନ ମଣ୍ଡଳୀର ଦୁର୍ଗାପୁର ଗ୍ରାମପଞ୍ଚାୟତ ନୂଆସାହି ୱାର୍ଡର ୱାର୍ଡମେମ୍ବରଙ୍କ ସମେତ ବହୁ କର୍ମୀ ଆଜି ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ଦଳରେ ଯୋଗଦେଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଓ ବାଙ୍କୀ ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ସମର୍ଥନ କରି ୱାର୍ଡ ମେମ୍ବର ରାମଚନ୍ଦ୍ର ବେହେରା, ପ୍ରକାଶ ଛାଟୋଇ, ସୁଧିର ବଳ, ଜ୍ୟୋତିରଞ୍ଜନ ବେହେରା, ସଞ୍ଜୟ ବେହେରା, ଚିନ୍ତାମଣି ବେହେରା, ସନ୍ତୋଷ ବେହେରା, ମନୋଜ ବେହେରା, ଅଜିତ୍ ବେହେରା, କୃଷ୍ଣଚନ୍ଦ୍ର ବେହେରା ଓ ଛବିନ ଗୋଛି ଆଜି ବିଜେପିରେ ଯୋଗଦେଇଛନ୍ତି।



## କଲେଜ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୭।୨(ସମିସ)

ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ମହମ୍ମଦ ସକିଲଙ୍କୁ କଲେଜ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଶିକ୍ଷକ କର୍ମଚାରୀ ସଂଘର ସଭାପତି ପ୍ରାଧ୍ୟାପକ ଡ. ପ୍ରଣତୀ ନାୟକ ଓ ସମ୍ପାଦକ ମନମୋହନ ଖଟୁଆଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପଦାରବିନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଡ.ରମାନାଥ ସାହୁ, ସମ୍ମାନୀତ ଅତିଥିଭାବେ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡା, ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡ଼ା, ଅଧ୍ୟାପକ କଳ୍ପତରୁ ପଟ୍ଟନାୟକ, ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ଅଧ୍ୟାପକ ସୁଧୀର ଦାସ, ଅଧ୍ୟାପକ ରଞ୍ଜନ ସେଠୀ, ଅଧ୍ୟାପକ ସୂର୍ଯ୍ୟକାନ୍ତ ମଲ୍ଲିକ, ଅଧ୍ୟାପକ ସୁବାଷ ଚନ୍ଦ୍ର ବେହେରା, ଅଧ୍ୟାପକ ପ୍ରକାଶ ସ୍ୱାଇଁ, ଅଧ୍ୟାପକ ଡ. ନରୋତ୍ତମ ବଳ, ଅଧ୍ୟାପକ ବିଜୟ ପରିଡ଼ା ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷଙ୍କ ବହୁମୁଖୀ ପ୍ରତିଭା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ଡ. ପ୍ରଣତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଅଧ୍ୟାପକ ବିଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ


କେଣ୍ଡାଳ

### ଜିଗ୍ନିପୁର

**ନିଶ୍ଚିନ୍ତକୋଇଲି, ୭।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜିଗ୍ନିପୁର ପଞ୍ଚାୟତରେ ହେବାକୁ ଯାଉଥିବା ଭିତ୍ତିଭୂମି ବିକାଶ ସଂକ୍ରାନ୍ତରେ ସରପଞ୍ଚ ତିଲୋତ୍ତମା ରାଉତଙ୍କ ସଭାପତିତ୍ୱରେ ବ୍ୟାପକ ସଚେତନତା ସୃଷ୍ଟି ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ଧର୍ମରଞ୍ଜନ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ଉପାଧ୍ୟକ୍ଷ ଅଶୋକ ଓଝା, ପଞ୍ଚାୟତ ସଭାପତି ଧୀରେନ୍ଦ୍ରନାଥ ବେହେରା, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ସିଡିପିଓ ସତ୍ୟଭାମା ବିଶୋଇ, ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମିର୍ଜା ଅବୁଲ ବେଗ୍, ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବହୁ ବୟୋଜ୍ୟେଷ୍ଠ ମୁରବୀ, ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଉଲ୍ଲେଖନୀୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### କେଣ୍ଡାଳ

**ନିଶ୍ଚିନ୍ତକୋଇଲି:** କେଣ୍ଡାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରକାରଙ୍କର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ବିଭିନ୍ନ ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତରେ ଆଲୋଚନା କରାଯିବା ସହିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଣୟନ କରିଥିବା ବିଭିନ୍ନ ଜନହିତକର ଯୋଜନ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଚେତନତା କରାଯାଇଛି। ସରପଞ୍ଚ ତୃପ୍ତିମୟୀ ନାୟକଙ୍କ ସଭାପତିତ୍ୱ ଏବଂ ବିଜେଡି ନେତା ଦେବେନ୍ଦ୍ର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ସମ୍ମାନୀତ ଅତିଥିଭାବେ ସମାଜସେବୀ ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ଅନ୍ନଦା ପ୍ରସନ୍ନ ନାୟକ, ସମିତିସଭ୍ୟ ଇମ୍ରାନ୍ ଖାଁ, ପୂର୍ବତନ ଜିଲ୍ଲାପରିଷଦ ପ୍ରକାଶ ସାହୁ, ପିଇଓ ପ୍ରସନ୍ନ ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଅଙ୍ଗନବାଡି ଓ ଆଶାକର୍ମୀ, ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ ସମ୍ମାନସ୍ୱଦ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ନତକାଇ

**ନିଶ୍ଚିନ୍ତକୋଇଲି:** ନତକାଇ ପଞ୍ଚାୟତର ସରପଞ୍ଚ ଜୟଦେବ ରାଉତଙ୍କ ସଭାପତିତ୍ୱରେ ବାଣୀନଗରସ୍ଥିତ ଅରବିନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୧୧ଟି ୱାର୍ଡରେ ବିଭିନ୍ନ ପ୍ରକାର ୬୨ଟି ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ମହିଳା ମହାସଂଘ ସଭାନେତ୍ରୀ କନକଲତା ଭୂୟାଁ, ସମିତିସଭ୍ୟା ସରସ୍ୱତୀ ରାଉତ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ସରପଞ୍ଚ ବନ୍ଦନା ମାଝୀ, ପର୍ଶୁରାମ ବେହେରା, କେଶବ ଚନ୍ଦ୍ର ବିଶ୍ୱାଳ, ପିଇଓ ସୁରେଶ ସାହାଣୀ, ଜିଆରଏସ୍ ସସ୍ମିତା ରାଉତ, ପଞ୍ଚାୟତ ମହିଳା ସଂଘ ସଭାନେତ୍ରୀ ଶ୍ରୀମତୀ ପଣ୍ଡା ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କର ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଜନ ସଚେତନତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶତାଧିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ନଖରା

**ଚୌଦ୍ୱାର:** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ନଖରା ପଞ୍ଚାୟତ ପକ୍ଷରୁ 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ଅଙ୍ଗତରାଡିହ କନକେଶ୍ୱର ମନ୍ଦିର ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ସାମଲ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଧୀରେନ୍ଦ୍ର ନାଥ ଜେଠୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଳାଷ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ମହେଶ୍ୱର ସିଂ, ଧନେଶ୍ୱର ଜେଠୀ, ଦୀଲ୍ଲିପ ଆଚାର୍ଯ୍ୟ, ସନ୍ତୋଷ ନାୟକ, ଆଲୋକ ରାଉତ, ପ୍ରମିଳା ଓଝା, ମଧୁସ୍ମିତା ମହାପାତ୍ର, ରଶ୍ମିତା ସାହୁଙ୍କ ସମେତ ବ୍ୟାଙ୍କ ମିତ୍ର, ସିଆରପି, ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

### ନରେନ୍ଦ୍ରପୁର

**ନିଶ୍ଚିନ୍ତକୋଇଲି:** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ପଞ୍ଚାୟତରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା କରାଯିବା ସହ ବିଜେଡି ସରକାରଙ୍କର ବିଭିନ୍ନ ଯୋଜନା ଲୋକଙ୍କ ପାଖରେ କିଭଳି ପହଞ୍ଚିବ ସେ ନେଇ ସଚେତନତା କରାଯାଇଛି। ସରପଞ୍ଚ ନମିତା ରାୟଙ୍କ ସଭାପତିତ୍ୱ, ଆଇନଜୀବୀ ବିନୋଦ ବିହାରୀ ଚୌଧୁରୀଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ସିଡିପିଓ ସତ୍ୟଭାମା ବିଶୋଇ, ବ୍ଲକ ମହିଳା ମହାସଂଘର ସମ୍ପାଦିକା ସତ୍ୟଭାମା ନାୟକ, ପୂର୍ବତନ ସରପଞ୍ଚ ନିରଞ୍ଜନ ସାହୁ, ବନବିହାରୀ ସେଠୀ, ଗଙ୍ଗାଧର ସାହୁ, ପ୍ରଭାକର ଗୋଛାୟତ, ସନ୍ତୋଷ ସିଂ, ଗୁଲାମ ମେହେନ୍ଦୀ ହାସନ, ପିଇଓ ସୁଜୟ ବେହେରା, ସଂଖ୍ୟାଲଘୁ ସେଲ ସଭାପତି ମିର୍ଜା ଅବୁଲ ବେଗ୍ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କେଶବଚନ୍ଦ୍ର ଲାଲା ଧନ୍ୟବାଦ ଅର୍ପଣ କରିଥିଲେ।

### କୁଣ୍ଡି

**ମାହାଙ୍ଗା:** ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଜଗନ୍ନାଥପୁର ସ୍କୁଲ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ମାହାଙ୍ଗାକୁ ଏକ ବିକଶିତ ବ୍ଲକ ଭାବେ ଗଢି ତୋଳିବା ଓ '୫-ଟି' ରୂପାନ୍ତରଣ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ମନ୍ଦିର ଠାରୁ ଆରମ୍ଭ କରି କଲେଜ, ବିଦ୍ୟାଳୟ, ଦେବାଳୟ, ସାମାଜିକ ଅନୁଷ୍ଠାନ, ଭାଗବତ ଟୁଙ୍ଗୀ ସହିତ ଗମନାଗମନରେ ଲକ୍ଷ୍ମୀ ବସ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିବା ସହ କୁଣ୍ଡି ପଞ୍ଚାୟତରେ ବହୁ ବିକାଶମୂଳକ କାର୍ଯ୍ୟ ସମ୍ଭବପର ହୋଇଛି ବୋଲି କହିଥିଲେ। ଏଥିରେ ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ଯୁବନେତା ଜୟନ୍ତ ବିଶ୍ୱାଳ, ମିହିର ପାତ୍ର, ଦୀନବନ୍ଧୁ ସାହୁ, କୃଷ୍ଣପ୍ରସାଦ ରାଉତ, ରମେଶ ନାୟକ, ସେଖ ଲାଲା, ସେଖ ଶଲାଉଦ୍ଦିନଙ୍କ ସମେତ ଏସଏଚଜି ମହିଳା ସଂଘର ସିଆରପି, ଏମବିକେ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ସମେତ ଶତାଧିକ ଏହି ଶିବିରରେ ଯୋଗଦେଇଥିଲେ।

### ବାଗଲପୁର

**କଣ୍ଟାପଡ଼ା:** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣ୍ଟାପଡ଼ା ବିଡିଓ ବିରଞ୍ଚି ନାରାୟଣ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଯୁବତୀ ଓ ଶିଶୁ କଳାକାରଙ୍କ ଦ୍ୱାରା ଓଡିଶୀ ଓ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପକ୍ଷରୁ ଉତ୍ପାଦନ ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା। କବିନ୍ଦ୍ର ସେଠୀ, ସଂଗ୍ରାମ ମହାନ୍ତି, ଉପେନ୍ଦ୍ର ଖଟୁଆ, ସରୋଜିନୀ ଆଚାର୍ଯ୍ୟ, ପ୍ରିୟବ୍ରତ ରାଉତରାୟ, ଏମବିକେ ଇଲାବତୀ ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି ଓ ପଞ୍ଚାୟତ ନୋଡାଲ ଅଫିସର ପ୍ରସନ୍ନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଯୁବକ, ଯୁବତୀ, ମହିଳା ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

### ଅରିଲୋ ଓ ସୋମପୁର

**କିଶନନଗର :** କଟକ ସଦର ବ୍ଲକ ଅଧୀନସ୍ଥ ଅରିଲୋ ଓ ସୋମପୁର ପଞ୍ଚାୟତରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଏବିଡିଓ ଝାଡେଶ୍ୱର ଦାଶ, ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସୁବାଶିଷ ଶତପଥି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ଯୋଗଦେଇ ସରକାରଙ୍କର ବିଭିନ୍ନ ଜନ ହିତକର ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅରିଲୋ ସରପଞ୍ଚ ମମତା ମଲ୍ଲିକ, ସମିତିସଭ୍ୟ ମମତା ବେହେରା, ନୋଡାଲ ଅଫିସର ସମାପିକା ଦାସ, ବରିଷ୍ଠ ବିଜେଡି କର୍ମୀ କମଳାକାନ୍ତ ଖୁଣ୍ଟିଆ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଧାୟକ ପ୍ରତିନିଧି ବିଭୁତି ଭୂଷଣ ପରିଡ଼ା, ଗଡିରାଉତ ପାଟଣା ସମିତି ସଭାପତି ସମର ବେହେରା, ବାରଦା ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୋମପୁର ପଞ୍ଚାୟତର ସରପଞ୍ଚ ପିତାମ୍ବର ଦାସ, ରୂପକ ସ୍ୱାଇଁ, ପ୍ରମୁଖ ପରିଚାଳନା କରିଥିଲେ। ପ୍ରତ୍ୟେକ ସଭାରେ ବହୁ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ। ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।


ନତକାଇ


ନଖରା


ନରେନ୍ଦ୍ରପୁର


କୁଣ୍ଡି


ବାଗଲପୁର


ଅରିଲୋ ଓ ସୋମପୁର

**୧୯ ବର୍ଷରୁ କମ୍ ବିଶ୍ୱକପ୍ ରୋମାଞ୍ଚକ ସେମିଫାଇନାଲ**

# 'ମ୍ୟାଚ୍ ଜିତିବୁ ବୋଲି ବିଶ୍ୱାସ ଥିଲା'

ବେନୋନି, ୭।୨ (ଏଜେନ୍ସି)

ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଥିଲା ଖୁବ୍ ରୋମାଞ୍ଚକ। ଏହି ମୁକାବିଲାରେ ଭାରତକୁ ଫାଇନାଲରେ ପ୍ରବେଶ କରିବା ଲାଗି ୨୪୫ ରନ୍‌ର ଟାର୍ଗେଟ ଦେଇଥିଲା ଘରୋଇ ଦଳ ଦକ୍ଷିଣ ଆଫ୍ରିକା। କିନ୍ତୁ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଥିବା ଭାରତୀ ଟପ୍ ଅର୍ଡର ବ୍ୟାଟିଂ ଏହି ମୁକାବିଲାରେ ଫ୍ଲପ୍ ହୋଇଯାଇଥିଲା। ୨୪୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୩୨ ରନ୍‌ରେ ୪ ୱିକେଟ ହରାଇବା ପରେ ଦଳ ପରାଜୟ ଆଶଙ୍କାରେ ରହିଥିଲା। ଏହି ସମୟରେ ଦଳର ଶେଷ ଦୁଇ ବିଶେଷଜ୍ଞ ବ୍ୟାଟର ଅଧିନାୟକ ଉଦୟ ଶାହରନ ଓ ସଚିନ ଭାସ୍ ଚମତ୍କାର ବ୍ୟାଟିଂ କରି ଭାରତକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। କିନ୍ତୁ ଭାରତ ମ୍ୟାଚ୍ ଜିତିଲାବେଳକୁ ଉଭୟ ଖେଳାଳି ପାଭିଲିୟନ ଫେରିଯାଇଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଥିବା ଉଦୟ ୧୨୪ ବଲ୍‌ରେ ୮୧ ଓ ସଚିନ ୯୫ ବଲ୍‌ରେ ୯୬ ରନ୍ କରିଥିଲେ।



ରବିବାର ଖେଳାଯିବାକୁ ଥିବା ଫାଇନାଲରେ ପାକିସ୍ତାନ କିମ୍ବା ଅଷ୍ଟ୍ରେଲିଆ ସହ ଭାରତ ଫାଇନାଲ ମୁକାବିଲା କରିବ। ୫ଥର ଟାଇଟଲ ଜିତିଥିବା ଭାରତର ଏହା ୯ମଥର ଫାଇନାଲ ପ୍ରବେଶ। 'ଏହି ମ୍ୟାଚ୍‌ରେ ଆମର ଲକ୍ଷ୍ୟ ଥିଲେ ଶେଷଯାଏ ବ୍ୟାଟିଂ କରିବା। ଆମ ନିକଟରେ ସେହି ଆତ୍ମବିଶ୍ୱାସ ଥିଲା, କିନ୍ତୁ ଭାରତ ମ୍ୟାଚ୍ ଜିତିଲା ବେଳକୁ ଆମେ ପାଭିଲିୟନ ଫେରିଯାଇଥିଲୁ' ବୋଲି ମ୍ୟାଚ୍ ଶେଷରେ କହନ୍ତି ସଚିନ। ଭାରତ ମ୍ୟାଚ୍ ଜିତିସାରିଥିବାରୁ ଏହା ଆମକୁ କଷ୍ଟ ଦେଇନାହିଁ। ଦଳ ମ୍ୟାଚ୍ ଜିତିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ତାହାକୁ ଆମେ କରି ଦେଖାଇଛୁ। ଏହା କେବଳ ଆମର ନିଜ ଉପରେ ଥିବା ଆତ୍ମବିଶ୍ୱାସ ଯୋଗୁ ସମ୍ଭବ ହୋଇଛି। ଆମେ ଯେତେବେଳେ ବ୍ୟାଟିଂ କରିବାକୁ ଆସିଲୁ, ସେତେବେଳେ ଦକ୍ଷିଣ ଆଫ୍ରିକା ବୋଲର ଭଲ ବୋଲିଂ କରୁଥିଲେ। ଏଣୁ କିଛି ସମୟ କ୍ରିଜ୍‌ରେ ତିଷ୍ଠି ରହିବାକୁ ଆଲୋଚନା କରିଥିଲୁ। ଏହା ମଧ୍ୟ ଆମ ଲାଗି ଭଲ ଫଳ ଦେଇଥିଲା ଓ ୧୭୧ ରନ୍‌ର ଏକ ବିରାଟ ଭାଗୀଦାରି ମିଳିଥିଲା। ମହାରାଷ୍ଟ୍ରର ବିଡ୍‌ରେ ଜନ୍ମ ଗ୍ରହଣ କରିଥିବା ସଚିନ ନିଜ ରାଜ୍ୟ ଲାଗି ୧୪, ୧୬ ଓ ୧୯ ବର୍ଷରୁ କମ୍ ଦଳର ନେତୃତ୍ୱ ନେବା ସହ ମହାରାଷ୍ଟ୍ର ପ୍ରିମିୟର ଲିଗ୍‌ରେ ମଧ୍ୟ ଖେଳିସାରିଛନ୍ତି। ଏହା ପୂର୍ବରୁ ନେପାଳ ବିପକ୍ଷ ମ୍ୟାଚ୍‌ରେ ବ୍ୟାଟିଂ ଅର୍ଡରରେ ଉନ୍ନତି ପାଇଥିବା ଏହି ଯୁବ ଖେଳାଳି ଦ୍ରୁତ ଶତକ ହାସଲ କରିଥିଲେ।

ଅନ୍ୟ ପକ୍ଷରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତର ବ୍ୟାଟିଂ ମେରୁଦଣ୍ଡ ଭାବେ ଛିଡ଼ା ଅଧିନାୟକ ଉଦୟ ଶାହରନ ପ୍ରତିଷ୍ଠା ପାଇଛନ୍ତି। ଏହି ମ୍ୟାଚ୍‌ରେ ସେ ଯେଉଁ ମାନସିକତା ପ୍ରଦର୍ଶନ କରିଛନ୍ତି ତାହା କେବଳ ଜଣେ ପରିପକ୍ୱ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳିଥାଏ। ରାଜସ୍ଥାନର ଏହି ବ୍ୟାଟର ସଚିନଙ୍କ ସହ ଭାଗୀଦାରିରେ ବେଶ ଦାୟିତ୍ୱ ନେଇଥିଲେ। ଉଦୟଙ୍କ ମତରେ ସଚିନ ବେଶ ଭଲ ବ୍ୟାଟିଂ କରିଥିଲେ। ତାଙ୍କ ବ୍ୟାଟିଂ ଯୋଗୁ ଆମେ ବିଜୟର ନିକଟତର ହୋଇଥିଲୁ। ସେ ଆଉଟ ହେବା ପରେ ମୁଁ ଟିକେ ଚାପରେ ପଡ଼ିଯାଇଥିଲି। କିନ୍ତୁ ରାଜ ଲିମ୍ବାନି ଆସିବା ମାତ୍ରେ ଛକା ମାରି ଏହି ଚାପକୁ ହାଲକା କରିଦେଇଥିଲେ। ସେ ମଧ୍ୟ ଦଳ ଲାଗି ବିଜୟ ସୂଚକ ରନ୍ ସଂଗ୍ରହ କରିଥିଲେ। ଏହି ଫାଇନାଲ ମୁକାବିଲାଟି ଭାରତ ଲାଗି ବେଶ ରୋମାଞ୍ଚକ ହୋଇଥିଲା।

## ମନ୍ନତା ମିଶ୍ରଙ୍କୁ ପ୍ରଥମ ଅନ୍ତର୍ଜାତୀୟ ପଦକ



**ଭୁବନେଶ୍ୱର, ୭।୨ (ସମିସ):** ଓଡ଼ିଶାର ଉଦୀୟମାନ ସନ୍ତରଣକାରୀ ମନ୍ନତା ମିଶ୍ର ତାଙ୍କ ଖେଳ ଜୀବନରେ ପ୍ରଥମ ଅନ୍ତର୍ଜାତୀୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ବିଆଇଏମ୍ଏସ୍‌ଟିଇସି ସନ୍ତରଣ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଆଇଆଇଏସ୍ ସନ୍ତରଣ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ମନ୍ନତାଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ପୁଣି ବଦଳିଲେ ପିସିବି ଅଧ୍ୟକ୍ଷ

**କରାଚୀ,୭।୨(ଏଜେନ୍ସି):** ସୟଦ ମୋହସିନ ରାଜା ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ପିସିବି ତରଫରୁ ଏ ନେଇ ସୂଚନା ଦିଆଯାଇଛି। ଜାକା ଆଶ୍ରଫ୍‌ଙ୍କ ପରେ ନକ୍‌ଭି ପିସିବିର ୩୭ତମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। ଆଶରଫ ଗତ ମାସ ୧୯ରେ ପଦରୁ ଇସ୍ତଫା ଦେଇଥିଲେ। ଆଶରଫ୍ ୨୦୨୩ ଜୁଲାଇରେ ନଜମ ସେଠୀଙ୍କ ସ୍ଥାନରେ ପଦ ସମ୍ଭାଳିଥିଲେ।

## ଏପ୍ରିଲ ୨୨ରେ ଲରେସ୍ କ୍ରୀଡ଼ା ପୁରସ୍କାର

**ଲଣ୍ଡନ, ୭।୨ (ଏଜେନ୍ସି):** ବିଶ୍ୱର ସମ୍ମାନଜନକ ଲରେସ କ୍ରୀଡ଼ା ପୁରସ୍କାର ଚଳିତବର୍ଷ ସ୍ପେନ୍‌ର ମାଦ୍ରିଦ୍ ସହରରେ ଏପ୍ରିଲ ୨୨ ତାରିଖରେ ପ୍ରଦାନ କରାଯିବ। ଏଥିରେ ବିଶ୍ୱର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ, ଶ୍ରେଷ୍ଠ ଦଳ ଓ ଶ୍ରେଷ୍ଠ ପ୍ରଦର୍ଶନକୁ ପୁରସ୍କୃତ କରାଯାଇଥାଏ। ବର୍ତ୍ତମାନ ତଥା ପୂର୍ବତନ ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ବ୍ୟକ୍ତିତ୍ୱ ଏହି ଉତ୍ସବରେ ଉପସ୍ଥିତି ରହିଥାନ୍ତି। ମାଦ୍ରିଦ୍‌ର ଐତିହାସିକ ବିଲ୍ଡିଂ ପାଲାସିଓ ଡି ସିବେଲ୍ସରେ ଏହି ସମ୍ମାନ ଉତ୍ସବ ଅନୁଷ୍ଠିତ ହେବ। ୨୦୨୩ର ସର୍ବାଧିକ ସ୍ମରଣୀୟ କ୍ରୀଡ଼ା ପ୍ରଦର୍ଶନକୁ ଏହି ପୁରସ୍କାରରେ ସାମିଲ କରାଯିବ। ଏହି ବର୍ଷ ସ୍ପେନ୍ ମହିଳା ୟୁରୋ ଲିଗ୍ ଚାମ୍ପିଅନ୍ ହେବା, ଟେନିସରେ ନୋଭାକ ଜୋକୋଭିଚ୍‌ଙ୍କୁ ଏକାଧିକ ସଫଳତା ମିଳିବା, ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ଫେଥ କିପିଗନ, ଶା କାରୀ ରିଚାର୍ଡସନ, ଶେରିକା ଜ୍ୟାକ୍ସନ, ମୋଣ୍ଡୋର ଡୁ ପ୍ଲେଣ୍ଟିସ୍ ଓ ନୋଆ ଲାଇଲ୍ସଙ୍କ ପ୍ରଦର୍ଶନକୁ ନିଶ୍ଚିତ ଗୁରୁତ୍ୱ ଦିଆଯିବ। ଏହିବର୍ଷ ଫର୍ମୁଲା ୱାନ୍ କାର୍ ରେସ୍‌ରେ ମ୍ୟାକ୍ସ ଭର୍ଷ୍ଟାପେନ୍‌ଙ୍କ ରେକର୍ଡ ବିଜୟ, ରଗ୍‌ବୀ ୱାର୍ଲ୍ଡ କପ୍‌ରେ ଦକ୍ଷିଣ ଆଫ୍ରିକାର ଚମତ୍କାର ଟାଇଟଲ ବିଜୟ ଏହି ପୁରସ୍କାରରେ ପ୍ରତିଫଳିତ ହେବାର ସମ୍ଭାବନା ରହିଛି। ସ୍ପେନ୍‌ରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ୫ମଥର ଲାଗି ଅନୁଷ୍ଠିତ ହେବ। ପୂର୍ବରୁ ବାର୍ସିଲୋନାରେ ୨୦୦୬ ଓ ୨୦୦୭ରେ, ସେଭିଲେରେ ୨୦୨୧ ଓ ୨୦୨୨ରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଚଳିତ ପୁରସ୍କାରକୁ ନେଇ କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଂଗଠନ ଗୁଡ଼ିକୁ ଆଶାୟୀ ହୋଇପଡ଼ିଛନ୍ତି।

● ମହିଳା ଦିନିକିଆ

## ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ପ୍ରଥମ ବିଜୟ

**ସିଡ୍‌ନୀ,୭।୨(ଏଜେନ୍ସି):** ଦିନିକିଆ ମହିଳା କ୍ରିକେଟରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଅଷ୍ଟ୍ରେଲିଆକୁ ହରାଇ ଇତିହାସ ସୃଷ୍ଟି କରିଛି। ନର୍ଥ ସିଡନୀ ଓଭାଲ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଡିଏଲ୍ଏସ୍ ପ୍ରଣାଳୀରେ ୮୪ ରନରେ ଅଷ୍ଟ୍ରେଲିଆକୁ ହରାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୪୫ ଓଭରରେ ୬ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମାରିଜନେ କାପ୍ପ ସର୍ବାଧିକ ୭୫, ଆନ୍ନେକ ବୋସ୍କ ୪୪, କ୍ଲୋଏ ଟ୍ରାୟନ ଅପରାଜିତ ୩୭ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆର ମେଗାନ ସ୍କଟ ଓ ଆଶଲେ ଗାର୍ଡନର ଦୁଇଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୯.୩ ଓଭରରେ ୧୪୯ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ନିମ୍ନକ୍ରମରେ କିମ୍ ଗାର୍ଥ ସର୍ବାଧିକ ଅପରାଜିତ ୪୨ ରନ ସଂଗ୍ରହ କରିଥିବା ବେଳେ ଗାର୍ଡନର ୩୫, ତାହିଲା ମ୍ୟାକଗ୍ରା ୨୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ପାଇଁ ମାରିଜନେ କ୍ୟାପ୍ ସର୍ବାଧିକ ୩, ଅୟନ୍ଦା ହଲବି, ଏଲିଜ- ମାରି ମ୍ୟାକ୍ସ ଓ ନାଦିନ ଡି କ୍ଲାର୍କ ୨ଟି ଲେଖାଏ ୱିକେଟ ନେଇଥିଲେ।

● ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

## କିଟ୍-କିସ୍, ଫାଓ ଏକାଡେମୀ ବିଜୟୀ

**କଟକ,୭।୨(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ବୁଧବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପପୁଲାର କ୍ଲବ, କିଟ୍-କିସ ଏବଂ ଫାଓ ଏକାଡେମୀ ବିଜୟ ଲାଭ କରିଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ କିଟ୍-କିସ୍ ଏବଂ ଭୁବନେଶ୍ୱର କିଶୋର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏକତରଫା ଭାବେ ଏହି ମ୍ୟାଚ୍ ଜିତିଛି କିଟ-କିସ୍। ପ୍ରଥମାର୍ଦ୍ଧରେ ୯ଟି ଏବଂ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେବା ସହ ୧୦-୦ ଗୋଲରେ କିଟ୍-କିସ୍ ବିଜୟ ଲାଭ କରିଥିଲା। ଦେବସ୍ମିତା ହେମ୍ବ୍ରମ ଏବଂ ସୁନୀତା ମାଝୀ ୩ଟି ଲେଖାଏ ଗୋଲ ଦେଇଥିବା ବେଳେ ସଞ୍ଜିତା ବୁଦୁଲା ଏବଂ କସ୍ତୁରୀ ମାଝୀ ୨ଟି ଲେଖାଏ ଗୋଲ ସ୍କୋର କରିଛନ୍ତି। କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ପପୁଲାର କ୍ଲବ ଭିତରେ ଏଠାରେ ଅନ୍ୟ ଏକ ମ୍ୟାଚ୍ ହୋଇଥିଲା। ପପୁଲାର କ୍ଲବ ୮-୦ ଗୋଲରେ ଉକ୍ତ ମ୍ୟାଚ୍ ଜିତିଛି। ବିଜୟୀ ଦଳର ପିଙ୍କି ବିଶ୍ୱାଳ ୫ଟି, ଜ୍ୟୋତ୍ସ୍ନାରାଣୀ ଲେଙ୍କା ୨ଟି ଏବଂ ବର୍ଷାରାଣୀ ପ୍ରଧାନ ଗୋଟିଏ ଗୋଲ ସ୍କୋର କରିଥିଲେ। ଫାଓ ଏକାଡେମୀ ୬-୦ ଗୋଲରେ ବିଡାନାସୀ କ୍ଲବକୁ ହରାଇଥିଲା। ଖେଳ ପ୍ରାରମ୍ଭରୁ ଫାଓ ଏକାଡେମୀ ପ୍ରଭାବ ବିସ୍ତାର କରି ରଖିଥିଲା। ବିଜୟୀ ଫାଓ ଏକାଡେମୀ ପକ୍ଷରୁ ପ୍ରଥମାର୍ଦ୍ଧରେ ୪ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ହୋଇଥିଲା। ଅଧିନାୟିକା ଅନ୍ତରା ଦଲି ଏବଂ ସାକ୍ଷୀ ପଟେଲ ୨ଟି ଲେଖାଏ, କାମିନୀ ମଲ୍ଲିକ, ଆଦ୍ରିଜା ଜେନା ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



# MATRIC MATE

BSE ODISHA MATRIC EXAM-2024

**SUBJECT : FLO**

PROBABLE QUESTION PAPER

### OBJECTIVE

୧. ମାଟି ମା'କୁ ଦେଇଥିବା ସମସ୍ତ ଆଘାତକୁ ସେ କାହାପରି କ୍ଷମା କରିଦିଏ ?
(କ) ସଂପର୍କୀୟ (ଖ) ବନ୍ଧୁସାଦର (ଗ) ସଖା (ଘ) ନିଜ ସନ୍ତାନ

୨. ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ମାଟି ମା'ର କେଉଁ ଗୁଣକୁ କବି ମାଗିଛନ୍ତି ?
(କ) ପ୍ରେମ (ଖ) ଧୈର୍ଯ୍ୟ (ଗ) ସ୍ନେହ (ଘ) ସହାନଶୀଳତା

୩. ମାଟି ମାର ଶରୀର କେଉଁଥିରେ ଗଢ଼ା ?
(କ) ନଦୀନାଳ (ଖ) ପାହାଡପଥର (ଗ) ବନଉପବନ (ଘ) ବନଅରଣ୍ୟ

୪. ଦୁଃଖ ଦଡମଡି ସହିବାକୁ - ରେଖାଙ୍କିତ ପଦର ଅର୍ଥ କଣ ?
(କ) ସୁଖ (ଖ) ଜଞ୍ଜାଳ (ଗ) ଆନନ୍ଦ (ଘ) ଯନ୍ତ୍ରଣା

୫. ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ନେବାପାଇଁ କିଏ ଧାତ୍ରୀ ହୋଇଥିଲେ ?
(କ) ସ୍ୱୟଂ ରାମକୃଷ୍ଣ (ଖ) ଜୟଦତ୍ତ ଶର୍ମା (ଗ) ରାମଶଙ୍କର ମିଶ୍ର (ଘ) ମହିମାସୁନ୍ଦରୀ ଦେବୀ

୬. ଶ୍ରୀରାମକୃଷ୍ଣ୍ ସହିତ ନରେନ୍‌ଙ୍କର କେତେବର୍ଷର ନିବିଡ ସମ୍ପର୍କ ?
(କ) ଚଉଦବର୍ଷ (ଖ) ଦଶବର୍ଷ (ଗ) ପାଞ୍ଚବର୍ଷ (ଘ) ପଚିଶିବର୍ଷ

୭. ଜ୍ଞାନଶୂନ୍ୟ ହୋଇ ନରେନ୍ କେଉଁଥିରେ ବୁଡିଗଲେ ?
(କ) ଧ୍ୟାନରେ (ଖ) ପ୍ରବଚନରେ (ଗ) ଭକ୍ତିରେ (ଘ) ସମାଧିରେ

୮. ଖ୍ରୀଷ୍ଟିଆନ୍ ମିଶନାରୀମାନେ କେତେ ମସିହାରେ ଓଡିଶାରେ ମିଶନ ସ୍କୁଲମାନ ପ୍ରତିଷ୍ଠା କଲେ ?
(କ) ୧୮୪୩ (ଖ) ୧୯୧୦ (ଗ) ୧୮୨୨ (ଘ) ୧୮୫୨

୯. କେବେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷର କରାଳ ଛାୟା ଦେଖାଦେଇଥିଲା ?
(କ) ୧୮୬୦ (ଖ) ୧୮୨୩ (ଗ) ୧୮୯୦ (ଘ) ୧୮୬୬

୧୦. ବିବେକୀ ଏକ କେଉଁ ଧରଣର ରଚନା ?
(କ) ପ୍ରବନ୍ଧ (ଖ) ରମ୍ୟରଚନା (ଗ) ଗଳ୍ପ (ଘ) କାବ୍ୟ

୧୧. ଅମିତ୍ରାକ୍ଷର ଛନ୍ଦରେ ରଚିତ ରାଧାନାଥଙ୍କ କେଉଁ କାବ୍ୟଟି ଏକ ସମ୍ପୂର୍ଣ୍ଣ କାବ୍ୟ ?
(କ) ନନ୍ଦିକେଶ୍ୱରୀ (ଖ) ଯାଯାତିକେଶରୀ (ଗ) ମହାଯାତ୍ରା (ଘ) କେଦାରଗୌରୀ

୧୨. ଏଥିମଧ୍ୟରୁ କେଉଁ କବି ଚତୁର୍ଦ୍ଦଶପଦୀ କବିତା ବା ସନେଟ୍ ରଚନାରେ ଦକ୍ଷ ଥିଲେ ?
(କ) ହରିହର ମିଶ୍ର (ଖ) ବିଚ୍ଛେଦ ଚରଣ ପଟ୍ଟନାୟକ
(ଗ) ଗଙ୍ଗାଧର ମେହେର (ଘ) ଭକ୍ତକବି ମଧୁସୂଦନ ରାଓ

୧୩. ପ୍ରଥମ ଓଡିଆ ସାହିତ୍ୟ ପତ୍ରିକାର ନାମ କଣ ?
(କ) ସୀମନ୍ତନୀ (ଖ) ବୋଧଦାୟିନୀ (ଗ) ଉତ୍କଳପ୍ରଭା (ଘ) ସୂର୍ଯ୍ୟମୁଖୀ

୧୪. ପ୍ରୀତିଙ୍କର ବୟସ ଅନୁମାନିକ କେତେ ଥିଲା ?
(କ) ପଚିଶି ବର୍ଷ (ଖ) ତିରିଶି ବର୍ଷ (ଗ) ପଞ୍ଚତିରିଶି ବର୍ଷ (ଘ) ବତିଶି ବର୍ଷ

୧୫. କ୍ୟାପ୍‌ଟେନ୍ ମହାପାତ୍ରଙ୍କ ସାଙ୍ଗରେ ତାଙ୍କ ଭଉଣୀଙ୍କ ବ୍ୟତୀତ ଆଉ କିଏ ଆସିଥିଲେ ?
(କ) ପୁଅ (ଖ) ବୋହୂ (ଗ) ଝିଅ (ଘ) ଚାକର

୧୬. ବେବି ପିଉସୀଙ୍କ ପାଇଁ କଣ ନେଇ କାର୍‌କୁ ଗଲା ?
(କ) ଜୁସ୍ (ଖ) କ୍ଷୀର (ଗ) ଚାହା (ଘ) କଫି

୧୭. ଶୋଇବା ଘର ସେଲଫ୍ ଉପରୁ କଣ ଆଣିବା ପାଇଁ ସୁବ୍ରତ ପ୍ରୀତିକୁ କହିଲେ ?
(କ) ବଡ ବହି (ଖ) କଲମ (ଗ) ଡାଏରୀ (ଘ) ପେପର

୧୮. ଭାବିଲି ଆଉ କିଛି ନ ହେଲେ ତ ଟିକିଏ ପୋଛା ପୋଛି କରିନେବି - ଏକଥା କିଏ କହିଛନ୍ତି ?
(କ) ସୁବ୍ରତ (ଖ) କ୍ୟାପ୍‌ଟେନ୍ ମହାପାତ୍ର (ଗ) ପ୍ରୀତି (ଘ)ପୂରବୀ

୧୯. ଗଉଡ କ୍ଷୀର ନ ଦେବାରୁ କଣ କରି ଚଳେଇ ଦେବାକୁ ସୁବ୍ରତ ପ୍ରୀତିକୁ କହିଛନ୍ତି ?
(କ) ଶାଗୁ (ଖ) ପାଲୁ (ଗ) ବାର୍ଲି (ଘ) ଅମୁଲ୍

୨୦. ଯେଉଁ ରୂଢ଼ିର ପଦସଂହତିରେ କ୍ରିୟାପାଦ ନଥାଏ, ତାକୁ କି ରୂଢ଼ି କୁହାଯାଏ ?
(କ) କ୍ରିୟାହିନ ରୂଢ଼ି (ଖ) କ୍ରିୟାଯୁକ୍ତ ରୂଢ଼ି (ଗ) ତୁଳନାତ୍ମକ ରୂଢ଼ି (ଘ) କେଉଁଟି ନୁହେଁ

୨୧. ସାଧନା ହିଁ ସିଦ୍ଧିର ଜନକ - ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି କଣ ?
(କ) ଖୋଳ୍ ପର୍ବତ ମାର ମୂଷା (ଖ) କଷ୍ଟକଲେ କୃଷ୍ଣ ମିଳେ
(ଗ) ଅଳସୁଆର ବାରବାଟୀ ଚାଷ (ଘ) ଜୋର୍ ଯାର ମୁଲକ ତାର

୨୨. ଆଶ୍ଚର୍ଯ୍ୟ ହେବା - ଏହି ଅର୍ଥ ବୁଝାଉଥିବା ରୂଢ଼ିଟି ଲେଖ ?
(କ) କାଠ ହୋଇଯିବା (ଖ) କାମରେ ହାତଦେବା
(ଗ) କାନରେ ହାତଦେବା (ଘ) ମୁହଁରେ ହାତଦେବା

୨୩. ଏକାର୍ଯ୍ୟଟି କରିବା ତୁ ପକ୍ଷେ -------। ଉପଯୁକ୍ତ ରୂଢ଼ି ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର।
(କ) କପାଳ ଲିଖନ (ଖ) ଆକାଶ କୁସୁମ (ଗ) କାଠିକର ପାଠ (ଘ) ବାଆକୁ ବତା

୨୪. ସାପ ପରି ଫଁ ଫଁ ହେବା। ଏହା କି ପ୍ରକାର ରୂଢ଼ି ନୁହେଁ ?
(କ) କ୍ରିୟାହୀନ (ଖ) କ୍ରିୟାଯୁକ୍ତ (ଗ) ତୁଳନାତ୍ମକ (ଘ) କେଉଁଟି ନୁହେଁ

୨୫. ଅରଣ୍ୟ ରୋଦନ -ଏହି ରୂଢ଼ିଟିର ଅର୍ଥ କଣ ?
(କ) ମୂଲ୍ୟହୀନ କଥା (ଖ) ଅନ୍ୟାୟ ବିଚାର (ଗ) ବୃଥା ପ୍ରାର୍ଥନା (ଗ) ଆପ୍ରାଣ ଉଦ୍ୟମ

୨୬. ଶ୍ରୀରାମକୃଷ୍ଣଙ୍କର ମୋଟ କେତେଜଣ ଶିଷ୍ୟ ଥିଲେ ?
(କ) ୩୭ (ଖ) ୨୨ (ଗ) ୮୩ (ଘ) ୧୬

୨୭. ସନ୍ନ୍ୟାସୀର ଯଥାର୍ଥ ବ୍ରତ କଣ ବୋଲି ବିବେକାନନ୍ଦ ଠିକ୍ କରିଥିଲେ ?
(କ) ଇଶ୍ୱର ଶକ୍ତି (ଖ) ତପସ୍ୟା ଓ ସାଧନା (ଗ) ଦରିଦ୍ର ନାରାୟଣଙ୍କର ସେବା (ଘ) ଗୁରୁଭକ୍ତି

୨୮. ପଣ୍ଡିତ ଗୋଦାବରିଶ ମିଶ୍ରଙ୍କର ଆତ୍ମଚିରତର ନାମ କଣ ?
(କ) ଅର୍ଦ୍ଧଶତାବ୍ଦୀର ଓଡିଶା ଓ ତହିଁରେ ମୋ ସ୍ଥାନ (ଖ) ଏକାକୀ ପଥିକ
(ଗ) ମୋ ବାରବୁଲା ଜୀବନ (ଘ) ନିଃସଙ୍ଗ ପଦାତିକ

୨୯. 'କଣାମାମୁଁ' କିଏ ରଚନା କରିଥିଲେ ?
(କ) କୁନ୍ତଳାକୁମାରୀ ସାବତ (ଖ) କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର
(ଗ) ଗୋଦାବରୀଶ ମହାପାତ୍ର (ଘ) ନଟବର ସାମନ୍ତରାୟ

୩୦. "ନିଆଁଖୁଣ୍ଟା"ର ସମ୍ପାଦକ କିଏ ?
(କ) ଗୋଦାବରିଶ ମହାପାତ୍ର (ଖ) ନୀଳକଣ୍ଠ ଦାସ
(ଗ) ଗୌରୀଶଙ୍କର ମିଶ୍ର (ଘ) ସଚ୍ଚିଦାନନ୍ଦ ରାଉତରାୟ

୩୧. କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ ଆତ୍ମଚରିତ ଗ୍ରନ୍ଥର ନାମ କଣ ?
(କ) ଉତ୍ତରକକ୍ଷ (ଖ) ବାବନାଭୁତ (ଗ) ଶୁଖିଲା ନଈର ଧାରେ (ଘ) ମୋ ପ୍ରଶସ୍ତ ଯାତ୍ରା

୩୨. କବି ଭାରତ ମାଆକୁ କଣ ବୋଲି କହିଛନ୍ତି ?
(କ) ବୀର ପ୍ରସବିନୀ (ଖ)ଆର୍ଯ୍ୟଭୂମି (ଗ) ଶକ୍ତିମୟୀ (ଘ) ଦେବଭୂମି ଓ ବୀରଭୂମି

୩୩. ମାଟି ମାର ପାଦଧୂଳିକୁ କବି କେଉଁଠି ବୋଳିବାକୁ ଚାହାନ୍ତି ?
(କ) ଲଲାଟରେ (ଖ) ଦେହରେ (ଗ) ଶରୀରରେ (ଘ) ମୁଣ୍ଡରେ

୩୪. କବି କହାର ମହନୀୟ ଗୁଣାବଳୀ ବର୍ଣ୍ଣନା କରିଛନ୍ତି ?
(କ) ବଣପକ୍ଷୀ (ଖ) ମାଟି ମା (ଗ) ବଣପାହାଡ (ଘ) ନଦୀସମୁଦ୍ର

୩୫. ମନୋରଞ୍ଜନ ଦାସଙ୍କ କେଉଁ ନାଟକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ?
(କ) କାଠ ଘୋଡା (ଖ) ଅରଣ୍ୟ ଫସଲ (ଗ) ସାଗର ମନ୍ଥନ (ଘ) ଶବ୍ଦଲିପି

୩୬. କ୍ୟାପ୍‌ଟେନ୍ ମହାପାତ୍ରଙ୍କ ଶାରୀରିକ ଗଠନ କିପରି ?
(କ) ସୁନ୍ଦର ଅଥଚ ଦୁର୍ବଳ (ଖ) ଅସୁନ୍ଦର ଓ ଦୁର୍ବଳ
(ଗ) କ୍ଷୀଣ ଶରୀର (ଘ) ସ୍ୱାସ୍ଥ୍ୟବାନ୍ ଓ ଲମ୍ବାଚୌଡା

୩୭. ଫଲଗୁ ନାଟିକାର ପରିସମାପ୍ତି ପାଠକଙ୍କ ହୃଦୟରେ କେଉଁ ଭାବ ଉଦ୍ରେକ କରାଏ ?
(କ) କରୁଣ (ଖ) ହାସ୍ୟ (ଗ) ବିଭତ୍ସ (ଘ) ଅଦ୍ଭୁତ

୩୮. ଫଲଗୁ ନାଟିକାର ବର୍ଣ୍ଣନା ଶୈଳୀ କିପରି ହୋଇଛି ?
(କ) ଆଡମ୍ବରପୂର୍ଣ୍ଣ (ଖ) ଆଡମ୍ବର ଶୂନ୍ୟ (ଗ) ସରସ ଓ ସ୍ୱାଭାବିକ (ଘ) ହାସ୍ୟରସାତ୍ମକ

୩୯. ଅତିଥିମାନଙ୍କ ଚର୍ଚ୍ଚାନିମନ୍ତେ ପ୍ରୀତି କାହାକୁ ଟଙ୍କା ଧାର ମାଗିଥିଲେ ?
(କ) ଶ୍ୟାମଘନଙ୍କ ସ୍ତ୍ରୀ (ଖ) ଶ୍ୟାମଘନଙ୍କ ବୋହୂ (ଗ) ଘନଶ୍ୟାମଙ୍କ ସ୍ତ୍ରୀ (ଘ) ଘନଶ୍ୟାମଙ୍କ ପୁଅ

୪୦. 'ଆର୍ଷ ବଚନ' ଅର୍ଥରେ କେଉଁ ଲୋକବାଣୀଟି ପ୍ରଚଳିତ ?
(କ) ନଈସୁଅକୁ ବାଲିବନ୍ଧ (ଖ) କବିତୁଣ୍ଡ ମେଣ୍ଢାମୁଣ୍ଡ
(ଗ) ଯତ୍ନ କଲେ ରତ୍ନମିଳେ (ଘ) ଧୀରକଥାରେ ବଇରିବଶ

### SUBJECTIVE

୧. ଅଧ୍ୟୟନରୁ ଅର୍ଜିତ ଜ୍ଞାନ, ଅଭିଜ୍ଞତା ଓ ଜୀବନର ନିବିଡ ଅନୁଭୂତିରୁ ଜୀବନ୍ୟାସ ପାଇ କ୍ରିୟାଶୀଳ ହୁଏ ଉକ୍ତିଟିର ସାର୍ଥକତା ପ୍ରତିପାଦନ କର।
କିମ୍ବା କେଉଁ କେଉଁ ଘଟଣାବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା, ଆଲୋଚନା କର।

୨. ଅମାପ ଧରିତ୍ରୀ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡେ ଦିନ ରାତି

କିମ୍ବା

ଜନମ କାଳୁ ଯେ ଦେହେ ତୋ ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି

୩. ଯେ କୌଣସି ଗୋଟିଏ ପ୍ରବନ୍ଧ ଲେଖ।
(କ) ବିଜ୍ଞାନର ଉପକାରିତା।
ଉପକ୍ରମ - ବିଜ୍ଞାନର ଉପକାରିତା - ଅପବ୍ୟବହାର ଯୋଗୁଁ କୁପରିଣତି -ଉପସଂହାର
(ଖ) ବାୟୁ ପ୍ରଦୁଷଣ
ଉପକ୍ରମ - ବାୟୁ ପ୍ରଦୂଷଣର କାରଣ - ଭୟାବହତା - ନିରାକରଣ ପଦକ୍ଷେପ - ଉପସଂହାର
(ଗ) ଓଡିଶାର କୃଷି ଓ କୃଷକ
ଉପକ୍ରମ - ପ୍ରାଚୀନ କୃଷି ଓ କୃଷକ - କୃଷିର ସାଂପ୍ରତିକ ପରିସ୍ଥିତି - କୃଷିପାଇଁ ସରକାରୀ ପ୍ରୋତ୍ସାହନ - ଉପସଂହାର

**ଉତ୍ତର:** ୧ (ଘ), ୨ (ଖ), ୩ (ଖ), ୪ (ଖ), ୫ (କ), ୬ (ଗ), ୭ (ଘ), ୮ (ଗ), ୯ (ଘ), ୧୦ (କ), ୧୧ (ଗ), ୧୨.(ଘ), ୧୩ (ଖ), ୧୪ (ଖ), ୧୫ (ଗ), ୧୬ (ଘ), ୧୭ (କ), ୧୮ (ଖ), ୧୯ (ଗ), ୨୦ (କ), ୨୧ (ଖ), ୨୨ (ଗ), ୨୩ (ଗ), ୨୪ (ଗ), ୨୫ (ଗ), ୨୬ (ଘ), ୨୭ (ଗ), ୨୮ (କ), ୨୯ (ଖ), ୩୦ (କ), ୩୧ (କ), ୩୨ (ଘ), ୩୩ (ଘ), ୩୪ (ଖ), ୩୫ (ଖ), ୩୬ (ଘ), ୩୭ (କ), ୩୮ (ଗ), ୩୯ (ଗ), ୪୦ (ଖ)।

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
SARASWATI VIDYA MANDIR
Neelakantha Nagar, Berhampur, GM.



# ପ୍ରପୋଜ୍ ଡେ'

## ମନର ମଣିଷକୁ ହୃଦୟର କଥା



ବସନ୍ତର ଆଗମନ ସହ ଏବେ ଚାରିଆଡ଼ ପ୍ରେମମୟ ହୋଇ ଉଠିଛି । ଇତିମଧ୍ୟରେ ଭାଲେଣ୍ଟାଇନ୍ସ ସପ୍ତାହ ଆରମ୍ଭ ହୋଇଯାଇଛି । ଗୋଲାପ ଦିଆ ନିଆଁତ ସରି ଯାଇଛି । ଏବେ ମନର ମଣିଷକୁ ମନକଥା ଖୋଲି କହିବାକୁ ମନ ଚାହୁଁଛି । ସେ ପୁଣି ଶାଶ୍ୱତ ଓ ଚିରନ୍ତନ ପ୍ରେମର କଥା । ଆଜି ହେଉଛି ପ୍ରେମ ସପ୍ତାହର ଦ୍ୱିତୀୟ ଦିନ ପ୍ରପୋଜ ଡେ' । ମନର ମଣିଷକୁ ଗୋଲାପ ଦେବାପରେ, ହୃଦୟରେ ଚାପିରଖିଥିବା କଥାକୁ ପରସ୍ପର ଆଗରେ ପ୍ରକାଶ କରିବାକୁ, ଏହା ହେଉଛି ସବୁଠାରୁ ଭଲ ସୁଯୋଗ । ହୃଦୟରେ ଅନେକ ଦିନରୁ ସାଇତି ରଖିଥିବା ସେଇ

ପ୍ରେମଭରା କେଇ ପଦ କଥା କହି ପ୍ରେମୀ ଯୁଗଳମାନେ ଏହି ଦିନଟିକୁ ପାଳନ କରିଥାନ୍ତି । ଗତକାଲି ପ୍ରେମୀ ଯୁଗଳମାନେ ଗୋଲାପ ସହ ରୋଜ ଡେ' ପାଳନ କରିଥିବା ବେଳେ ଆଜି ସେହି ଗୋଲାପ ଦେଇ ପରସ୍ପରକୁ ପ୍ରେମ ନିବେଦନ କରିବେ । ବର୍ଷକର କୌଣସି ଦିନ ଜଣେ ଜଣକୁ ପ୍ରେମ ନିବେଦନ କରିପାରିବେ । କିନ୍ତୁ ଭାଲେଣ୍ଟାଇନ୍ସ ସପ୍ତାହର ଦ୍ୱିତୀୟ ଦିବସକୁ ପ୍ରପୋଜ୍ ଡେ' ଭାବେ ପାଳନ କରାଯାଏ । ଏହି ଦିନରେ ଯୁବପିଢ଼ି ପ୍ରେମକୁ ସ୍ୱୀକାର କରିବା ପାଇଁ ଆକର୍ଷଣୀୟ ଫୁଲ ଓ ଉପହାର ସହ ପ୍ରେମିକ/ ପ୍ରେମିକାଙ୍କୁ ପ୍ରେମ ନିବେଦନ କରିଥାନ୍ତି । ପ୍ରେମ କରିବା ସହଜ, କିନ୍ତୁ ସାଥୀଙ୍କୁ ପ୍ରେମ ନିବେଦନ କରିବା ବଡ଼ କଷ୍ଟକର କାମ । ଅନେକ ଲୋକ ନିଜ ମନର କଥା କହି ନ ପାରି ନିଜ ଇପ୍‌ସିତ ପ୍ରେମିକ ବା ପ୍ରେମିକାଙ୍କୁ ହରେଇ ବସିଥାନ୍ତି । ଅବଶ୍ୟ ସୋସିଆଲ ମିଡିଆର ଅଭ୍ୟୁଦୟ ଫଳରେ ପ୍ରେମ ନିବେଦନ କରିବା ସହଜ ହୋଇଛି । ପ୍ରେମିକ ପ୍ରେମିକାମାନେ ମେସେଜ୍ ଦ୍ୱାରା ନିଜର ମନର କଥା କହିପାରୁଛନ୍ତି ।

**ଆଜି ଆସିଥିଲେ**

# ଉତ୍କଳ ଭାରତୀ କୁନ୍ତଳା କୁମାରୀ



ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେ ଜଣ ନାରୀ କବି ଓ ଲେଖିକାଙ୍କର ଆବିର୍ଭାବ ଘଟିଥିଲା ସେମାନଙ୍କ ମଧ୍ୟରେ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ପ୍ରଥମ ଓଡ଼ିଆ ମହିଳା ଡାକ୍ତର ଥିଲେ । ଡାକ୍ତରୀ କୁନ୍ତଳାଙ୍କର ବୃତ୍ତି ଥିଲା; ମାତ୍ର ପ୍ରବୃତ୍ତି ଥିଲା ସାହିତ୍ୟ ସାଧନା । କଳା ପାଇଁ କଳା ନୁହେଁ, ଜୀବନ ପାଇଁ କଳାର ସୃଷ୍ଟିରେ ସେ ବିଶ୍ୱାସୀ ଥିଲେ । ତତ୍‌କାଳୀନ ସମାଜରେ ପୂରି ରହିଥିବା ଅନ୍ଧବିଶ୍ୱାସ, କୁସଂସ୍କାର ବିଶେଷତଃ ନାରୀ ଜୀବନର ବିବିଧ ସମସ୍ୟାକୁ ଦୂରେଇ ଏକ ସୁସ୍ଥ ସୁନ୍ଦର ସମାଜ ଗଠନର ପରିକଳ୍ପନା ସେ କରିଥିଲେ । ଏକାଧାରରେ ସେ ଥିଲେ ଜଣେ କବି, ଔପନ୍ୟାସିକା ତଥା ସମ୍ପାଦିକା । ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଭେଦ ବିରୋଧରେ ସେ ଲେଖୁଥିଲେ ।

୧୯୦୧ ମସିହା ଆଜିର ଦିନରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଳପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ । ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ । ବର୍ମାରେ ହିଁ କୁନ୍ତଳାଙ୍କ ଶୈଶବ ଓ କୈଶୋର ଜୀବନ କଟିଥିଲା । ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ । ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷାଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ । ସେ ଯୁଗରେ ନାରୀ ଶିକ୍ଷା ଆଦୌ ନ ଥିଲା । ଏହି ଶିକ୍ଷା ନିମନ୍ତେ ତାଙ୍କର ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା । ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଭାଷା ଶିଖିଥିଲେ । ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ବିବାହ କରିଥିଲେ । ସେ ଦୁଇ ପୁତ୍ର ଓ ଦୁଇ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ଜଣେ ଉଜ୍ଜ୍ୱଳ ତାରକା । ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା । ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଅନେକ କାବ୍ୟ କବିତା ରଚନା କରି ଯଶସ୍ୱୀ ହୋଇଥିଲେ । କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା । ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ । 'ମହାବୀର', 'ଜୀବନ' ଓ 'ନାରୀ ଭାରତୀ' ଭଳି ହିନ୍ଦୀ ପତ୍ରିକାମାନଙ୍କର ସେ ସମ୍ପାଦିକା ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଓଡ଼ିଆ ଭାଷାର ଉନ୍ନତି କଳ୍ପେ ଦିଲ୍ଲୀରେ ସେ 'ଭାରତୀ ତପୋବନ ସଂଘ' ନାମରେ ଏକ ସମିତି ଗଢିଥିଲେ । ୧୯୨୫ ମସିହାରେ 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ । ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା । ୧୯୩୮ ମସିହା ଅଗଷ୍ଟ ୨୩ରେ ତାଙ୍କର ଅକାଳ ବିୟୋଗ ଘଟିଥିଲା ।

**ଆଜିର ଇତିହାସ**

- ୧୮୯୭- ଭାରତର ପୂର୍ବତନ ରାଷ୍ଟ୍ରପତି ଜାକିର୍ ହୁସେନ୍‌ଙ୍କ ଜନ୍ମ ।
- ୧୯୦୯-ୟୁରୋପୀୟ ଦେଶ ଜର୍ମାନୀ ଓ ଫ୍ରାନ୍ସ ମଧ୍ୟରେ ମରକ୍କୋ ସନ୍ଧି ହେଲା ।
- ୧୯୫୨- ମହାରାଣୀ ଏଲିଜାବେଥ୍ ରାଷ୍ଟ୍ରମଣ୍ଡଳ ଦେଶର ଅଧ୍ୟକ୍ଷା ହେଲେ ।
- ୧୯୭୧- ଲାଓସ୍ ଉପରେ ଦକ୍ଷିଣ ଭିଏତନାମ ସେନା ଆକ୍ରମଣ କଲା ।
- ୨୦୦୮ - ଓଡ଼ିଶାର ଶିଶୁପାଳଗଡ଼ରେ ୨୫୦୦ ବର୍ଷ ପୁରୁଣା ସହର ଠାବ କରାଗଲା ।



# ଆସିବ 'କକ୍‌ଟେଲ୍‌' ସିକ୍ୱେଲ୍‌

ହୋମି ଅଦଜାନିଆଙ୍କ ଫିଲ୍ମ 'କକ୍‌ଟେଲ୍' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା । ୨୦୧୨ ରିଲିଜ୍ ହୋଇଥିବା ଏହି ଫିଲ୍ମଟି ସେତେବେଳେ ୧୨୫ କୋଟି ଆୟ କରିଥିଲା । ଏଥିରେ ଲିଡ୍ ରୋଲରେ ସୈଫ୍ ଅଲ୍ଲୀ ଖାନ୍, ଦୀପିକା ପାଦୁ୍ୟକୋନ୍ ଓ ଡାଏନା ପ୍ୟାଣ୍ଟି ଦେଖାଯାଇଥିଲେ । ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି । ଏହାର ପାର୍ଟ-୨ ବା ସିକ୍ୱେଲ ନିର୍ମାଣ କରାଯିବ । କେବଳ ସେତିକି ନୁହେଁ, ଏଥିରେ ହିରୋଇନ୍‌ମାନଙ୍କୁ ନେଇ ମଧ୍ୟ ଅପଡେଟ୍ ଆସିଛି । ଏହାର ନିର୍ମାତା ଏଥିରେ କାମ କରିବା ପାଇଁ ଅନନ୍ୟା ପାଣ୍ଡେ ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି । ନିକଟରେ ସାରା ଓ ଅନନ୍ୟାଙ୍କୁ ମ୍ୟାଡକ୍ ଫିଲ୍ମସ୍ ବାହାରେ ଦେଖାଯାଇଥିଲା । ଏଥିରୁ ସାରା ଓ ଅନନ୍ୟା, ଦୀପିକା ଓ ଡାଏନାଙ୍କ ସ୍ଥାନ ନେବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି । ଇତିମଧ୍ୟରେ ଏହାର କାହାଣୀ ଉପରେ ମଧ୍ୟ କାମ ଆରମ୍ଭ ହୋଇଥିବା ଜଣାପଡ଼ିଛି ।



# ରିସର୍ଟରେ ପୁରୁଣା ଦିନ

ବହୁ ଲୋକ ବୁଲାବୁଲି କରିବାକୁ ପସନ୍ଦ କରିଥାନ୍ତି । ଲୋକେ ଭ୍ରମଣ କରିବା ସମୟରେ ବଡ଼ ବଡ଼ ହୋଟେଲ କିମ୍ବା ରିସର୍ଟରେ ରହିବାକୁ ପସନ୍ଦ କରନ୍ତି । ଯେଉଁଠି ସବୁ ପ୍ରକାର ସୁଖ ସୁବିଧା ଉପଲବ୍ଧ ହେଉଥିବ । ସ୍ୱିଡେନ୍‌ର କୋଲାରିବିନ୍‌ରେ ଏକ ରିସର୍ଟ ରହିଛି । ଏହି ରିସର୍ଟରେ ରହୁଥିବା ପର୍ଯ୍ୟଟକଙ୍କ ପାଇଁ ପାଣି ଓ ବିଜୁଳି ସୁବିଧା ନାହିଁ । ରିସର୍ଟରେ ୧୨ଟି ଲଜ୍ ରହିଛି । ଏଠାରେ ଘରଗୁଡ଼ିକ ମାଟି ଓ କାଠରେ ତିଆରି ହୋଇଛି । ରିସର୍ଟରେ ରହୁଥିବା ଲୋକେ ପୁରୁଣାକାଳରେ ରହିବା ଭଳି ଅନୁଭବ କରନ୍ତି । ଏହି ସ୍ଥାନରେ ଲୋକଙ୍କ ଖାଇବା ପାଇଁ କୌଣସି ଦୋକାନର ବ୍ୟବସ୍ଥା ମଧ୍ୟ ନାହିଁ । କେବଳ ଗୋଟିଏ ଦୋକାନ ଅଛି, ଯେଉଁଠି କିଛି ଅତ୍ୟାବଶ୍ୟକ ଜିନିଷ ମିଳିଥାଏ । ଖାଇବା ପାଇଁ ଲୋକେ ପୁରୁଣା ଯୁଗ ଭଳି ଫଳର ସନ୍ଧାନ କରିଥାନ୍ତି । ରିସର୍ଟରେ ଥିବା ଝୁମ୍ପୁଡ଼ି ଘରେ ଶୋଇବା ପାଇଁ କେବଳ ଦୁଇଟି ବେଡ୍ ରହିଛି । ଅବଶ୍ୟ ଏଠାକୁ ଆସୁଥିବା ଲୋକେ ପ୍ରକୃତିକୁ ମନଭରି ଉପଭୋଗ କରିଥାନ୍ତି । ଏଠାରେ ରହିବା ପାଇଁ ପର୍ଯ୍ୟଟକଙ୍କୁ ରାତିପିଛା ୭୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ରିସର୍ଟରେ ରହିବା ପୂର୍ବରୁ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ । ସେ ଏଭଳି ସ୍ଥିତିରେ ରହିପାରିବେ କି ନାହିଁ ସେଥିପାଇଁ ଏହି ପରୀକ୍ଷା କରାଯାଏ ।

# ଚାପୁଡ଼ାମାରି କବାଡ଼ି ଖେଳ

ଆମେରିକାରେ ଏକ ଲୋକପ୍ରିୟ ଖେଳ ହେଉଛି 'ସ୍ଲାପ୍ ଫାଇଟିଂ' ବା 'ଚାପୁଡ଼ା ଲଢ଼େଇ' । ସେହିଭଳି ପାକିସ୍ତାନରେ 'ଚାପୁଡ଼ା କବାଡ଼ି' ବେଶ୍ ଲୋକପ୍ରିୟ । ଏହି କବାଡ଼ି ପାକିସ୍ତାନର ପଞ୍ଜାବରେ ବେଶୀ ଖେଳାଯାଏ । କବାଡ଼ି ଖେଳ ପରି ଏଥିରେ ଦୁଇ ପକ୍ଷର ଖେଳାଳି ସାମିଲ ହୋଇଥା'ନ୍ତି । କବାଡ଼ିରେ ପ୍ରତି ଦଳରେ ୭ ଜଣ ଲେଖାଏଁ ଖେଳାଳି ଥିବା ବେଳେ ଚାପୁଡ଼ା କବାଡ଼ିରେ ମାତ୍ର ଜଣେ ଲେଖାଏଁ ପ୍ରତିଦ୍ୱନ୍ଦ୍ୱୀ ଥାଆନ୍ତି । ଏଥିରେ ପ୍ରତିପକ୍ଷ ଖେଳାଳିକୁ ଚାପୁଡ଼ା ମାରିବାକୁ ହୁଏ । ପ୍ରତି ଚାପୁଡ଼ା ପାଇଁ ଏକ ପଏଣ୍ଟ ମିଳିଥାଏ । ତେବେ ନିୟମ ଅନୁସାରେ ଚାପୁଡ଼ା ପ୍ରତିପକ୍ଷ ଖେଳାଳିର ଅଣ୍ଟା ଉପରକୁ ମାରିବାକୁ ହୋଇଥାଏ । ସେହିପରି ଅଣ୍ଟା ତଳକୁ ଚାପୁଡ଼ା ମାରିଲେ ଖେଳରୁ ଓହରିବାକୁ ପଡ଼େ । ତେବେ ଖେଳାଳି ଏଥିରେ ଚାପୁଡ଼ା ଛଡ଼ା ମୁଥ ମାରି ପାରିବେ ନାହିଁ । କବାଡ଼ିରେ ପ୍ରତିପକ୍ଷ ଖେଳାଳିଙ୍କୁ ବିଦା କରିବା ଅନୁସାରେ ପଏଣ୍ଟ ହିସାବ ହେଉଥିବା ବେଳେ ଏଥିରେ ପ୍ରତିପକ୍ଷ ଖେଳାଳିକୁ ନିର୍ବଳ କରି ପରାଜିତ କରିବା ହେଉଛି ଲକ୍ଷ୍ୟ । ଚାପୁଡ଼ା କବାଡ଼ିରେ କୌଣସି ସମୟସୀମା ନଥାଏ । ଏଥିରେ ଖାଲି ଚାପୁଡ଼ା ମାରିମାରି ପ୍ରତିପକ୍ଷ ଖେଳାଳିଙ୍କୁ ଘାଇଲା ଓ ପରାଜିତ କରିବା ଦରକାର । ସେହିପରି କବାଡ଼ିରେ ଅନେକ ନୀତି ନିୟମ ଥିଲା ବେଳେ ଚାପୁଡ଼ା କବାଡ଼ିରେ କେବଳ ତତ୍କାଳ ଚାପୁଡ଼ା ମାରିବା ଛଡ଼ା ଅନ୍ୟ କିଛି ନିୟମ ନାହିଁ । ଖୋଲା ସ୍ଥାନରେ ହେଉଥିବା ଏହି ଖେଳ ଅବଶ୍ୟ ଲୋକଙ୍କ ମନୋରଞ୍ଜନ କରିଥାଏ ।



# ମାଙ୍କଡ ସାଜି କଦଳୀ ଖାଇବାକୁ ୭୦,୦୦୦ ବେତନ

ସମସ୍ତେ ନିଜ ପସନ୍ଦର ଚାକିରି କରିବାକୁ ଚାହାଁନ୍ତି । କେଉଁଠି ଦରମା ଭଲ ଥିଲେ ବାତାବରଣ ଭଲ ହୋଇ ନ ଥାଏ । ଆଉ କେଉଁଠି କର୍ମଚାରୀ ଭଲ ନ ଥିବା ବେଳେ ଆଉ କେଉଁଠି ଖାଦ୍ୟ ଭଲ ମିଳି ନ ଥାଏ । ତଥାପି ଲୋକେ ଗୁଜୁରାଣ ମେଣ୍ଟାଇବା ପାଇଁ ଚାକିରି କରନ୍ତି । ଏସବୁ ବାଦ୍ ଏମିତି କିଛି ଚାକିରି ଅଛି ଯାହାବାବଦରେ ଶୁଣି ଯେକେହି ଆଶ୍ଚର୍ଯ୍ୟପ୍ରକାଶ କରିବେ । ଏମିତି ଏକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ଚୀନ୍, ହେବେଇ ପ୍ରାନ୍ତରେ ବୁଝିଶାନ୍ ସିନିକ ଅଞ୍ଚଳରେ । ଏହି ଅଞ୍ଚଳ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳ । ଏଠାରେ 'ମଙ୍କି କିଙ୍ଗ୍' ନାମକ ଚାକିରି ପାଇଁ ଜଣେ ବ୍ୟକ୍ତିଙ୍କୁ ମାଙ୍କଡ଼ ବେଶ ଧାରଣ କରି ଗୁମ୍ଫାରେ ରହିବାକୁ ହେବ । ଏହାସହ ମାଙ୍କଡ଼ଙ୍କ ପାଇଁ ପର୍ଯ୍ୟଟକମାନେ ଦେଉଥିବା କଦଳୀକୁ ଖାଇବାକୁ ପଡ଼ିବ । ଚୀନ୍ କିମ୍ବଦନ୍ତୀରେ



'ମଙ୍କି କିଙ୍ଗ୍' ଏକ ଲୋକପ୍ରିୟ ଚରିତ୍ର । ତେଣୁ ଏବେ 'ମଙ୍କି କିଙ୍ଗ୍' ଚରିତ୍ରକୁ ଜୀବନ୍ତ କରିବା ପାଇଁ ଏହି ନିଯୁକ୍ତି ସୃଷ୍ଟି କରାଯାଇଛି । ଏଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ଦରମା ବାବଦରେ ୭୦,୦୦୦ଟଙ୍କା ମିଳିବ । ପ୍ରାର୍ଥୀ କେବଳ ମଙ୍କି କିଙ୍ଗ୍ ରୂପ ଧାରଣ କରି ପର୍ଯ୍ୟଟକଙ୍କ ମନୋରଞ୍ଜନ କରିବା ସହ ସେମାନେ ଦେଉଥିବା କଦଳୀକୁ ଖାଇବାକୁ ହେବ । ଏହି ପଦ ପାଇଁ ଦୁଇ ଜଣ ବ୍ୟକ୍ତିଙ୍କୁ ଚୟନ କରାଯାଇଛି । ତେବେ ଥଣ୍ଡାରୁ ଉପଶମ ପାଇଁ ଗୁମ୍ଫା ଭିତରେ ଏକ ଇଲେକ୍ଟ୍ରିକ୍ ହିଟର ବ୍ୟବସ୍ଥା କରାଯାଇଛି ।

**ଆଜିର ରାଶିଫଳ**

**ମେଷ:** ପରିବାରବର୍ଗଙ୍କ ମଧ୍ୟରେ ବୁଝାମଣା ରହିବ । ବିଦ୍ୟାର୍ଥୀଙ୍କ ପାଇଁ ଭଲ ସମୟ । ସାହିତ୍ୟ, କଳା କ୍ଷେତ୍ରରେ ସମ୍ମାନିତ ହେବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନିଅନ୍ତୁନି । ମହିଳାମାନେ ସ୍ୱାଧୀନମନା ହେବେ ।

**ବୃଷ:** ଘରୋଇ କଳି ସମସ୍ୟା ଉପୁଜିପାରେ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ନୂତନ ବ୍ୟବସାୟ ଆରମ୍ଭ କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଧନପ୍ରାପ୍ତି ଯୋଗ ରହିଛି ।

**ମିଥୁନ:** ନିବେଶ ପାଇଁ ସମୟ ଅନୁକୂଳ । କର୍ମକ୍ଷେତ୍ରରେ ହସଖୁସି ଲାଗିରହିବ । ଜରୁରି କାର୍ଯ୍ୟରେ ଦୂରସ୍ଥାନ ଯାତ୍ରା କରିପାରନ୍ତି । ଅଧିକ ପରିଶ୍ରମ କରିପାରନ୍ତି । ଗଣେଶଙ୍କ ଦର୍ଶନ କରନ୍ତୁ ।

**କର୍କଟ:** ପ୍ରେମ ସମ୍ପର୍କରେ ତିକ୍ତତା ଦେଖାଦେବ । କାର୍ଯ୍ୟକ୍ଷେତ୍ରରେ ଅଧିକ ଚାପ ରହିବ । ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରନ୍ତି । ପତ୍ନୀଙ୍କୁ ଦାମୀ ଉପହାର ଦେଇପାରନ୍ତି । ଧନପ୍ରାପ୍ତି ହେବ ।

**ସିଂହ:** ଅନ୍ୟକୁ ଧାରଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୋର୍ଟକଚେରୀ ମାମଲା ଆପଣଙ୍କ ପାଇଁ ନକାରାତ୍ମକ ରହିପାରେ । ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ ।

**କନ୍ୟା:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ପାରିବାରିକ ହସଖୁସି ଲାଗିରହିବ । ପରିଶ୍ରମର ଫଳ ପାଇବେ ।

**ତୁଳା:** ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । କାର୍ଯ୍ୟକ୍ଷେତ୍ରରେ ଉଚ୍ଚଅଧିକାରୀଙ୍କ ଆଶୀର୍ବାଦ ମିଳିବ । ଆପଣଙ୍କ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ପାଇବ । ବିତ୍ତୀୟ ସଫଳତା ପାଇଁ ନୂତନ ବିଚାର କରିବେ ।

**ବିଛା:** ଭବିଷ୍ୟତ ପାଇଁ ସଞ୍ଚୟ କରିବେ । ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଜମିଜମା ବିବାଦ ସୃଷ୍ଟି ହୋଇପାରେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ଧନୁ:** ସାମାଜିକ ଓ ଧାର୍ମିକ ସମାରୋହରେ ସାମିଲ ହେବେ । ଆଶା କରିଥିବା ଦିଗରୁ ନିରାଶା ହୋଇପାରନ୍ତି । ମହିଳାମାନେ ଉଚ୍ଚାଭିଳାଷୀ ହେବେ । ରାଜନୀତିରେ ସକ୍ରିୟ ହେବେ । ବାଣିଜ୍ୟରେ ଉତ୍ତମ ଲାଭ ମିଳିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ରାଜନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ କିଛି ନୂତନ ଦାୟିତ୍ୱ ମିଳିବ । ବିବାଦୀୟ ପରିସ୍ଥିତିରେ ମଧ୍ୟ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ । ପିଲାଙ୍କ ସଫଳତାରେ ଅଭିଭାବକ ମାନେ ଆନନ୍ଦ ଅନୁଭବ କରିବେ ।

**ମୀନ:** ସଫଳତା ହାସଲ କରିବେ । ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରିବେ । ଆୟ ଅନୁସାରେ ବ୍ୟୟ ବଢ଼ିବ । ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ । ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

# ଛଣାଛଣି ଖାଉଥିଲେ ...

**ପିଲାଠୁ ବୁଢ଼ା ସମସ୍ତେ ଛଣାଛଣି ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ବିଶେଷ କରି ଥଣ୍ଡା ପାଗରେ ଅଧିକାଂଶ ଲୋକେ ତେଲଭାଜି ଖାଇଥାଆନ୍ତି । ତେବେ ଆବଶ୍ୟକତାଠାରୁ ଅଧିକ ଛଣାଛଣି ଖାଇବା ଦ୍ୱାରା ଏସିଡିଟି, ଅଜୀର୍ଣ୍ଣ, ମୋଟାପଣ ଆଦି ସମସ୍ୟା ସୃଷ୍ଟି ହୋଇଥାଏ । ସେଥିପାଇଁ ତେଲଭାଜି ଖାଦ୍ୟ ଖାଇବା ସମୟରେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ ।**



- ଛଣାଛଣି ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇବା ଅନୁଚିତ । ଖାଇବାର କିଛି ସମୟ ପରେ ହାଲକା ଉଷୁମ ପାଣି ପିଇବା ଦ୍ୱାରା ଏହା ସହଜରେ ହଜମ ହୋଇଯାଏ । ଏସିଡିଟି ସମସ୍ୟା ମଧ୍ୟ ସୃଷ୍ଟି ହୋଇ ନ ଥାଏ ।
- ଛଣାଛଣି ଖାଦ୍ୟ ଖାଇଲା ପରେ କିଛି ସମୟ ଚାଲନ୍ତୁ । ଏହା ଦ୍ୱାରା ଖାଦ୍ୟ ଭଲଭାବେ ହଜମ ହେବା ସହ ପେଟ ହାଲୁକା ଲାଗିଥାଏ । ଆସ୍ତେ ଆସ୍ତେ ନ ଚାଲି ଜୋରରେ ଚାଲିବା ଉଚିତ ।
- ଛଣାଛଣି ଖାଇବା ପରେ ହାଲ୍‌କା ଖାଦ୍ୟ ଖାଇବା ପାଇଁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ପେଟକୁ ଆରାମ ମିଳିଥାଏ ।
- ଅଧିକ ଛଣାଛଣି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ହେବାର ସମ୍ଭାବନା ଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଏହାକୁ ଖାଇବାର କିଛି ସମୟ ପରେ ଡ୍ରାଏ ଫ୍ରୁଟ୍ସ ଓ ଫଳ ନିଶ୍ଚୟ ଖାଆନ୍ତୁ ।
- ଛଣାଛଣି ଖାଦ୍ୟ ଖାଇବା ପରେ ଥଣ୍ଡା ଜିନିଷ ଆଦୌ ଖାଇବା ଉଚିତ ନୁହେଁ । ଏହା ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ।

ଆଇସିସି ଟେଷ୍ଟ ମାନ୍ୟତା

# ବୁମ୍ରା ପ୍ରଥମ ନଂ ୧ ଭାରତୀୟ ଦ୍ରୁତ ବୋଲର



ଦୁବାଇ,୭ ।୨(ଏଜେନ୍ସି)

ଯଶପ୍ରୀତ ବୁମ୍ରା ପ୍ରଥମ ଭାରତୀୟ ଦ୍ରୁତ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବୋଲିଂ ମାନ୍ୟତାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ପ୍ରକାଶିତ ତାଲିକାରେ ୩ଟି ପାହାଚ ଉପରକୁ ଉଠି ବୁମ୍ରା ୮୮୧ ରେଟିଂ ପଏଣ୍ଟ ପାଇ ପ୍ରଥମଥର ପାଇଁ ଶୀର୍ଷକୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରେ ଦମ୍‌ଦାର ବୋଲିଂ କରି ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ଟେଷ୍ଟରେ ୬ ଓ ଦ୍ୱିତୀୟ ଟେଷ୍ଟରେ ୯ ୱିକେଟ ହାସଲ କରି ମୋଟ ୧୫ ୱିକେଟ ହାସଲ କରିଛନ୍ତି। ଏଥିସହ ୩ଟି ଫର୍ମାଟ୍‌ରେ ସେ ଭାରତୀୟ ବୋଲର ଭାବେ ନଂ୧ ସ୍ଥାନ ହାସଲ କରିଛନ୍ତି। ଭାରତୀୟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଦୁଇଟି ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡ଼ା ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ରବିନ୍ଦ୍ର ଜାଡେଜା ୯ମ ସ୍ଥାନରେ ରହିଛନ୍ତି। ବୁମ୍ରାଙ୍କ ପୂର୍ବରୁ କୌଣସି ଭାରତୀୟ ଦ୍ରୁତ ବୋଲର ବୋଲିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରି ନଥିଲେ। ତେବେ ବୋଲିଂ କିମ୍ବଦନ୍ତୀ କପିଳଦେବ ୧୯୭୯ ଡିସେମ୍ବରରେ ଦ୍ୱିତୀୟ ସ୍ଥାନ ଅଧିକାର ଥିଲେ। ସେହିପରି ୨୦୧୦ ଅକ୍ଟୋବର-ନଭେମ୍ବରରେ ଜାହିର ଖାନ୍ ଆଇସିସି ବୋଲିଂ ତାଲିକାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୁମ୍ରା ଏପର୍ଯ୍ୟନ୍ତ ୩୪ଟି ଟେଷ୍ଟ ଖେଳି ୬୫ଟି ପାଳିରେ ୨୦.୧୯ ହାରରେ ମୋଟ ୧୫୫ଟି ୱିକେଟ ହାସଲ କରିଛନ୍ତି। ପୂର୍ବରୁ ସେ ଦ୍ରୁତତମ ଭାରତୀୟ ବୋଲର ଭାବେ ୧୫୦ଟି ଟେଷ୍ଟ ୱିକେଟ ହାସଲ କରି ରେକର୍ଡ କରିଥିଲେ। କିନ୍ତୁ ମୋଟ ଉପରେ ଦେଖିବାକୁ ଗଲେ ସେ ୧୫୦ ଟେଷ୍ଟ ୱିକେଟ ହାସଲ କରିବାରେ ତୃତୀୟ ଭାରତୀୟ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ୩୪ଟି ଟେଷ୍ଟ ଖେଳି ବୁମ୍ରା ୧୫୦ ୱିକେଟ ହାସଲ କରିଥିଲେ। ପୂର୍ବରୁ ଅଶ୍ୱିନ ୨୯ ଓ ଜାଡେଜା ୩୨ଟି ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟର ଅତିକ୍ରମ କରିଥିଲେ।

## ଶ୍ରେଷ୍ଠ-୫ରେ ୩ ଭାରତୀୟ ଅଲରାଉଣ୍ଡର

ସେହିପରି ଅଲରାଉଣ୍ଡର ତାଲିକାର ଶ୍ରେଷ୍ଠ-୫ରେ ୩ଜଣ ଭାରତୀୟ ସ୍ଥାନିତ ହୋଇଛନ୍ତି। ଶୀର୍ଷରେ ଜାଡେଜା, ଦ୍ୱିତୀୟ ସ୍ଥାନରେ ଅଶ୍ୱିନ ଓ ଅକ୍ଷର ପଟେଲ ଗୋଟିଏ ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ବ୍ୟାଟିଂ ତାଲିକାରେ ଯଶସ୍ୱୀ ଜୟସ୍ୱାଲ ୩୭ଟି ପାହାଚ ଉପରକୁ ଉଠି ୨୯ତମ ସ୍ଥାନରେ ପହଞ୍ଚିଛନ୍ତି। ପ୍ରଥମ ଦୁଇଟି ଟେଷ୍ଟ ଖେଳି ନଥିବା ବିରାଟ କୋହଲି ଗୋଟିଏ ପାହଚ ତଳକୁ ଖସି ସପ୍ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ-୧୦ରେ ସ୍ଥାନ ପାଇଥିବା ସେ ଏକମାତ୍ର ଭାରତୀୟ ବ୍ୟାଟର ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଦ୍ୱିତୀୟ, ଇଂଲଣ୍ଡର ଜୋ ରୁଟ୍ ତୃତୀୟ ସ୍ଥାନରେ ରହିଛନ୍ତି।

# ତୃତୀୟ ଓ ଚତୁର୍ଥ ଟେଷ୍ଟ ଖେଳି ନ ପାରନ୍ତି କୋହଲି

**ନୂଆଦିଲ୍ଲୀ, ୭।୨ (ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ପ୍ରମୁଖ ବ୍ୟାଟର ବିରାଟ କୋହଲି ଏବେ ଭାରତରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଏବଂ ଚତୁର୍ଥ ଟେଷ୍ଟ ଖେଳି ନ ପାରନ୍ତି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ରାଜକୋଟରେ ତୃତୀୟ ଟେଷ୍ଟ ଫେବୃଆରୀ ୧୫ରୁ ଏବଂ ଚତୁର୍ଥ ଟେଷ୍ଟ ଫେବୃଆରୀ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଦ୍ୱିତୀୟ ଟେଷ୍ଟରୁ ବିଶ୍ରାମ ନେଇଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ତୃତୀୟ ଟେଷ୍ଟ ଲାଗି ଦଳକୁ ଫେରିବା ପ୍ରାୟ ନିଶ୍ଚିତ। ସେହିପରି ଦୁଇ ଆହତ ଖେଳାଳି ଲୋକେଶ ରାହୁଲ ଓ ରବିନ୍ଦ୍ର ଜାଡେଜା ତୃତୀୟ ଟେଷ୍ଟ ପୂର୍ବରୁ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି। ଫିଜିଓ ଫିଟ୍ ହେବା ସମ୍ପର୍କରେ ସାର୍ଟିଫିକେଟ ଦେବା ପରେ ସେମାନଙ୍କ କଥା ବିଚାରକୁ ନିଆଯିବ। ତୃତୀୟ ଟେଷ୍ଟ ଆରମ୍ଭ ହେବାକୁ ଆଉ ସପ୍ତାହେ ବାକିଥିବା ବେଳେ ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଭାରତୀୟ ଦଳ ଘୋଷଣା କରାଯିବ।



କିନ୍ତୁ କୋହଲିଙ୍କ ଲାଗି ଚୟନକର୍ତ୍ତା ଅଡୁଆରେ ପଡ଼ିଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରେ ଖେଳି ନଥିଲେ। ଏବେ ସେ ଚୟନ ଲାଗି ଉପଲବ୍ଧ କି ନୁହେଁ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ଏଣୁ ତୃତୀୟ ଟେଷ୍ଟ ଲାଗି ଦଳ ଚୟନ ବିଳମ୍ବ ହେଉଛି। କୋହଲି ଦ୍ୱିତୀୟଥର ପିତା ହେବାକୁ ଯାଉଛନ୍ତି ବୋଲି ରୟାଲ ଚ୍ୟାଲେଞ୍ଜର୍ସରେ ଖେଳୁଥିବା ସାଥିଖେଳାଳି ଦକ୍ଷିଣ ଆଫ୍ରିକାର ଏବି ଡି ଭିଲର୍ସଙ୍କ ସୂଚନା କେବଳ ପଦାକୁ ଆସିଛି। ବୁଧବାର ରିପୋର୍ଟ ଅନୁଯାୟୀ କୋହଲିଙ୍କର ୫ମ ଟେଷ୍ଟ ଖେଳିବା ମଧ୍ୟ ଆଶଙ୍କା ମଧ୍ୟରେ ରହିଛି।

● ଡବ୍ଲ୍ୟୁଟିସି ଅଙ୍କ ତାଲିକା

# ତୃତୀୟକୁ ଖସିଲା ଭାରତ

**ଦୁବାଇ,୭ ।୨(ଏଜେନ୍ସି):** ସଦ୍ୟ ପ୍ରକାଶିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଅଙ୍କ ତାଲିକାରେ ବଡ଼ ପରିବର୍ତ୍ତନ ହୋଇଛି। ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିବା ଦ୍ୱାରା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆକୁ ହଟାଇ ଶୀର୍ଷ ସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନରେ ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ମ ସ୍ଥାନରେ ରହିଛି। ବାଂଲାଦେଶ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ପାକିସ୍ତାନ ୫ମ, ୱେଷ୍ଟଇଣ୍ଡିଜ ଷଷ୍ଠ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ୩ଟି ଟେଷ୍ଟ ଖେଳିଛି। ବାଂଲାଦେଶ ବିପକ୍ଷରେ ଦୁଇଟି ଟେଷ୍ଟ ଅମୀମାଂସିତ ରଖିବା ପରେ ଦକ୍ଷିଣ ଆଫ୍ରିକାରେ ବିପକ୍ଷ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୬୬.୬୬ ପର୍ସେଣ୍ଟେଜ ପଏଣ୍ଟ (ପିସିଟି) ଓ ୨୪ ପଏଣ୍ଟ ହାସଲ କରିଛି। ସେହିପରି ଅଷ୍ଟ୍ରେଲିଆ ୧୦ଟି ଟେଷ୍ଟ ଖେଳି ୬ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୫୫.୦୦ ପିସିଟି ସହ ଦ୍ୱିତୀୟ ଓ ଭାରତ ୬ଟି ମ୍ୟାଚ୍ ଖେଳି ୩ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର ସହ ୫୨.୭୭ ପିସିଟି ସହ ତୃତୀୟ ସ୍ଥାନରେ ରହିଛି।

# ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ-ଲିଗ୍: ଭାରତର ହ୍ୟାଟ୍ରିକ୍ ପରାଜୟ



ଭୁବନେଶ୍ୱର,୭ ।୨(ସମିସ)

ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ମହିଳା ପ୍ରୋ ଲିଗ୍‌ରେ ଆୟୋଜକ ଭାରତ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। ବୁଧବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ ଭାରତ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ତରଫରୁ ଗ୍ରେସ୍ ଷ୍ଟୁଆର୍ଟ ୧୯ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ, ଟାଟୁମ ଷ୍ଟୁଆର୍ଟ ୨୩ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଓ ଶେଷରେ ୫୫ତମ ମିନିଟ୍‌ରେ ନୋବ୍ସ କାଇଟ୍‌ଲିନ୍ ଫିଲ୍ଡ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଏକପାଖିଆ ଏହି ମ୍ୟାଚ୍‌ରେ ଭାରତର ରକ୍ଷଣଭାଗ ଓ ଅଗ୍ରଭାଗ ଖେଳାଳିଙ୍କ ଦୁର୍ବଳତା ପଦାରେ ପଡିଥିଲା। ଏହାପୂର୍ବରୁ ଭାରତ ୧-୩ ଗୋଲରେ ନେଦରଲାଣ୍ଡସଠାରୁ ଓ ୧-୨ ଗୋଲରେ ଚୀନ୍‌ଠାରୁ ପରାସ୍ତ ହୋଇଥିଲା। ଲିଗ୍‌ରେ ଏଥର ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ପଏଣ୍ଟ ତାଲିକାରେ ଖାତା ଖୋଲି ନପାରି ଭାରତ ଅଷ୍ଟମ ସ୍ଥାନରେ ରହିଛି।

## ଆମେରିକାକୁ ହରାଇଲା ଚୀନ୍

ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଚୀନ୍ ୩-୧ ଗୋଲରେ ଆମେରିକାକୁ ପରାସ୍ତ କରିଛି। ମେଇରଙ୍ଗ ଜୋଉ ୮ମ ମିନିଟ୍‌ରେ, ୱେନ ଡାନ ୨୬ ଓ ୪୭ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଚୀନ୍‌କୁ ଅଗ୍ରଣୀ କରାଇଥିଲେ। ତେବେ ଆମେରିକା ତରଫରୁ ଜ୍ୟାକଲିନ୍ ସମଫେଷ୍ଟ ୫୮ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ।

# 'ଆଇପିଏଲ୍ ଖେଳିବେ ପନ୍ତ'



**ନୂଆଦିଲ୍ଲୀ,୭ ।୨(ଏଜେନ୍ସି):** କାର ଦୁର୍ଘଟଣାରେ ଆହତ ହୋଇ ପାଖାପାଖି ୧୪ ମାସ ହେବ କ୍ରିକେଟରୁ ଦୂରେଇ ରହିଥିବା ଭାରତୀୟ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବେ। ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ ଏ ନେଇ ବୁଧବାର ସୂଚନା ଦେଇଛନ୍ତି। ପନ୍ତ ଦିଲ୍ଲୀ ପାଇଁ ଖେଳିବେ ବୋଲି ନିଜେ କହିଥିବା କଥା ସେ କହିଛନ୍ତି। ତେବେ ପନ୍ତ ୱିକେଟରକ୍ଷଣ ଓ ନେତୃତ୍ୱ ନେବା ନେଇ କିଛି ନିଶ୍ଚିତ ହୋଇନାହିଁ। କିନ୍ତୁ ସେ ବ୍ୟାଟିଂ କରିବେ। ତେବେ ପନ୍ତ ସବୁ ମ୍ୟାଚ୍ ଖେଳିବା ସହ ୱିକେଟରକ୍ଷଣ କରିବାକୁ ଚାହିଁବେ ବୋଲି ପଣ୍ଟିଂ କହିଛନ୍ତି। ପନ୍ତ ୨୦୨୨ ଡିସେମ୍ବର ପରେ କ୍ରିକେଟ ଖେଳିନାହାନ୍ତି। ୨୦୨୨ ଡିସେମ୍ବର ୩୦ରେ ସେ ଦିଲ୍ଲୀରୁ ଡେରାଡୁନସ୍ଥିତ ନିଜ ଘରକୁ ଯିବା ବେଳେ ରୁରକି ନିକଟ୍‌ରେ କାର ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ସେବେଠାରୁ ସେ ଫିଟ୍‌ନେସ ହାସଲ କରିବା ପାଇଁ ସଂଘର୍ଷ କରିଆସୁଛନ୍ତି।

# ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

କଟକ,୭।୨(ସମିସ)

୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବୁଧବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳ ୧୩୨ରନରେ ସିକିମ୍‌କୁ ପରାସ୍ତ କରିବା ସତ୍ତ୍ୱେ ପଏଣ୍ଟ ଆଧାରରେ ଦଳ ପ୍ରତିଯୋଗିତାରୁ ବାଦ ପଡ଼ିଛି। ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ୭ଟି ମ୍ୟାଚ୍‌ରୁ ୪ଟି ବିଜୟ ଏବଂ ୩ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ପଏଣ୍ଟ ସାରଣୀର ୫ମ ସ୍ଥାନରେ ରହିଛି। ଏହି ଗ୍ରୁପରୁ ରାଜସ୍ଥାନ ଏବଂ ହରିୟାଣା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମୁମ୍ବଇର ଶରଦ ପାୱାର କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ବୁଧବାର ସିକିମ ବିପକ୍ଷ ମ୍ୟାଚ୍ ଖେଳାଯାଇଥିଲା। ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୭ ୱିକେଟ ହରାଇ ୨୪୧ରନ ସଂଗ୍ରହ କରିଥିଲା। କୁସୁମ ତିରିଆ ସର୍ବାଧିକ ୯୧ରନ କରିଥିଲେ। ଜିଏମ ଅଲକାନନ୍ଦ ୪୬ରନ ଏବଂ ରୋଶନୀ ବର୍ଗର୍ତ୍ତି ୪୧ରନର ପାଳି ଖେଳିଥିଲେ। ସିକିମର ରବିକା ଛେତ୍ରୀ ଏବଂ ସବିତା ୨ଟି ଲେଖାଏ, ଲିଜା ଏବଂ ଏଲ. ଲେପଚାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।





ଜବାବରେ ୨୪୨ରନ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସିକିମ୍ ମାତ୍ର ୧୦୯ରନରେ ଅଲଆଉଟ ହୋଇଥିଲା। ଲିଜା ସର୍ବାଧିକ ୩୬ରନ କରିଥିବା ବେଳେ ୬ ଖେଳାଳି ଖାତା ଖୋଲି ପାରିନଥିଲେ। ଓଡ଼ିଶାର ସୋନାଲୀ ହେମ୍ବ୍ରମ, ତରଣା ପ୍ରଧାନ ଏବଂ ବିଜୟଲକ୍ଷ୍ମୀ ବେହେରା ୨ଟି ଲେଖାଏ, ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଏବଂ ଅନିତା ସିଂହ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ପ୍ରଥମ ଟେଷ୍ଟ: ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

ମାଉଣ୍ଟ ମାଉନଗାନୁଇ,୭ ।୨(ଏଜେନ୍ସି)

ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ବୁଧବାର ଚତୁର୍ଥ ଦିବସରେ ୨୮୧ରେ ବିଜୟ ହାସଲ କରିଛି। ଏଥିସହ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ପାଳିରେ ୨୪୦ ରନର ଶତକୀୟ ପାଳି ଖେଳିଥିବା ନ୍ୟୁଜିଲାଣ୍ଡ ମଧ୍ୟକ୍ରମ ବ୍ୟାଟର ରଚିନ ରବିନ୍ଦ୍ର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ପାଳିରେ ୩୪୯ ରନର ବୃହତ୍ ଅଗ୍ରଣୀ ହାସଲ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳିରେ ବୁଧବାର ୪୩ ଓଭରରେ ୪ ୱିକେଟ ହରାଇ ୧୭୯ ରନକରି ପାଳି ଘୋଷଣା କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୫୨୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮୦ ଓଭରରେ ୨୪୭ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଦ୍ୱିତୀୟ ପାଳିରେ ଦକ୍ଷିଣ ଆଫ୍ରିକା ତରଫରୁ ଡେଭିଡ୍ ବେଡିଂହାମ ସର୍ବାଧିକ ୮୭, ଜୁବେର ହମ୍‌ଜା ୩୬, ରେନାର୍ଡ ଭାନ ଟୋଣ୍ଡୋର ୩୧ ରନକରି ଆଉଟ ହୋଇଥିବା ବେଳେ ରୁଆନ ଡି ସ୍ୱାର୍ଟ ୩୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର କାଏଲ ଜେମିସନ ସର୍ବାଧିକ ୪ ଓ ମିଚେଲ ସାଣ୍ଟନର ୩ ୱିକେଟ ନେଇଥିଲେ। ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୭୯/୪ରେ ହିଁ ନ୍ୟୁଜିଲାଣ୍ଡ ପାଳି ଘୋଷଣା କରି ଦକ୍ଷିଣ ଆଫ୍ରିକାକୁ ଦ୍ୱିତୀୟ ପାଳି ଆରମ୍ଭ କରିବାକୁ ସୁଯୋଗ ଦେଇଥିଲା। ପୂର୍ବରୁ ଟସ୍ ହାରି ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୧୪୪ ଓଭରରେ ୫୧୧ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୭୨.୫ ଓଭରରେ ୧୬୨ ରନକରି ଅଲଆଉଟ ହୋଇ ପଛରେ ପଡିଥିଲା। ଏହି ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ପଦାର୍ପଣ କରିଥିଲେ ଓ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି।



# 'ଖରାପ ଫର୍ମ କାରଣରୁ ବିଦାହେଲେ ରୋହିତ'

**ମୁମ୍ବାଇ,୭ ।୨(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ପଦରୁ ରୋହିତ ଶର୍ମା ବିଦା ହେବାରେ ବହୁ ବିବାଦ ଓ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଏବେ ଏ ନେଇ ମୁମ୍ବାଇ ପ୍ରଶିକ୍ଷକ ମାର୍କ ବାଉଚର ସଫେଇ ଦେଇଛନ୍ତି। ଗତ ଦୁଇ ସଂସ୍କରଣରେ ସେ ରନ ସଂଗ୍ରହ କରିପାରୁ ନଥିଲେ। ଖରାପ୍ ଫର୍ମ କାରଣରୁ ସେ ତାଙ୍କୁ ନେତୃତ୍ୱରୁ ଅବ୍ୟାହତି ଦିଆଯାଇଥିଲା। ନେତୃତ୍ୱ ନେଉଥିବାରୁ ସେ ଚାପର ସମ୍ମୁଖୀନ ହୋଇଥିଲେ। ଏବେ କିନ୍ତୁ ସେ ବିନା ଚାପରେ ବ୍ୟାଟିଂ କରିବେ ବୋଲି ସେ କହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଟ୍ରେଡ୍ ଜରିଆରେ ଗୁଜରାଟ ଟାଇଟନ୍ସଠାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ସାମିଲ କରିଥିଲା। ଏଥିସହ ଚଳିତ ବର୍ଷ ନୀଲାମି ପୂର୍ବରୁ ରୋହିତଙ୍କୁ ନେତୃତ୍ୱରୁ ହଟାଇ ହାର୍ଦ୍ଦିକଙ୍କୁ ନୂଆ ଅଧିନାୟକ ନିଯୁକ୍ତ କରାଯାଇଥିଲା। ଏବେ ରୋହିତ ଆହୁରି ଉନ୍ନତ ପ୍ରଦର୍ଶନ କରିବେ।

● ୱାର୍ଲ୍ଡ ଆକ୍ୱାଟିକ୍ ଚାମ୍ପିଅନସିପ୍

# ଡାଇଭିଂରେ ଚାଇନାକୁ ଦ୍ୱିତୀୟ ସ୍ୱର୍ଣ୍ଣ



**ଦୋହା, ୭।୨(ଏଜେନ୍ସି):** ଏଠାରେ ଚାଲିଥିବା ୱାର୍ଲ୍ଡ ଆକ୍ୱାଟିକ ଚାମ୍ପିଅନସିପ୍‌ରେ ଚାଇନାର ପ୍ରତିଯୋଗୀମାନେ ଡାଇଭିଂରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍କ୍ରୋନାଇଜ୍‌ଡ ୧୦ ମିଟର ପ୍ଲାଟଫର୍ମରେ କ୍ୱାନ୍ ହଙ୍ଗଚାନ ଓ ଚେନ୍ ୟୁଭି ପ୍ରଥମ ସ୍ଥାନ ଅଧିକାର କରି ଏହି ସଫଳତା ପାଇଛନ୍ତି। ହାମାଦ ଆକ୍ୱାଟିକ୍ ସେଣ୍ଟରରେ ପୂର୍ବରୁ ଖେଳାଯାଇଥିବା ବ୍ୟକ୍ତିଗତ ଇଭେଣ୍ଟରେ ଉଭୟ ପ୍ରତିଯୋଗୀ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲାବେଳେ ଏହା ସେମାନଙ୍କର କ୍ରମାଗତ ତୃତୀୟ ବିଶ୍ୱ ଟାଇଟଲ। ଆର୍ଟିଷ୍ଟିକ୍ ସୁଇମିଂରେ ଚାଇନା ବିଜୟୀ ହୋଇଛି। ସେହିପରି ସୋଲୋ ଫ୍ରି'ରେ କାନାଡାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ଚାମ୍ପିଅନସିପ୍‌ରେ କାନାଡା ୧୯୯୧ ପରେ ପ୍ରଥମଥର ସ୍ୱର୍ଣ୍ଣ ପଦକ ଜିତିବାକୁ ସମର୍ଥ ହୋଇଛି। ସୂଚନାଯୋଗ୍ୟ ସିଙ୍କ୍ରୋନାଇଜ୍‌ଡ ସୁଇମିଂରେ ଚାଇନା କ୍ରମାଗତ ୧୩ଥର ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଛି।

୩ଟି ଦେଶରେ ହେବ ଫିଫା ବିଶ୍ୱକପ୍ ୨୦୨୬

# ୪୮ ଦେଶ ଖେଳିବେ ୧୦୪ ମ୍ୟାଚ୍

ନୂଆଦିଲ୍ଲୀ, ୭।୨(ଏଜେନ୍ସି)

ଫିଫା ବିଶ୍ୱକପ୍ -୨୦୨୬ର ଖେଳସୂଚୀ ପ୍ରକାଶ ପାଇଛି। ଏଥିରେ ଫିଫା ପକ୍ଷରୁ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଛି। ଏହା ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ୪୮ଟି ଦେଶ ଗୋଟିଏ ସଂସ୍କରଣରେ ଅଂଶଗ୍ରହଣ କରିବେ। ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳକୁ ପ୍ରଥମଥର ଲାଗି ୩ଟି ଦେଶ ଆୟୋଜନ କରିବେ। ଏହାକୁ ମିଳିତଭାବେ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ ପ୍ରଥମଥର କାନାଡ଼ା ଆୟୋଜନ କରିବ। ୧୯୯୪ ପରେ ଆମେରିକାରେ ଦ୍ୱିତୀୟଥର, ୧୯୭୦ ଓ ୧୯୮୬ ପରେ ମେକ୍ସିକୋ ତୃତୀୟ ଥର ଏହି ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ହାସଲ କରିଛି। ସୋମବାର ଘୋଷିତ ଖେଳସୂଚୀ ଅନୁଯାୟୀ ଏହି ପ୍ରତିଯୋଗିତା ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏହାର ଅର୍ଥ ମୋଟ ୩୯ ଦିନ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆମେରିକା, ମେକ୍ସିକୋ ଓ କାନାଡାର ୧୬ଟି ସହରରେ ଥିବା ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଆମେରିକାର ଡଲାସ ସହରରେ ସର୍ବାଧିକ ୯ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମିଆମିରେ ତୃତୀୟ ସ୍ଥାନ, ଡଲାସ ଓ ଅଟଲାଣ୍ଟାରେ ସେମିଫାଇନାଲ ଓ ନ୍ୟୁ ଜର୍ସିରେ ଜୁଲାଇ ୧୯ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ।



**ସଂକ୍ଷେପରେ ୨୦୨୬ ଫିଫା ବିଶ୍ୱକପ୍**

| | |
|---|---|
| ଆୟୋଜନ ସମୟ | : ଜୁନ୍ ୧୧ରୁ ଜୁଲାଇ ୧୯ |
| ମୋଟ ଖେଳ ଦିନ | : ୩୯ |
| ମୋଟ ମ୍ୟାଚ୍ | : ୧୦୪ |
| ଷ୍ଟାଡିୟମ୍ | : ୩ଟି ଦେଶର ୧୬ଟି ଷ୍ଟାଡିୟମ୍ |
| ଆୟୋଜକ ଦେଶ | : ଆମେରିକା,ମେକ୍ସିକୋ, କାନାଡ଼ା |
| ଅଂଶଗ୍ରହଣକାରୀ ଦେଶ | : ୪୮ |
| ଉଦ୍‌ଘାଟନୀ ମୁକାବିଲା | : ମେକ୍ସିକୋ ସିଟି |
| ସେମିଫାଇନାଲ | : ଡଲାସ, ଆଟଲାଣ୍ଟା |
| ଗ୍ରାଣ୍ଡ ଫାଇନାଲ | : ନ୍ୟୁ ଜର୍ସି |

ଖେଳସୂଚୀ ଅନୁଯାୟୀ ଜୁନ୍ ୧୧ ତାରିଖ ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯିବ। ମେକ୍ସିକୋ ସିଟିର ଆଜତେକା ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ମୁକାବିଲାରେ ଘରୋଇ ଦଳ ଖେଳିବ। ଏହି ଦିନ ଗୁଆଦାଲଜାରାରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ୪ଟି ପର୍ଯ୍ୟାୟରେ ଭାଗ କରାଯାଇଛି। ଲିଗ୍ ପର୍ଯ୍ୟାୟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁନ୍ ୨୭ରେ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ସର୍ବାଧିକ ୭୨ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ପରେ ଆରମ୍ଭ ହେବ ନକ୍‌ଆଉଟ ପର୍ଯ୍ୟାୟ। ପ୍ରଥମେ 'ରାଉଣ୍ଡ ଅଫ୍-୩୨' ବା ୩୨ଟି ଦଳକୁ ନେଇ ୧୬ଟି ନକ୍‌ଆଉଟ ମ୍ୟାଚ୍ ଜୁନ୍ ୨୮ରୁ ଆରମ୍ଭ ହୋଇ ଜୁଲାଇ ୩ରେ ଶେଷ ହେବ। ଏହି ମ୍ୟାଚ୍‌ର ବିଜେତା ଦଳ ଗୁଡ଼ିକ ରାଉଣ୍ଡ ଅଫ୍-୧୬ ବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଜୁଲାଇ ୪ରୁ ଆରମ୍ଭ ହୋଇ ଜୁଲାଇ ୭ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏହି ରାଉଣ୍ଡରେ ୮ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୯, ୧୦ ଓ ୧୧ରେ ୪ଟି କ୍ୱାର୍ଟର ଫାଇନାଲ, ଜୁଲାଇ ୧୪ ଓ ୧୫ରେ ଦୁଇଟି ସେମିଫାଇନାଲ, ଜୁଲାଇ ୧୯ରେ ତୃତୀୟ ସ୍ଥାନ ଲାଗି ପ୍ଲେ ଅଫ୍ ମୁକାବିଲା ଓ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର